ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨/୨୦୨୪ (୧୬ ପୃଷ୍ଠା) Bhubaneswar, Tuesday, July 2/2024 Page 16 ₹ 7.00
୫୦ଶ ଭାଗ ୨୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 218 ମୂଲ୍ୟ ₹୭/-

# ରାହୁଲ-ମୋଦି ମୁହାଁମୁହିଁ

## ହିନ୍ଦୁ ମନ୍ତବ୍ୟ

■ **ହିନ୍ଦୁଧର୍ମ ଭୟ, ଘୃଣା, ମିଥ୍ୟା ପ୍ରଚାର କରି ନ ଥାଏ: ରାହୁଲ**

■ **ସମଗ୍ର ହିନ୍ଦୁ ସମାଜକୁ ହିଂସ୍ର କହିବା ଗମ୍ଭୀର ପ୍ରସଙ୍ଗ: ମୋଦି**

ନୂଆଦିଲ୍ଲୀ,୧।୭(ପି.ଟି.)

ହିନ୍ଦୁଧର୍ମ ଭୟ, ଘୃଣା ଓ ମିଥ୍ୟା ପ୍ରଚାର କରି ନ ଥାଏ ବୋଲି ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଭାଜପାକୁ ଉପଲକ୍ଷ୍ୟ କରି ସେ କହିଛନ୍ତି, ଯେଉଁମାନେ ନିଜକୁ ହିନ୍ଦୁ ବୋଲି କହୁଛନ୍ତି, ସେମାନେ ହିଂସା ଓ ଘୃଣାଭାବ ପ୍ରଦର୍ଶନ କରିଚାଲିଛନ୍ତି। ବିରୋଧୀ ଦଳ ନେତାଙ୍କ ଏଭଳି ମନ୍ତବ୍ୟକୁ ଶାସକ ଦଳ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନରୁ ଉଠି ତାଙ୍କୁ ସମାଲୋଚନା କରିଛନ୍ତି। ରାହୁଲ ଯେଉଁଭଳି ଭାବେ ସମ୍ପୂର୍ଣ୍ଣ ହିନ୍ଦୁ ସମାଜକୁ ହିଂସ୍ର ବୋଲି କହିଛନ୍ତି, ତାହା ଏକ ଗମ୍ଭୀର ପ୍ରସଙ୍ଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାହୁଲ ଭାଷଣ ଦେଉଥିବା ବେଳେ ମୋଦି ସେଥିରେ ହସ୍ତକ୍ଷେପ କରିବା ଓ ଉଭୟ ମୁହାଁମୁହିଁ ହେବା ଭଳି ସ୍ଥିତି ଉପୁଜିଥିବାରୁ ତାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ସର୍ବୋଚ୍ଚରେ ପହଞ୍ଚିଛି।

ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି କରିଥିବା ସମ୍ବୋଧନ ପରିପ୍ରେକ୍ଷୀରେ ସୋମବାର ଅନୁଷ୍ଠିତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ରାହୁଲ ଦେଇଥିବା ମନ୍ତବ୍ୟ ଗୃହରେ ଝଡ଼ ସୃଷ୍ଟି କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଇସ୍‌ଲାମ, ଖ୍ରୀଷ୍ଟ, ବୌଦ୍ଧ, ଜୈନ ଓ ଶିଖ୍ ଆଦି ଧର୍ମରେ ସାହସ ବା ବୀରତ୍ୱ ପ୍ରଦର୍ଶନ କରାଯାଇ ନିର୍ଭୟ ରହିବା ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଭାଜପା ବ୍ୟବସ୍ଥିତ ଢଙ୍ଗରେ ସମ୍ବିଧାନ ଓ ଭାରତର ମୌଳିକ ଢାଞ୍ଚା ଉପରେ ଆକ୍ରମଣ ☞ପୃଷ୍ଠା-୪



# ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମସ୍ୟା ଶୁଣିଲେ ମୁଖ୍ୟମନ୍ତ୍ରୀ

## ୧୬ ବର୍ଷ ପରେ ହେଲା ଶୁଣାଣି

ଭୁବନେଶ୍ୱର,୧।୭(ଅନିଲ ଦାସ)

ଦୀର୍ଘ ୧୬ ବର୍ଷ ପରେ ସୋମବାର ପୁଣି ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଗଣେଶରାମ ସିଂଖୁଣ୍ଟିଆ, ପ୍ରଦୀପ ବଳସାମନ୍ତ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣି ସମାଧାନର ରାସ୍ତା ଖୋଲିଛନ୍ତି। ଲୋକଙ୍କ ଅଭିଯୋଗ ମୁଖ୍ୟମନ୍ତ୍ରୀ ଶୁଣିବା ସହିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥାନ୍ତି ଓ ତୁରନ୍ତ ସମାଧାନ ହେଉଥାଏ। ସମସ୍ତେ ଖୁସିରେ ଫେରୁଥାନ୍ତି। ସମସ୍ତଙ୍କ ଆଖିରେ ଥିଲା ସରକାରଙ୍କ ଉପରେ ବିଶ୍ୱାସ ଓ ଭରସାର ଝଲକ।

ପ୍ରାୟ ୧ ହଜାରରୁ ଅଧିକ ଲୋକ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ସେମାନଙ୍କ ସମସ୍ୟା କହିଛନ୍ତି। ସମସ୍ତଙ୍କ ସମସ୍ୟା ଶୁଣି ମୁଖ୍ୟମନ୍ତ୍ରୀ ଏହାର ସମାଧାନ ପାଇଁ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଥାଆନ୍ତି ଜଣେ ବୟସ୍କା ମହିଳା ସରସ୍ୱତୀ ତ୍ରିପାଠୀ। ତାଙ୍କର ପିଲାମାନେ ସମ୍ପତ୍ତି ହଡପକରି ମା'ଙ୍କୁ ଘରୁ ବାହାର କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇ ☞ପୃଷ୍ଠା-୪



ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

(ସ୍ୱତନ୍ତ୍ର ସଂଖ୍ୟା: ପୃଷ୍ଠା-୫)

**ଆଜିର ସମ୍ପାଦକୀୟ**

**କେତେ ନୂଆ ଆଇନ**

# ଆର୍‌ଏସ୍‌ପିରେ ଗ୍ୟାସ ଲିକ୍: ୯ ଅସୁସ୍ଥ

ରାଉରକେଲା,୧।୭(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ସୋମବାର ପୂର୍ବାହ୍ନରେ ଗ୍ୟାସ ଲିକ ହୋଇ ୯ ଜଣ କର୍ମଚାରୀ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ଆର୍‌ଏସ୍‌ପିର ସିନିୟର ମ୍ୟାନେଜର ଜୟନାରାୟଣ ବାରିକ, ସୁପରଭାଇଜର ଦୁଃଖୀଶ୍ୟାମ ଦାସ, ପ୍ରଦୀପ ସାହୁ, ଠିକା ସଂସ୍ଥା ଟିପିଏଲ୍‌ର ରାଜୁ ମାଇତି, ପି.କେ. କୁଜୁର, ଶାନ୍ତନୁ ନାୟକ, ସୁରଜ ଛତ୍ରିଆ, ମେସର୍ସ ଏସ୍.କେ ଗୌଡ଼ (କମ୍ପାନୀ)ର ମହିଳା କର୍ମଚାରୀ ଲକ୍ଷ୍ମୀ ସିଂହ, ପାନା ସୋରେନ୍। ଅସୁସ୍ଥଙ୍କୁ ପ୍ରଥମେ କାରଖାନା ମଧ୍ୟରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସେଠାରେ ଲକ୍ଷ୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାରୁ ତାଙ୍କୁ ଛାଡି ଦିଆଯାଇଥିଲା। ଅନ୍ୟ ୮ ଜଣଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ରେ ଭର୍ତ୍ତି କରାଯାଇଛି। ସେଥିରୁ ୨ ଜଣ ଆଇସିୟୁରେ ଥିବା ବେଳେ ଅନ୍ୟ ୬ ଜଣଙ୍କୁ ଜେନେରାଲ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ☞ପୃଷ୍ଠା-୪


ସର୍ବଜନାଦୃତ ମାସିକ ଓଡ଼ିଆ ପତ୍ରିକା
କାଦମ୍ବିନୀ
ପ୍ରିୟ ପାରିବାରିକ ବନ୍ଧନ: ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

୨୫ ବର୍ଷ କାଦମ୍ବିନୀ
ମୋ ଭାଷା, ମୋ ପରିଚୟ !



ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରଘୁବର ଦାସ
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରତିଷ୍ଠିତ ଓ ବିଶିଷ୍ଟ ସାହିତ୍ୟିକା ଡ. ଇତି ସାମନ୍ତଙ୍କ ଦ୍ୱାରା ସମ୍ପାଦିତ ୨୦୦୦ ମସିହାରୁ ପ୍ରତି ମାସରେ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇଆସୁଛି ସର୍ବାଧିକ ପ୍ରସାରିତ, ସର୍ବଜନାଦୃତ ମାସିକ ଓଡ଼ିଆ ପତ୍ରିକା 'କାଦମ୍ବିନୀ'। ପ୍ରକାଶ ଆରମ୍ଭରୁ 'କାଦମ୍ବିନୀ' ଓଡ଼ିଆ ଭାଷା-ସାହିତ୍ୟ, କଳା-ସଂସ୍କୃତି, ସର୍ବୋପରି ଓଡ଼ିଆ ଅସ୍ମିତା ପ୍ରତି ପୂର୍ଣ୍ଣ ସମର୍ପିତ ରହି ବ୍ୟାପକ କାର୍ଯ୍ୟକ୍ରମମାନ କରିଆସୁଛି। ଆପଣମାନଙ୍କର ପ୍ରିୟ ପତ୍ରିକା 'କାଦମ୍ବିନୀ' ସଫଳତାର ସହିତ ପଚିଶ ବର୍ଷରେ ପଦାର୍ପଣ କରି ରୌପ୍ୟଜୟନ୍ତୀ ପାଳନ କରୁଛି। ଆମ ଭାଷା-ସାହିତ୍ୟ, କଳା-ସଂସ୍କୃତି ପାଇଁ ଏହା ଅତ୍ୟନ୍ତ ଗର୍ବ ଓ ଗୌରବର କଥା।

୨ ଜୁଲାଇ ୨୦୨୪ (ମଙ୍ଗଳବାର), ସକାଳ ୧୦ଟାରୁ ସନ୍ଧ୍ୟା ୫ଟା
ସ୍ଥାନ: ମେ ଫେୟାର୍ କନ୍‌ଭେନ୍‌ସନ୍, ଭୁବନେଶ୍ୱର



DSPL - 32
ଓଡ଼ିଶା ସରକାର



୭୫ତମ ବନମହୋତ୍ସବ ପାଳନ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତା

୭୫ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ରାଜ୍ୟବାସୀଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ବୃକ୍ଷ ହିଁ ଜୀବନ। ଜଙ୍ଗଲ ଆମର ମା। ମା ଧରିତ୍ରୀର ସୁରକ୍ଷା ଜଙ୍ଗଲ ସୁରକ୍ଷା ଓ ପ୍ରଚୁର ବୃକ୍ଷରୋପଣ ମାଧ୍ୟମରେ ସମ୍ଭବ। ଆଜି ଦିନରେ ଆମର ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଭୀଷିକାକୁ ସାମ୍ନା କରୁଛି। ଏହି ସମୟରେ ବୃକ୍ଷକୁ ଭଗବାନ ଭାବରେ ପୂଜା କରୁଥିବା ଭାରତୀୟ ଓ ଓଡ଼ିଆ ସମାଜର ଯୁଗଯୁଗ ଧରି ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱକୁ ପୁଣି ଆହୁରି ଗୁରୁତ୍ୱର ସହ ନେବାର ସମୟ ଆସିଛି। ବୃକ୍ଷ ତାପମାତ୍ରା ନିୟନ୍ତ୍ରଣ ସହ ବର୍ଷାକୁ ଆକର୍ଷଣ କରିବାର ଶକ୍ତି ରଖୁଛି। ବାୟୁମଣ୍ଡଳର ଅମ୍ଳଜାନ ସ୍ତରକୁ ବୃଦ୍ଧି କରି ପରିବେଶ ପ୍ରଦୂଷଣ ମୁକ୍ତ କରୁଛି। ଆମ ରାଜ୍ୟର ଅନେକ ଜିଲ୍ଲାରେ ଆଦିବାସୀ ଭାଇଭଉଣୀମାନଙ୍କର ବନଜାତ ଦ୍ରବ୍ୟ ସଂଗ୍ରହ ଓ ବିପଣନ ଆଧାରରେ ଦୁଇପଇସା ରୋଜଗାର ପରିବାର ପ୍ରତିପୋଷଣର ବଡ଼ ମାଧ୍ୟମ।

ଜନସାଧାରଣଙ୍କୁ ଜଙ୍ଗଲ ସମ୍ପଦର କ୍ରମ ଅଭିବୃଦ୍ଧି ସକାଶେ ବନୀକରଣର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ପାଇଁ ଚଳିତ ବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବର୍ଷାଋତୁରେ ରାଜ୍ୟବ୍ୟାପୀ ବନମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ସାରା ରାଜ୍ୟରେ ବ୍ୟାପକ ବୀନକରଣ କରାଯିବାର ପ୍ରସ୍ତାବ ରହିଅଛି।

ନୂଆ ସରକାର ଜନସାଧାରଣଙ୍କର ସହଯୋଗରେ ରାଜ୍ୟରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ପାଇଁ ନିରନ୍ତର ପ୍ରୟାସ କରିବେ। ଚଳିତ ବର୍ଷ ରାଜ୍ୟ ସରକାର ବିଭିନ୍ନ ବନୀକରଣ ଯୋଜନା ମାଧ୍ୟମରେ ବହୁଳ ସଂଖ୍ୟାରେ ଜଙ୍ଗଲ କିସମ ବୃକ୍ଷ, ଔଷଧୀୟ ବୃକ୍ଷ, ବନ୍ୟଜନ୍ତୁ ଖାଦ୍ୟ ଉପଯୋଗୀ ବୃକ୍ଷ, ସୌନ୍ଦର୍ଯ୍ୟ ବର୍ଦ୍ଧକ ବୃକ୍ଷ, ଅର୍ଥକରୀ ବୃକ୍ଷ ଇତ୍ୟାଦି ରୋପଣ ସହିତ ବୃକ୍ଷଚାରା ବଣ୍ଟନ କରି ଜଙ୍ଗଲ ମଧ୍ୟରେ ଏବଂ ଅଣଜଙ୍ଗଲ ଜମିରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ଚଳିତ ବିଶ୍ୱ ପରିବେଶ ଦିବସରେ *ଏକ ପେଡ୍ ମା କେ ନାମ୍* ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନ ମାଧ୍ୟମରେ ସେ ସମସ୍ତ ଦେଶବାସୀଙ୍କୁ ନିଜ ନିଜ ମା'ଙ୍କ ନାମରେ ବୃକ୍ଷରୋପଣ କରିବା ସହ ନିଜ ନିଜର ଫଟୋ, #Plant4Motherରେ ଦେବା ପାଇଁ ଅନୁରୋଧ କରିଛନ୍ତି। ତେଣୁ ମୁଁ ରାଜ୍ୟବାସୀଙ୍କୁ ଅନୁରୋଧ କରିବି, ଆମେ ବନମହୋତ୍ସବ ଉପଲକ୍ଷେ ବହୁଳ ଭାବେ ଗଛ ଲଗାଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଏହି ଅଭିଯାନକୁ ମଧ୍ୟ ସଫଳ କରିବା।

ଆସନ୍ତୁ, ଅଧିକରୁ ଅଧିକ ଗଛ ଲଗାଇ ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଓଡ଼ିଶା ସରକାର



ବାର୍ତ୍ତା

ଚଳିତ ୭୫ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ମୋର ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ବିଶ୍ୱ ତାପନ, ଜଳବାୟୁରେ ପରିବର୍ତ୍ତନ ଆଜି ଏକ ସଙ୍କଟ ଭାବେ ଉଭା ହୋଇଛି। ଆମ ଦେଶ ତଥା ଆମ ରାଜ୍ୟ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଏପରି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ କରି ଜଙ୍ଗଲ ସଂପଦର ଅଭିବୃଦ୍ଧି ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ଆମମାନଙ୍କର କର୍ତ୍ତବ୍ୟ ହେଉଛି, ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହିତ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି କରିବା ଏବଂ ତାର ସୁରକ୍ଷା କରିବା। ସେଥିପାଇଁ ବ୍ୟାପକ ବୃକ୍ଷରୋପଣ କରି କ୍ଷୟଶୀଳ ଅରଣ୍ୟ ସମ୍ପଦର ପୁନରୁଦ୍ଧାର ଅପରିହାର୍ଯ୍ୟ ହୋଇପଡ଼ିଛି।

ଚଳିତ ବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ ଅବସରରେ ବ୍ୟାପକ ବନୀକରଣ କରାଯିବାର ପ୍ରସ୍ତାବ ରହିଅଛି। ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ବ୍ୟାପକ ବୃକ୍ଷରୋପଣ କରାଯାଉଛି। ଆମ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳର କ୍ରମାଗତ ଭାବେ ବୃଦ୍ଧି ଘଟୁଅଛି। ବିଭିନ୍ନ ବନୀକରଣ ଯୋଜନା ଯଥା-ଉଜୁଡ଼ା ଜଙ୍ଗଲ ଜମିର ପୁନରୁଦ୍ଧାର, କୃତ୍ରିମ ଜଙ୍ଗଲ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ଇତ୍ୟାଦି ମାଧ୍ୟମରେ ବ୍ୟାପକ ବୃକ୍ଷରୋପଣର ଯୋଜନା କରାଯାଇଅଛି। ଏହିସବୁ ଯୋଜନା ମାଧ୍ୟମରେ ବନୀକରଣ ପାଇଁ ୨୧୬.୬୨ ଲକ୍ଷ ବୃକ୍ଷଚାରା ରୋପଣ କରାଯିବା ସହ ୨୮୦.୧୫ ଲକ୍ଷ ବୃକ୍ଷଚାରା ଜନସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ଓ ସରକାରୀ ଅନୁଷ୍ଠାନମାନଙ୍କୁ ବିନାମୂଲ୍ୟରେ ବିତରଣ କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଅଛି। ତେଣୁ ଜନସାଧାରଣ ଏହାର ସୁବିଧା ଉପଲବ୍ଧ କରି ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ପାଇଁ ଯତ୍ନବାନ ହେବେ।

ଏହି ଅବସରରେ, ଜନସାଧାରଣଙ୍କୁ ବ୍ୟାପକ ପରିମାଣରେ ଗଛ ଲଗାଇ ନିଜ ନିଜର ଫଟୋ, #Plant4Motherରେ ଦେଇ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା *ଏକ ପେଡ୍ ମା କେ ନାମ୍* ଅଭିଯାନରେ ଅଂଶଗ୍ରହଣ କରିବା ପାଇଁ ମଧ୍ୟ ଅନୁରୋଧ କରୁଅଛି।

ଆସନ୍ତୁ ମିଳିମିଶି ଅଧିକରୁ ଅଧିକ ଗଛ ଲଗାଇବା। ପରିବେଶକୁ ସୁସ୍ଥ ଓ ସୁନ୍ଦର କରିବା।

(ଗଣେଶ ରାମ ସିଂ ଖୁଣ୍ଟିଆ)
ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

OIPR-08002/13/0002/2425

# ପ୍ରିଭେସିକୁ କ୍ଷୁଣ୍ଣ କରିବ ନୂଆ ଆଇନ

ନୂଆଦିଲ୍ଲୀ,୧।୭

୨୦୨୩ରେ ପାର୍ଲାମେଣ୍ଟରେ ଗୃହୀତ ୩ ନୂଆ ଫୌଜଦାରୀ ଆଇନ ଜୁଲାଇ ପହିଲାରୁ ସାରା ଦେଶରେ କାର୍ଯ୍ୟକାରୀ ହୋଇଛି। ତେବେ ଉକ୍ତ ଆଇନଗୁଡ଼ିକରେ ରହିଥିବା ନିୟମ ନାଗରିକମାନଙ୍କ ପ୍ରିଭେସି ଏବଂ ବାକ୍ ସ୍ୱାଧୀନତା ଭଳି ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ପ୍ରତି ବିପଦ ସୃଷ୍ଟି କରିବ ବୋଲି ଆଇନ ବିଶାରଦମାନେ ମତ ଦେଉଛନ୍ତି। ଅପରାଧ ସଂହିତାର ବିଭିନ୍ନ ଦିଗକୁ ଏଥିରେ ଡିଜିଟାଇଜ୍ କରିବା ପାଇଁ ଉଦ୍ୟମ ହୋଇଛି। ସେହିପରି ଡିଜିଟାଲ ପ୍ରମାଣକୁ ସାକ୍ଷ୍ୟ ଆଇନ ଅଧୀନକୁ ଅଣାଯାଇଥିବାବେଳେ ଏଥିପାଇଁ ଆବଶ୍ୟକ ପ୍ରକ୍ରିୟାଗତ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦିଆଯାଇ ନାହିଁ। ଆଇନରୁ 'ରାଜଦ୍ରୋହ' ଶବ୍ଦକୁ ହଟାଇ ଦିଆଯାଇଥିଲେ ମଧ୍ୟ ଅସ୍ପଷ୍ଟ ନିୟମରୁ ସେହି ଧାରଣା ବଳବତ୍ତର ରହିଛି। ଡିଜିଟାଲ ପ୍ରମାଣର ତଲାସି ଓ ଜବତ କରିବା ସମ୍ପର୍କିତ କାର୍ଯ୍ୟନିର୍ବାହୀ କ୍ଷମତାକୁ ମଧ୍ୟ ଏଥିରେ ପ୍ରଶସ୍ତ କରିଦିଆଯାଇଛି।

ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ରେ ଥିବା ରାଜଦ୍ରୋହକୁ ଅପରାଧ ତାଲିକାରୁ ବାଦ୍ ଦିଆଯାଇଛି। ଏହାକୁ ଇଣ୍ଡିଆନ ପେନାଲ କୋଡ୍ (ଆଇପିସି)ରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ବୋଲି ସରକାର କହୁଛନ୍ତି। କାଗଜ କଲମରେ ଏହା ସତ ହୋଇଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ 'ସେଡିଶନ' (ଆଇପିସି ଦଫା ୧୨୪ଏ) ଶବ୍ଦକୁ ହଟାଇ ବିଏନ୍ଏସ୍‌ରେ ଅଧିକ କାର୍ଯ୍ୟାନୁଷ୍ଠାନଯୋଗ୍ୟ ନିୟମ ଯୋଡ଼ିଛି। ତେବେ ନୂଆ ଆଇନରେ ଏହା ଅଧିକ ଅସ୍ପଷ୍ଟ ହୋଇଯାଇଛି। ବିଏନ୍ଏସ୍‌ରେ ଉଲ୍ଲେଖ କରାଯାଇଥିବା କ୍ଲଜ୍-୧୫୦ ଅନୁଯାୟୀ ଭାରତର ସାର୍ବଭୌମତ୍ୱ, ଏକତା ଓ ଅଖଣ୍ଡତା କ୍ଷୁଣ୍ଣ କରିବା (ଇଲେକ୍ଟ୍ରୋନିକ୍ ଯୋଗାଯୋଗ ଜରିଆରେ) ଏକ ଅପରାଧ। ଏଥିରେ ସ୍ପଷ୍ଟତା ନ ଥିବାରୁ ଦେଶ ବିରୋଧରେ ସଶସ୍ତ୍ର ବିଦ୍ରୋହ, ବିଧ୍ୱଂସକାରୀ କାର୍ଯ୍ୟକଳାପ, ପୃଥକୀକରଣ ଓ ବିଚ୍ଛିନ୍ନତାବାଦରେ ଲିପ୍ତ ଥିବା ଅଭିଯୋଗ ଆସିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଭଳି କାର୍ଯ୍ୟାନୁଷ୍ଠାନ ମୁକ୍ତ ଅଭିବ୍ୟକ୍ତି, ଅସନ୍ତୋଷର ସ୍ୱର ଏବଂ ଗଣମାଧ୍ୟମର ସ୍ୱାଧୀନତାକୁ କ୍ଷୁଣ୍ଣ କରିବ। ଇଲେକ୍ଟ୍ରୋନିକ୍ କମ୍ୟୁନିକେଶନକୁ ନୂଆ ଆଇନରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ବା ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁଯୋଗ ମିଳିଛି। ଟେଲିକମ୍ୟୁନିକେଶନ ବିଲ୍ ୨୦୨୩ ଅନୁଯାୟୀ ନୂଆ ଆଇନ ଅନ୍‌ଲାଇନ ଯୋଗାଯୋଗ ସେବା, ହ୍ୱାଟ୍ସଆପ୍ ଭଳି ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହେବ। ଏଥିଯୋଗୁ ପ୍ରିଭେସି (ବ୍ୟକ୍ତିଗତ ଗୋପନୀୟତା) ସୁରକ୍ଷା ସକାଶେ ଆପଣାଯାଉଥିବା ଏଣ୍ଡ୍ ଟୁ ଏଣ୍ଡ୍ ଏନ୍‌କ୍ରିପ୍ସନ ଉପରେ କମ୍ପାନୀର କର୍ତ୍ତୃତ୍ୱ ରହିବ ନାହିଁ। ୟୁଜର୍ସଙ୍କ ମ୍ୟାସେଜ୍‌କୁ ନିୟନ୍ତ୍ରଣ, ବନ୍ଦ ଓ ପ୍ରଘଟ କରିବା ପାଇଁ କମ୍ପାନୀଗୁଡ଼ିକ ବାଧ୍ୟ ହେବେ, ଯାହାକି ସେଡିଶନ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟର ବିରୁଦ୍ଧାଚରଣ ବୋଲି କୁହାଯାଉଛି।

ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍) ଧାରା ୯୪ ଅନୁସାରେ କୋର୍ଟ ଡିଜିଟାଲ ଏଭିଡେନ୍ସ ସମେତ କୌଣସି ପ୍ରକାର ଦସ୍ତାବିଜ୍ ବା ସାମଗ୍ରୀକୁ ତଦନ୍ତ ପାଇଁ ପ୍ରମାଣ ଭାବେ ମଗାଇପାରିବେ। ଏଭଳି ପ୍ରମାଣ ରଖିଥିବା ବ୍ୟକ୍ତି ମାମଲାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ନ ଥିଲେ ମଧ୍ୟ ତାଙ୍କ ତଲାସୀ ନିଆଯାଇପାରିବ। ତାଙ୍କଠାରୁ ଉକ୍ତ ପ୍ରମାଣକୁ ଜବତ ମଧ୍ୟ କରାଯାଇପାରିବ। ଏପରି ହେଲେ ଜଣେ ବ୍ୟକ୍ତିଙ୍କଠାରୁ ତାଙ୍କ ବ୍ୟକ୍ତିଗତ ମୋବାଇଲ ଫୋନ୍, ଲାପ୍‌ଟପ ଓ କମ୍ପ୍ୟୁଟରକୁ ପ୍ରମାଣ ଭାବେ ଜବତ କରାଯାଇପାରିବ। ଏଜେନ୍ସିଗୁଡ଼ିକ ଏଭଳି ଇଲେକ୍ଟ୍ରୋନିକ ଉପକରଣକୁ ଯାଞ୍ଚ କରି ୟୁଜର୍ସଙ୍କ ଗୋପନୀୟ ତଥ୍ୟ ଦେଖିପାରିବେ। ସାକ୍ଷ୍ୟ ଅଧିନିୟମ ଏବଂ ବିଏନ୍ଏସ୍ଏସ୍ ଅଧୀନରେ ଡିଜିଟାଲ ରେକର୍ଡକୁ ଅନ୍ତର୍ଭୁକ୍ତ କରାଯିବା ଦ୍ୱାରା ପ୍ରିଭେସି ଉପରେ ଆକ୍ରମଣ ବଢ଼ିବ। ସାକ୍ଷ୍ୟ ଅଧିନିୟମର ଏକ ଧାରା ଅନୁଯାୟୀ ଜଣେ ପୋଲିସ ଅଫିସର ବିନା କୌଣସି ଲିଖିତ ନିର୍ଦ୍ଦେଶନାମାରେ ଡିଜିଟାଲ ଉପକରଣଗୁଡ଼ିକର ତଲାସି ନେଇପାରିବେ। ଏହାଦ୍ୱାରା ପ୍ରିଭେସିରେ ପୋଲିସର ହସ୍ତକ୍ଷେପ ଅଇନତଃ ବୈଧତା ଲାଭ କରିବ ବୋଲି ଆଶଙ୍କା କରାଯାଉଛି।

## ଆଇନକୁ ଜବରଦସ୍ତ ଗୃହୀତ କରାଯାଇଥିଲା: ଖାର୍ଗେ

### ରାଜନୈତିକ ରଙ୍ଗ ଦେବା ଠିକ୍ ନୁହେଁ: ଶାହା


ମଲ୍ଲିକାର୍ଜୁନ ଖାର୍ଗେ


ଅମିତ୍ ଶାହା

ନୂଆ ଆପରାଧିକ ଆଇନ ସୋମବାରଠାରୁ କାର୍ଯ୍ୟକାରୀ ହୋଇଥିବାରୁ ଦଣ୍ଡ ସ୍ଥାନରେ ନ୍ୟାୟ ମିଳିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ସ୍ୱାଧୀନତାର ୭୭ ବର୍ଷ ପରେ ଭାରତକୁ ସମ୍ପୂର୍ଣ୍ଣ ସ୍ୱଦେଶୀ ନ୍ୟାୟିକ ବ୍ୟବସ୍ଥା ମିଳିଛି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଗତ ଲୋକ ସଭାରେ ୧୪୬ ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯାଇ ଉକ୍ତ ଆଇନକୁ ଜବରଦସ୍ତ ଗୃହୀତ କରାଯାଇଥିଲା। ଦେଶର ସଂସଦୀୟ ବ୍ୟବସ୍ଥାରେ ଏଭଳି ବୁଲ୍‌ଡୋଜର ନ୍ୟାୟକୁ ପ୍ରଚଳିତ ହେବାକୁ ଇଣ୍ଡିଆ ବ୍ଲକ୍ ଦେବ ନାହିଁ। ତେବେ ନୂତନ ଆଇନକୁ ରାଜନୈତିକ ରଙ୍ଗ ଦେବାରୁ ଦୂରେଇ ରହିବା ସହ ପ୍ରଥମେ ଏହା ଉପରେ ଆଲୋଚନା କରିବା ପାଇଁ ଶାହା ବିରୋଧୀ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଆଲୋଚନା ଜରିଆରେ ସରକାର ବିରୋଧୀ ନେତାମାନଙ୍କ ଚିନ୍ତା ଦୂର କରିବାକୁ ପ୍ରସ୍ତୁତ ଅଛନ୍ତି। ନ୍ୟାୟ ଏବଂ ନାଗରିକମାନଙ୍କ ମର୍ଯ୍ୟାଦା ପାଇଁ ଏହି ଆଇନ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆପଣମାନଙ୍କ ସହଯୋଗ ଜରୁରୀ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ବିରୋଧୀ ଦଳଗୁଡ଼ିକୁ କହିଛନ୍ତି।

> "ଆମ ଦେଶର ନିୟମ ଅନୁଯାୟୀ, ସୁପ୍ରିମକୋର୍ଟ ହେଉଛନ୍ତି ସମ୍ବିଧାନର ସର୍ବୋଚ୍ଚ କର୍ତ୍ତା। କିନ୍ତୁ ଆଇନ ତିଆରି କରିବାର କ୍ଷମତା କେବଳ ପାର୍ଲାମେଣ୍ଟର। ଆଇନ ମୌଳିକ ଅଧିକାରକୁ କ୍ଷୁଣ୍ଣ ତଥା ବ୍ୟକ୍ତିଗତ ଗୋପନୀୟତାକୁ କ୍ଷତି ପହଞ୍ଚାଉଥିଲେ ତାହାକୁ ଅସାମ୍ବିଧାନିକ ଘୋଷଣା କରିବା କ୍ଷମତା ସୁପ୍ରିମକୋର୍ଟ ଓ ହାଇକୋର୍ଟଗୁଡ଼ିକର ରହିଛି। ୨୦୧୭ରେ ବ୍ୟକ୍ତିଗତ ଗୋପନୀୟତାକୁ ମୌଳିକ ଅଧିକାର ଭାବେ ସୁପ୍ରିମକୋର୍ଟ ଘୋଷଣା କରିଛନ୍ତି। ୨୦୧୫ରେ ଇନ୍‌ଫରମେଶନ୍ ଟେକ୍ନୋଲୋଜି ଆକ୍ଟର ଧାରା ୬୬(କ)ବ୍ୟକ୍ତିଗତ ସ୍ୱାଧୀନତାକୁ କ୍ଷୁଣ୍ଣ କରୁଥିବାରୁ ତାକୁ ଅବୈଧ ଘୋଷଣା କରିଥିଲେ। ଏବେ ଆସିଥିବା ଆଇନ ଯୁଗୋପଯୋଗୀ। କିନ୍ତୁ ସାମ୍ବିଧାନିକ ଅଧିକାର କେତେକାଂଶରେ ଅସନ୍ତୁଳିତ ହୋଇଛି। ଏହାର ଅପବ୍ୟବହାର ହେଲେ ଦେଶ ପ୍ରତି ସାଂଘାତିକ ପରିସ୍ଥିତି ସୃଷ୍ଟି ହେବ।
> **– ପ୍ରସନ୍ନ କୁମାର ନନ୍ଦ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**



> "ଭାରତର ସାର୍ବଭୌମତ୍ୱ ରକ୍ଷା ପାଇଁ ଆତଙ୍କବାଦୀଙ୍କ ଉଦ୍ଦେଶ୍ୟରେ ଥିବା ଆଇନଗତ ପ୍ରାବଧାନଗୁଡ଼ିକୁ ଏହି ଆଇନରେ ସଂଯୋଗ କରାଯାଇ ପୋଲିସକୁ କ୍ଷମତା ଦିଆଯାଇଛି। ଇଲେକ୍‌ଟ୍ରୋନିକ ଏଭିଡେନ୍ସ ଆଧାରରେ ତଦନ୍ତ ଓ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବ୍ୟବସ୍ଥା ହେଉଛି। କେହି ମୋବାଇଲ ମେସେଜ ଅଥବା ଚାଟ୍ କଲେ ତତ୍ ସଂକ୍ରାନ୍ତରେ ଅପରାଧଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ଦିଆଯାଇଥିବା ଅଖଣ୍ଡ କ୍ଷମତା ମଧ୍ୟ ଲୋକଙ୍କ ବ୍ୟକ୍ତିଗତ ଗୋପନୀୟତାକୁ କ୍ଷୁଣ୍ଣ କରିବାର ଶତପ୍ରତିଶତ ଆଶଙ୍କା ରହିଛି। ଏସବୁ ଦିଗରେ ଏହି ଆଇନକୁ ତର୍ଜମା କରି ସଂଶୋଧନ କରାଯିବାର ଆବଶ୍ୟକତା ରହିଛି।
> **– ଅକ୍ଷୟ କୁମାର ମହାନ୍ତି, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**



## ବିଏନ୍ଏସ୍ଏସ୍‌ରେ ପୋଲିସ ରିମାଣ୍ଡ ଅବଧି ୧୫ଦିନ

ନୂଆ ଫୌଜଦାରି ଆଇନ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍ଏସ୍ଏସ୍) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ(ବିଏସ୍ଏ) ସୋମବାରଠାରୁ ସାରା ଦେଶରେ ଲାଗୁ ହୋଇଛି। ଏହି ଆଇନରେ ପୋଲିସ ରିମାଣ୍ଡ କ୍ଷେତ୍ରରେ ପରିବର୍ତ୍ତନ ଅଣାଯାଇଛି। ପୂର୍ବରୁ ପୋଲିସ ରିମାଣ୍ଡ ସର୍ବାଧିକ ୧୫ଦିନ ରହିଥିବାବେଳେ ନୂଆ ଆଇନରେ ମଧ୍ୟ ୧୫ଦିନ ରହିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସ୍ପଷ୍ଟ କରିଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶାହା ପୋଲିସ ରିମାଣ୍ଡ ଅବଧିକୁ ନେଇ ସୃଷ୍ଟ ଦ୍ୱନ୍ଦ୍ୱକୁ ଦୂର କରି କହିଛନ୍ତି, ପୂର୍ବ ଆଇନ ଅନୁସାରେ କୌଣସି ଅଭିଯୁକ୍ତ ପୋଲିସ ରିମାଣ୍ଡରେ ଥିବା ସମୟରେ ଯଦି ଶାରୀରିକ ଅସୁସ୍ଥତା କାରଣରୁ ହସ୍ପିଟାଲରେ ୧୫ଦିନ ପର୍ଯ୍ୟନ୍ତ ଭର୍ତ୍ତି ହେଉଥିଲେ, ତାଙ୍କୁ ପୋଲିସ କୌଣସି ଜେରା କରିପାରୁ ନ ଥିଲା। ସେ କ୍ଷେତ୍ରରେ ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ ଆଉ ରିମାଣ୍ଡରେ ନେଇ ପାରୁ ନ ଥିଲା। ମାତ୍ର ଏବେ ନୂଆ ଆଇନ ଅନୁସାରେ ପୋଲିସ ୬୦ଦିନ ମଧ୍ୟରେ ରିମାଣ୍ଡ ସୁବିଧା ନେଇପାରିବେ ବୋଲି ଶାହା କହିଛନ୍ତି। ପୋଲିସ ରିମାଣ୍ଡ ଅବଧି ପନ୍ଦର ଦିନ ମଧ୍ୟରେ ସୀମିତ ରଖାଯାଇଥିଲେ ସୁଦ୍ଧା ପୋଲିସ ତଦନ୍ତର ୬୦ଦିନ ମଧ୍ୟରେ ଯେକୌଣସି ସମୟରେ ରିମାଣ୍ଡ ପାଇଁ ଆବେଦନ କରିପାରିବେ। ବିଚାର ଚାଲିଥିବାବେଳେ ମାଜିଷ୍ଟ୍ରେଟଙ୍କ ଅନୁମତି ନେଇ ପୋଲିସକୁ ଅଧିକ ତଦନ୍ତ କରିବାର କ୍ଷମତା ମଧ୍ୟ ଦିଆଯାଇଛି। ଏଭଳି କ୍ଷମତାର ଅନେକ କ୍ଷେତ୍ରରେ ଦୁରୁପଯୋଗ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଇନବିଷାରଦ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନୂଆ ଆଇନରେ ପ୍ରଥମ ଏତଲା ଗ୍ୱାଲିୟରରେ

ନୂଆଦିଲ୍ଲୀ,୧।୭

ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବା ପରେ ଶୁକ୍ରବାର ୧୨ଟା ୧୦ ମିନିଟରେ ମଧ୍ୟପ୍ରଦେଶର ଗ୍ୱାଲିୟରରେ ପ୍ରଥମ ଏତଲା ଏକ ମୋଟରସାଇକେଲ ଚୋରି ମାମଲାରେ ଦାଏର ହୋଇଛି। ନୂଆଦିଲ୍ଲୀ ରେଳଷ୍ଟେଶନ ନିକଟ କମଳା ମାର୍କେଟରେ ରାସ୍ତା ଅବରୋଧ କରିଥିବା ଜଣେ ରାସ୍ତାପାର୍ଶ୍ୱ ବ୍ୟବସାୟୀଙ୍କ ନାଁରେ ପ୍ରଥମ ଏତଲା ହୋଇଥିବା ପୂର୍ବରୁ ପ୍ରକାଶ ପାଇଥିଲା। ଗଣମାଧ୍ୟମ ସହ ଯୋଗାଯୋଗ କରିବା ପରେ ନୂଆ ଆଇନରେ ଗ୍ୱାଲିୟରରେ ପ୍ରଥମ ମାମଲା ରୁଜୁ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସ୍ପଷ୍ଟ କରିଛନ୍ତି। ଦିଲ୍ଲୀ ପୋଲିସ ପ୍ରାଥମିକ ତଦନ୍ତ ପରେ ଷ୍ଟ୍ରିଟ୍ ଭେଣ୍ଡରଙ୍କ ବିରୋଧରେ ଦାଏର ଏତଲାକୁ ଖାରଜ କରିଦେଇଥିବା ଶାହା କହିଛନ୍ତି।

### ପରୀକ୍ଷଣ ବେଳେ ଚାଇନାର 'ଟିଆନ୍‌ଲଙ୍ଗ୍-୩' ରକେଟ ଦୁର୍ଘଟଣାଗ୍ରସ୍ତ



ବେଜିଂ, ୧।୭

ଚାଇନାର ସ୍ପେସ୍ ପାୟୋନିଅର କମ୍ପାନୀ ଦ୍ୱାରା 'ଟିଆନ୍‌ଲଙ୍ଗ୍-୩' ରକେଟକୁ ସୋମବାର ପରୀକ୍ଷଣ କରାଯାଉଥିବାବେଳେ ଏହା ହଠାତ୍ ଉତ୍କ୍ଷେପିତ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଉକ୍ତ ରକେଟଟି ଲଞ୍ଚ୍‌ପ୍ୟାଡ୍‌ରୁ ଅଲଗା ହେବା ସହ ଆକାଶରେ ଦ୍ରୁତବେଗରେ ଗତିକରି ମଧ୍ୟ ଚାଇନାର ହେନାନ୍ ପ୍ରଦେଶର ଗୋଙ୍ଗି ସହରରେ ଥିବା ଏକ ପାର୍ବତ୍ୟାଞ୍ଚଳରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାଥମିକ ତଦନ୍ତରୁ କେହି ଆହତ ହୋଇ ନ ଥିବା ସ୍ପେସ୍ ପାୟୋନିଅର କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦୁର୍ଘଟଣାଗ୍ରସ୍ତ 'ଟିଆନ୍‌ଲଙ୍ଗ୍-୩' ଏକ ତରଳ ବାହକ ରକେଟ ହୋଇଥିବାବେଳେ ଇଣ୍ଟରନେଟ ନେଟ୍‌ୱର୍କ ନିର୍ମାଣରେ ସାହାଯ୍ୟ କରିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଥିଲା। ଗତ ଏପ୍ରିଲ ୨୦୨୩ରେ ସ୍ପେସ୍ ପାୟୋନିଅର ପକ୍ଷରୁ ସଫଳତାର ସହ 'ଟିଆନ୍‌ଲଙ୍ଗ୍-୨' ରକେଟକୁ ଉତ୍କ୍ଷେପଣ କରାଯାଇଥିଲା। ସୂଚନାଯୋଗ୍ୟ, ଚାଇନାର 'ଚାଙ୍ଗ୍‌ଇ-୬' ମହାକାଶ ଯାନ ଚନ୍ଦ୍ରରୁ ମାଟି ଓ ପଥର ଖଣ୍ଡ ଆଣି ପୃଥିବୀପୃଷ୍ଠକୁ ଫେରିବାର କିଛିଦିନ ପରେ ଏହି ଦୁର୍ଘଟଣା ଘଟିଛି।

### ଭିଡ଼ହିଂସା ଧାରାରେ ତ୍ରୁଟି ରହିଛି: ଝାଡ଼ଖଣ୍ଡ ହାଇକୋର୍ଟ

ରାଞ୍ଚି,୧।୭

ସାରା ଦେଶରେ ୩ ନୂଆ ଆପରାଧିକ ଆଇନ ସୋମବାର ଲାଗୁ ହୋଇଛି। ଇଣ୍ଡିଆନ୍ ପେନାଲ୍ କୋଡ୍ (ଆଇପିସି) ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍) କାର୍ଯ୍ୟକାରୀ ହୋଇଛି। ୟୁନିଭର୍ସାଲ ଲେକ୍ସିସ୍‌ନେକ୍ସିସ୍ ଦ୍ୱାରା ପ୍ରକାଶିତ ଏହାର ସଂସ୍କରଣରେ ତ୍ରୁଟି ରହିଥିବା ଜାଣିବା ପରେ ଝାଡ଼ଖଣ୍ଡ ହାଇକୋର୍ଟ ସୋମବାର ନିଜଆଡ଼ୁ ଏହାକୁ ବିଚାର ପାଇଁ ନେଇଛନ୍ତି। ଉକ୍ତ ସଂସ୍କରଣରେ ବିଏନ୍ଏସ୍‌ର ଧାରା ୧୦୩(୨)ରେ ଭିଡ଼ହିଂସା ପାଇଁ ରହିଥିବା ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ବୋଲି ଜଷ୍ଟିସ୍ ଆନନ୍ଦ ସେନ୍ ଏବଂ ସୁଭାଷ ଚାନ୍ଦଙ୍କ ଖଣ୍ଡପୀଠ କହିଛନ୍ତି। ନୂତନ ଆଇନର ଧାରା ୧୦୩(୨) ଅନୁଯାୟୀ ୫ କିମ୍ବା ଅଧିକ ଲୋକ ସଂଘବଦ୍ଧ ହୋଇ ଜାତି, ଧର୍ମ କିମ୍ବା ସମ୍ପ୍ରଦାୟ, ଲିଙ୍ଗ, ଜନ୍ମସ୍ଥାନ, ଭାଷା, ବ୍ୟକ୍ତିଗତ ବିଶ୍ୱାସ କିମ୍ବା ଅନ୍ୟ କୌଣସି ଅନୁରୂପ କାରଣ ପାଇଁ ହତ୍ୟାକାଣ୍ଡ ଘଟାଇଥିଲେ, ଉକ୍ତ ଗ୍ରୁପ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ମୃତ୍ୟୁଦଣ୍ଡ ଅଥବା ଆଜୀବନ ଜେଲଦଣ୍ଡ ସହ ଅର୍ଥଦଣ୍ଡ କରାଯିବ। ତେବେ ଲେକ୍ସିସ୍‌ନେକ୍ସିସ ସଂସ୍କରଣରେ 'ଅନ୍ୟ କୌଣସି ଅନୁରୂପ କାରଣ' ସ୍ଥାନରେ 'ଅନ୍ୟ କୌଣସି କାରଣ' ଲେଖାଯାଇଛି। ଏହି ତ୍ରୁଟିର ଗମ୍ଭୀର ପରିଣାମ ହୋଇପାରେ ବୋଲି ଅନୁଭବ କରି ଖଣ୍ଡପୀଠ ପୁସ୍ତକର ପ୍ରକାଶକଙ୍କୁ ଜାତୀୟ ତଥା ଆଞ୍ଚଳିକ ଖବରକାଗଜରେ ସଂଶୋଧନ ଛାପିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଗିରଫଦାରିକୁ ହାଇକୋର୍ଟରେ କେଜରିୱାଲଙ୍କ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୧।୭

ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ହାଜତରେ ରହିଛନ୍ତି। ସେ ସୋମବାର ସିବିଆଇ ଦ୍ୱାରା ଗିରଫଦାରିକୁ ଦିଲ୍ଲୀ ହାଇକୋର୍ଟଙ୍କ ନିକଟରେ ଚ୍ୟାଲେଞ୍ଜ କରିଛନ୍ତି। ଗତ ଜୁନ୍ ୨୯ରେ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ତାଙ୍କୁ ଜୁଲାଇ ୧୨ ପର୍ଯ୍ୟନ୍ତ ସିବିଆଇ ହାଜତକୁ ପଠାଇଥିଲେ। ଦିଲ୍ଲୀର ତଥାକଥିତ ଅବକାରୀ ନୀତିରେ ହୋଇଥିବା ଦୁର୍ନୀତି ମାମଲାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀମାନଙ୍କ ମଧ୍ୟରେ କେଜ୍‌ରିୱାଲଙ୍କ ନାମ ଥିବା ଦର୍ଶାଇ ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ।

## ମାନହାନି ମାମଲା: ୫୦ ଲକ୍ଷ କ୍ଷତିପୂରଣ ଦେବାକୁ ଟିଏମ୍‌ସି ନେତାଙ୍କୁ ନିର୍ଦ୍ଦେଶ


ସାକେତ୍ ଗୋଖଲେ

ନୂଆଦିଲ୍ଲୀ,୧।୭(ପି.ଟି.)

ଏକ ମାନହାନି ମାମଲାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ସାକେତ୍ ଗୋଖଲେଙ୍କୁ ଏଥିପାଇଁ ପୂର୍ବତନ କୂଟନୀତିଜ୍ଞ ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀଙ୍କୁ କ୍ଷମା ମାଗିବା ସହ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଦିଲ୍ଲୀ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ସ୍ତ୍ରୀ ଲକ୍ଷ୍ମୀ ସୁଇଜରଲାଣ୍ଡରେ ଜମି କିଣିବା ନେଇ ଗୋଖଲେ ବିବାଦୀୟ ଟୁଇଟ୍ କରିଥିଲେ। ଏହା ବିରୋଧରେ ଜାତିସଂଘର ପୂର୍ବତନ ସହକାରୀ ମହାସଚିବ ଲକ୍ଷ୍ମୀ ହାଇକୋର୍ଟରେ ମାନହାନି ମାମଲା ଦାଏର କରିଥିଲେ।



କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ପ୍ରତିବାଦରେ ସୋମବାର ପାର୍ଲାମେଣ୍ଟ ପରିସରରେ ଇଣ୍ଡିଆ ବ୍ଲକ୍‌ର ବିକ୍ଷୋଭରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମିଲ ହୋଇଛନ୍ତି।

## ପ୍ରଶ୍ନପତ୍ର ଲିକ୍: ମାଷ୍ଟରମାଇଣ୍ଡ ସଞ୍ଜୀବ, ସିକନ୍ଦର

ନୂଆଦିଲ୍ଲୀ,୧।୭

ଏନ୍ଇଇଟି-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ଝାଡ଼ଖଣ୍ଡର ଏକ ସ୍କୁଲ୍‌ର ପ୍ରିନ୍ସିପାଲ ଓ ଭାଇସ୍ ପ୍ରିନ୍ସିପାଲ୍‌ଙ୍କୁ ଗିରଫ କରାଯିବା ସହ ସେମାନଙ୍କୁ ସହଯୋଗ କରିଥିବା ଅଭିଯୋଗରେ ସିବିଆଇ ହଜାରିବାଗରୁ ଜଣେ ଖବରଦାତାଙ୍କୁ ଗିରଫ କରିଥିଲା। ପୂର୍ବରୁ ବିହାରର ନାଳନ୍ଦାରୁ ସଲ୍‌ଭର ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରାଯାଇଥିଲା। ସିବିଆଇ ଜେରା ବେଳେ ପ୍ରଶ୍ନପତ୍ର ଲିକ୍‌ର ମାଷ୍ଟରମାଇଣ୍ଡ ସଞ୍ଜୀବ ମୁଖିଆ ଏବଂ ସିକନ୍ଦର ଯାଦବେନ୍ଦୁ ବୋଲି ଅଭିଯୁକ୍ତମାନେ କହିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ମାମଲା ସହ ସମ୍ପୃକ୍ତି ଅଭିଯୋଗରେ ପାଟନାରେ ବେଉର ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଜେରା କରାଯାଇଥିଲା। ସେମାନଙ୍କ ବୟାନରେ ତାଳମେଳ ନ ଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ଅଭିଯୁକ୍ତଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ସଞ୍ଜୀବ ପରୀକ୍ଷା ପୂର୍ବଦିନ ଅର୍ଥାତ୍ ମେ' ୪ରେ ପ୍ରାୟ ୨୫ ଜଣ ପରୀକ୍ଷାର୍ଥୀଙ୍କୁ ପାଟନାର ଲର୍ନ ପ୍ଲେ ସ୍କୁଲ୍ ସହ ସମ୍ପୃକ୍ତ ଛାତ୍ରାବାସରେ ରଖାଇଥିଲା। ସେମାନଙ୍କୁ ସେଠାରେ ପ୍ରଘଟ ପ୍ରଶ୍ନପତ୍ର ଓ ଉତ୍ତର ଖାତା ଯୋଗାଇ ଦିଆଯାଇଥିଲା। ଅନ୍ୟତମ ମାଷ୍ଟରମାଇଣ୍ଡ କୁହାଯାଉଥିବା ସିକନ୍ଦର ଯାଦବେନ୍ଦୁ ଦନାପୁର ମ୍ୟୁନିସିପାଲିଟିରେ ଜୁନିୟର ଇଞ୍ଜିନିୟର ଥିବାବେଳେ ଏନ୍ଇଇଟି ପ୍ରଶ୍ନପତ୍ର ବେଆଇନ ଆବଣ୍ଟନ ସହ ସମ୍ପୃକ୍ତ ଥିବା ବିହାର ପୋଲିସ ଆର୍ଥିକ ଅପରାଧ ଶାଖା (ଇଓୟୁ) ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ମେ' ୫ରେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏନ୍ଇଇଟି-ୟୁଜି ଦେଇଥିବାବେଳେ ୬୭ ଜଣ ର୍‍ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇବାରୁ ପରୀକ୍ଷାରେ ଅନିୟମିତତା ଅଭିଯୋଗ ଉଠିଥିଲା।

## ଏନ୍ଇଇଟି ପ୍ରସଙ୍ଗ ଆଲୋଚନା ଦାବିରେ ବିରୋଧୀଙ୍କ କକ୍ଷତ୍ୟାଗ

ନୂଆଦିଲ୍ଲୀ,୧।୭(ପି.ଟି.)

ଲୋକ ସଭାରେ ସୋମବାର ବିରୋଧୀ ସଦସ୍ୟମାନେ ଏନ୍ଇଇଟି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ସ୍ୱତନ୍ତ୍ର ଭାବେ ଗୋଟିଏ ଦିନ ଆଲୋଚନା ଦାବି କରିଥିଲେ। ଏଥିପାଇଁ ସରକାରଙ୍କଠାରୁ ସ୍ପଷ୍ଟ ପ୍ରତିଶ୍ରୁତି ନ ମିଳିବାରୁ ସେମାନେ କକ୍ଷତ୍ୟାଗ କରିଛନ୍ତି। ନିମ୍ନ ସଦନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏନ୍ଇଇଟି ଅନିୟମିତତା ପ୍ରସଙ୍ଗ ଉଠାଇଥିଲେ। ତେବେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଶେଷ ନ ହେବା ପର୍ଯ୍ୟନ୍ତ ଏନ୍ଇଇଟି ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି ଗୃହର ଉପନେତା ରାଜନାଥ ସିଂ କହିଥିଲେ। ନିଟ୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏହା ଉପରେ ଆମେ ଗୋଟିଏ ଦିନ ଆଲୋଚନା ଦାବି କରୁଛୁ। ବିଭିନ୍ନ ପରୀକ୍ଷାରେ ୭୦ ଥର ପ୍ରଶ୍ନପତ୍ର ଲିକ୍ ହେଲାଣି ଏବଂ ୨ କୋଟିରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ପ୍ରଭାବିତ ହୋଇଛନ୍ତି। ତେଣୁ ଉକ୍ତ ପ୍ରସଙ୍ଗରେ ଗୋଟିଏ ଦିନ ଆଲୋଚନା ପାଇଁ ଅନୁମତି ଦେଲେ ଆମେ ଖୁସି ହେବୁ ବୋଲି ରାହୁଲ କହିଥିଲେ। ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହେବା ପରେ ଅନ୍ୟ ପ୍ରସଙ୍ଗ ଆଲୋଚନା ହେବ ବୋଲି ରାଜନାଥ କହିବାରୁ ବିରୋଧୀ ନେତାମାନେ ସରକାରଙ୍କଠାରୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଚାହିଁଥିଲେ। ଆଲୋଚନା ପାଇଁ ସଦସ୍ୟମାନେ ଅଲଗା ନୋଟିସ ଦେଇପାରିବେ ବୋଲି ବାଚସ୍ପତି ଓମ୍ ବିର୍ଲା କହିଥିଲେ। ଏହା ପରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

### ଆଜି ଛାତ୍ରଙ୍କ ପାର୍ଲାମେଣ୍ଟ ଅଭିଯାନ

#### ଏନ୍ଇଇଟି-ୟୁଜି ବିଭ୍ରାଟ

ଏନ୍ଇଇଟି-ୟୁଜି ସମେତ ପିଜି ଏବଂ ୟୁଜିସି ନେଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର ସେମାନଙ୍କ ଦାବିକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ ମଙ୍ଗଳବାର ପାର୍ଲାମେଣ୍ଟ ଅଭିମୁଖେ ଶୋଭାଯାତ୍ରାରେ ଯିବେ। ଛାତ୍ରୀଛାତ୍ରଙ୍କ ଅନିର୍ଦ୍ଦିଷ୍ଟ କାଳ ଧାରଣା ସୋମବାର ଷଷ୍ଠ ଦିନରେ ପହଞ୍ଚିଛି। ପରୀକ୍ଷା ଦୁର୍ନୀତିକୁ ନେଇ 'ଇଣ୍ଡିଆ ଏଗେନେଷ୍ଟ ଏନ୍‌ଟିଏ' ବ୍ୟାନରରେ ସେମାନେ ଧାରଣା ଜାରି ରଖିଛନ୍ତି। ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ବ୍ୟାନ୍ କରିବା ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପାଇଁ ସେମାନେ ଦାବି କରିବା ସହ ସମସ୍ତଙ୍କ ପାଇଁ ଏନ୍ଇଇଟି-ୟୁଜି ପରୀକ୍ଷା ପୁନର୍ବାର କରାଇବା ଦାବିରେ ଅଡ଼ିବସିଛନ୍ତି। ଏଥିସହିତ ବିଶ୍ୱବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ପୁରୁଣା ପ୍ରବେଶିକ ପରୀକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ଦାବି ହୋଇଛି। ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ର ସଂଗଠନ ମଧ୍ୟରେ ଏଆଇଏସ୍ଏ ଏବଂ ଦିଲ୍ଲୀ ୟୁନିଭର୍ସିଟିର କେୱାଇଏସ୍ ରହିଛନ୍ତି।

**ଆଜିର ମନ୍ତବ୍ୟ**

"ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ନୀତି ଓ ରାଜନୀତି ଯୋଗୁ ମଣିପୁର ଏକ ଗୃହଯୁଦ୍ଧ ଭିତରକୁ ଠେଲିହୋଇ ଯାଇଛି।
– ରାହୁଲ ଗାନ୍ଧୀ, ଲୋକ ସଭାରେ ବିରୋଧୀ ଦଳ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ହୋମିଓପ୍ୟାଥିର ଜନକ ସାମୁଏଲ ହ୍ୟାନିମ୍ୟାନଙ୍କ ୧୮୧ତମ ପୁଣ୍ୟତିଥି, ସ୍ଥାନ: ରେଡକ୍ରସ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- କାଦମ୍ବିନୀର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ମେ ଫେୟାର କନଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ସେଭ ଏଜୁକେଶନ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ପୁରୁଣା ପେଟ୍ରୋଲ ପମ୍ପ ପାଖ, ରାଜ୍ୟପାଳଙ୍କ ଘର ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ରାଧାମାଧବ କଲ୍ୟାଣ ମଣ୍ଡପ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା ୩୦।
- 'ସମାଜ ଓ ସଂସ୍କୃତି' ପକ୍ଷରୁ ଏକ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ ଅଫ୍ ଓଡ଼ିଶା, ସମୟ: ଅପରାହ୍ନ ୪ଟା।
- ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ, ଭୁବନେଶ୍ୱର ପକ୍ଷରୁ ଆଲୋଚନା ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।

## କଟକ

- ବନ୍ଦେ ଉତ୍କଳ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଣସର ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ମା ଶାରଳା ସଦନ, ବଙ୍ଗାଳିସାହି ସମୟ: ସନ୍ଧ୍ୟା ୬ଟା ୩୦।
- ମା' ଦୁଲ୍ଲାଦେବୀଙ୍କର ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଅବସରରେ ଭଜନ ସମାରୋହ, ସ୍ଥାନ: ଦୁଲ୍ଲାଦେବୀ ମନ୍ଦିର ପ୍ରାଙ୍ଗଣ, ଅନ୍ଦରପୁର, ସମୟ: ସନ୍ଧ୍ୟା ୭ଟା

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।

## ଖୋର୍ଦ୍ଧା

- ମା'ଭଗବତୀଙ୍କ ବାର୍ଷିକ ସାହିଯାତ୍ରା ଉଦ୍‌ଯାପନୀ, ସ୍ଥାନ: ହାଟବଜାର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶ୍ରୀଜୀଉଙ୍କର ଖଳିଲାଗି ଏକାଦଶୀ ଓ ସର୍ବାଙ୍ଗ ଚନ୍ଦନ ଲାଗି, ସ୍ଥାନ: ଜଗନ୍ନାଥ ମନ୍ଦିର, ନୀଳଗିରି, ବାଲେଶ୍ୱର, ସମୟ: ସକାଳ ୮ଟା।
- ବିଧାୟକଙ୍କ ବୁଢ଼ାବଳଙ୍ଗ ନଦୀର ଦୁର୍ବଳବନ୍ଧ ପରିଦର୍ଶନ, ସ୍ଥାନ: ବୁଆଁଳ ଓ ନୂଆପୁର ପଞ୍ଚାୟତ, ସମୟ: ସକାଳ ୮ଟା ୩୦।
- ବନ ମହୋତ୍ସବ ସପ୍ତାହ, ସ୍ଥାନ: ସିଦ୍ଧି ବିନାୟକ ଯୁକ୍ତ ୨ ରେସିଡେଣ୍ଟାଲ କଲେଜ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଧାୟକଙ୍କ ଦ୍ୱାରା ଇରିଗେଶନ ଏବଂ ଡ୍ରେନେଜ କାର୍ଯ୍ୟର ସମୀକ୍ଷା: ସ୍ଥାନ: ସଦର ଇରିଗେଶନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମାଝି ପାରଗାନା ମହଲ ସଙ୍ଗଠନ ପକ୍ଷରୁ ଆଦିବାସୀଙ୍କ ପାରମ୍ପରିକ ଶୋଭାଯାତ୍ରା, ସ୍ଥାନ: ଫୁଲଝରି, ଶ୍ୟାମନଗର, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଆପରାଧିକ ଆଇନ ଉପରେ ଆଲୋଚନାଚକ୍ର, ସ୍ଥାନ: ମହିଳା ମହାବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- କାନ୍ତକବି ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାନ୍ତକବି ସ୍ମାରକୀ ପ୍ରକଳ୍ପ, କୋରକୋରା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ପୀଠରେ ଏକାଦଶୀ ପୂଜାର୍ଚ୍ଚନା, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ମହାବୀରଙ୍କ ମନ୍ଦିରରେ ରାମ ଚରିତ ପାଠ, ବେଦପାଠ, ହନୁମାନ ଚାଳିଶା ପାଠ, ପୂଜା ଏବଂ ହୋମ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ଅପରାହ୍ନ ୫ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ଏକାଦଶୀ ପୂଜା ଉତ୍ସବ ଏବଂ ହୋମ, ସ୍ଥାନ: ଶାଳକଣିଆଁ, ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୭ଟା।
- ମା' ରାମଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ପୋଡ଼ାସିଙ୍ଗିଡ଼ି, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ମା' ବିଶ୍ୱତାରିଣୀ ମନ୍ଦିରରେ ଏକାଦଶୀ ପୂଜାର୍ଚ୍ଚନା, ସ୍ଥାନ: ଛେନାପଦୀ, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ବନ ମହୋତ୍ସବ ଅବସରରେ ଚାରାରୋପଣ, ସ୍ଥାନ: ଟାଟା ଷ୍ଟିଲ ନର୍ସରୀ, ଯୋଡ଼ା, ସମୟ: ସକାଳ ୮ଟା।
- ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଆନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ମୟୂରଭଞ୍ଜ

- ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ଉପଖଣ୍ଡ ଡାକ୍ତରଖାନା ପରିସର, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କଇଁଫୁଲିଆ ଉପ୍ରା ବିଦ୍ୟାଳୟ, ଶାମାଖୁଣ୍ଟା ବ୍ଲକ, ସମୟ:ଅପରାହ୍ନ ୩ଟା।
- ମୟୂରଭଞ୍ଜ ମହୋତ୍ସବ ପାଳନର ପ୍ରସ୍ତୁତି ବୈଠକ,ସ୍ଥାନ:ବାରିପଦା ଷ୍ଟାଡିୟମ ହଲ୍, ସମୟ: ସନ୍ଧ୍ୟା ୭ଟା।।

## ଗଞ୍ଜାମ

- ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଭାଜପାର ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ବାଇବାଲି, ସମୟ: ଅପରାହ୍ନ ୨ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ବଡମୂଳବସନ୍ତ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ଭାରତୀୟ ନ୍ୟାୟ ସଂହିତା ୨୦୨୩ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ଆଦର୍ଶ ଥାନା ପରିସର, ସମୟ: ସନ୍ଧ୍ୟା ୬ଟା।
- ଏମ୍‌ପିଇଡିଏ ପକ୍ଷରୁ ଚାଲିଥିବା ବର୍ଗାକୃତି ଜାଲ ସଚେତନତା ରଥର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ମାଛଧରାବନ୍ଦର ପରିସର, ନେହେରୁବଙ୍ଗଳା, ପାରାଦୀପ, ସମୟ: ଅପରାହ୍ନ ୪ଟା।

## ଯାଜପୁର

- କଳିଙ୍ଗନଗର ଗୋବରଘାଟି ହକି ଗ୍ରାସରୁଟ୍ ସେଣ୍ଟର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଗୋବରଘାଟି ଏସ୍‌ଏସ୍‌ଡି ହାଇସ୍କୁଲ ପରିସର, ସମୟ: ଅପରାହ୍ନ ସାଢ଼େ ୪ଟା।

## ନବରଙ୍ଗପୁର

- ମାସିକ ଜିଲାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ମିଶନଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣ ଅଭିଯାନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ପ୍ରଫେସର ରାମ ରେଡ୍ଡୀ ଲେକଚର କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଇଗ୍ନୁ ଆଞ୍ଚଳିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଧାୟକଙ୍କ ଦ୍ୱାରା ସରକାରୀ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ପଟାଙ୍ଗୀ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ : ହୀରକୁଦ ମହାବିଦ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ଗୁରୁ ସତ୍ୟନରାୟଣ ଉଦ୍ୟାନ, ସମୟ – ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ଜନଶୁଣାଣି ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ କିଶନ ସବୁଜ ସପ୍ତାହ ପାଳନର ଦ୍ୱିତୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫୁଲଝରନ୍, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା ୩୦।

## ରାଉରକେଲା

- ସର୍ବ ସାଧାରଣ ଜନଶୁଣାଣି, ସ୍ଥାନ: ଛେଣ୍ଡ କଳିଙ୍ଗ ବିହାର ୟୁପି ସ୍କୁଲ, ସମୟ: ସକାଳ ୮ଟା ୩୦।
- କେନ୍ଦ୍ରୀୟ ପାଣିପାଗ ବିଭାଗ ପକ୍ଷରୁ କର୍ମଶାଳା, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଜନଶୁଣାଣୀ ଶିବିର,ସ୍ଥାନ: କଳିଙ୍ଗ ବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଛେଣ୍ଡ, ସମୟ: ସକାଳ ୮ଟା ୩୦।
- ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜରେ ନୂତନ ଫୌଜଦାରୀ ଆଇନ କର୍ମଶାଳା, ସ୍ଥାନ: ବେଦବ୍ୟାସ,ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ(ଏମ୍) ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ରାଉରକେଲା ଏଡିଏମ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ବଳିଆଙ୍କ ପ୍ରବଚନ, ସ୍ଥାନ: ହାଇସ୍କୁଲ ପଡିଆ, ଖାରବନ୍ଧ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା, ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଘଣ୍ଟାପଡା ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ସମଲେଶ୍ୱରୀ ମନ୍ଦିର, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ପକ୍ଷରୁ ସାତଦିନିଆ ଯୋଗ ଶିବିର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ, ସମୟ: ସକାଳ ୫ଟା।
- ବନମହୋତ୍ସବ ସପ୍ତାହ ପାଳନ, ମା'ଙ୍କ ନାମରେ ଗଛଟିଏ, ସ୍ଥାନ: ରିଆମାଳ ବନାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ତରଭା ମା'ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ରକ୍ତଦାନ ଓ ବନ ମହୋତ୍ସବ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରି ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ଷ୍ଟେଶନ ଛକ ମା' ଦୁର୍ଗା ମନ୍ଦିର ଝାରସୁଗୁଡା ସହର, ସମୟ: ସକାଳ ୫ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଆଳତି, ସ୍ଥାନ: ଝାରସୁଗୁଡା ସହରସ୍ଥିତ ବେହେରାମାଲ ତାରିଣୀ ମନ୍ଦିର, ସମୟ: ସକାଳ ୬ଟା।
- ଗ୍ରାମ ଦେବୀ ପୂଜା, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ବନ୍ଧୁମିଳନରୁ ଆନନ୍ଦ, ଶନିଙ୍କ ହେତୁ ଦେବଦର୍ଶନରୁ ଆତ୍ମତୃପ୍ତି ପ୍ରାପ୍ତ ହେବ। ଅଶ୍ୱିନୀ ନକ୍ଷତ୍ର କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ଦ୍ୱାରା କଳହ କିମ୍ବା କୁତ୍ସାରଟନା ଘଟିପାରେ। ଯାନ୍ତ୍ରିକ ଜିନିଷର ମରାମତି କିମ୍ବା ଘରର ଅସଜଡ଼ା କାମକୁ ସଜାଡ଼ିନେଇ ପାରନ୍ତି। ନୂତନ କର୍ମାରମ୍ଭ ପାଇଁ ମନ ବଳାଇ କୃତକାର୍ଯ୍ୟ ହେବେ।

**ବୃଷ** ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଆପଣଙ୍କ କଳାତ୍ମକ କାର୍ଯ୍ୟକଳାପ ଓ ସଚ୍ଚୋଟତା ଆକର୍ଷଣର କେନ୍ଦ୍ର ପାଲଟିଯିବ। ନିଜ ଲୋକଙ୍କ ସମର୍ଥନ ଲାଭକରି ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ଘରେ ଅସାବଧାନତାବଶତଃ ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟହେବା ସୂଚନା ରହିଛି। ମୃଗଶିରା ନକ୍ଷତ୍ର ଅସ୍ଥିରତା କାରଣରୁ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ ଉପୁଜିବ।

**ମିଥୁନ** ଏକାଦଶସ୍ଥ ବୃହସ୍ପତି ଯୋଗୁ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସମର୍ଥନ ଲାଭ କରିବେ। ପାରିବାରିକ ଜୀବନରେ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାର ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିପାରେ।

**କର୍କଟ** ଦ୍ୱାଦଶାଧିପତି ରାଶିରେ ଥିବାରୁ ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବା ସହ ବନ୍ଧୁଙ୍କ ଦର୍ଶନରୁ ଖୁସି ହେବେ। କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ଓ ନୂତନ ଉତ୍ସାହ ସୃଷ୍ଟି କରିବ। ଅର୍ଥର ଅଭାବ ରହିବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** କର୍ମାଧିପ ସହ ରବିଙ୍କ ସଂଯୋଗ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରାଇବ। ଶୁକ୍ର ସମ୍ବନ୍ଧରୁ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ସାମିଲ ହେବେ। କିନ୍ତୁ ମଘା ସକାଶେ ନିକଟସ୍ଥ ବ୍ୟକ୍ତିବିଶେଷ ପରୋକ୍ଷ ସମାଲୋଚନା କରିବାକୁ ମଧ୍ୟ ପଛାଇବେ ନାହିଁ। ଅଭିଭାଷଣ, ପ୍ରବଚନାଦି କାର୍ଯ୍ୟ, କଳା, ସାହିତ୍ୟ, ସଙ୍ଗୀତ ପ୍ରଭୃତିରୁ ପ୍ରଶଂସିତ ହେବେ।

**କନ୍ୟା** ସାଧାରଣ ବ୍ୟତିକ୍ରମକୁ ବାଦ୍‌ଦେଲେ ମାନସିକ ଓ ଶାରୀରିକ ସୁସ୍ଥତା ସମସ୍ତ ସୁଖ, ସାଧନର ମାଧ୍ୟମ ଭଳି କାମ କରିବ। ଆଜି ଯାହା ପାଇବାକୁ ଆଶା ରଖିଛନ୍ତି, ବିଳମ୍ବରେ ପାଇପାରନ୍ତି। ପ୍ରଶାସନିକ ସ୍ତରରେ ଅନ୍ୟ ଦ୍ୱାରା ସମ୍ପନ୍ନ କାମଗୁଡ଼ିକର ସମୀକ୍ଷା କରିବେ। କଠିନ ପରିଶ୍ରମ କିମ୍ବା ଅନିଦ୍ରା ହେତୁକ ଜ୍ୱର ଓ ଦୁର୍ବଳତା ଦେଖାଦେଇପାରେ।

**ତୁଳା** ସ୍ମରଣୀୟ ଦିବସଟିଏ, ତଥାପି ଭଲ ଓ ମନ୍ଦର ମିଶ୍ରିତ ଅନୁଭୂତି ମଧ୍ୟରେ ବିତିବ। ପରିସ୍ଥିତି ଭଲ ନ ଥିଲେ ମଧ୍ୟ ନିଜକୁ ଚଳାଇ ନେବାରେ ଅସୁବିଧା ରହିବ ନାହିଁ। ପାରସ୍ପରିକ ସାହାଯ୍ୟ, ସହଯୋଗରୁ କର୍ମକ୍ଷେତ୍ରରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ନୂତନ କାମ କରିବାକୁ ଚାହୁଁଥିଲେ ହେଁ ପରିସ୍ଥିତି ବାଧା ସୃଷ୍ଟି କରିବ। ସପ୍ତମସ୍ଥ ଗୁରୁଙ୍କ ଯୋଗୁ ସକାଳୁ ଯାତ୍ରା କରିବେ ଓ ଶ୍ରଦ୍ଧା ଓ ସମ୍ମାନ ହାସଲ କରିପାରନ୍ତି। ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ, ଯାହାକି ମନକୁ କଷ୍ଟ ଦେଇପାରେ।

**ଧନୁ** ମାନସିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଶିକ୍ଷା, ସନ୍ତାନ, ବିଦେଶ ଯାତ୍ରା କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବନ୍ଧୁଙ୍କ ନିକଟରୁ ସକାଳୁ ଶୁଭଖବର ପାଇ ଉଲ୍ଲସିତ ହେବେ। ବିଳାସବ୍ୟସନ ସକାଶେ ରୁଚି ବଳିବ। ଉଲ୍ଲାସରେ ସମୟ ଅତିବାହିତ ହୋଇପାରେ।

**ମକର** ବୃହସ୍ପତିଙ୍କ କୃପାରୁ ଆପଣଙ୍କ ଦୂରଦର୍ଶିତାର ପ୍ରଶଂସା ଅନ୍ୟମାନଙ୍କୁ ନିକଟତର ହେବାରେ ସାହାଯ୍ୟ କରିବ। ମନ କଥା ମନରେ ରଖି ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟରେ ଉନ୍ନତି ଘଟିବ। ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**କୁମ୍ଭ** ଶନିଦୃଷ୍ଟ ମଙ୍ଗଳ ହେତୁ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାମକୁ ଅଣଦେଖାକରି ସମାଲୋଚିତ ହେବେ। ପରିବାରର ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲକରିବେ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ, ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** ରାହୁଙ୍କ ଯୋଗୁ ପଛକଥା ପଛକୁ ପକାଇ ନିଜ ଲୋକଙ୍କୁ ମନାଇ କାମ ହାସଲ ସକାଶେ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମକଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ପାରନ୍ତି। ବନ୍ଧୁଙ୍କ ସମ୍ପର୍କିତ କୌଣସି ଘଟଣା ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି।

ଆଜି ଜୁଲାଇ ୨ତାରିଖ, ମଙ୍ଗଳବାର, ଅନ୍ତର୍ଜାତୀୟ କ୍ରୀଡ଼ା/ସାମ୍ବାଦିକତା ଦିବସ, ହାନିମ୍ୟାନ୍‌ଙ୍କ ତିରୋଧାନ ଦିବସ, ଆଷାଢ଼ କୃଷ୍ଣପକ୍ଷର ସର୍ବସମ୍ମତ (ଖଳିଲାଗି) ଏକାଦଶୀ, ଶ୍ରୀମନ୍ଦିରରେ ଖଳିଲାଗି/ଅଣସର ଏକାଦଶୀ, ଦିବା ୦୮।୪୨ ଗତେ ଦ୍ୱାଦଶୀ। ଦ୍ୱାଦଶୀରେ ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ରାଶିନକ୍ଷତ୍ର–କୃତ୍ତିକା/ମେଷ, ଦିବା ୧୧।୧୪ ଗତେ ବୃଷଚନ୍ଦ୍ର। ସକାଳ ୦୫।୧୫ ଗତେ, ଘ. ୦୬।୫୪ ମଧ୍ୟେ, ଘ.୦୯।୩୯ ଗତେ, ଘ.୧୨।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଭୋର ଘ. ୦୩।୦୮ଗତେ, ଘ.୦୪।୪୭ମଧ୍ୟେ ରାହୁକାଳ।

# ଯୁକ୍ତ୨ ନାମଲେଖା ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର,୧୭(ଅସମାପିକା ସାହୁ)**

## ଅଗଷ୍ଟ ୧ରୁ ପାଠପଢ଼ା

୨୦୨୪–୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀରେ ନାମଲେଖା ନିମନ୍ତେ ଆବେଦନ ଅବଧିକୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନର ଶେଷ ତାରିଖ ଜୁଲାଇ ୬ ଥିବାବେଳେ ଏହାକୁ ବଢ଼ାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ୨୦ ତାରିଖରେ ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ୨୨ରୁ ୨୭ତାରିଖ ମଧ୍ୟରେ ନାମ ଲେଖାଇବେ। ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଅନ୍ୟ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଇଚ୍ଛୁକ ଥିଲେ ୨୨ରୁ ୩୦ ତାରିଖ ମଧ୍ୟରେ ସ୍ଲାଇଡ୍ ଅପ୍ ଅପସନ୍ ଦେଇପାରିବେ। ଅଗଷ୍ଟ ୫ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୭ରୁ ୧୦ ତାରିଖ ମଧ୍ୟରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ନାମ ଲେଖାଇବେ। ଅନ୍ୟ ଉଚ୍ଚତର ଶିକ୍ଷାନୁଷ୍ଠାନରେ ସ୍ୱଟ୍ ନାମଲେଖାରେ ଅଂଶଗ୍ରହଣ କରିବା ପାଇଁ ଅଗଷ୍ଟ ୧୨ରୁ ୧୪ ତାରିଖ ଯାଏ ଚଏସ୍ ଲକିଂ କରିପାରିବେ। ଅଗଷ୍ଟ ୨୦ରେ ସ୍ୱଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୨ତାରିଖ ମଧ୍ୟାହ୍ନରୁ ୨୮ତାରିଖ ଅପରାହ୍ନ ୬ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସ୍ୱଟ୍ ନାମଲେଖା ଅନୁଷ୍ଠିତ ହେବ। ଅଗଷ୍ଟ ୧ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

# ଜୟପୁର ସ୍ୱତନ୍ତ୍ର କାରାଗାରରେ କଏଦୀଙ୍କ ମୃତ୍ୟୁ

**ଜୟପୁର,୧୭(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସ୍ୱତନ୍ତ୍ର କାରାଗାରରେ ସୋମବାର ଜଣେ ବିଚାରାଧୀନ କଏଦୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ରଜନୀ ପ୍ରଧାନ (୩୭)। ତାଙ୍କ ଘର ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳରେ ବୋଲି ଜଣାଯାଇଛି। ସ୍ୱତନ୍ତ୍ର କାରାଗାର ଜେଲରଙ୍କ କହିବା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୧ଟାରେ ତାଙ୍କର ମୃତ୍ୟୁ ଘଟିଛି।

# ମେଧା ପାଟେକରଙ୍କୁ ୫ ମାସ ଜେଲ

**ନୂଆଦିଲ୍ଲୀ,୧୭(ପି.ଟି.)**



ନର୍ମଦା ବଚାଓ ଆନ୍ଦୋଳନର କର୍ମୀ ମେଧା ପାଟେକରଙ୍କୁ ୨୦୦୧ର ଏକ ମାନହାନି ମାମଲାରେ ଦିଲ୍ଲୀ ଅଦାଲତ ୫ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ବର୍ତ୍ତମାନ ଦିଲ୍ଲୀ ଉପରାଜ୍ୟପାଳ ଥିବା ଭି.କେ. ସାକ୍ସେନା ସେତେବେଳେ ଖଦି ଓ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି) ଅଧ୍ୟକ୍ଷ ଥିବାବେଳେ ଏହି ମାନହାନି ମାମଲା ରୁଜୁ ହୋଇଥିଲା। ସାକ୍ସେନାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ସାକେତ୍ କୋର୍ଟ ମେଧାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାକ୍ସେନାଙ୍କ ବିରୋଧରେ ମେଧା ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ସାକେତ୍ କୋର୍ଟଙ୍କ ରାୟ ବିରୋଧରେ ମେଧା ଉପର ଅଦାଲତରେ ଆବେଦନ କରିବେ ବୋଲି ସୂଚନା ଦେଇଛନ୍ତି। ସତ୍ୟର କେବେ ପରାଜୟ ହୋଇପାରିବ ନାହିଁ। ଆମେ କେବଳ ଆମ କର୍ତ୍ତବ୍ୟ କରିଛୁ, କାହାର ମାନହାନି କରିବାକୁ ଉଦ୍ୟମ କରିନାହୁଁ ବୋଲି ମେଧା କହିଛନ୍ତି। ମେ' ୨୪ରେ ଶୁଣାଣି ବେଳେ ଅଦାଲତ କହିଥିଲେ, ମେଧାଙ୍କ ମନ୍ତବ୍ୟ କେବଳ ମାନହାନିକାରୀ ନୁହେଁ ଏହା ସାକ୍ସେନାଙ୍କ ଖ୍ୟାତି ପ୍ରତି କ୍ଷତି ପହଞ୍ଚାଇଛି। ଗୁଜରାଟ ଜନତା ଓ ସେମାନଙ୍କ ସମ୍ପତ୍ତିକୁ ସାକ୍ସେନା ବିଦେଶୀ ସ୍ୱାର୍ଥ ନିକଟରେ ବନ୍ଧକ ରଖିଥିବା ନେଇ ମେଧାଙ୍କ ଅଭିଯୋଗ ତାଙ୍କ ସାଧୁତା ଏବଂ ଜନସେବା ଉପରେ ସିଧାସଳଖ ଆକ୍ରମଣ ବୋଲି କୋର୍ଟ କହିଥିଲେ। ମେ' ୩୦ରେ ଶୁଣାଣି ଶେଷ ହୋଇଥିବାବେଳେ ଜୁନ୍ ୭ରେ ଦଣ୍ଡ ଶୁଣାଣିକୁ ସଂରକ୍ଷିତ ରଖାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ରାହୁଲ-ମୋଦି...

କରୁଥିବାରୁ ଦେଶର ଅନେକ ଲକ୍ଷ ଲୋକ ଏହାର ପ୍ରତିବାଦ କରିଛନ୍ତି ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପ୍ରଧାନମନ୍ତ୍ରୀ ମୋଦିଙ୍କର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ମୋଦିଙ୍କ ନିର୍ଦ୍ଦେଶରେ ତାଙ୍କ ଉପରେ ବାରମ୍ବାର ଆକ୍ରମଣ କରାଯାଇଛି। ତାଙ୍କ ବିରୋଧରେ ୨୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ କରାଯିବା ସହିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ୫୫ ଘଣ୍ଟା ଜେରା ପରେ ତାଙ୍କ ଘର ଛଡ଼ାଇ ନିଆଯାଇଥିଲା। ଏସବୁ ସତ୍ତ୍ୱେ ସମ୍ବିଧାନକୁ ରକ୍ଷା କରିବା ଲାଗି ହୋଇଥିବା ସାମୂହିକ ଉଦ୍ୟମ ସଫଳ ହୋଇଛି ବୋଲି ରାୟବରେଲି ଏମ୍‌ପି କହିଛନ୍ତି।

ରାହୁଲ କହିଛନ୍ତି, ସେ ଏବେ ଖୁସି ଅନୁଭବ କରୁଛନ୍ତି ଯେ ତାଙ୍କ ପରେ ଭାଜପା ଲୋକମାନେ ଏବେ 'ଜୟ ସମ୍ବିଧାନ' କହୁଛନ୍ତି। ସେ ବର୍ତ୍ତମାନ ବିରୋଧୀ ପକ୍ଷରେ ରହି ସନ୍ତୁଷ୍ଟ ଥିବା କହିଛନ୍ତି। ରାହୁଲ ଭାଷଣ ଦେଉଥିବା ବେଳେ ଭଗବାନ ଶିବଙ୍କ ଛବି ଦେଖାଇ କହିଥିଲେ, ଈଶ୍ୱର ନିର୍ଭୟ ଓ ଅହିଂସାର ବାର୍ତ୍ତା ଦେଇଥାଆନ୍ତି। ଏପରି ଅନ୍ୟ ସମସ୍ତ ଧର୍ମରେ ମଧ୍ୟ ସମାନ ଚିନ୍ତାଧାରା ଓ ମତ ରହି ଆସିଛି ବୋଲି କହିଥିଲେ। ଏହି ସମୟରେ ଗୃହରେ କୌଣସି ପ୍ଲାକାର୍ଡ ଦେଖାଇବା ନିୟମ ବହିର୍ଭୂତ ବୋଲି ବାଚସ୍ପତି ଓମ୍ ବିର୍ଲା ତାଙ୍କୁ ମନେପକାଇ ଦେଇଥିଲେ। ରାହୁଲ ପୁନଶ୍ଚ ଭାଜପାକୁ ଲକ୍ଷ୍ୟ କରି କହିଥିଲେ ଏହି ଦଳ ସବୁ ହିନ୍ଦୁଙ୍କ ପ୍ରତିନିଧିତ୍ୱ କରୁ ନାହିଁ।

ଏହା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ବିରୋଧୀ ଦଳ ନେତାଙ୍କ ଏଭଳି ମନ୍ତବ୍ୟ ଅସଂଖ୍ୟ ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ ସେ ତୁରନ୍ତ ଗୃହ ଓ ହିନ୍ଦୁ ଭାବେ ଗର୍ବ ଅନୁଭବ କରୁଥିବା ଅନେକ କୋଟି ଲୋକଙ୍କୁ ଭୁଲ ମାଗନ୍ତୁ। ଏହି ପରିପ୍ରେକ୍ଷୀରେ ଶାହା ଜରୁରିକାଳୀନ ପରିସ୍ଥିତି ଓ ଶିଖ୍ ଦଙ୍ଗା ବିଷୟ ଉତ୍ଥାପନ କରିଥିଲେ। ଅତୀତରେ କଂଗ୍ରେସ ଦେଶରେ ଯେଉଁଭଳି ଭାବେ ଆତଙ୍କ ସୃଷ୍ଟି କରିଥିଲା, ସେହି ଦୃଷ୍ଟିରୁ ଦେଖିଲେ ରାହୁଲଙ୍କ ଅହିଂସା ଉପରେ ଏଭଳି ମନ୍ତବ୍ୟ ଦେବାର ଅଧିକାର ନାହିଁ ବୋଲି ଶାହା କହିଥିଲେ।

## ଆର୍‌ଏସ୍‌ପିରେ ଗ୍ୟାସ ଲିକ୍...

୩ଜଣ ସ୍ଥାୟୀ କର୍ମଚାରୀ ଥିବା ବେଳେ ଅନ୍ୟମାନେ ଠିକାସଂସ୍ଥା ଟିପିଏଲ୍‌ର କର୍ମଚାରୀ ରହିଛନ୍ତି। ସୂଚନାଯୋଗ୍ୟ, ସୋମବାର ସକାଳେ ବ୍ଲାଷ୍ଟ ଫର୍ନେସ–୫ରେ ଥିବା ୟୁ-ସିଲ୍‌କୁ ଖୋଲିବା ବେଳେ ସେଥିରେ ଥିବା ବିଷାକ୍ତ ଗ୍ୟାସ ଲିକ୍ ହୋଇଥିଲା। ନିକଟରେ ଥିବା କର୍ମଚାରୀ ମାନେ ଅଣନିଃଶ୍ୱାସୀ ହୋଇ ପଡ଼ିଥିଲେ। ଆରଏସପି ଡିଆଇସି ଅତନୁ ଭୌମିକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆଇଜିଏଚରେ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ ଭୌମିକ କହିଛନ୍ତି, ଆହତଙ୍କ ଅବସ୍ଥା ଏବେ ବିପଦମୁକ୍ତ ରହିଛି। ଉକ୍ତ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ସେଥିପାଇଁ ଏକ କମିଟି ଗଠନ କରାଯିବ। ଯଦି କୌଣସି ଅନିୟମିତ ବା ଅବହେଳା ଜଣାପଡ଼ିବ ତେବେ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ନିଆଯିବ। ଆଗାମୀ ଦିନରେ ସୁରକ୍ଷାକୁ ନେଇ ଅଧିକ ଜନସଚେତନା କରାଯିବ ବୋଲି ଭୌମିକ କହିଥିଲେ। ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଡାକ୍ତରଖାନା ପରିଦର୍ଶନ କରି ଆର୍‌ଏସ୍‌ପି ଡିଆଇସିଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଆଗାମୀ ଦିନରେ କାରଖାନାର ସୁରକ୍ଷା ବିଷୟ ନେଇ ସକ୍ରିୟତା ଦେଖାଇବା ସହ କାରଖାନା ପରିଦର୍ଶନ ଜାରି ରହିବ ବୋଲି ତନ୍ତୀ କହିଥିଲେ। ସେହିପରି ସମ୍ପ୍ରତି କାରଖାନାରେ ସ୍ୱୀକୃତିପ୍ରାପ୍ତ ଆଇଏନ୍ ଟିୟୁସି ସହବନ୍ଧିତ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍)ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସହ ଆଲୋଚନା କରି ଘଟଣାର ତଦନ୍ତ ଦାବିକରିଥିଲେ। ଅନୁରୂପ ଭାବେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ୍)ର ହିମାଂଶୁ ବଳ ଓ ପ୍ରତିନିଧିମଣ୍ଡଳୀ ଅସୁସ୍ଥଙ୍କ ପରିବାରଙ୍କ ସହ ଆଲୋଚନା କରିଥିଲେ। ସିଟୁ ସହବନ୍ଧିତ ସେଟୁ ପକ୍ଷରୁ ବରିଷ୍ଠ ଶ୍ରମିକ ନେତା ବସନ୍ତ ନାୟକ କହିଛନ୍ତି, ଦୁର୍ଘଟଣା କାରଖାନାରେ ବନ୍ଦ ହେବା ଉଚିତ୍। ବିପଜ୍ଜନକ ସ୍ଥାନରେ ସ୍ଥାୟୀ କର୍ମଚାରୀଙ୍କୁ ନିୟୋଜନ କରାଯାଉ। ଏସ୍‌ଓପି ଜାରି କରିବା ସହିତ ଉଭୟ କାରଖାନା କର୍ତ୍ତୃପକ୍ଷ ଓ ଶ୍ରମିକ ସଂଗଠନ ଏନେଇ ଆଲୋଚନା କରନ୍ତୁ ବୋଲି ସେ କହିଛନ୍ତି।

### ତଦନ୍ତ କରିବେ ଶ୍ରମ ବିଭାଗ ସଚିବ: ମନ୍ତ୍ରୀ ଗଣେଶ ରାମ

**ଭୁବନେଶ୍ୱର,୧୭(ଅନିଲ ଦାସ)**

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ବ୍ଲାଷ୍ଟ ଫର୍ନେସରେ ଗ୍ୟାସ୍ ଲିକ୍ ଯୋଗୁ ୯ ଜଣ ଅସୁସ୍ଥ ହେବା ଏକ ଅଭାବନୀୟ ଓ ଦୁର୍ଭାଗ୍ୟଜନକ ଘଟଣା। ଏହି ଘଟଣାରେ ଭୁଲ୍ ଓ ଅବହେଳା ଥିଲେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଏହି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଡାଇରେକ୍ଟର ଅଫ୍ ଫ୍ୟାକ୍ଟ୍ରି ଓ ବଏଲର୍ସ ଦୁର୍ଘଟଣାର ଅନୁସନ୍ଧାନ କରି ଶ୍ରମ ବିଭାଗର ପ୍ରମୁଖ ସଚିବଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ...

ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି କେନ୍ଦୁଝରର ଗୋଟିଏ ସ୍କୁଲରେ କାମ କରୁଥିବା ଜଣେ ମହିଳା ଅନେକ ଦିନ ଧରି ଦରମା ପାଉନାହାନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କର ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଥାଲାସେମିଆରେ ପୀଡ଼ିତ ଗୋଟିଏ ଛୋଟଝିଅର ବାପା ଯାଜପୁରର ସତ୍ୟଜିତ୍ ଚିକିତ୍ସା ସହାୟତା ପାଇଁ ଆସିଥିଲେ। ତାଙ୍କ ଝିଅର ହେବ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟେଶନ୍। ସେଥିପାଇଁ ଯେତେ ଶୀଘ୍ର ସମ୍ଭବ ତାଙ୍କ ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ତାଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ମଧ୍ୟ କହିଛନ୍ତି। ଏମିତି ଅନେକ ପୀଡ଼ିତ, ଦିବ୍ୟାଙ୍ଗ, ବୟୋବୃଦ୍ଧ ଆସି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସେମାନଙ୍କ ସମସ୍ୟା ଶୁଣାଇଛନ୍ତି ଓ ସମାଧାନର ଭରସା ନେଇ ଯାଇଛନ୍ତି। ରାଜ୍ୟର ମୁଖ୍ୟଙ୍କଠାରୁ ଭରସାବାଣୀ ଶୁଣି ସେମାନେ ଅତ୍ୟନ୍ତ ଖୁସି ହୋଇ ଫେରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବ ସରକାରଙ୍କ ସମୟରେ ଜନତା ଓ ସରକାରଙ୍କ ମଧ୍ୟରେ ଏକ ଲୁହା ପାଚେରି ଥିଲା। ତାହା ଆଜି ଦୂର ହୋଇଛି। ଲୋକ ଓ ସରକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ପ୍ରତିଷ୍ଠା ହୋଇପାରିଛି। ଗଣତନ୍ତ୍ରରେ ଲୋକଙ୍କ କଥା ଶୁଣିବା ଓ ସମାଧାନ ପାଇଁ ଚେଷ୍ଟା କରିବା ଏକ ପ୍ରାଥମିକତା। ଏହି କଥାକୁ ଗୁରୁତ୍ୱ ଦେଇ ସୋମବାରଠାରୁ ଜିଲା ସ୍ତରରେ ମଧ୍ୟ ଶୁଣାଣି ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକ୍ରିୟାକୁ ଆଗକୁ ଆହୁରି ସୁଦୃଢ଼ କରାଯିବ। ମୋ ସହିତ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମଧ୍ୟ ଏଥିରେ ସହଯୋଗ କରିଛନ୍ତି। ଏହା ଜାରି ରହିଲେ ଜିଲା ସ୍ତରରେ ଅଧିକାରୀମାନେ ଗୁରୁତ୍ୱ ଦେଇ ଲୋକଙ୍କ ସମସ୍ୟାର ସମାଧାନ କରିବେ। ଜିଲା ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିଲେ ରାଜ୍ୟ ସ୍ତରରେ ଅଭିଯୋଗ କମ୍ ରହିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପ୍ରଥମ ଦିବସ ଶୁଣାଣିରେ ପ୍ରାୟ ୯୯ ପ୍ରତିଶତ ଅଭିଯୋଗର ସମାଧାନ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ରଖିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମ ଦିନରୁ ହିଁ ଲୋକଙ୍କ ସହିତ ଖୋଲାମନରେ ମିଶୁଛନ୍ତି। ଲୋକଙ୍କ ସମସ୍ୟା ଜାଣିବାକୁ ଚେଷ୍ଟା କରୁଛନ୍ତି। ଭୁବନେଶ୍ୱରର ରାଜ୍ୟ ଅତିଥି ଭବନର କାର୍ଯ୍ୟାଳୟ ହେଉ ବା ବରଗଡ଼ ଓ କେନ୍ଦୁଝର ଗସ୍ତ ପରି ବିଭିନ୍ନ ଜିଲା ଗସ୍ତ ହେଉ, ସବୁ ସମୟରେ ସେ ସାଧାରଣ ଲୋକଙ୍କ ସହିତ ହୃଦୟ ଖୋଲି ମିଶୁଛନ୍ତି ଓ ଆଲୋଚନା କରୁଛନ୍ତି ଏବଂ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରୁଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ପରିଚୟ ଦିନକୁ ଦିନ ଉଜ୍ଜ୍ୱଳ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ପାଇଁ ସାଧାରଣ ପ୍ରଶାସନ ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରତି ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରିରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିବସରେ ସମୁଦାୟ ୧,୫୪୦ ଅଭିଯୋଗ ପଞ୍ଜୀକୃତ ହୋଇଛି। ପ୍ରାୟ ୫ ହଜାରରୁ ଅଧିକ ଲୋକ ନିଜର ଅଭିଯୋଗ ନେଇ ଆସିଥିବା ଜଣାପଡ଼ିଛି।

# ମାଂସର ବିଳାପ



କାଳିନ୍ଦୀଚରଣ ପାଣିଗ୍ରାହୀ

**ପ୍ରଖ୍ୟାତ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜନ୍ମଦିନ (ଜୁଲାଇ ୨) ଅବସରରେ ତାଙ୍କ ରଚିତ ଗଳ୍ପ**

ଜଲି ଏବଂ ଡୋରା ଆବାଲ୍ୟ ପରମସାଥୀ। କ୍ଷଣେ ଏକ ଅପରକୁ ଛାଡ଼ି ରହିବାକୁ ସହଜରେ ରାଜି ହୁଏ ନାହିଁ। ଜଲି ଥରେ ଅସୁସ୍ଥ ହେଲେ ଡୋରା ତାକୁ ଅହର୍ନିଶ ଜଗି ବସିଥାଏ। ସକଳ ତାଡ଼ନା ତାହା ନିକଟରେ ବ୍ୟର୍ଥ। ଅବଶେଷରେ ସେହିଠାରେ ତା'ର ପାନାହାର ଯୋଗାଇବା ଲାଗି ହୁକୁମ ହେଲା। ଡୋରାର ପାଦ ଥରେ ଜଖମ ହେଲା। ଜଲି ଭଲ କରି ଜାଣେ ଡୋରାର ବଳ ଅପରିସୀମ; କିନ୍ତୁ ବୁଝିପାରିଲା ନାହିଁ କାହିଁକି ତାକୁ ଏତେଦିନ ଏକ ସ୍ଥାନରେ ବନ୍ଧା ହୋଇ ରହିବାକୁ ହୋଇଛି। ତା'ର ପାଦ ମୁଖରେ ସ୍ପର୍ଶ କରି ତା'ର ବ୍ୟଥା କେଉଁଠାରେ ଜାଣିବା ପାଇଁ ସଚେଷ୍ଟ ହେଲା।

ଡୋରା ଗୋଟିଏ ଇଂଲିଶ୍ ଗ୍ରେ-ହାଉଣ୍ଡ ଏବଂ ଜଲି ଗୋଟିଏ ଗଡ଼ଜାତ ଜଙ୍ଗଲର କୃଷ୍ଣସାର। ଡୋରା ଆସିଛି ବିଖ୍ୟାତ ଲଣ୍ଡନ ନଗରୀରୁ, ଜଲିର ଜନ୍ମସ୍ଥାନ ଓଡ଼ିଶାର ନିଭୃତ ଅରଣ୍ୟାନୀ। ଡୋରା ସମ୍ପୂର୍ଣ୍ଣ ମାଂସାଶୀ, ଜଲି ନିରାଟ ଶାକାହାରୀ; କିନ୍ତୁ ଅତି ଛୋଟଦିନୁ ଦୁହିଁଙ୍କ ମଧ୍ୟରେ ସଦ୍ଭାବ ଜନ୍ମି ଯାଇଥିଲା।

ଡୋରାର ଅସୁସ୍ଥତା ନିବାରଣ ପାଇଁ ଜଲି ତାହାର ସର୍ବାଙ୍ଗ ଲେହନ କରି ଶୁଶ୍ରୂଷାରେ ଲାଗିଲା। ଅବଶେଷରେ ଡୋରା ଟିକିଏ ସୁସ୍ଥ ହୋଇ ପ୍ରଥମେ ଆସ୍ତେ ଆସ୍ତେ ଚାଲିବାକୁ ଆରମ୍ଭ କଲା। ତା'ପରେ ଯେତେବେଳେ ବସନ୍ତ ପୁଣି ଲେଉଟିଲା, ଫୁଲର ଗନ୍ଧ ଚହଟିଲା, ଦୁଇ ବନ୍ଧୁ ଦକ୍ଷିଣାଭିମୁଖରେ ଇତସ୍ତତଃ ଧାଇଁ କ୍ରୀଡ଼ା-କୌତୁକରେ ମଗ୍ନ ହେଲେ- ଯେପରିକି ଏହି ଆନନ୍ଦର ସ୍ରୋତ ଯେଉଁ ଦିଗରୁ ଭାସିଆସୁଛି, ସେହି ରହସ୍ୟମୟ ଦେଶଟାକୁ ଦୁହେଁ ମିଳି ଏକ ମୁହୂର୍ତ୍ତରେ ଆବିଷ୍କାର କରିନେବେ। ଦୁହିଁଙ୍କ ଦୌଡ଼ିବାର ଭଙ୍ଗୀରେ ବିଶେଷ ପାର୍ଥକ୍ୟ ଓ ସୌନ୍ଦର୍ଯ୍ୟ କଳା ନିହିତ ଅଛି। ଡୋରା ଯେତେବେଳେ ଦୌଡ଼େ, ସେତେବେଳେ ଗୋଟିଏ ଲମ୍ବମାନ କ୍ଷୀଣସୂତ୍ର ଭୂମିରେ ମିଶିଗଲା ପରି ମନେହୁଏ। ସେତେବେଳେ ତା'ର ଚକ୍ଷୁ, କର୍ଣ୍ଣ, ପାଦ, ମୁଖ ଇତ୍ୟାଦି ଚିହ୍ନିବାର ଉପାୟ ନାହିଁ; କିନ୍ତୁ ଜଲିର ଦୌଡ଼ର ଭଙ୍ଗିମା ଭିନ୍ନ ଧରଣର। ସେ ଯେପରି ପ୍ୟାରିସ୍ ଡାନ୍‌ସ! ଗୋଡ଼ ଯେପରି ତା'ର ତଳେ ଲାଗୁନାହିଁ; କେବଳ ଶୂନ୍ୟେ ଶୂନ୍ୟେ ନାଚିଯାଉଛି।

ପଶୁ ଦିଓଟି ଜମିଦାରବାବୁଙ୍କର ବଡ଼ ପ୍ରିୟ ଥିଲେ। ଡୋରା ତ ବିଲାତ ରପ୍ତାନି ବୋଲି ତା'ର ଇଂରାଜୀ ନାମ ରଖାଯାଇଥିଲା; ଜଲିକୁ ତା'ର ଅତ୍ୟନ୍ତ ପ୍ରିୟ ଦେଖି ତାକୁ ମଧ୍ୟ ସେହି ଭାଷାରେ ଅନ୍ୟ ଗୋଟିଏ ନାମରେ ଅଭିହିତ କରାଯାଇଥିଲା। କର୍ମକ୍ଳାନ୍ତ ଦିବସ ପରେ ଜମିଦାରବାବୁ ଯେତେବେଳେ କଚେରି ସମ୍ମୁଖସ୍ଥ ପ୍ରକାଣ୍ଡ ପଡ଼ିଆରେ ସାୟଂଭ୍ରମଣ ଉଦ୍ଦେଶ୍ୟରେ ବାହାରନ୍ତି, ସେତେବେଳେ ଏ ଦିଓଟି ପଶୁ ତାଙ୍କର ସହଚର ହୋଇ ଚାଲିବାରେ ଏବଂ ତାଙ୍କ ସମ୍ମୁଖରେ କ୍ରୀଡ଼ାକୌତୁକ କରିବା ଦ୍ୱାରା ତାଙ୍କ ଶ୍ରାନ୍ତ ଅନ୍ତରରେ ଯେ ଆନନ୍ଦ ସଞ୍ଚାର କରନ୍ତି, ତାହାର ମୂଲ୍ୟ ସାମାନ୍ୟ ନୁହେଁ। ତାହା ନ ହେଲେ ଶିକାରସ୍ଥଳୀରେ ଡୋରାର କିଛି ଆବଶ୍ୟକତା ଅଛି, ଜଲି ତ ସମ୍ପୂର୍ଣ୍ଣ ଅନାବଶ୍ୟକ। ତଥାପି ଜମିଦାରବାବୁଙ୍କର କର୍ମପ୍ରବାହ ମଧ୍ୟରେ ଜଲିର ଟିକିଏ ସ୍ଥାନ ଅଛି। ସେହି ଆନନ୍ଦ ଟିକକର କାରଣ ସେ।

ଜମିଦାରବାବୁ ଗସ୍ତରେ ଯେତେବେଳେ ବାହାରନ୍ତି, ଜଲି ତାଙ୍କ ହାତ ଚାଟି ଚାଟି ଗୋଡ଼ରେ ଘଷି ହୋଇ ଚାଲେ। ଡୋରା କେତେବେଳେ ପଛରେ ରହିଗଲେ ଛୁଟିଆସି ତାଙ୍କ ସମ୍ମୁଖରେ ନମସ୍କାର ଛଳରେ କରଯୋଡ଼ି ହୋଇ ବସିପଡ଼ି ଲାଙ୍ଗୁଳ ହଲାଏ। କେତେବେଳେ ତାଙ୍କ ଦୁଇ ପାଦ ମଧ୍ୟରେ ପ୍ରବେଶ କରି ଗତି ଶିଥିଳ କରିଦିଏ। ଅନ୍ୟ କୌଣସି କୁକୁର ଯେବେ ଆସି ଜଲି ଉପରେ ଲୋଲୁପ ଦୃଷ୍ଟି ପକାଏ, ଜଲି ତ୍ରସ୍ତକାତର ହୋଇ ବାବୁଙ୍କ ଦୁଇ ପାଦ ମଧ୍ୟରେ ଠେଲି ଠେଲି ପ୍ରବେଶ କରେ। ଡୋରା ଜାଣିପାରି ସଙ୍ଗେ ସଙ୍ଗେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ଦେଖାଦେବା ମାତ୍ରକେ ତା'ର ସ୍ୱଜାତିମାନେ ପୃଷ୍ଠପ୍ରଦର୍ଶନ କରି ବିନୀତ ଭାବରେ ଅପସାରିତ ହୁଅନ୍ତି। କାରଣ ଡୋରାର ବଳବୀର୍ଯ୍ୟ ତା'ର ପଡ଼ୋଶୀମାନଙ୍କୁ ଅଜ୍ଞାତ ନ ଥିଲା।

ଜମିଦାରବାବୁଙ୍କର ଶିକ୍ଷା ରାୟପୁରଠାରେ ହିଁ ସମାପ୍ତ ହୋଇଛି। ବେଶ୍ ଆଧୁନିକ ଧରଣର ଲୋକ, ମିଷ୍ଟାଳାପ, ଶିଷ୍ଟାଚାର ଇତ୍ୟାଦି ଗୁଣର ଅଭାବ ନ ଥିଲା। ଦେଶୀ ଲୋକଙ୍କ ପାଖରେ କୁର୍ତ୍ତା ଚାଦରପକା ଖାଣ୍ଟି ଦେଶୀ ଓ ବିଲାତୀଙ୍କ ପାଖରେ ପୂରା ସାହେବ। ଅବସର ସମୟରେ ବଡ଼ ବଡ଼ ସାହେବସୁବା ଶିକାର ଉଦ୍ଦେଶ୍ୟରେ ଜମିଦାର ଭବନରେ ଆତିଥ୍ୟ ଗ୍ରହଣ କରିଥାଆନ୍ତି। ସେମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ ବେଶ୍ ଆୟୋଜନରେ ଅତିଥିଶାଳା ନିର୍ମାଣ କରାଯାଇଅଛି।

କେବଳ ଜଲି ଓ ଡୋରା ତାଙ୍କର ପୋଷା ନ ଥିଲେ। ଏହାଛଡ଼ା କେତେ ଜାତିର ପକ୍ଷୀ, ମର୍କଟ, ଭଲ୍ଲୁକ, ମତ୍ସ୍ୟ ଇତ୍ୟାଦି କେତେ ଜୀବ ଜମିଦାରବାବୁଙ୍କ ଅନ୍ନରେ ପ୍ରତିପୋଷିତ ହେଉଥିଲେ। କହିବାକୁ ଗଲେ ଜମିଦାର-ଭବନରେ ଗୋଟିଏ ଛୋଟ ଧରଣର ଚିଡ଼ିଆଖାନା ଥିଲା।

କିନ୍ତୁ ଡୋରା ଓ ଜଲି ତାଙ୍କର ପାର୍ଶ୍ୱଚର। ବିଶେଷତଃ ତାଙ୍କର ଅତି ସ୍ନେହର ଏକମାତ୍ର କନ୍ୟାଟି ଜଲି ଓ ଡୋରାର ଅନ୍ୟତମ ସଙ୍ଗୀ ଥିଲା। ତା'ର ଅଧିକାଂଶ ସମୟ ସେ ଏ ଦୁହିଁଙ୍କୁ ନେଇ ଥାଏ। ବଗିଚାରେ ଧାଈର ତତ୍ତ୍ୱାବଧାନରେ ସେ ଯେତେବେଳେ କଅଁଳ ଘାସ ଛିଣ୍ଡାଏ, ଜଲି ଜାଣିପାରି ତା' ମୁହଁ ପାଖରେ ନିଜ ମୁହଁଟି ନେଇ ରଖେ। ଡୋରା ଦୌଡ଼ିଆସି ତା'ର ଏହି ଛୋଟ ଖାମିଦାଣୀ ପାଖରେ କେତେ ଗେଲ-କୌତୁକର ଅଭିନୟ କରେ। ଖାମିଦାଣୀ 'ତୁ କାଇବୁ' 'ତୁ କାଇବୁ', କହି ତା' ମୁହଁରେ ଘାସ ଗୁଞ୍ଜି ଦିଅନ୍ତି। ସେ ଅମାନ୍ୟ ନ କରି ମୁଖରେ ତାହା ଧରି ସ୍ୱୀୟ ବାଧ୍ୟତା ଜ୍ଞାପନ କରେ। ବାରନ୍ଦା ଇଜି-ଚେୟାରରେ ବସି ଏସବୁ ନିରୀକ୍ଷଣ କରି ବାବୁଙ୍କ ଚିତ୍ତ ଉତ୍‌ଫୁଲ୍ଲ ହୋଇଉଠେ।

ଜମିଦାରବାବୁ ସାହେବମାନଙ୍କ ସହିତ ଯେତେ ମିଳାମିଶା କରନ୍ତୁ, ଦେଶୀ ଲୋକମାନଙ୍କ ପ୍ରତି ଯେ ତାଙ୍କର ଅବଜ୍ଞା ଅଥବା ଘୃଣା ଥିଲା, ଏହା ବୋଲାଯାଇ ନ ପାରେ। ଦେଶର କୌଣସି ପଦସ୍ଥ ବ୍ୟକ୍ତି ତାଙ୍କର ଦ୍ୱାରସ୍ଥ ହେଲେ ତାଙ୍କ ସମ୍ମାନ ଅଭ୍ୟର୍ଥନାରେ କୌଣସି ତ୍ରୁଟି ହେଉ ନ ଥିଲା। ପ୍ରଜାମାନଙ୍କ ମଧ୍ୟରେ ମଧ୍ୟ ଶିକ୍ଷିତ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ପ୍ରତି ଯଥାଯୋଗ୍ୟ ସମ୍ମାନ ଦେଖାଯାଉଥିଲା। ତଥାପି ଲୋକମତ ତାଙ୍କ ରୀତିଗତିର ଅନୁକୂଳରେ ନ ଥିଲା। ବୁଢ଼ା ବୁଢ଼ା ଲୋକେ ତାଙ୍କୁ ଭ୍ରଷ୍ଟ ବିଧର୍ମାଚାରୀ କହୁଥିଲେ। ଆଉ କେହି କେହି ବହୁବ୍ୟୟୀ, ପ୍ରଜାପୀଡ଼କ କହୁଥିଲେ। ଦେଶଚକ୍ଷୁରେ ତାଙ୍କର ପ୍ରଧାନ ଦୋଷ, ସେ ବିଦେଶୀୟମାନଙ୍କ ସହିତ ମିଶିଲେ ଏବଂ ସେହିମାନଙ୍କ ଆଚାର ଗ୍ରହଣ କଲେ। ଯଥାର୍ଥରେ ତାଙ୍କର ଆହାର ପରିଚ୍ଛେଦରେ ବିଜାତୀୟଭାବ ଅନେକ ପରିମାଣରେ ଲକ୍ଷିତ ହେଉଥିଲା। ସେସବୁରେ ଯେତିକି ସଂଯମ ଆବଶ୍ୟକ, ସେ ତା'ର ସମ୍ପୂର୍ଣ୍ଣ ଅବହେଳା କରୁଥିଲେ।

ଏଥର ଶୀତ ଛୁଟିରେ ପୋଲିସ ବିଭାଗର ଡି.ଆଇ.ଜି. ସାହେବ ଶିକାର ଉଦ୍ଦେଶ୍ୟରେ ଜମିଦାର ଭବନରେ ଆତିଥ୍ୟ ଗ୍ରହଣ କରିବେ ବୋଲି ଲେଖି ପଠାଇଛନ୍ତି। ତାଙ୍କ ସହିତ ତାଙ୍କର ସ୍ତ୍ରୀ ଓ କନ୍ୟା ଆସିବେ। ଡି.ଆଇ.ଜି. ସାହେବଙ୍କ ସହିତ ଜମିଦାରବାବୁଙ୍କର ବନ୍ଧୁତା ବହୁଦିନର। ଏଥର ପୁଣି ସଙ୍ଗରେ ସ୍ତ୍ରୀ-କନ୍ୟା ଆସୁଛନ୍ତି। ଚାରିଦିନ ଆଗରୁ ଅତିଥିଶାଳା ପରିଷ୍କୃତ ହୋଇ ସଜାସଜି ଲାଗିଛି ଏବଂ ଯେଉଁ ସ୍ଥାନରେ ହରିଣ ଓ ପକ୍ଷୀ ପ୍ରଭୃତି ଶିକାର କରିବାର କଥା, ସେ ସ୍ଥଳରେ ତମ୍ବୁ ପ୍ରଭୃତିର ଆୟୋଜନ ଚାଲିଛି। ଆବଶ୍ୟକ ଜିନିଷ କିଣିବା ଲାଗି କଟକରୁ ଲୋକ ପଠାଯାଉଅଛି। ଚାକର, ବେଠିଆ ଓ ଅମଲା ପ୍ରଭୃତି ବ୍ୟତିବ୍ୟସ୍ତ ହୋଇ ଲାଗିପଡ଼ିଛନ୍ତି। ସବୁଥର ପରି ଏଥର କାହାରିକି ମରିବାକୁ ଡର ନାହିଁ। ସବୁଥର ପରି ଏଥର ମଧ୍ୟ ଜମିଦାରବାବୁଙ୍କ ପଶ୍ଚାତ୍‌ରେ ଗାଳିବର୍ଷଣ କରୁଛନ୍ତି।

ସାହେବଙ୍କ ଆସିବା ସମୟକୁ ତାଙ୍କୁ ବାଟରୁ ସଙ୍ଗୋଳି ଆଣିବା ଲାଗି ଜମିଦାରବାବୁ ଖଣ୍ଡେଦୂର ମଟରରେ ଗଲେ। ନିର୍ଦ୍ଦିଷ୍ଟ ସମୟରେ ସାହେବ ପହଞ୍ଚିଗଲେ। ତାଙ୍କର ସ୍ତ୍ରୀ-କନ୍ୟାମାନଙ୍କ ସହିତ ଯୋଗଦେଇ ଜମିଦାରବାବୁଙ୍କ ମନପ୍ରାଣ ଆପ୍ଲୁତ ହୋଇଉଠିଲା। ଜମିଦାର ଭବନରେ ମହା ଚାଞ୍ଚଲ୍ୟ, କାହାରି ଦଣ୍ଡେ ସ୍ଥିର ହୋଇ ରହିବାର ସମୟ ନାହିଁ। ସମସ୍ତେ ଦୌଡ଼-ଧାପଡ଼ କରୁଛନ୍ତି। ଅତିଥିମାନଙ୍କ ସହିତ ଠିକ୍ କରାଗଲା, ଆଜି ଅତିଥିଶାଳାରେ ରହି ପରଦିନ ପ୍ରାତଃଭୋଜନ ପରେ ଶିକାରସ୍ଥଳୀକୁ ଯାତ୍ରା କରିବାକୁ ପଡ଼ିବ।

ଶିକାରସ୍ଥଳୀ ଜମିଦାର ଭବନରୁ ବାର ଚୌଦ ମାଇଲ ରାସ୍ତା, ନିପଟ ଜଙ୍ଗଲ ମଧ୍ୟରେ, ଘର ଗାଁ ପାଖରେ ନାହିଁ। ଚାକର, ଖାନ୍‌ସମା, ବେଠିଆ ପ୍ରଭୃତି ଆଗରୁ ସବୁ ଜିନିଷପତ୍ର ନେଇ ଚାଲିଗଲେ। ପଛରେ ସାହେବ ପରିବାର, ଜମିଦାରବାବୁ, ସାହେବଙ୍କ ଦୁଇଟା ଶିକାରୀ କୁକୁର ଏବଂ ଜମିଦାରବାବୁଙ୍କର ଡୋରା ଓ ଜଲି ମଟର ଆରୋହଣ କରି ଚାଲିଲେ। ଜଲିର ଯିବା ଅନାବଶ୍ୟକ ହେଲେହେଁ ଡୋରା ତାକୁ ଛାଡ଼ି କୌଣସି ସ୍ଥାନରେ ରହିବ ନାହିଁ। ଯେଉଁ ଦେଶକୁ ନିଆଯାଉ ସୁଯୋଗ ପାଇଲେ ଆସି ତା' ନିକଟରେ ହାଜର ହେବ। ସୁତରାଂ ଜଲିକୁ ମଧ୍ୟ ସାଙ୍ଗରେ ନେବାକୁ ହେଲା। ସେଥିପାଇଁ ଅବଶ୍ୟ ଛୋଟ ଖାମିଦାଣୀଙ୍କର ଅନୁମତି ନିଆଯାଇଅଛି। ତାଙ୍କର ହୁକୁମ ହୋଇଛି, ଦୁଇ ଦିନରୁ ଅଧିକ କାଳ ଡୋରା ଓ ଜଲିକୁ ଯେପରି ଅଟକା ନ ଯାଏ।

କିନ୍ତୁ 'ମେରି କ୍ରିଷ୍ଟମାସ୍'ର ଆନନ୍ଦ ଉତ୍ସାହରେ ଶିକାରସ୍ଥଳୀରେ ରହିବାର ଆଜି ପାଞ୍ଚ ଦିନ ହୋଇଗଲା। ସେହି ଜଙ୍ଗଲର ଜାଗାଟାରେ ସାହେବଙ୍କ ମନୋନୀତ ସବୁ ଜିନିଷ ଯୋଗାଯାଉଛି। ତାଙ୍କର ଅସୁବିଧା ହେବା ଦୂରେ ଥାଉ, ସହରର କୋଳାହଳ କ୍ଳାନ୍ତ ଜୀବନରେ ଏହି ନିର୍ଜନ ବନବାସ ଦ୍ୱାରା ସେମାନଙ୍କର ଭାରି ଆନନ୍ଦ ଜନ୍ମିଛି। ସୁତରାଂ ଦୁଇ ଦିନ ପାଇଁ ଆସି ଆଜି ପାଞ୍ଚ ଦିନ ହୋଇଗଲା, ସାହେବଙ୍କର ଫେରିବା ପାଇଁ କୌଣସି ଉଦ୍‌ବେଗ ନାହିଁ। ଆଜି କିନ୍ତୁ ସବୁ ଜିନିଷପତ୍ର ଶେଷ ହୋଇଆସିଅଛି। କାଲି ପ୍ରାତଃରୁ ଫେରିବା କଥା।

ମଧ୍ୟାହ୍ନ ଭୋଜନ କରି ସାହେବଙ୍କ ସହ ଜମିଦାରବାବୁ ଶିକାର ଉଦ୍ଦେଶ୍ୟରେ ବାହାରିଲେ। ଗତ ଚାରି ଦିନ ସାହେବଙ୍କର ସ୍ତ୍ରୀ-କନ୍ୟାମାନେ ଖେଳକୌତୁକ, ନୃତ୍ୟଗୀତ ଆକଣ୍ଠ ଉପଭୋଗ କରିଯାଇଛନ୍ତି। ଆଜି ଆଉ ସେମାନେ ଶିକାରର ସହଯାତ୍ରୀ ହୋଇପାରିଲେ ନାହିଁ। ନିରୀହ ଚାକର ବେଠିଆଗୁଡ଼ିକ ଗୋଟିଏ ବିରାଡ଼ିପିଲା ନ ମାରି ମଧ୍ୟ କେବଳ ଟିକିଏ ଶିକାରରେ ସାହାଯ୍ୟ କରିବାରେ ଧକେଇ ପଡ଼ିଛନ୍ତି। ତଥାପି ସେମାନଙ୍କ ମଧ୍ୟରୁ ଦୁଇ ତିନି ଜଣଙ୍କୁ ଯିବାକୁ ହେଲା। ପକ୍ଷୀ ମାରିବାରେ ଥରେ ଦୁଇ ଥର ଲକ୍ଷ୍ୟଭ୍ରଷ୍ଟ ହେବାରୁ ଆଉ ମାରିବା ଅସମ୍ଭବ ହୋଇପଡ଼ିଲା। ପକ୍ଷୀମାନଙ୍କୁ ପୁନଶ୍ଚ ଆସି ବସିବାକୁ ଅବସର ଦେବା ଉଦ୍ଦେଶ୍ୟରେ ଏବଂ ସେ ସମୟଟା ହରିଣ ପ୍ରଭୃତି ଅନୁସନ୍ଧାନ କରିବା ଲାଗି ଶିକାରୀ ଦ୍ୱୟ ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟକୁ ବାହାରିଲେ। ନାନା ଦିଗରେ ଭ୍ରମି କୌଣସିଠାରେ କିଛି ସନ୍ଧାନ କରିପାରିଲେ ନାହିଁ। ଚାକର ତିନିଟାଙ୍କୁ ହରିଣ ଦେଖିବାକୁ ଜଙ୍ଗଲକୁ ପଠାଗଲା। ସେମାନେ କେଉଁଠାରେ ବସି ପିକା ଟାଣିଲେ କି ଗୁଣ୍ଡପତ୍ର ମକଚି ଖୁସିଗପ କଲେ, ତାହା ଦେଖିବାର ତ ଉପାୟ ନାହିଁ। ଶିକାରୀ ଦୁଇ ଜଣ ନିଃଶବ୍ଦ ପଦକ୍ଷେପରେ ଏ ଜଙ୍ଗଲ, ସେ ଜଙ୍ଗଲ ଖୋଜିବାକୁ ଲାଗିଲେ। ତମ୍ବୁ ନିକଟରୁ ତିନି ମାଇଲ ଦୂରରେ ଯାଇ ପଡ଼ିଛନ୍ତି ବୋଲି କାହାରି ଭ୍ରୂକ୍ଷେପ ନାହିଁ।

ସେତେବେଳକୁ ବେଳ ରତରତ ହୋଇଆସୁଛି। ନିକଟବର୍ତ୍ତୀ ପାହାଡ଼ ଉଢ଼ାଳରେ ସୂର୍ଯ୍ୟ ଲୁଚିଯାଇଛ; କିନ୍ତୁ ତା'ର ରକ୍ତିମ ଆଭା ପଶ୍ଚିମାକାଶରେ ଖେଳେଇ ପଡ଼ିଛି। ଶିକାରୀ ଦ୍ୱୟ ଜୀବଦେହରେ ଲାଲ ରକ୍ତ ଦେଖିବାର ଅଭିଳାଷୀ, ଏ ଦିଗରେ ନଜର ନାହିଁ। ତେଣେ କିନ୍ତୁ ପୂର୍ବଦିଗ ମେଘାଚ୍ଛନ୍ନ କରି ଅନ୍ଧାର ଘୋଟି ଆସିଲାଣି। ପୃଥିବୀ ଉପରେ ଏମାନଙ୍କର ଦୃଷ୍ଟି, ଆକାଶ ସହିତ ସମ୍ପର୍କ କ'ଣ? ଭାବୀ ବୃଷ୍ଟିର ଶୀତ ପବନ ଯେତେବେଳେ ଦେହରେ ଲାଗିଲା, ଶିକାରୀ ଦ୍ୱୟ ଫେରି ଚାହିଁଲେ ଅକସ୍ମାତ୍ ବୃଷ୍ଟିର ଆୟୋଜନ। ତମ୍ବୁ ନିକଟରୁ ସେମାନେ ତିନି ଚାରି ମାଇଲ ଦୂରବର୍ତ୍ତୀ ହୋଇପଡ଼ିଛନ୍ତି।

ସୁତରାଂ ବର୍ଷା ପୂର୍ବରୁ ତମ୍ବୁ ଧରିବା ଅସମ୍ଭବ। ଅଗତ୍ୟା ବନ୍ଧୁକ-ସ୍କନ୍ଧ ହୋଇ ଦୁଇ ବନ୍ଧୁ ମିଲିଟାରୀ ଡବଲ ମାର୍ଚ୍ଚ ଆରମ୍ଭ କରିଦେଲେ। କିନ୍ତୁ ଠିକ୍ ସେହି ସମୟରେ ହୁ-ହୁ ଆନନ୍ଦଧ୍ୱନି କରି ମେଘ ସେମାନଙ୍କୁ ଆକ୍ରମଣ କଲା। କୌଣସି ଦିଗରେ ନିକଟରେ ଆଶ୍ରୟ ନାହିଁ। ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ, ଘୂର୍ଣ୍ଣିବାୟୁ ସଙ୍କୁଳିତ ଅରଣ୍ୟାନୀ ମଧ୍ୟରେ ମହାକ୍ରନ୍ଦନରୋଳ ଉପୁଜାଇଦେଲା। ଅତି କଷ୍ଟରେ ସନ୍ତର୍ପଣରେ ଦୁଇଜଣ ବାଟ ଖୋଜି ଖୋଜି ଚାଲିଲେ। ପରିଚ୍ଛଦ ସବୁ ଓଦା ହୋଇ ଖୁବ୍ ଭାରି ହୋଇଗଲା। ଦୀର୍ଘନିଃଶ୍ୱାସ ଛାଡ଼ି ତମ୍ବୁରେ ପହଞ୍ଚିଲାବେଳକୁ ରାତି ଆଠଟା।

ନୈଶଭୋଜନର କୌଣସି ବନ୍ଦୋବସ୍ତ ନାହିଁ, ତାହାହିଁ ବର୍ତ୍ତମାନ ବିଶେଷ ଭାବନାର ବିଷୟ ହୋଇପଡ଼ିଲା। ଶିକାର ତ କିଛି ହେଲା ନାହିଁ। ଆଉ ମଧ୍ୟ ପରଦିନ ପ୍ରାତଃରୁ ଏ ସ୍ଥାନ ଛାଡ଼ିବାର ବରାଦ ଥିବାରୁ ଏବଂ ଶିକାର ପାଇବା ବିଷୟରେ କୌଣସି ସନ୍ଦେହ ନ ଥିବାରୁ ପୂର୍ବରୁ ନୈଶଭୋଜନ ପାଇଁ କୌଣସି ଆୟୋଜନ କରାଯାଇ ନ ଥିଲା। ବର୍ତ୍ତମାନ ଆଉ ଉପାୟ ନାହିଁ। ଜମିଦାରଙ୍କ ଉଆସ ଏଠାକୁ ବାର ଚୌଦ ମାଇଲ ଦୂର। ଏ ବର୍ଷାରେ ପୁଣି ସେ ସ୍ଥାନକୁ ଯାଇ ରାତି ଭିତରେ ଖାଦ୍ୟ ଦ୍ରବ୍ୟ ଆଣିବା କି ସମ୍ଭବ! ମଟର ରାସ୍ତା ତ ବର୍ଷାଜଳରେ ଅଗମ୍ୟ ହୋଇପଡ଼ିଥିବ। ନିକଟବର୍ତ୍ତୀ ସେପରି କୌଣସି ସ୍ଥାନ ନାହିଁ, ଯେଉଁଠାରେ ସାହେବ ଓ ଜମିଦାରବାବୁଙ୍କ ଆହାରୋପଯୋଗୀ କିଛି ହେଲେ ମିଳିବ। ମାଂସ ନ ହେଲେ ଯେ ଅନାହାର! ଆଜି ପୁଣି ଏବେ ବିପଦ ସହ୍ୟ କରାଯାଉଛି। ସମସ୍ତଙ୍କର ଭାବନା ପଡ଼ିଗଲା। ଜମିଦାରବାବୁଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କଲେ ହେଁ ସାହେବଙ୍କର ମଧ୍ୟ ଭାବନା ପଡ଼ିଲା। କାରଣ ଶିକାର କରିବାକୁ ଯିବାବେଳେ ଜମିଦାରବାବୁ ଲୋକ ପଠାଇ ମାଂସର ଆୟୋଜନ କରିବାକୁ ଯାଉଥିଲେ। ସାହେବ କିନ୍ତୁ ଶିକାର ନିଶ୍ଚୟ ମିଳିବ କହି ତାଙ୍କୁ ସେସବୁ ଆୟୋଜନରୁ ନିବୃତ୍ତ କରାଇଥିଲେ। କରାଯାଏ କ'ଣ? ଜମିଦାରବାବୁ ଅଯଥା ବେଠିଆ ଚାକରଗୁଡ଼ାକ ଉପରେ କ୍ରୁଦ୍ଧ ହେଲେ।

ଏସବୁ ଦେଖି ସାହେବ ଟିକିଏ ମୁରୁକିହସା ଦେଇ କହିଲେ, "Well, let me device one means of the dinner." (ଆଚ୍ଛା, ରାତ୍ରିଭୋଜନର ଗୋଟାଏ ବ୍ୟବସ୍ଥା କରାଯାଉ)–

ଜମିଦାରବାବୁ ସେହି ହାସ୍ୟର ଉତ୍ତର ହାସ୍ୟରେ ପ୍ରଦାନ କରି କହିଲେ, "Well!"

ସାହେବ କହିଲେ, "Won't you mind spare your heart? It will make a sumptuous feast and you can have a lot of them from the jungles. Don't you like the idea?" (ଆପଣଙ୍କର ହରିଣଟିକୁ ଦେବାକୁ କିଛି ଆପତ୍ତି ଅଛି କି? ଏହା ବେଶ୍ ସୁନ୍ଦର ଆହାର ହେବ ଏବଂ ଜଙ୍ଗଲରୁ ଆପଣ ସେଥିରୁ ଅନେକ ପାଇପାରିବେ। କିପରି କଥାଟା ଭଲ ଲାଗୁ ନାହିଁ?)

ଜମିଦାରବାବୁ କ'ଣ ଭାବୁଥିଲେ। ସାହେବଙ୍କ ବାକ୍ୟ ଶେଷ ହେବାର ଦେଖି ହଠାତ୍ ଚମକିପଡ଼ି ଉତ୍ତର କଲେ, "Oh yes, it's a fine idea." (ଠିକ୍ କହିଛନ୍ତି)। ଜମିଦାରବାବୁ ସମ୍ଭ୍ରାନ୍ତ ବନ୍ଧୁ ଅତିଥିଙ୍କ କଥାରେ ଅମତ ହୋଇପାରିଲେ ନାହିଁ, କିନ୍ତୁ ଜଲି କଥା ଶୁଣି ତାଙ୍କ ହୃଦୟଟା କାହିଁକି ଦପ୍ କରି ପଡ଼ିଗଲା। ଜଲି ପ୍ରତି ତାଙ୍କର ଟିକିଏ ବିଶେଷ ମମତା ଜନ୍ମିବାର କାରଣ ଅଛି। ଦିନେ ଅନ୍ୟ ଏକ ବିଦେଶୀୟ ବନ୍ଧୁଙ୍କ ସପକ୍ଷରେ ନିଜ ଶିକାର କୌଶଳର ତାରିଫ୍ ଦେଖାଇବାକୁ ଯାଇ ସେ ଜଲିକୁ ପାଇଥିଲେ। ସେତେବେଳେ ତା'ର ମା' ତାକୁ ସ୍ତନ୍ୟପାନ କରାଉଥିଲା। ଜମିଦାରବାବୁଙ୍କ ଗୁଳି ବସି ମାଆଟି ଢଳିପଡ଼ିଲା; କିନ୍ତୁ ନିର୍ବୋଧ ଶିଶୁ ନିର୍ଭୟରେ ଠିଆ ହୋଇ ରହିଲା। ଜମିଦାରବାବୁଙ୍କ ଲୋକ ଯେତେବେଳେ ତାକୁ ଧରିବାକୁ ଗଲା, ମା' ନିକଟରେ ଅଛି ବୋଲି ସେ ନିଃଶଙ୍କ ଭାବରେ ଦଣ୍ଡାୟମାନ ରହିଲା। ବିଦେଶୀୟ ବନ୍ଧୁଙ୍କଠାରୁ ଏହି ଶିକାର କୌଶଳରେ ଯଥେଷ୍ଟ ବାହାବା ପାଇଲେ ହେଁ ଏହି କ୍ଷୁଦ୍ରଶିଶୁର ନିର୍ବୋଧ ଆଖି ଦିଓଟିକି ଚାହିଁ ତା'ର ମାତୃହନ୍ତା ଜମିଦାରବାବୁଙ୍କର ତା' ପ୍ରତି ସେହିଦିନୁ ଗୋଟାଏ କିପରି ବାତ୍ସଲ୍ୟ ଓ ଶ୍ରଦ୍ଧା ଜନ୍ମି ଯାଇଥିଲା।

ଜଲିକୁ ହତ୍ୟା କରି ଦିନେ ତା'ର ମାଂସ ଭକ୍ଷଣ କରିବାକୁ ହେବ, ଏକଥା ସେ କେବେ କଳ୍ପନା କରିପାରି ନ ଥିଲେ। ବର୍ତ୍ତମାନ ସେହି ପରାମର୍ଶ ଶୁଣି ଜମିଦାରବାବୁଙ୍କ ଶିକାରୀ ଅନ୍ତର ମଧ୍ୟ କିପରି ଟିକିଏ ଦବିଗଲା। ତାହା ବୋଲି ଏତେବଡ଼ ସମ୍ଭ୍ରାନ୍ତ ଅତିଥିଙ୍କୁ କ'ଣ ନାହିଁ କରିଦିଆଯାଇପାରେ? ଜମିଦାରବାବୁଙ୍କ ସମ୍ମତି ପାଇ ସାହେବ ମହାନନ୍ଦରେ ନିଜେ କାଟିବାକୁ ଉଦ୍ୟତ ହେଲେ। ନିଜ ହାତରେ କିଛି ହେଲେ ଶିକାର ନ କଲେ ସେଦିନ ତାଙ୍କ ମନଟା ଭଲ ରହେ ନାହିଁ। ଯୁଦ୍ଧରେ ବହୁତ ଲୋକଙ୍କର ପ୍ରାଣ କ୍ଷୟ କରିଥିଲେ ବୋଲି ତାଙ୍କର ବଡ଼ ସୁଖ୍ୟାତି ଅଛି। ଶୁଣାଯାଏ, କୌଣସି ଦିନ ଶିକାର ନ ମିଳିଲେ ସେହି ଉଦ୍ଦେଶ୍ୟରେ ପାଳିତ କୁକ୍କୁଟ ପ୍ରଭୃତି ଗୋଟାଏ କିଛି ଜୀବ ବଧ କଲେ ତାଙ୍କ ମସ୍ତିଷ୍କ ଥଣ୍ଡା ରହେ। ଏହି ଅଭ୍ୟାସକୁ ତାରିଫ୍ କରି ତାଙ୍କ ସ୍ତ୍ରୀ କୁଆଡ଼େ ବହୁବାର କହିଥାଆନ୍ତି ଯେ, ଦିନେ କିଛି ଶିକାର କରିବାକୁ ନ ପାଇ ସାହେବ ନିଜର ବେକ କାଟିବାକୁ ଉଦ୍ୟତ ହେଉଥିଲେ।

ଜଲି ଓ ଡୋରା ଏକ ଅପରର କୋଳରେ ମୁହଁ ଗୁଞ୍ଜିଦେଇ ମହା ଆରାମରେ ନିଦ୍ରା ଯାଇଛନ୍ତି। ସେ ସମୟରେ ଅପରିଚିତ କୌଣସି ଲୋକ ଡୋରା ନିକଟକୁ ଯିବାକୁ ସାହସ କରିବା ବଡ଼ ଦୁରୂହ। ବିଶେଷତଃ, ଡୋରା ଓ ଜଲି ଏକ ସଙ୍ଗରେ ଥିବା ବେଳେ ଜମିଦାରବାବୁଙ୍କ ମାଧିଆ ଚାକର ବ୍ୟତୀତ ଅନ୍ୟ କାହାରି ସେମାନଙ୍କ ପାଖ ପଶିବାକୁ ଉପାୟ ନାହିଁ। ଜମିଦାରବାବୁଙ୍କ ଇଙ୍ଗିତରେ ଜଲିକୁ ଆଣିବା ଲାଗି ମାଧିଆକୁ ଯିବାକୁ ହେଲା। ତା'ର ପାଦଶବ୍ଦ ଶୁଣି ଡୋରା କେଉଁଠି ଭୁକିଲା। ମାଧିଆ ଚୁପ୍ କହିବାରୁ ସ୍ୱର ବାରିପାରି ସେ ସ୍ଥିର ହୋଇ ରହିଲା; କିନ୍ତୁ ମାଧିଆ ଯେତେବେଳେ ଜଲିକୁ ଉଠାଇ ତାକୁ ସଙ୍ଗରେ ଆଣିବାକୁ ଗଲା, ସେତେବେଳେ ଡୋରା ତା' ସହିତ ଆସିବା ଲାଗି ଅସ୍ଥିର ହୋଇଉଠିଲା। ଅଗତ୍ୟା ମାଧିଆକୁ ଜଲି ସଙ୍ଗେ ସଙ୍ଗେ ଡୋରାର ଶିକୁଳି ଧରି ଆଣିବାକୁ ହେଲା। ଡୋରାର ବୁଦ୍ଧି ଅସମ୍ଭବ ରୂପେ ପ୍ରଖର ହେଲେ ହେଁ ଏ ସମୟରେ ଜଲିକୁ ତା' ନିକଟରୁ ଧରିନେବାର କାରଣ ସେ ପ୍ରଥମେ ବୁଝିପାରିଲା ନାହିଁ। ମାଧିଆ ନିଜେ ଡୋରାକୁ ଧରି ଜଲିକୁ ଖାନ୍‌ସମାମାନଙ୍କୁ ଦେଲା। ଡୋରାର ବଡ଼ ସନ୍ଦେହ ହେଲା। ତଥାପି ସେ ଚୁପ୍ ହୋଇ ଥାଏ। ସାହେବ ସ୍ୱୀୟ ଆତତାୟୀ ପ୍ରକୃତିର ତର୍ପଣ କରିବା ଲାଗି ଉଦ୍ୟତ ହେଲେ। ଛୁରିର ଫଳକ ଆଲୋକପାତରେ ଚକ୍‌ମକ୍ ହୋଇଉଠିଲା।

ଖାନ୍‌ସମା ଦୁଇଜଣ ଜଲିର ଗୋଡ଼ ବାନ୍ଧି ତାକୁ ସ୍ଥିର କରି ଠିଆ କରାଇଲେ, ଯେପରି ଛୁରି ଚାଲିବା ସମୟରେ ସେ କୌଣସି ରକମ ହଲ୍‌ଚଲ ହୋଇ ସାହେବଙ୍କ ଅସୁବିଧା ନ ଘଟାଏ। ଜଲିର ଭାବନା କ'ଣ? ସେ ତା'ର ଜୀବନର ପ୍ରଭୁ ଜମିଦାରବାବୁ ଏବଂ ସକଳ ଦୁଃଖ ବିପଦରେ ଆବାଲ୍ୟ ପରମବନ୍ଧୁ ଡୋରାକୁ ଦେଖି ନିର୍ଭୀକ ଭାବରେ ଠିଆ ହୋଇଥାଏ ଏବଂ ପାଦ ଦିଓଟି ବନ୍ଧା ହେବାରୁ ଥରେ ତା'ର ଦୁଃଖସୁଖର ସାଥୀ ଡୋରା ଏବଂ ଥରେ ତା'ର ଆଶୈଶବ ବିଶ୍ୱାସୀ ପ୍ରଭୁଙ୍କ ପ୍ରତି ଦୃଷ୍ଟି ପକାଉଥାଏ। ଜମିଦାରବାବୁ ବନ୍ଧୁଙ୍କ ପତ୍ନୀ ଓ କନ୍ୟାଙ୍କ ନିକଟରେ ଖୁସିଗପ୍ପରେ ନିମଗ୍ନ ଥାଆନ୍ତି। ତଥାପି ତାଙ୍କ ଭିତରୁ କିଏ କହି ଦେଉଥାଏ ଜଲି ପ୍ରତି ଟିକିଏ ଦୃଷ୍ଟି ପକାଇବାକୁ। ସେ ଚାହିଁ ନ ଚାହିଁଲା ହୋଇ ହସଖୁସିରେ ନିମଗ୍ନ ଥାଆନ୍ତି। ତାକୁ ଚାହିଁଲେ ସେ ମନୁଷ୍ୟ ଭାଷାରେ ଯେପରି କିଛି ପ୍ରକାଶ କରିଦେବାକୁ ଯିବ ଏବଂ ସେଥିରେ ସେ ଦୋଷୀ ସାବ୍ୟସ୍ତ ହେବେ, ଆଉ ତାଙ୍କ ସୁନାମରେ ବାଧା ଘଟିବ। ସାହେବଙ୍କ ହାତରେ ଛୁରି ଦେଖି ଡୋରାର ସନ୍ଦେହ କ୍ରମେ ଦୃଢ଼ୀଭୂତ ହେବାକୁ ଲାଗିଲାଣି। ସାହେବ ଛୁରି ପରିଷ୍କାର କରି ଯେତେବେଳେ ଆସନରୁ ଉଠିଲେ, ଜମିଦାରବାବୁଙ୍କ ଦୃଷ୍ଟି ହଠାତ୍ କାହିଁକି ଜଲି ଉପରେ ପଡ଼ିଲା ଏବଂ ତାଙ୍କର ମନେହେଲା, ଜଲି ଅନେକକ୍ଷଣ ହେଲା ତାଙ୍କୁ ଏହିପରି କାତର ଦୃଷ୍ଟିରେ ଚାହିଁ ଜୀବନ ଭିକ୍ଷା କରୁଛି। ଜମିଦାରବାବୁ କ'ଣ ଗୋଟାଏ ବାହାନାରେ ଆସନ ଛାଡ଼ି ତମ୍ବୁ ମଧ୍ୟକୁ ଚାଲିଗଲେ। ଡୋରା କିନ୍ତୁ ଜଲିର ମିନତି ଶୁଣିଲା। ଆବାଲ୍ୟ ଆଶ୍ରୟଦାତା ପ୍ରଭୁଙ୍କଠାରୁ ହତାଶ ଦୃଷ୍ଟି ଫେରାଇ ଜଲି ଯେତେବେଳେ ତା'ର ପ୍ରିୟ ସହଚର ଡୋରାକୁ ଚାହିଁଲା, ଡୋରା ପ୍ରାଣରେ ତାହା ବାଜିଲା। ସାହେବଙ୍କ ହାତରେ ନୃଶଂସ ଛୁରିକା ଦେଖି ଡୋରାର ଆଉ ବୁଝିବାକୁ ବାକି ରହିଲା ନାହିଁ। ଏହି ସ୍ଥଳୀରେ ସେ କେତେ ଛେଳି, ହରିଣ କଟାଯାଇଥିବାର ନିଜେ ଦେଖିଛି। ତା'ର ପ୍ରାଣପ୍ରିୟ ଜଲିର ଦଶା ତାହା ହିଁ ହେବ, ଏଥିରେ ଆଉ ତା'ର ସନ୍ଦେହ ନାହିଁ।

ସାହେବ ଯେତେବେଳେ ଛୁରି ଧରି ଓହ୍ଲାଇ ଆସିଲେ, ତତ୍‌କ୍ଷଣାତ୍ ଡୋରା ଗୋଟାଏ ଝିଙ୍କାରେ ମାଧିଆ ହାତରୁ ମୁକ୍ତି ପାଇ ସଙ୍ଗେ ସଙ୍ଗେ ଜଲିକୁ ଧରିଥିବା ଜଣେ ଖାନ୍‌ସମାକୁ ଆଘାତ କଲା। ସାହେବ, ଚାକର, ଖାନ୍‌ସମା ପ୍ରଭୃତି ଇତସ୍ତତଃ ହୋଇ ଦ୍ରୁତଗତିରେ ତମ୍ବୁ ମଧ୍ୟରେ ପ୍ରବେଶ କଲେ। ଜମିଦାରବାବୁ ତମ୍ବୁ ମଧ୍ୟରେ ଅନ୍ୟମନସ୍କ ଥିଲେ। ସାହେବଙ୍କ ଏ ଦୁର୍ଦ୍ଦଶା ଦେଖି ସଙ୍ଗେ ସଙ୍ଗେ ତାଙ୍କୁ କ୍ଷମା ମାଗିଲେ ଏବଂ ମାଧିଆ ଉପରେ କ୍ରୋଧରେ ଜଳିଉଠିଲେ। ତଥାପି ଅନ୍ତରର କି ଗୋଟାଏ ଅବ୍ୟକ୍ତ ବ୍ୟଥା ତାଙ୍କ କଥାରୁ ସୁସ୍ପଷ୍ଟ ପ୍ରକାଶ ପାଉଥିଲା।

ମାଧିଆ ଅତି କଷ୍ଟରେ ନିଜେ ଡୋରା ଦ୍ୱାରା ଆଘାତପ୍ରାପ୍ତ ହୋଇ ଗୋଟାଏ ଗଛରେ ନେଇ ତାକୁ ଉତ୍ତମ ରୂପେ ବାନ୍ଧିଦେଲା। ସାହେବ ହସି ହସି ଛୁରି ହାତରେ ପୁନଶ୍ଚ ତମ୍ବୁ ମଧ୍ୟରୁ ବାହାରିଲେ। କୌତୁକ କରିବା ଛଳରେ ଆବଦ୍ଧ ଡୋରାକୁ ଛୁରି ଦେଖାଇ ଜଲି ଅଭିମୁଖେ ଚାଲିଲେ। ଜମିଦାରବାବୁ ଦେଖିଲେ, ଜଲି ପୂର୍ବପରି ସେହି କାତର ଦୃଷ୍ଟିରେ ତାଙ୍କ ପ୍ରତି ଚାହିଁ ସାହାଯ୍ୟ ଭିକ୍ଷା କରୁଛି। ସେ ହଠାତ୍ ଉଠିପଡ଼ି ସାହେବ ବନ୍ଧୁଙ୍କ କ'ଣ କହିବାକୁ ଯାଉଥିଲେ, "ଇସ୍, ମୁଁ କ'ଣ ପାଗଳ" କହି ପୁଣି ଆସନ ଗ୍ରହଣ କଲେ। ସେ ସ୍ଥାନରୁ ଉଠି ଦୂରକୁ ଯିବା ତାଙ୍କର ଇଚ୍ଛା ହେଉଥିଲେ ହେଁ ସାହେବ କିଛି ମନେକରିପାରନ୍ତି, ଏହି ଆଶଙ୍କାରେ ସେ ଚେଷ୍ଟାରୁ କ୍ଷାନ୍ତ ହେଲେ। ସାହେବ ଜଲି ନିକଟକୁ ଆସିବାର ଦେଖି ଜମିଦାରବାବୁ ରୁମାଲ କାଢ଼ି ମୁହଁ ଘୋଡ଼ାଇଲେ। ଡୋରାର ଭୀତବ୍ୟାକୁଳ କ୍ରନ୍ଦନ ତାଙ୍କ କର୍ଣ୍ଣରେ ପ୍ରବେଶ କରୁଥାଏ। ତାହାରି ମଧ୍ୟରେ ଶୁଣିପାରିଲେ ଗୋଟିଏ ରୁଦ୍ଧ ପ୍ରାଣୀର ବିଳାପ। ସେ କେବଳ କର୍ଣ୍ଣରେ ନୁହେଁ, ମର୍ମସ୍ଥଳୀରେ ପ୍ରବେଶ କଲା। ସେ ସ୍ୱର ଜଲିର। ରୁମାଲ କାଢ଼ି ଚାହିଁ ଦେଖିଲେ, ଶେଷ!

ଖାନା ଟେବୁଲରେ ବସି ବସି ଜଲିର ମାଂସ ଭକ୍ଷଣ କଲାବେଳେ ଜମିଦାରବାବୁଙ୍କ ଅନ୍ତରାତ୍ମା ନାହିଁ ନାହିଁ କରି ଉଠିଲା। ସେ ପ୍ରାଣପଣେ ଚେଷ୍ଟା କରି ବନ୍ଧୁମାନଙ୍କ ସଙ୍ଗରେ ଯୋଗଦେଲେ। ବଡ଼ କଷ୍ଟରେ ଯତ୍‌ସାମାନ୍ୟ ଆହାର କଲେ। ଭିତରର କି ଗୋଟାଏ ଅବ୍ୟକ୍ତ ବ୍ୟଥାରେ ପ୍ରାଣ ଆକୁଳ ହୋଇଉଠିଲା। ରକ୍ଷା ଏତିକି, ଅତିଥିମାନଙ୍କ ମଧ୍ୟରୁ କେହି ତାହା ଲକ୍ଷ୍ୟ କରିପାରି ନ ଥିଲେ। ଶୋଇବାକୁ ଯିବାବେଳେ ମାଧିଆ ଆସି ଖବର ଦେଲା, ଡୋରାକୁ ମାଂସ ଆଦି ଯେତେ ଯାହା ଦିଆଗଲା, ସେ ତାହା ସ୍ପର୍ଶ କଲା ନାହିଁ।

ଜମିଦାରବାବୁ ଅନ୍ୟମନସ୍କ ହୋଇ ଶୟନକକ୍ଷକୁ ଗଲେ। ନିଦ୍ରା ଆସୁ ନ ଥାଏ, ବିଛଣାରେ ପଡ଼ି କେତେ କ'ଣ ଭାବୁଥାଆନ୍ତି। ଏ ଜଙ୍ଗଲ ସେ ଜଙ୍ଗଲ ବୁଲୁଛନ୍ତି, ହଠାତ୍ ମେଘର ଆକ୍ରମଣ ଓ ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ, ପୁଣି ସେହି ମଧ୍ୟାହ୍ନ ସମୟ, ଗୁଳିଖାଇ ମାଆଟି ତା'ର ଭୂତଳଶାୟୀ ହେଲା, ଆଉ ନିର୍ବୋଧ ଶିଶୁ ଅବାକ୍ ହୋଇ ଅନାଇ ରହିଲା, ଟିକିଏ ହଲ୍‌ଚଲ୍ ନାହିଁ, ସ୍ୱେଚ୍ଛାରେ ଆତ୍ମସମର୍ପଣ କଲା। ପୁଣି ସେହି ଘନ ଅନ୍ଧକାର- ଦୁଇ ବନ୍ଧୁ ସ୍କନ୍ଧରେ ସଙ୍ଗିନ୍ ରଖି ତମ୍ବୁ ଅଭିମୁଖରେ- ଛୁରି ଧରି ସାହେବଙ୍କର ନୃଶଂସ ହାସ୍ୟ, ଆଉ ସେ ହରିଣ ଶିଶୁଟିର କରୁଣ ଦୃଷ୍ଟିରେ ଜୀବନଭିକ୍ଷା ଏବଂ ମନୁଷ୍ୟ ଭାଷାରେ ବାକ୍ୟ ଉଚ୍ଚାରଣ- 'ମୁଁ ପରା ମୋ ମା'କୁ ଛାଡ଼ି ତୁମକୁ ଆଶ୍ରୟ କରି ଧରିଥିଲି?' ଜମିଦାରବାବୁ ଚମକିଉଠି ଭାବିଲେ, ଏ ସ୍ୱପ୍ନ। ପୁଣି ନିଦ ଆସିଲା, ପୁଣି ସେଇ କାକୁତିଭରା ଚାହାଣି, ପୁଣି ସେହି ମର୍ମବିଦାରକ ବିଳାପ। ଥରକୁ ଥର ନିଦ ଭାଙ୍ଗିଯାଏ, କିନ୍ତୁ ସେହି ଏକ ସ୍ୱପ୍ନ।

ପ୍ରଭାତରୁ ଉଠି ଫେରିଯିବାର ବନ୍ଦୋବସ୍ତ କରାଗଲା। ମଟରରେ ବନ୍ଧୁ ଓ ପରିବାରଙ୍କ ସହିତ ଜମିଦାରବାବୁ ଆଗ ଚାଲିଗଲେ। ହସଖୁସିରେ ମନଟାକୁ ଭୁଲାଇବାର ଯେତେ ଚେଷ୍ଟା କଲେ ମଧ୍ୟ ଜମିଦାରବାବୁଙ୍କ ଅନ୍ତରରେ ହରିଣ ଶିଶୁର ସେହି ରୁଦ୍ଧ କ୍ରନ୍ଦନର ବିରାମ ନାହିଁ। ବନ୍ଧୁ ପରିବାର ସେହିଦିନ ବିଦାୟ ଘେନି ଚାଲିଗଲେ।

ମାଧିଆ ଡୋରାକୁ ଟାଣି ଟାଣି ବହୁ କଷ୍ଟରେ ଧଇଁସଇଁ ହୋଇ ଆସି ପହଞ୍ଚିଲା ଏବଂ ବାବୁଙ୍କୁ କହିଲା, ଡୋରା ସେ ସ୍ଥଳରୁ ଆସିବାକୁ ଏକାବେଳକେ ଅମଙ୍ଗ। ଜମିଦାରବାବୁ ସେତେବେଳେ ଏକାକୀ ବସି ମନେମନେ କ'ଣ ଭାବୁଥିଲେ। ମାଧିଆ ଆଉ କିଛି ନ କହି ଚୁପ୍ ହୋଇ ଚାଲିଗଲା। ସେତେବେଳକୁ ଜମିଦାରବାବୁଙ୍କର ପ୍ରବଳ ଆତ୍ମଗ୍ଲାନି ଉପସ୍ଥିତ। ବଡ଼ ସଂଯମରେ ସେ ନିଜକୁ ସ୍ଥିର କରି ରଖିଛନ୍ତି। ନ ହେଲେ ଲୋକମାନେ ତାଙ୍କୁ ପାଗଳ ବୋଲି ଭାବି ସାରନ୍ତେଣି। ଏହି ଜ୍ଞାନଶୂନ୍ୟ କୁକୁରଟାର ପାଦତଳେ ପଡ଼ି କ୍ଷମା ଭିକ୍ଷା କରିବା ଲାଗି ତାଙ୍କ ପ୍ରାଣ ଭିତରୁ ଯେପରି କିଏ ବାଧ୍ୟ କରୁଛି। କାରଣ ସେ ନିଜକୁ ତା'ଠାରୁ ବହୁ ନିମ୍ନରେ ଦେଖୁଛନ୍ତି। "କାହିଁ ମାଂସାଶୀ କୁକୁରଠାରୁ କ'ଣ ମୋ ଅନ୍ତର ଏତେଦୂର ନୃଶଂସ? ଛି! ଛିଃ, ସଂସାରଟାରେ କ'ଣ କେବଳ ସବଳ ଦୁର୍ବଳକୁ ଅଧୀନ ରଖି ଆତ୍ମସାତ୍ କରି, ଉଦରସାତ୍ କରି ଜୀବନଧାରଣ କରିବାକୁ ଜାତ ହୋଇଛି? ଜଣେ ବଞ୍ଚିବ ବୋଲି ଆଉ ଜଣଙ୍କର ମୃତ୍ୟୁ ଏକାନ୍ତ ଆବଶ୍ୟକ! ମନୁଷ୍ୟ ଯେ ବିଶ୍ୱଗ୍ରାସ କରିବାକୁ ବସିଛି, ଏହାର ଯୁକ୍ତି କ'ଣ ନା, ସେ ସବୁ ଜୀବଠାରୁ ବୁଦ୍ଧିମାନ୍ ଓ ବିବେକବାନ୍!" ସତ୍ୟ ସତ୍ୟ ଜମିଦାରବାବୁଙ୍କର ଭୀଷଣ ବିରାଗ ଓ ବିକାର ଜାତ ହେଲା। ଯେଉଁ ଜିହ୍ୱା ଜଲିର ମାଂସସ୍ୱାଦ ପରୀକ୍ଷା କରିଥିଲା, ତାହା କିପରି ଅବଶ ହୋଇଆସିଲା। ଜଲିର କଲିଜା ଯେଉଁ ଗଳା ମଧ୍ୟରେ ଯାଇଥିଲା ତାହା ସଙ୍କୁଚିତ ହୋଇ କିପରି ରୁଦ୍ଧ ହୋଇଆସିଲା। ଜମିଦାରବାବୁ ମନେ କଲେ ସେ ଗଳା ଯଦି ଚିରଦିନ ପାଇଁ ରୁଦ୍ଧ ହୁଏ ଏବଂ ସେ ଜିହ୍ୱା ଯଦି ଅବଶ ହୋଇ ଛିନ୍ନ ହୋଇପଡ଼େ, ତେବେ ତାଙ୍କର ମର୍ମନ୍ତୁଦ ଯାତନାର ଟିକିଏ ଅବା ଉପଶମ ହୋଇପାରନ୍ତା।

ଏହି ସମୟରେ ପଛରୁ କିଏ ଡାକିଲା, "ଜଲି କାଇଁ?" ଜମିଦାରବାବୁ ଫେରି ଚାହିଁ ଦେଖିଲେ, ତାଙ୍କର ଚାରିବର୍ଷର ଶିଶୁକନ୍ୟାଟି। ସେ ଉତ୍ତର କିଛି ନ ପାଇ ତତ୍‌କ୍ଷଣାତ୍ ଉଠାଇ କନ୍ୟାକୁ ନିଜର ବକ୍ଷରେ ଚାପି ଧରି କହିଲେ, "ଅଛି ମା, ଅଛି।" ସେ କଥାରେ କର୍ଣ୍ଣପାତ ନ କରି ମୁହଁ ଫୁଲାଇ, ଆଖି ଛଳଛଳ କରି କହିଲା, "ମିଛ କଥା; ମାଧିଆ କହିଲା, ସେ ସାହେବ ତାକୁ ମାଲିଟି, ମୁଁ ସେ ସାହେବକୁ ମାଲିବି।" କନ୍ୟାର ରାଗ ଓ ଅଭିମାନ ଦେଖି ଜମିଦାରବାବୁଙ୍କ ଚକ୍ଷୁରୁ ଲୋତକ ବର୍ଷିବାକୁ ଲାଗିଲା। ସେ ତାହା କନ୍ୟା ନିକଟରୁ ଲୁଚାଇବାକୁ ଯାଇ ଧାଈ ହାତରେ କନ୍ୟାକୁ ଦେଇ ଚାଲିଗଲେ ଏବଂ ହୃଦୟର ଆବେଗ ଅସହ୍ୟ ହେବାକୁ ବିଛଣାରେ ପଡ଼ି ଶିଶୁପରି ଭୋ କାନ୍ଦିବାକୁ ଲାଗିଲେ; କିନ୍ତୁ କନ୍ୟାର ସେହି ପ୍ରଶ୍ନ "ଜଲି କାଇଁ" ତାଙ୍କର ବାରମ୍ବାର ମନେପଡ଼ିଲା। ସେ ନିଜକୁ ସେହି ପ୍ରଶ୍ନ କରି ସ୍ୱୀୟ ଅଙ୍ଗପ୍ରତ୍ୟଙ୍ଗକୁ ଚାହିଁଲେ। ହରିଣ ଶାବକର ପ୍ରତ୍ୟେକ ଖଣ୍ଡ ଭୁକ୍ତମାଂସର କ୍ରନ୍ଦନ ତାଙ୍କର ପ୍ରତ୍ୟେକ ଲୋମକୂପରୁ ଫୁଟି ବାହାରିବାର ସେ ଶୁଣିଲେ। ତାଙ୍କର ପ୍ରତ୍ୟେକ ଶିରାରେ ଏ କ୍ରନ୍ଦନ ବିଜୁଳି ଗତିରେ ଚରିବାକୁ ଲାଗିଲା। ଜମିଦାରବାବୁ ରୁଗ୍ଣ ହୋଇପଡ଼ିଲେ- ଦୁଇ ସପ୍ତାହ ଜ୍ୱର ଓ ଅନାହାର। ସମସ୍ତେ ଭାବିଲେ ଜମିଦାରବାବୁ ଏ ଘାଟିରୁ ପାର ପାଇବେ ନାହିଁ କିନ୍ତୁ ସେ ସୁସ୍ଥ ହେଲେ, ଅଥଚ ନୂଆ ଲୋକ ହୋଇ। ସାହେବଙ୍କ ଉପଯୋଗୀ ଅତିଥିଶାଳା ଦରିଦ୍ରମାନଙ୍କ ପାଇଁ ପାନ୍ଥନିବାସରେ ପରିଣତ ହେଲା। ଜମିଦାର ଉଆସରେ ଆମିଷ ପ୍ରବେଶ ନିଷିଦ୍ଧ ହେଲା ଏବଂ ଜମିଦାରି ମଧ୍ୟରେ କେହି ମୃଗ ଶିକାର କିମ୍ବା ବଧ କରିପାରିବେ ନାହିଁ ବୋଲି ହୁକୁମ ଜାରି ହୋଇଗଲା।

ଡୋରା କୌଣସିମତେ ଆହାର କଲା ନାହିଁ। ଦିନମାନ ନିରାହାରରେ ପଡ଼ିରହିଲା ଏବଂ ଜମିଦାରବାବୁଙ୍କ ପ୍ରଥମ ଅସୁସ୍ଥତା ଦିନ କୌଣସିମତେ ମୁକ୍ତି ପାଇ ଖସି ଚାଲିଗଲା। ମାଧିଆ ଖୋଜି ଖୋଜି ତାକୁ ସେହି ତମ୍ବୁ ପଡ଼ିଥିବା ଜାଗାରେ ଜଲିର ବଧଭୂମିକୁ ଆଘ୍ରାଣ କରୁଥିବାର ଦେଖିଲା। ଏହିଠାରେ ସେ ତା'ର ପ୍ରିୟ ସଖାକୁ ହରାଇଛି- କୌଣସିମତେ ଯଦି ସନ୍ଧାନ ପାଏ! ସେଥିଲାଗି କରୁଣ ବିଳାପ କରି ସେ ତାକୁ ଖୋଜି ବୁଲୁଛି। ମାଧିଆ ତାକୁ ଧରିଆଣିଲା। ଯେତେ ଯତ୍ନ କରାଗଲା, ସମସ୍ତ ବିଫଳ ହେଲା। ପୁଣି ଦିନେ କିପରି ସେ ଅଦୃଶ୍ୟ ହୋଇଗଲା। ଆଉ ଯେତେ ଯହିଁ ଖୋଜିଲେ ମିଳିଲା ନାହିଁ। କେହି କେହି କହନ୍ତି, ସେହି ତମ୍ବୁ ପଡ଼ିଥିବା ଦିଗରେ ଯାଇଛି। କାଠୁରିଆମାନେ କହନ୍ତି, ନିବିଡ଼ ଜଙ୍ଗଲ ମଧ୍ୟରେ କାଠ କାଟିବାବେଳେ ସେମାନେ ବହୁବାର ରୁଦ୍ଧ ପଶୁକଣ୍ଠର ଗୋଟିଏ କରୁଣ ଆର୍ତ୍ତ ବିଳାପ ଶୁଣିପାରନ୍ତି। ସେ କିନ୍ତୁ ଜଲିର ନା ଡୋରାର?

***

# କେତେ ନୂଆ ଆଇନ

ବ୍ରିଟିଶ ଅମଳର ଆପରାଧିକ ଆଇନକୁ ଶେଷକରି ଭାରତରେ ୩ଟି ନୂତନ ଆଇନ ଏହି ମାସ ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। ଭାରତୀୟ ଦଣ୍ଡ ସଂହିତା(ଆଇପିସି), ଫୌଜଦାରି ଅପରାଧ ସଂହିତା(ସିଆର୍‌ପିସି) ଏବଂ ଭାରତୀୟ ସାକ୍ଷ୍ୟ ଆଇନ (ଆଇଇଏ) ସ୍ଥାନରେ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହୋଇଛି। ଗତବର୍ଷ ଡିସେମ୍ବର ୨୧ରେ ୩ ବିଲ୍ ପାର୍ଲାମେଣ୍ଟରେ ପାସ୍ ହେବା ପରେ ଡିସେମ୍ବର ୨୬ରେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଆଇନରେ ପରିଣତ ହୋଇଥିଲା। ଉଲ୍ଲେଖନୀୟ ଯେ, ସେହି ସମୟରେ ସଂସଦରୁ ଅଧିକାଂଶ ବିରୋଧୀ ସଦସ୍ୟ ନିଲମ୍ବିତ ହୋଇଥିବାବେଳେ ଭଏସ୍ ଭୋଟରେ ଏହା ପାସ୍ କରାଯାଇଥିଲା। ନୂଆ ଆପରାଧିକ ଆଇନଗୁଡ଼ିକରେ ଜିରୋ ଏଫ୍‌ଆଇଆର ବ୍ୟବସ୍ଥା, ବିଚାରର ଭିଡିଓ କନ୍‌ଫରେନ୍‌ସରେ ନିଶ୍ଚିତତା, ତ୍ୱରିତ ବିଚାର ଓ ରାୟ ପାଇଁ ସମୟସୀମା ନର୍ଦ୍ଧାରଣଠାରୁ ଆରମ୍ଭକରି ଭିଡ଼ ହିଂସା ଅପରାଧ, ସଂଗଠିତ ଅପରାଧ, ରାଷ୍ଟ୍ର ବିରୋଧୀ ଅପରାଧ ଓ ଆତଙ୍କବାଦର ସଂଜ୍ଞା ନିରୂପଣ ସହିତ ଶିଶୁ ଏବଂ ମହିଳା ବଳାତ୍କାର ଆଦି ପ୍ରମୁଖ ବିଷୟରେ ଅନେକ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳିଛି। ଏହି ଆଇନ ଲାଗୁ ହେବା ଦିନ ପ୍ରଥମେ ଗ୍ୱାଲିୟରରେ ଜଣେ ବାଇକ ଚୋର ବିରୋଧରେ କେସ୍ ହେବା ପରେ ଦିଲ୍ଲୀର କମଳା ମାର୍କେଟ ପୋଲିସ ଷ୍ଟେଶନରେ ଜଣେ ରାସ୍ତାକଡ଼ ବୁଲା ବିକାଳିଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୮୫ରେ ଏଫ୍‌ଆଇଆର୍ ଦାୟର କରାଯାଇଥିଲା। ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଏକ ଫୁଟ୍ ଓଭର ବ୍ରିଜ୍‌ରେ ବାଧା ସୃଷ୍ଟି କରୁଥିବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଥିଲା। କିନ୍ତୁ ଏହାକୁ ଖାରଜ କରାଯାଇଥିବା ଖୋଦ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସଫେଇ ଦେଇଛନ୍ତି। ଦିଲ୍ଲୀ ମାମଲାରୁ ବୁଝିବାକୁ ହେବ ଯେ, ଭାରତରେ ଯେତେ ନୂଆ ଆଇନ ପ୍ରସ୍ତୁତ କରାଯାଉଛି ସେଗୁଡ଼ିକ ସର୍ବନିମ୍ନ ସ୍ତରରେ ଗରିବ, ଅସହାୟ ଏବଂ ଖଟିଖିଆଙ୍କ ବିରୋଧରେ ବ୍ୟବହାର କରାଯିବାର ମାନସିକତା ରଖାଯାଇଛି।

ଭାରତରେ ଆପରାଧିକ ମାମଲା ସଂଖ୍ୟା ଲଗାତର ବଢ଼ିଆସୁଛି, ଅଭିଯୁକ୍ତମାନେ ବହୁଦିନ ଧରି ନ୍ୟାୟ ଅପେକ୍ଷାରେ ରହୁଛନ୍ତି। ଏପରିକି ବିଚାର ପାଇଁ ବିଚାରପତିଙ୍କର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି। ତେବେ ଏହି ନୂତନ ଆଇନ ଜୁଲାଇ ୧ ପୂର୍ବର ଅପରାଧ ପାଇଁ ଲାଗୁ ହେବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରକାଶ କରିବା ପରେ ପୂର୍ବ ମାମଲାଗୁଡ଼ିକ କିଭଳି ଓ କେବେ ଶୀଘ୍ର ସମାଧାନ କରାଯିବ ତାହା ସମ୍ପର୍କରେ କିଛି ସମୟସୀମା ନିର୍ଦ୍ଧାରଣ କରାଯାଇନାହିଁ। ଅନ୍ୟ ପକ୍ଷରେ ଆଇନଜୀବୀ, ନାଗରିକ ସମାଜ ଏବଂ ବିରୋଧୀ ଦଳଗୁଡ଼ିକ ନୂଆ ଆଇନରେ ପୋଲିସ ହାଜତ ସମୟସୀମାକୁ ୧୫ ଦିନରୁ ଅଧିକ ବଢ଼ାଇ ପୋଲିସର କ୍ଷମତା ବୃଦ୍ଧି କରାଯାଇଥିବା ଅଭିଯୋଗ କରି ଏହା ନାଗରିକଙ୍କ ମୌଳିକ ଅଧିକାରର ବିରୋଧୀ ବୋଲି କହିଛନ୍ତି। କିନ୍ତୁ ସ୍ୱରାଷ୍ଟ୍ରମନ୍ତ୍ରୀ ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ପୋଲିସ ହାଜତ ସମୟ ସୀମା ୧୫ ଦିନ ରହିଛି ବୋଲି ସ୍ପଷ୍ଟ କରିଛନ୍ତି। ସମୟ ଓ ପରିସ୍ଥିତିର ଆବଶ୍ୟକତାକୁ ନେଇ ବ୍ରିଟିଶ ଅମଳର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇଛି ସତ, କିନ୍ତୁ ଭାରତୀୟ ସମାଜରେ ଅପରାଧର ଢାଞ୍ଚା ଏବଂ ପ୍ରବଣତାକୁ ଦେଖିଲେ ଏକାଥରକେ ଏହି ନୂଆ ଆଇନରେ ସବୁକିଛି ସମାଧାନ ହେବା ଭଳି ମନେ ହେଉନାହିଁ।

ଏହା ନିଶ୍ଚିତ ଭାବେ କୁହାଯାଇପାରେ ଯେ, ଅନେକ ଭାରତୀୟ ଆଇନ ପୁରୁଣା ହୋଇଗଲାଣି। ଆଧୁନିକ ଯୁଗରେ କାର୍ଯ୍ୟକାରୀ କରାଇବାକୁ ହେଲେ ଅନେକ ଆଇନର ଆଧୁନିକୀକରଣ କରିବା ଦରକାର। ସେତେବେଳେ ବ୍ରିଟିଶ ସମୟର ଆଇନଗୁଡ଼ିକ ବିଦେଶୀ ଶାସକଙ୍କର କାର୍ଯ୍ୟରେ ସୁବିଧା ଆଣିବା ପାଇଁ ଉଦ୍ଦିଷ୍ଟ ଥିଲା। ନୂତନ ଆଇନର ଉଦ୍ଦେଶ୍ୟ ନାଗରିକଙ୍କର ସୁବିଧା ହେବା ଦରକାର। କେବଳ ଅଧିକ କଡ଼ା ଦଣ୍ଡବିଧାନ ସୃଷ୍ଟି କରିଦେଲେ ଯଥେଷ୍ଟ ହେବନାହିଁ। ଏବେ ମଧ୍ୟ ପୋଲିସ କହୁଛି ଯେ, ଅଧିକ ମାମଲା ଦାୟର ହେଉଥିବାରୁ ଏବଂ ଅନ୍ୟପଟେ ସବୁ ଥାନାରେ ନିର୍ଦ୍ଧାରିତ ସଂଖ୍ୟା ଅନୁସାରେ କର୍ମଚାରୀ ନ ଥିବାରୁ ତଦନ୍ତ ଓ ନ୍ୟାୟ ଦେବାରେ ବିଳମ୍ବ ଘଟୁଛି। ଯଦି ଏହି ପରିସ୍ଥିତି କେବଳ ଓଡ଼ିଶାରେ ସୀମିତ ରହିଥାଆନ୍ତା ତେବେ ଏକ ଭିନ୍ନ ଚିନ୍ତାଧାରା ସୃଷ୍ଟି ହୋଇଥାଆନ୍ତା। ଅନ୍ୟପଟେ ଯେଉଁମାନେ ଦିଲ୍ଲୀ ସମେତ ଅନ୍ୟ ରାଜ୍ୟର ପୋଲିସ ପରିସ୍ଥିତି ସମ୍ପର୍କରେ ଅବଗତ ସେମାନେ ଜାଣନ୍ତି ଯେ, ଭାରତୀୟ ପୋଲିସ ବ୍ୟବସ୍ଥାରେ ତ୍ୱରିତ ନ୍ୟାୟ କିମ୍ବା ତଦନ୍ତ କରାଇବା ଏକ ଅସମ୍ଭବ କାର୍ଯ୍ୟ। ଏଥିରୁ ବୁଝାପଡ଼େ ପୋଲିସ କର୍ମଚାରୀଙ୍କର କେବଳ ସଂଖ୍ୟା କିମ୍ବା ଅପାରଗତା କାରଣ ନୁହେଁ, ସେମାନଙ୍କର ମାନସିକତା ଏବଂ ସମ୍ପୂର୍ଣ୍ଣ ଆଭିମୁଖ୍ୟରେ ବିକୃତି ପ୍ରକାଶ ପାଉଛି। ସେଭଳି ମାନସିକତାକୁ ଦୃଷ୍ଟିରେ ରଖି ନୂଆ ଆଇନ ସୃଷ୍ଟି କରାଯିବାର ପ୍ରୟୋଜନ ରହିଛି।

ଅଧିକ ମାମଲା ରୁଜୁ କରିବା ପାଇଁ ସହଜ ବାଟ ସୃଷ୍ଟି କରିଦିଆଗଲେ ମିଥ୍ୟାର ଶିକାର ହୋଇଯିବ ସମ୍ପୂର୍ଣ୍ଣ ବ୍ୟବସ୍ଥା। ଗତ ମାସ ପର୍ଯ୍ୟନ୍ତ ଯେଉଁ ବ୍ୟବସ୍ଥା ଥିଲା ସେଥିରେ କୌଣସି ବ୍ୟକ୍ତି କାହା ବିରୋଧରେ ଏଫ୍‌ଆଇଆର୍ ଦାୟର କରିବା ପାଇଁ ଥାନା ଦ୍ୱାରସ୍ଥ ହେବାକୁ ପଡୁଥିଲା। ପୋଲିସର ଦୌରାତ୍ମ୍ୟକୁ ଭୟ କରି ଅନେକ ଭଦ୍ର ନାଗରିକଙ୍କ ସମେତ ଦୁଷ୍ଟ ପ୍ରକୃତିର ବ୍ୟକ୍ତି ଥାନାକୁ ଯାଉ ନ ଥିଲେ। ମିଛ କେସ୍ ଦେବା ପୂର୍ବରୁ ଅନେକ ଥର ଭାବୁଥିଲେ। ଏବେ ଆଧୁନିକ ଯୁଗର ଦୁହାଇ ଦେଇ 'ଅନ୍‌ଲାଇନ୍' ଏଫ୍‌ଆଇଆର୍ ଦେବାର ଯେଉଁ ବ୍ୟବସ୍ଥା ସୃଷ୍ଟି କରାଯାଇଛି ତାହା ଅଳ୍ପ ଭଦ୍ର ଲୋକ ଏବଂ ବହୁ ନକାରାତ୍ମକ ବ୍ୟକ୍ତିଙ୍କୁ ମିଛ କେସ୍ ଦେବାରେ ସହାୟକ ହେବ। ଏବେ ପୋଲିସ ଏଫ୍‌ଆଇଆର୍ ସ୍ୱୀକାର କରିବାକୁ ମନା କରିଦେଇ ନିଜ ଥାନାର ମାମଲା ସଂଖ୍ୟା ହ୍ରାସ କରିପାରୁଥିଲା। ୧ ଜୁଲାଇଠାରୁ ପ୍ରାୟ ସବୁ ଥାନାରେ ମାମଲା ସଂଖ୍ୟା କ୍ରମଶଃ ଯଥେଷ୍ଟ ବୃଦ୍ଧି ପାଇବା ସ୍ୱାଭାବିକ। ସେହି ବୃଦ୍ଧି ସହିତ ସମାନୁପାତିକ ଭାବେ ପୋଲିସବାହିନୀର ସଂଖ୍ୟା ବୃଦ୍ଧି କରିବା ସହ ସେମାନଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ଘଟାଇବା ପାଇଁ ନିୟମିତ ପ୍ରଶିକ୍ଷଣ ଦିଆଯିବାର ବନ୍ଦୋବସ୍ତ କରିବା ଅତ୍ୟନ୍ତ ଆବଶ୍ୟକ। ମୌଳିକ ପରିବର୍ତ୍ତନ କରାଯିବା ପରିବର୍ତ୍ତେ କେବଳ ଉପରଠାଉରିଆ ସ୍ନୋ ପାଉଡ଼ର ଲଗାଇଲା ଭଳି ଆଇନକୁ କଡ଼ାକଡ଼ି କରାଗଲା ବୋଲି କହି ନିଜକୁ ପ୍ରଶଂସା କଲେ ଭବିଷ୍ୟତରେ ପରିବର୍ତ୍ତନ ଘଟିବ ବୋଲି ଚିନ୍ତା କରିବା ପଲାଳିଆମି ହେବ।

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 6 | | | 8 | | | |
| | | | 4 | 5 | | 7 | | |
| | | 9 | | 6 | | 4 | | |
| | | 5 | | 9 | | 6 | | |
| | 8 | 1 | 7 | | | | 9 | 5 |
| | | | | | | | 4 | |
| 8 | | | | | 9 | | | |
| 3 | | | 1 | 8 | | | | |
| 6 | | | | | 4 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 1 | 5 | 3 | 2 | 4 | 9 | 6 |
| 9 | 2 | 6 | 4 | 1 | 7 | 5 | 8 | 3 |
| 3 | 4 | 5 | 6 | 8 | 9 | 1 | 2 | 7 |
| 8 | 1 | 2 | 3 | 9 | 6 | 7 | 5 | 4 |
| 4 | 6 | 7 | 8 | 5 | 1 | 2 | 3 | 9 |
| 5 | 9 | 3 | 2 | 7 | 4 | 8 | 6 | 1 |
| 1 | 3 | 4 | 9 | 2 | 5 | 6 | 7 | 8 |
| 6 | 5 | 8 | 7 | 4 | 3 | 9 | 1 | 2 |
| 2 | 7 | 9 | 1 | 6 | 8 | 3 | 4 | 5 |

ଗତକାଲିର ଉତ୍ତର

# ଆସ ଫିଙ୍ଗିବା ମଞ୍ଜିଗୋଳା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବୃକ୍ଷମାନେ ବାୟୁକୁ ଶୁଦ୍ଧକରନ୍ତି ଏବଂ ରୋଗ ମଧ୍ୟ ଦୂରକରିବାରେ ସହଯୋଗକରନ୍ତି। ଏଥିପାଇଁ ବୃକ୍ଷରୋପଣ ପ୍ରାଣୀମାନଙ୍କ ନିମନ୍ତେ ହିତକାରୀ। ବୃକ୍ଷଲତା ସହ ଜୀବଜନ୍ତୁ ଏବଂ ଅଣଜୀବନ୍ତ ପଦାର୍ଥଗୁଡ଼ିକର ସମାହାରରେ ସୃଷ୍ଟ ଜଙ୍ଗଲ ସମସ୍ତଙ୍କ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଅମ୍ଳଜାନ, ଖାଦ୍ୟ, ଔଷଧ, ଇନ୍ଧନ, ଆଶ୍ରୟ ତଥା ଅନ୍ୟାନ୍ୟ ବହୁ ଆବଶ୍ୟକ ପଦାର୍ଥ ଏବଂ ଜଙ୍ଗଲ ସଂଲଗ୍ନିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କ ଜୀବିକା ନିର୍ବାହ ଓ ମୌଳିକ ଆବଶ୍ୟକତା ପୂରଣର ଅସରନ୍ତି ଉତ୍ସ। ବୃକ୍ଷରାଜି ନିଜର ଅଭିବୃଦ୍ଧି ସହ ବାୟୁମଣ୍ଡଳରୁ ଅଧିକ ପରିମାଣରଅଙ୍ଗାରକାମ୍ଳ ଶୋଷଣ କରି ନିଜ ମଧ୍ୟରେ ଏବଂ ମୃତ୍ତିକାରେ ସଂରକ୍ଷଣକରି ରଖନ୍ତି ଏବଂ ବିପରୀତରେ ବାୟୁମଣ୍ଡଳକୁ ଅମ୍ଳଜାନ ନିର୍ଗତ କରନ୍ତି। ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପର ହ୍ରାସ କାରଣରୁ ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧି ପ୍ରଶମିତହୋଇ ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟାରେ ସ୍ଥିରତା ହାସଲହୁଏ। ବାୟୁ ବିଶୁଦ୍ଧୀକରଣ, ଜଳଚକ୍ର ଓ ତାପମାତ୍ରା ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ ସହ ଅର୍ଥନୈତିକ ପ୍ରଗତି ପ୍ରକ୍ରିୟାରେ ବୃକ୍ଷର ଅବଦାନର ପଟାନ୍ତର ନାହିଁ। ବନାଞ୍ଚଳରେ ପୃଥିବୀର ସ୍ଥଳଭାଗସ୍ଥ ଜୈବ ବିବିଧତାର ୮୦ଶତାଂଶ ଉପଲବ୍ଧ ହୁଅନ୍ତି। ପ୍ରାକୃତିକ ପରିସଂସ୍ଥାରେ ଅଧିକ ଜୀବଙ୍କର ଉପସ୍ଥିତି ହିଁ ଜୀବଜଗତ ପାଇଁ ଶୁଭଙ୍କର ପ୍ରତିପାଦିତହୁଏ। ଏ ସମସ୍ତ ଦୃଷ୍ଟିରୁ ବୃକ୍ଷଲତାର ସୁରକ୍ଷା ପ୍ରତି ପ୍ରତିବଦ୍ଧତା ପ୍ରକାଶକରିବା ମାନବଜାତିର ନୈତିକକର୍ତ୍ତବ୍ୟ। ମାତ୍ର ପ୍ରଚଳିତ ଅସହନୀୟ ବିକାଶ ପ୍ରକ୍ରିୟାର ପ୍ରତିଫଳରେ ପ୍ରକୃତି ସହ ଏହାର ଜଙ୍ଗଲ ସମ୍ପଦ ଏବଂ ବୃକ୍ଷରାଜି ନିରନ୍ତର ଅବକ୍ଷୟର ଶିକାରହୋଇ ଚାଲିଛନ୍ତି।

ସମ୍ପ୍ରତି ପୃଥିବୀର ପରିବର୍ତ୍ତିତ ଦୃଶ୍ୟପଟରେ ଯେତେବେଳେ ପ୍ରଦୂଷଣ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଏବଂ ଜୈବ ବିବିଧତା ଅବକ୍ଷୟର ପ୍ରଭାବ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହେଉଛି, ସେତେବେଳେ ବନୀକରଣ ମାଧ୍ୟମରେ ସବୁଜିମାର ବୃଦ୍ଧି, ଅବକ୍ଷୟିତ ଜଙ୍ଗଲର ପୁନରୁଦ୍ଧାର ଏବଂ ପ୍ରାକୃତିକଭାବେ ଜଙ୍ଗଲ ପରିସଂସ୍ଥାର ପୁନଃ ସ୍ଥାପନ ଏକାନ୍ତ ଅପରିହାର୍ଯ୍ୟ ବୋଧହୁଏ। ଜୀବାଶ୍ମ ଇନ୍ଧନ ବ୍ୟବହାରରେ ସଙ୍କୋଚନ ଏବଂ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ଯେପରି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ବୃକ୍ଷରୋପଣ ମାଧ୍ୟମରେ ସବୁଜିମାର ପୁନରୁଦ୍ଧାର ମଧ୍ୟ ସେତିକି ତାତ୍ପର୍ଯ୍ୟମୟ। ଭାରତବର୍ଷରେ ୧୯୫୦ରେ ତତ୍କାଳୀନ କୃଷି ଓ ଖାଦ୍ୟମନ୍ତ୍ରୀ କେ.ଏମ୍. ମୁନ୍‌ସୀ ନିଜ ଦୂରଦୃଷ୍ଟିର ପ୍ରୟୋଗରେ ଏକ ଚାରାରୋପଣ ଅଭିଯାନର ସୂତ୍ରପାତ କରିଥିଲେ।

**ବନ ମହୋତ୍ସବ ସପ୍ତାହ ଉପଲକ୍ଷେ**



ମାନବ ପରିବେଶରେ ସବୁଜିମା ବୃଦ୍ଧିର ଗୁରୁତ୍ୱ ଉପଲବ୍ଧିକରି ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ରାସ୍ତାକଡ଼ ଏବଂ ଅନ୍ୟାନ୍ୟ ସ୍ଥାନରେ ବୃକ୍ଷରୋପଣ ନିମନ୍ତେ ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହକୁ 'ବନ ମହୋତ୍ସବ ସପ୍ତାହ' ରୂପେ ସେ ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ହେଉଛି, ଦୁର୍ଭେଦ୍ୟ, ବୃକ୍ଷଶୂନ୍ୟ ଅଞ୍ଚଳରେ ନୂତନଭାବେ ଉଦ୍ଭିଦରାଜିର ପ୍ରତିଷ୍ଠା ନିମନ୍ତେ 'ମଞ୍ଜିଗୋଳା'ର ବ୍ୟବହାର ସମ୍ପ୍ରତି ଏକ ଲୋକପ୍ରିୟ ଘଟଣାରେ ପରିଣତ ହୋଇଛି। ମାତ୍ର ପ୍ରାରମ୍ଭିକ ସମୟରେ ଏଥିରୁ ସୃଷ୍ଟ ଚାରାଗୁଡ଼ିକୁ ଗୋରୁଙ୍କ ଚାରଣରୁ ସୁରକ୍ଷା ହେଉଛି ମୁଖ୍ୟ ଆହ୍ୱାନ।

'ମଞ୍ଜିଗୋଳା' ହେଉଛି ଲୋକଙ୍କୁ ଉଦ୍ଭିଦ ପୁନରୁଦ୍ଧାର ଯୋଜନାରେ ନିୟୋଜିତ କରିବାର ଏକ ଆକର୍ଷଣୀୟ ଏବଂ କୌତୁକିଆ ଉପାୟ, ଯେଉଁଥିରେ ବିଶେଷତଃ ଦେଶୀୟ ପ୍ରଜାତିର ମଞ୍ଜି ବ୍ୟବହୃତ ହୋଇଯାଏ। ଏହି ବିହନ ସ୍ୱଳ୍ପମୂଲ୍ୟ ଏବଂ ଦ୍ରୁତ ବୃକ୍ଷରୋପଣର ପ୍ରଭାବଶାଳୀ ମାଧ୍ୟମ, ଯେଉଁଥିରେ ସାଧାରଣ ମୃତ୍ତିକା, କମ୍ପୋଷ୍ଟ ବା ଖତ ଏବଂ ଅଳ୍ପ ଜଳର ମିଶ୍ରଣରେ ଏକ ଗୋଲାକାର ସମଷ୍ଟି ମଧ୍ୟରେ ନିର୍ଦ୍ଦିଷ୍ଟ ଗଛର ମଞ୍ଜିକୁ ଆବଦ୍ଧକରି ରଖାଯାଏ। ଏସବୁ ଠିକ୍ ଭାବରେ ପ୍ରସ୍ତୁତ ଓ ଶୁଷ୍କକରି ମୌସୁମୀ ବର୍ଷା ପୂର୍ବରୁ ସାଇତାଯାଇଥାଏ। ଏହି ଗୋଲାମଞ୍ଜିକୁ ପ୍ରଖର ସୂର୍ଯ୍ୟକିରଣରେ ନଷ୍ଟହେବା, ପଶୁପକ୍ଷୀଙ୍କ ଦ୍ୱାରା ଖିଆହେବା କିମ୍ବା ପବନରେ ଉଡ଼ିଯିବାରୁ ରୋକି ସୁରକ୍ଷିତ ରଖେ। ପ୍ରାକ୍ ମୌସୁମୀ ବର୍ଷା ସମୟରେ ଏସବୁ ଗୋଳାର ଅର୍ଦ୍ଧାଂଶ ଖାଲିସ୍ଥାନରେ ମାଟିରେ ପୋତିଦିଆଯାଏ ବା ବହୁସଂଖ୍ୟାରେ ଗୋଳା ଥିଲେ ଜଙ୍ଗଲାଞ୍ଚଳ, ରାସ୍ତାକଡ଼ କିମ୍ବା ଅନ୍ୟ ସ୍ଥାନରେ ଫୋପଡ଼ାଯାଏ। ଗୋଳାର ବାହ୍ୟ ଆବରଣ ବର୍ଷାଜଳକୁ ଶୋଷି ମଞ୍ଜିକୁ ଓଦା କରେ ଏବଂ ମଞ୍ଜିର ଅଙ୍କୁରୋଦ୍‌ଗମ ଘଟି ଏକ ନୂତନ ବୃକ୍ଷର ଉତ୍ପତ୍ତି ହୋଇଥାଏ।

ନିୟମିତ ବିହନ ବ୍ୟବହାର ତୁଳନାରେ ମଞ୍ଜି ବୁଣିଲେ ୮୦ ଶତାଂଶ ଅଭିବୃଦ୍ଧି ସଫଳତା ହାର ଉପଲବ୍ଧ ହୋଇଥାଏ। ବିଭିନ୍ନ ଔଷଧୀୟ ଉଦ୍ଭିଦ ଏବଂ ଫଳଗଛ, ବିଶେଷଭାବରେ ସ୍ଥାନୀୟ ବୃକ୍ଷରାଜିଙ୍କର ମଞ୍ଜି ସଂଗ୍ରହକରି ଏହି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଏ। ନିର୍ଦ୍ଦିଷ୍ଟ ସ୍ଥାନ ଆଧାରରେ ବ୍ୟବହୃତ ମଞ୍ଜିଗୋଳା ସଂଖ୍ୟାରେ ପରିବର୍ତ୍ତନ ଘଟୁଥିଲେ ମଧ୍ୟ ପ୍ରତି ହେକ୍ଟରରେ ୨,୦୦୦ରୁ ୪,୦୦୦ ପର୍ଯ୍ୟନ୍ତ ଗୋଳା ବ୍ୟବହାର ହୋଇଥାଏ। ମାଟିର ଗୁଣବତ୍ତା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରକ, ଯାହା କେଉଁ ପ୍ରକାରର ବୃକ୍ଷ ସେଠାରେ ବିକଶିତହେବ ତାହା ନିର୍ଣ୍ଣୟ କରିଥାଏ। ଏହା ମଧ୍ୟ ଜାଣିବା ଆବଶ୍ୟକ ଯେ କେଉଁଗଛର ମଞ୍ଜି ଏହି ପ୍ରକ୍ରିୟାରେ ସଫଳତାର ସହ ଅଙ୍କୁରୋଦ୍‌ଗମହୋଇ ବୃକ୍ଷରେ ରୂପାନ୍ତରିତହେବ। ସମ୍ପ୍ରତି ବିଶ୍ୱର ବହୁ ଅଞ୍ଚଳରେ ଆକାଶମାର୍ଗରୁ ହେଲିକପ୍ଟର ଏବଂ ଡ୍ରୋନ୍ ସହାୟତାରେମଞ୍ଜିଗୋଳାକୁ ବହୁ ପ୍ରାକୃତିକ ଅଗମ୍ୟ, ଅବକ୍ଷୟିତ ଅଞ୍ଚଳରେ ବିକ୍ଷେପ କରାଯାଉଛି। ଏହି ପ୍ରାଚୀନ ପ୍ରକ୍ରିୟା ବିଂଶଶତାବ୍ଦୀର ପ୍ରାରମ୍ଭରେ ଜାପାନୀ କୃଷକ ତଥା ଦାର୍ଶନିକ ମାସାନୋବୁଫୁକୁଓକାଙ୍କ ଦ୍ୱାରା ପୁନଃ ଉଦ୍ଭାବିତ ଏବଂ ଉନ୍ନତି ସାଧିତହୋଇଥିଲା।

ମଞ୍ଜିଗୋଳା ମାଧ୍ୟମରେ ବୃକ୍ଷରୋପଣ ପ୍ରକ୍ରିୟା ଏବେ ଇଜିପ୍ଟ, ଜାପାନ, ଥାଇଲାଣ୍ଡ, ଆମେରିକା,କେନିଆ ଏବଂ ଅନ୍ୟ ଆଫ୍ରିକୀୟ ରାଷ୍ଟ୍ରରେ ବହୁଳ ଭାବରେ ବ୍ୟବହୃତ ହେଉଛି। କେନିଆର ସମଗ୍ର ଅଞ୍ଚଳରେ ସାଧାରଣ ଲୋକଙ୍କଠାରୁ ଛୋଟପିଲାଙ୍କ ପର୍ଯ୍ୟନ୍ତ ସମସ୍ତେ, ଏପରିକି ଗାଡ଼ି ଓ ହେଲିକପ୍ଟର ମାଧ୍ୟମରେ ଦୂରଦୂରାନ୍ତକୁ ମଞ୍ଜିଗୋଳା ନିକ୍ଷେପଦ୍ୱାରା ଖୁବ୍‌ଶୀଘ୍ର ନୂତନ ବୃକ୍ଷସୃଷ୍ଟିର ପ୍ରୟାସ ଜାରି ରଖିଛନ୍ତି। ଏହି ପଦ୍ଧତିରେ ପ୍ରତିବର୍ଷ ୨କୋଟିରୁ ଉର୍ଦ୍ଧ୍ୱ ବୃକ୍ଷ ଉତ୍ପନ୍ନକରିବା ସରକାରଙ୍କର ଲକ୍ଷ୍ୟ ରହିଛି। ପୃଥିବୀର ସବୁଜ ଆବରଣରେ ବୃଦ୍ଧି ଘଟାଇ ପରିବେଶ ସମସ୍ୟାର ସମାଧାନ ନିମନ୍ତେ ଆଦୃତ ବିଭିନ୍ନ ରଣନୀତି ମଧ୍ୟରେ ମଞ୍ଜିଗୋଳା କୌଶଳ ନିଶ୍ଚିତ ରୂପେଏକ ଜନାଦୃତ, ସାଫଲ୍ୟ ଅର୍ଜନକାରୀ ପଦ୍ଧତି। ବିଗତ ଦଶନ୍ଧି ମଧ୍ୟରେ ଏହି ଅଭିଯାନ ଭାରତ ତଥା ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ବିଭାଗ, ବେସରକାରୀ ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ଦ୍ୱାରା ଅଧିକ ଲୋକପ୍ରିୟହେବାରେ ଲାଗିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବର୍ଷ ଜୁନ୍ ୫ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଦିଲ୍ଲୀର ବୁଦ୍ଧ ଜୟନ୍ତୀ ପାର୍କରେ ଏକ ଅଶ୍ୱତ୍ଥବୃକ୍ଷ ଚାରା ରୋପଣକରି ଏକ ଅଭିଯାନର ଶୁଭାରମ୍ଭ କରିଥିଲେ। ସେ କହିଥିଲେ, ମାତା ଏବଂ ପ୍ରକୃତି ହେଉଛନ୍ତି ନିଃସ୍ୱାର୍ଥପର ପ୍ରେମର ପ୍ରତୀକ। ତେଣୁ ଏହ ଅଭିଯାନ ମାଧ୍ୟମରେ ସମଗ୍ର ରାଷ୍ଟ୍ରର ଅଧିବାସୀମାନେ ନିଜ ନିଜର ମାତାଙ୍କ ସ୍ମୃତିରେ କୋଟି କୋଟି ସଂଖ୍ୟାରେ ବୃକ୍ଷରୋପଣ କରି ପ୍ରକୃତି ମାତା ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରିବେ। ଏହି ପରିପ୍ରେକ୍ଷୀରେ ଆସନ୍ତୁ, ସମ୍ମିଳିତଭାବେ ଆହ୍ୱାନ ସୃଷ୍ଟିକାରୀ ପତିତଭୂମି ଓ ଅବକ୍ଷୟିତ ଜଙ୍ଗଲାଞ୍ଚଳରେ ମଞ୍ଜିବୁଣିବା କୌଶଳର ପ୍ରୟୋଗ ଏବଂ ଚାରାରୋପଣ ଜରିଆରେ ବୃକ୍ଷରାଜି ସୃଷ୍ଟିର ପ୍ରୟାସକୁ ସାକାରକରି ପ୍ରାକୃତିକ ପରିସଂସ୍ଥାକୁ ଅଧିକ ସୁରମ୍ୟ ଏବଂ ମାନବୀୟ ପରିବେଶକୁ ସବୁଜିମା ପରିପୂର୍ଣ୍ଣକରିବାରେ ଆମର ଭୂମିକାକୁ ଯଥାର୍ଥ ରୂପେ ନିର୍ବାହ କରିବା।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ-୯୪୩୭୦୭୬୧୦୦**

# ଆଲ୍‌ଗୋରିଦମ୍ ନିବେଶର ଯୁଗ



ସୌରଜିତ ପ୍ରଧାନୀ

ଆର୍ଥିକ ବଜାରର ନିରନ୍ତର ବିକାଶଶୀଳ ପରିଦୃଶ୍ୟରେ ମାନବୀୟ ହସ୍ତକ୍ଷେପ ବନାମ ସ୍ୱୟଂକ୍ରିୟତାର ଭୂମିକାକୁ ନେଇ ବିତର୍କ ତୀବ୍ରତର ହୋଇଛି। ଅତ୍ୟାଧୁନିକ ଆଲ୍‌ଗୋରିଦମ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ 'ରୋବୋ-ଆଡ୍‌ଭାଇଜର' ଆସିବା ପରେ ନିବେଶରେ ମଣିଷର ସମ୍ପୃକ୍ତି ଅପ୍ରାସଙ୍ଗିକ ହୋଇପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତଥାପି ଏକ ନିକଟତର ପରୀକ୍ଷାରୁ ଜଣାପଡିଛି ଯେ ମାନବ ହସ୍ତକ୍ଷେପ ଅପରିହାର୍ଯ୍ୟ ହୋଇ ରହିଛି, ଯାହା ଅନନ୍ୟ ଗୁଣ ଏବଂ ଅନ୍ତର୍ଦୃଷ୍ଟି ପ୍ରଦାନ କରେ ଯାହା କେବଳ ଆଲ୍‌ଗୋରିଦମ୍ ଦୋହରାଇପାରିବ ନାହିଁ।

ଆର୍ଥିକ ନିଷ୍ପତ୍ତି ନେବାରେ 'ବିଶ୍ୱାସ' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରକ ହୋଇଥାଏ। ଜଣେ ନିଜର ଆର୍ଥିକ ପରିଚାଳନା ଜୀବନ ପରିଚାଳନା ସହିତ ସମାନ; ଜଣେ ସର୍ବଦା ଏକ 'ସନ୍ତୁଳନ' ବଜାୟ ରଖିବା ଉଚିତ। ଆଧୁନିକ ନିବେଶ ବାସ୍ତୁତନ୍ତ୍ରରେ 'ଆଲଗୋ-ଟ୍ରେଡିଂ' ଏକ ଗୁଞ୍ଜରଣ ଶବ୍ଦ। ଅର୍ଥାତ୍ କେତେବେଳେ କିଣିବେ ଓ କେତେବେଳେ ବିକ୍ରି କରିବେ ତାହା ଟେକ୍ନୋଲୋଜି ହିଁ ନିର୍ଦ୍ଧାରଣ କରିବ। କିନ୍ତୁ ଆଲ୍‌ଗୋରିଦମ୍ ଡିଜାଇନ ପାଇଁ ବ୍ୟବହୃତ ହେଉଥିବା ଅନ୍ତର୍ନିହିତ ପାରାମିଟର ବିଷୟରେ କେତେଜଣ ଅବଗତ ଅଛନ୍ତି? ଜଣେ ଖୁଚୁରା ନିବେଶକ ଏଭଳି ଅଜଣା ବ୍ୟବସ୍ଥାକୁ ବୁଝିପାରିବେ କି? ତେଣୁ ପୁଞ୍ଜିନିବେଶକୁ ନିମ୍ନସ୍ତରରେ ଗଣତନ୍ତ୍ରୀକରଣ କରିବା ପାଇଁ ଆର୍ଥିକ ସାକ୍ଷରତାକୁ ତୃଣମୂଳସ୍ତରରେ ଖୁଚୁରା ପୁଞ୍ଜିନିବେଶ ପୂର୍ବରୁ ରଖାଯିବା ଉଚିତ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଆପଣଙ୍କୁ ଗୋଷ୍ଠୀ କେନ୍ଦ୍ରିକ ଆଭିମୁଖ୍ୟର ଆବଶ୍ୟକତା ରହିଛି। ତେଣୁ ଭାରତ ଏବେ ମଧ୍ୟ ଆଧୁନିକ ନିବେଶ ପଦ୍ଧତିକୁ ଆପଣାଇବାକୁ ପ୍ରସ୍ତୁତ ନୁହେଁ।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେଶିନ ଲର୍ନିଂର ମୂଳ ଆଧାର ହେଉଛି ସିଷ୍ଟମ୍‌କୁ ଦିଆଯାଉଥିବା ଡାଟାର ପରିମାଣ ଏବଂ ବିବିଧତା। କୋଭିଡ୍-୧୯ ଭଳି ଘଟଣା, ଭୂ-ରାଜନୈତିକ ସଂଘର୍ଷ ଇତ୍ୟାଦିକୁ ଏହି ବ୍ୟବସ୍ଥା ଆକଳନ କରିବାରେ ସକ୍ଷମ ହେବନାହିଁ। ତେଣୁ କୌଣସି ଟେକ୍ନୋଲୋଜି ୨୦୨୦ର ବଜାର ଧ୍ୱଂସ ଏବଂ ଏଭଳି ଅନେକ ଘଟଣାକୁ ରୋକି ପାରି ନ ଥିଲା। ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ, ଚାଟ-ଜିପିଟି ଦ୍ୱାରା କରାଯାଇଥିବା ଷ୍ଟକ୍ ସୁପାରିସ ବିଶ୍ୱର ଶୀର୍ଷ ଫଣ୍ଡ ମ୍ୟାନେଜରମାନଙ୍କୁ ପଛରେ ପକାଇ ଦେଇଛି। କିନ୍ତୁ ଏହି ଫଳାଫଳ ସେତେବେଳେ ଆସିଥାଏ ଯେତେବେଳେ ବଜାରକୁ ସ୍ୱାଭାବିକ ଭାବେ ବ୍ୟବହାର କରନ୍ତି। ବଜାରର ବିଭ୍ରାଟ ସମ୍ପର୍କରେ ପୂର୍ବାନୁମାନ କରିବା ଟେକ୍ନୋଲୋଜି ପାଇଁ ଏକ କଷ୍ଟକର କାମ ହେବ। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ତଥ୍ୟ ବିଶ୍ଳେଷଣ ମାଧ୍ୟମରେ ଗ୍ରାହକଙ୍କ ମଧ୍ୟରେ ପୂର୍ଣ୍ଣ ସନ୍ତୁଷ୍ଟି ସୃଷ୍ଟି ହେବ। ମାନବୀୟ ବୁଦ୍ଧିମତ୍ତା ଏବଂ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ।



ଆଜିର ପରିସ୍ଥିତିରେ ଯେତେବେଳେ ଇଣ୍ଟରନେଟ ଅତ୍ୟଧିକ ସୂଚନାରେ ଭରି ରହିଛି, ସେତେବେଳେ ପୂର୍ବ ଯୁଗ ତୁଳନାରେ ଉପରିସ୍ଥ ଜ୍ଞାନ ହାସଲ କରିବା ସେତେଟା କଷ୍ଟକର ନୁହେଁ, ଯେଉଁଥିରେ ତଥ୍ୟ ଏବଂ ସୂଚନା ହାସଲ କରିବା ସହଜ ନ ଥିଲା। ଭାରତରେ ଅଧିକାଂଶ ମଧ୍ୟବିତ୍ତ ଲୋକ ଇକ୍ୱିଟି, ବଣ୍ଡ, ଷ୍ଟକ୍ ମାର୍କେଟ ଆଦି ବିଷୟରେ ଅବଗତ ଅଛନ୍ତି। କିନ୍ତୁ ତାତ୍ତ୍ୱିକ ଜ୍ଞାନକୁ କିପରି ବ୍ୟବହାରିକ ପ୍ରୟୋଗରେ ପରିଣତ କରାଯାଇପାରିବ ତାହା ହେଉଛି ଏକ ଆହ୍ୱାନମୂଳକ ବିଷୟ।

ଷ୍ଟକ୍, ବଣ୍ଡ,ମ୍ୟୁଚୁଆଲ ଫଣ୍ଡ ଆଦି ଆର୍ଥିକ ଉତ୍ପାଦରେ କେମିତି ବିନିଯୋଗ କରାଯାଏ, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଏକାଧିକ ପ୍ଲାଟଫର୍ମ ରହିଛି, ଯାହା ନିବେଶକଙ୍କୁ ଆର୍ଥିକ ଉତ୍ପାଦରେ ନିବେଶ କରିବାର ସୁଯୋଗ ଦେଇଥାଏ। କିନ୍ତୁ ଅନବୋର୍ଡିଂ ପ୍ରକ୍ରିୟାରେ ଜଣେ ନିଜର ଗୋପନୀୟ ତଥ୍ୟ ଶେୟାର କରିଥାଏ। ତେଣୁ ଏଭଳି ଡିଜିଟାଲ ପ୍ଲାଟଫର୍ମରେ ସାମିଲ ହେବା ପାଇଁ ଜଣେ ବିଶ୍ୱାସଯୋଗ୍ୟ ମଣିଷର ଆବଶ୍ୟକତା ରହିଛି। ଏଥିରେ ଦିଆଯାଇଥିବା ତଥ୍ୟ ସୁରକ୍ଷିତ ରହିବ କି ନାହିଁ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ଫେସ୍‌ବୁକ୍ ଭଳି ବଡ ବଡ ସଂସ୍ଥାରେ ଡାଟା ପ୍ରାଇଭେସି ସମସ୍ୟା ଆମେ ସମସ୍ତେ ଦେଖିଛୁ।

ପୁଞ୍ଜିନିବେଶ କ୍ଷେତ୍ରରେ ମାନବୀୟ ହସ୍ତକ୍ଷେପ ଅପରିହାର୍ଯ୍ୟ ହୋଇ ରହିଥିବାବେଳେ ଟେକ୍ନୋଲୋଜିର ଉତ୍ଥାନ ଫଳରେ ଏକ 'ହାଇବ୍ରିଡ୍' ଆଭିମୁଖ୍ୟ ସୃଷ୍ଟି ହୋଇଛି, ଯାହା ମେଶିନ ଇଣ୍ଟେଲିଜେନ୍ସ ସହ ମାନବୀୟ ବିଶେଷଜ୍ଞତାକୁ ଯୋଡୁଛି। ଉନ୍ନତ ଆଲ୍‌ଗୋରିଦମ୍, ତଥ୍ୟ ବିଶ୍ଳେଷଣ ଏବଂ ମେଶିନ ଲର୍ନିଂ ଆଲ୍‌ଗୋରିଦମ୍ ମାନବୀୟ ନିଷ୍ପତ୍ତି ନେବାରେ ପରିପୂରକ, ବିଶ୍ଳେଷଣ, ବିପଦ ପରିଚାଳନା ଏବଂ ପୋର୍ଟଫୋଲିଓ ଅପ୍ଟିମାଇଜେଶନ ପାଇଁ ଶକ୍ତିଶାଳୀ ଉପକରଣ ପ୍ରଦାନ କରିଥାଏ। ଶେଷରେ ପୁଞ୍ଜିନିବେଶରେ ମାନବୀୟ ହସ୍ତକ୍ଷେପର ଭୂମିକା ଅପ୍ରାସଙ୍ଗିକ ନୁହେଁ; ବାସ୍ତବରେ ଏହା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଆଲ୍‌ଗୋରିଦମ୍ ଏବଂ ସ୍ୱୟଂଚାଳିତ ବ୍ୟବସ୍ଥାର ଗୁଣବତ୍ତା ରହିଥିବା ବେଳେ ମାନବ ନିବେଶକଙ୍କ ଅନ୍ତଃଜ୍ଞାନ, ବିଚାର ଏବଂ ଅନୁକୂଳତାକୁ ସ୍ଥାନ ଦେଇପାରିବେ ନାହିଁ। ଯେହେତୁ ଆର୍ଥିକ ବଜାରର ବିକାଶ ଜାରି ରହିଛି, ମାନବୀୟ ବିଶେଷଜ୍ଞତା ଏବଂ ମେଶିନ ଇଣ୍ଟେଲିଜେନ୍ସ ମଧ୍ୟରେ ସମନ୍ୱୟ ନିବେଶ ପରିଦୃଶ୍ୟରେ ନବସୃଜନ, ସ୍ଥିତିସ୍ଥାପକତା ଏବଂ ନିରନ୍ତର ଅଭିବୃଦ୍ଧିକୁ ଆଗେଇ ନେବ।

ନିବେଶ କେବଳ ସଂଖ୍ୟା ଏବଂ ଆଲଗୋରିଦମ୍ ବିଷୟରେ ନୁହେଁ; ଏହା ମନୁଷ୍ୟର ଆଚରଣକୁ ବୁଝିବା, ଗୁଣାତ୍ମକ ଉପାଦାନକୁ ଆକଳନ କରିବା ଏବଂ ନିବେଶକଙ୍କ ଲକ୍ଷ୍ୟ ଏବଂ ମୂଲ୍ୟ ସହିତ ସାମଞ୍ଜସ୍ୟ ରଖୁଥିବା ସୂଚନାଯୁକ୍ତ ନିଷ୍ପତ୍ତି ନେବା ଉପରେ ନିର୍ଭର କରେ। ମାନବୀୟ ହସ୍ତକ୍ଷେପକୁ ଗ୍ରହଣ କରି ଏବଂ ପ୍ରଯୁକ୍ତିର ଶକ୍ତିକୁ ଉପଯୋଗ କରି ନିବେଶକମାନେ ଆର୍ଥିକ ବଜାରର ଜଟିଳତାକୁ ଦୂର କରିପାରିବେ।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା**
**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ଏମିତି ବ୍ୟକ୍ତି ଦେଖିଛନ୍ତି ଯିଏ ତାଙ୍କ ସବୁ ସଞ୍ଚିତ ଧନ ଓ ସ୍ତ୍ରୀଙ୍କ ଗହଣା ବିକ୍ରି କରି ଗରିବଙ୍କୁ ଖାଦ୍ୟ ଯୋଗାଉଛନ୍ତି? ହଁ, ଦିଲ୍ଲୀର ପ୍ରବୀଣ ଗୋୟଲ ଏହି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। 'ଶ୍ୟାମ ଗୋୟଲ ରୋଷେଇ'ଟ୍ରଷ୍ଟ ମାଧ୍ୟମରେ ଗରିବଙ୍କୁ ୪ ବର୍ଷ ହେଲା ସେ ୧ଟଙ୍କାରେ ଖାଦ୍ୟ ଦେଉଛନ୍ତି। ସେ ସବୁଦିନ ଗରିବ ଲୋକଙ୍କୁ ଭାତ, ଡାଲି, ତରକାରି ଏବଂ ରୁଟି ଦେଉଛନ୍ତି। କେବଳ ଗରିବ ନୁହନ୍ତି ବରଂ ସବୁ ଅସହାୟ ବ୍ୟକ୍ତି ବି ଏଠାରେ ଖାଉଛନ୍ତି। ସେ ଥରେ ତାଙ୍କ ବ୍ୟବସାୟିକ କାର୍ଯ୍ୟରେ ବାହାଦୁରଗଡ଼ ଯିବା ସମୟରେ ଏକ ଢାବାରେ ପାଣି ପିଉଥିବାବେଳେ ଜଣେ ଲୋକ ୧୦ ଟଙ୍କାରେ ଖାଦ୍ୟ ମାଗିବାରୁ ଢାବା ମାଲିକ ମନା କରିଦେଲେ। ଏହି ଘଟଣା ପ୍ରବୀଣଙ୍କୁ ପ୍ରଭାବିତ କରିଥିଲା ଓ ସେ ସେହି ଲୋକଙ୍କୁ ଖାଦ୍ୟ ପାଇଁ ୧୦୦ ଟଙ୍କା ଦେଇଥିଲେ। ପ୍ରବୀଣ ସେହିଦିନ ୧ ଟଙ୍କାରେ ଗରିବଙ୍କୁ ଖାଦ୍ୟ ଦେବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ୧୦ ଟଙ୍କାରେ ମିଲ୍ ଦେବା ଆରମ୍ଭ କରିଥିଲେ ବି ଏବେ ୧ ଟଙ୍କାରେ ତାହା ଯୋଗାଇ ଦେଉଛନ୍ତି। ଏପରି କି କରୋନା ସମୟରେ ବି ଗରିବଙ୍କୁ ଖାଦ୍ୟ ଦେବାରେ ଅବହେଳା କରି ନ ଥିଲେ। ଶ୍ୟାମ ଗୋୟଲ ରୋଷେଇ ଟ୍ରଷ୍ଟରେ ଦେଶର ଅନେକ ଲୋକ ଯୋଡ଼ି ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨ ଜୁଲାଇ ୧୯୭୫**

- ବେସରକାରୀ ଭବିଷ୍ୟନିଧି, ଅବସରକାଳୀନ ତଥା ଗ୍ରାଚ୍ୟୁଟି ପାଣ୍ଠିର ସହାୟକ ହେଲାଭଳି ଏକ ସ୍ୱତନ୍ତ୍ର ସଞ୍ଚୟ ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତନ କରାଯାଇଛି।
- ମିଜୋ ଜାତୀୟ ସାମ୍ମୁଖ୍ୟର ରାଜନୈତିକ ପରାମର୍ଶଦାତା ତଥା ବ୍ରିଗାଡିଆର ବୋଲାଉଥିବା ଡମଖୋ ସେଇକ ଗାଙ୍ଗଟୋଙ୍କ ସମେତ ୫୦ ବିଦ୍ରୋହୀ ମିଜୋଙ୍କ ମଣିପୁର ରାଜ୍ୟପାଳ ଏଲ୍.ପି. ସିଂହଙ୍କ ନିକଟରେ ଆତ୍ମସମର୍ପଣ।



## ପାଠକ ଶ୍ରେଷ୍ଠ ବିଚାରକ

### ଚାରାରୋପଣ ପାଇଁ ଆଗେଇ ଆସନ୍ତୁ

ମହାଶୟ,

ବନ ମହୋତ୍ସବ ପାଳନ ଅବସରରେ ରାଜ୍ୟରେ ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରାୟ ଅଢ଼େଇ କୋଟି ଚାରାରୋପଣ କରାଯିବାର ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଏହି ପରିପ୍ରେକ୍ଷୀରେ କେତୋଟି କଥା ଲୋକମାନଙ୍କ ମନରେ ଉଙ୍କିମାରୁଛି। ପ୍ରଥମତଃ, ଚାରାରୋପଣ ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣ କରାଯାଇ ସାରିଛି କି? ଦ୍ୱିତୀୟତଃ, ଚାରା ଲଗାଇ ସାରିବା ପରେ ସେଗୁଡ଼ିକୁ ବାଡ଼ ଦ୍ୱାରା ଆବଦ୍ଧ କରାଯିବାର ବ୍ୟବସ୍ଥା କରାଯିବ କି? ତୃତୀୟତଃ, ରୋପଣ କରାଯାଇଥିବା ଚାରାଗୁଡ଼ିକ ମଧ୍ୟରୁ ଅନ୍ତତଃ କେତେ ଶତକଡ଼ା ବଞ୍ଚିବ ବୋଲି ଆକଳନ କରାଯାଇ ସ୍ୱୟଂ ସହାୟିକାମାନଙ୍କୁ ସେଥିପାଇଁ ଉତ୍ତରଦାୟୀ କରାଯାଇ ପାରିବ କି? ଚତୁର୍ଥତଃ, ବର୍ଷାଋତୁ ପରେ ଉକ୍ତ ଚାରାଗୁଡ଼ିକରେ ନିୟମିତ ପାଣି ଦେବାପାଇଁ କାହାକୁ ଦାୟିତ୍ୱ ଦିଆଯିବ? ଏସବୁ ପ୍ରସଙ୍ଗ ପ୍ରତି ସରକାରଙ୍କୁ ଦୃଷ୍ଟି ଦେବାର ଅଛି। ଶେଷରେ ଏତିକି କୁହାଯାଇପାରେ ବୃକ୍ଷରୋପଣ କେବଳ ସରକାରୀ କାର୍ଯ୍ୟକ୍ରମ କିମ୍ବା ସରକାରଙ୍କ କର୍ତ୍ତବ୍ୟ ନୁହେଁ ବରଂ ଏଥିପାଇଁ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗକୁ ଆଗେଇ ଆସନ୍ତୁ କାରଣ, 'ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା।''

**-ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିପାଁ ଏସନ କାତର କରୁଣ ଚାହାଣୀ
କାହିଁପାଇଁ ଏ ଗଭୀର ଖେଦ?
ମାତ୍ର ଏକ ନିଶାର ବିଚ୍ଛେଦ!
ସାମାନ୍ୟ ସେ ବ୍ୟବଧାନ ନ ହୁଏ କି ସହି
ଏ ମରତ-ପରବାସେ ରହି?
-(ଚକ୍ରବାକ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ଲଣ୍ଡନ ସଡ଼କରେ ସବୁଠୁ ଛୋଟ କାର୍

## ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଛି

ଲଣ୍ଡନ

ବିଶ୍ୱରେ ପ୍ରତିଦିନ କିଛି ନା କିଛି ନୂଆ କାର୍‌କୁ ଲଞ୍ଚ କରାଯାଉଛି। ସେହିପରି ବର୍ତ୍ତମାନ ସମୟରେ ଅଟୋମୋବାଇଲ୍ ଶିଳ୍ପ ବହୁ ଦ୍ରୁତ ଗତିରେ ଆଗକୁ ବଢ଼ିବାରେ ଲାଗିଛି। ଫଳରେ ଅନେକ ପ୍ରକାର କାର୍ ଅଟୋମୋବାଇଲ ବଜାରରେ ଉପଲବ୍ଧ ରହିଛି। ତେବେ ଅଧିକାଂଶ ସହର ଏବେ କାର୍‌ଗୁଡ଼ିକରେ ଭରିହୋଇ ରହୁଥିବାରୁ ଏଥିରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ଲୋକଙ୍କ ମଧ୍ୟରେ ଛୋଟ କାର୍ କିଣିବାର ଧାରା ବୃଦ୍ଧିପାଇଛି ।

ବିଶ୍ୱର ସବୁଠାରୁ ଛୋଟ କାର୍ ଭାବେ 'ପିଲ୍ ପି୫୦' ପୂର୍ବରୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇସାରିଛି। ରବିବାର ଏହି କାର୍‌ଟି ଲଣ୍ଡନର ଏକ ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ କରୁଥିବା ଦେଖାଯାଇଥିଲା। ଏହା ଦେଖି ଜଣେ ବ୍ୟକ୍ତି ନିଜର ଉତ୍ସାହକୁ ରୋକିପାରି ନ ଥିଲେ। ରେଡ୍ଡିଟ ପ୍ଲାଟ୍‌ଫର୍ମ ଯୋଗେ ସମ୍ପୃକ୍ତ ବ୍ୟକ୍ତି ଜଣକ ଏକ ପୋଷ୍ଟ କରି ନିଜ ଫଲୋଅର୍ସଙ୍କୁ ଏନେଇ ସୂଚନା ଦେଇଥିଲେ। ଏହି ଆବିଷ୍କାରକୁ ସେ ପ୍ରଶଂସା କରିବା ସହ ନିଜ ପୋଷ୍ଟରେ ଲେଖିଛନ୍ତି, ଏହି ଛୋଟ କାର୍‌ର କୌଣସି ରିଭର୍ସ ଗିଅର ନାହିଁ । ସେହିପରି ଯଦି ଶାରୀରିକ ଭାବରେ ଏହି କାର୍‌କୁ କୌଣସି ସ୍ଥାନକୁ ଟାଣିବା ପାଇଁ ଆବଶ୍ୟକ ପଡ଼େ ତେବେ ଏହା




ପଛରେ ଏକ ହ୍ୟାଣ୍ଡେଲ ଥିବା ସେ କହିଛନ୍ତି।

ତେବେ ସାଧାରଣ କାର୍ ପରି 'ପିଲ୍ ପି୫୦' ରେ ୪ଟି ଟାୟାର ବଦଳରେ ୩ଟି ରହିଛି। ଏହାର ଲମ୍ବ ୧୩୪ ସେଣ୍ଟିମିଟର ହୋଇଥିବାବେଳେ ଏଥିରେ କେବଳ ଜଣେ ବ୍ୟକ୍ତି ବସିପାରିବେ। ପିଲ୍ ଅଟୋମୋବାଇଲ୍ କମ୍ପାନୀ ଦ୍ୱାରା ପ୍ରଥମେ ଏହି କାର୍ ନିର୍ମିତ ହୋଇଥିଲା। ଆଲେକ୍ସ ଅର୍ଚିନ ନାମକ ଜଣେ ଡିଜାଇନର ଏହି କାର୍‌ର ଡିଜାଇନ୍ ଦେଇଛନ୍ତି। ଉକ୍ତ କାର୍‌ର ମୋଟେଇ ୯୮ ସେଣ୍ଟିମିଟର ହୋଇଥିବାବେଳେ ଏହାର ଉଚ୍ଚତା ମାତ୍ର ୧୦୯ ସେ.ମି. ଥିଲା। ସେହିପରି 'ପିଲ୍ ପି୫୦' କାର୍‌ର ଓଜନ ମାତ୍ର ୫୮ କିଲୋଗ୍ରାମ ଯାହା କୌଣସି ବାଇକ୍‌ର ଓଜନଠାରୁ ମଧ୍ୟ କମ୍ ହେବ।

ବର୍ତ୍ତମାନ ଅନେକ ପରୀକ୍ଷଣ ଅଟୋମୋବାଇଲ କ୍ଷେତ୍ରରେ କରାଯାଉଛି। 'ପିଲ୍ ପି୫୦' କାର୍ ହେଉଛି ଏହି ପରୀକ୍ଷଣଗୁଡ଼ିକର ଅନ୍ୟତମ ଫଳାଫଳ। ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗମନାଗମନ ପାଇଁ ଏହି କାର୍‌କୁ ତିଆରି କରାଯାଇଛି । ଯଦି କେହି ବ୍ୟକ୍ତି କେବଳ ନିଜ ପାଇଁ ଏକ କାର୍ କିଣିବାକୁ ଚାହାନ୍ତି, ତେବେ 'ପିଲ୍ ପି୫୦' କାର୍ ସେମାନଙ୍କ ପାଇଁ ସର୍ବୋତ୍ତମ ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି।

# ବିଲେଇ ଛୁଆର ନାମକରଣ ଉତ୍ସବ



ପୁଣେ

ନାରୀ'ୟଲ୍ ନାମକ ଏକ କସ୍‌ମେଟିକ୍ସ କମ୍ପାନୀର ପୁଣେସ୍ଥିତ ଅଫିସ୍‌ରେ ଏକ ବିଲେଇ ଛୁଆର ନାମକରଣ ଉତ୍ସବ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଛି। ଏହି ଅଫିସର କର୍ମଚାରୀମାନେ ଧଳା ଓ କମଳା ରଙ୍ଗର ଏହି ଛୋଟ ବିଲେଇ ଛୁଆର ଆରତି କରୁଥିବା ଦେଖିବାକୁ ମିଳିଛି। ସେମାନେ ବିଲେଇ ଛୁଆର କପାଳରେ ତିଳକ ଲଗାଇବା ସହ ତା'ଉପରକୁ ଫୁଲ ବର୍ଷା କରୁଛନ୍ତି। ଏହି ନାମକରଣ ସମାରୋହରେ ବିଲେଇ ଛୁଆଟିର ନାମ 'କୋକାୟା' ରଖାଯାଇଛି। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ମିଶି 'କୋକାୟା' ସହ କେକ୍ କାଟିଛନ୍ତି।

# ସେପ୍ଟେମ୍ବର ୧୩ରେ ରିଲିଜ୍ ହେବ 'ଦି ବକିଂହାମ୍ ମର୍ଡର୍ସ'



କରୀନା କପୁର ଖାନ୍

**ମୁମ୍ବାଇ:** ହନ୍‌ସଲ ମେହତାଙ୍କ ନିର୍ଦ୍ଦେଶିତ ତଥା ଅଭିନେତ୍ରୀ କରୀନା କପୁର ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ଦି ବକିଂହାମ୍ ମର୍ଡର୍ସ'ର ରିଲିଜ୍ ତାରିଖ ସୋମବାର ଘୋଷଣା କରାଯାଇଛି। ଫିଲ୍ମ ନିର୍ମାତା ସଂସ୍ଥା ବାଲାଜୀ ମୋସନ୍ ପିକ୍ଚର୍ସ ଦ୍ୱାରା ଇନ୍‌ଷ୍ଟାଗ୍ରାମରେ ଏନେଇ ଏକ ପୋଷ୍ଟର ଜାରି କରାଯାଇ ସୂଚନା ଦିଆଯାଇଛି। ବଡ଼ ପରଦାରେ ଏହି ଚଳଚ୍ଚିତ୍ର ଚଳିତ ବର୍ଷ ସେପ୍ଟେମ୍ବର ୧୩ରେ ମୁକ୍ତିଲାଭ କରିବ। 'ଦି ବକିଂହାମ୍ ମର୍ଡର୍ସ'କୁ ଗତବର୍ଷ ଅନୁଷ୍ଠିତ ହୋଇଥିବା 'ବିଏଫ୍‌ଆଇ ଲଣ୍ଡନ ଚଳଚ୍ଚିତ୍ର ମହୋତ୍ସବ ୨୦୨୩'ରେ ପ୍ରଦର୍ଶିତ କରାଯାଇଥିଲା। ଏହାବ୍ୟତୀତ ଗତବର୍ଷ ଆୟୋଜିତ ହୋଇଥିବା 'ମୁମ୍ବାଇ ଫିଲ୍ମ ଫେଷ୍ଟିଭାଲ ୨୦୨୩'ରେ ଏହି ଚଳଚ୍ଚିତ୍ରର ସ୍କ୍ରିନିଂ ହୋଇଥିଲା। ଉକ୍ତ ଫିଲ୍ମରେ କରୀନା ଜଣେ ମହିଳା ଗୁପ୍ତଚର ଚରିତ୍ରରେ ଅଭିନୟ କରୁଛନ୍ତି, ଯାହାଙ୍କ ନାମ ଜସ୍ ଭାମରା ରହିଛି। ପୂର୍ବରୁ ଏହି ଚଳଚ୍ଚିତ୍ରଟି ଓଟିଟି ପ୍ଲାଟ୍‌ଫର୍ମ ଯୋଗେ ରିଲିଜ ହେବ ବୋଲି ଅନୁମାନ କରାଯାଉଥିଲେ ହେଁ ବର୍ତ୍ତମାନ ଏହି ଫିଲ୍ମଟିକୁ ଖୁବ୍‌ଶୀଘ୍ର ପ୍ରେକ୍ଷାଳୟରେ ଦେଖିବାକୁ ମିଳିବ। ହି ଚଳଚ୍ଚିତ୍ର ସହ କରୀନା ଜଣେ ପ୍ରଯୋଜକ ଭାବରେ ମଧ୍ୟ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ଏହି ଫିଲ୍ମର ସହ ନିର୍ମାତା ରହିଛନ୍ତି। ଏହି ଚଳଚ୍ଚିତ୍ରଟି ଶୋଭା କପୁର, ଏକତା କପୁର ଓ କରୀନା କପୁର ଖାନ୍‌ଙ୍କ ସହ ବାଲାଜୀ ଟେଲିଫିଲ୍ମସ୍ ଓ ଟିବିଏମ୍ ଫିଲ୍ମସ୍ ଦ୍ୱାରା ନିର୍ମିତ ହୋଇଛି। କରୀନାଙ୍କ ସହ ଏହି ଚଳଚ୍ଚିତ୍ରରେ ଏସ୍. ଟଣ୍ଡନ୍, ରଣବୀର ବ୍ରାର ଓ କିଥ୍ ଏଲନ୍ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି।

## ଜାତୀୟ/ଅନ୍ତର୍ଜାତୀୟ ଖବର

# ରାହୁଲଙ୍କ ନିର୍ବାଚନ ବିରୋଧରେ ପିଆଇଏଲ୍ ଖାରଜ

**ଲକ୍ଷ୍ନୌ,୧୭:** ରାହୁଲ ଗାନ୍ଧୀ ଜଣେ ବ୍ରିଟିଶ ନାଗରିକ ବୋଲି ଅଭିଯୋଗ କରି ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଆଲ୍ଲାହାବାଦ ହାଇକୋର୍ଟରେ ଦାଏର ହୋଇଥିଲା। ତାଙ୍କ ନିର୍ବାଚନ ଉପରେ ଉକ୍ତ ପିଆଇଏଲ୍‌ରେ ପ୍ରଶ୍ନ ଉଠାଯାଇଥିଲା। ଆବେଦନକାରୀ ଏସ୍. ବିଘ୍ନେଶ ଶିଶିର ପିଟିଶନ ଫେରାଇ ନେବା ପାଇଁ ଆବେଦନ କରିବା ପରେ ହାଇକୋର୍ଟ ସୋମବାର ମାମଲାକୁ ଖାରଜ କରିଦେଇଛନ୍ତି। ନାଗରିକତ୍ୱ ଆଇନ, ୧୯୫୫ର ଧାରା ୯(୨) ଅନୁଯାୟୀ ପିଟିଶନ ପ୍ରତ୍ୟାହାର ପାଇଁ ଅନୁମତି ଦିଆଯାଇପାରିବ ବୋଲି ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ କହିଛନ୍ତି। ଆବେଦନକାରୀ ପିଟିଶନ ଫେରାଇ ନେବାରୁ ଏହା ଖାରଜ ହୋଇଥିବା ଜଷ୍ଟିସ ରାଜନ ରାୟ ଏବଂ ଓମ୍‌ପ୍ରକାଶ ଶୁକ୍ଲାଙ୍କ ଖଣ୍ଡପୀଠ କହିଛନ୍ତି।

# ମୁସଲମାନ ଯୁବକଙ୍କୁ ପିଟିପିଟି ହତ୍ୟା: ୧୧ ଗିରଫ

## କ୍ରିକେଟ ମ୍ୟାଚ୍‌ରେ ଗଣ୍ଡଗୋଳ

ଗାନ୍ଧୀନଗର, ୧୭

ଗୁଜରାଟର ଆନନ୍ଦ ଜିଲାର ଚିଖୋଦରା ଗ୍ରାମରେ ରବିବାର ଏକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଚାଲିଥିବାବେଳେ ସ୍ଥାନୀୟ ପୋଲସନ ଅଞ୍ଚଳର ସଲମାନ ବୋହରା(୨୩) ନାମକ ଜଣେ ମୁସଲମାନ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ମ୍ୟାଚ୍‌ରେ ସଲମାନ ଭଲ ପ୍ରଦର୍ଶନ କରୁଥିବାରୁ କେତେଜଣ ସ୍ଥାନୀୟ ହିନ୍ଦୁ ଯୁବକ ଅତିଷ୍ଠ ହୋଇ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି କରିଥିଲେ। ମ୍ୟାଚ ଚାଲିଥିବା ସମୟରେ ସଲମାନ୍‌ଙ୍କୁ ବିରୋଧ କରି ଦର୍ଶକଙ୍କ ଭିଡ଼ ମଧ୍ୟରେ କେତେଜଣ ଯୁବକ ଜୟ ଶ୍ରୀରାମ ନାରା ଲଗାଇଥିବା ସଲମାନ୍‌ଙ୍କ ଦାଦା ନୋରମନ ଅନ୍‌ୱର ବୋହରା ଅଭିଯୋଗ କରିଛନ୍ତି। କେତେଜଣ ଯୁବକ ଏକାଠି



ସଲମାନ ବୋହରା

ହୋଇ ବ୍ୟାଟ୍ ଓ ବାଁଉଶ ବାଡ଼ିରେ ସଲମାନଙ୍କୁ ଲଗାତର ପିଟିବା ସହ ଛୁରିରେ ଆକ୍ରମଣ କରିଥିଲେ। ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ସଲମାନ୍‌ଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସେ ପ୍ରାଣ ହରାଇଥିଲେ। ଏହି ଆକ୍ରମଣରେ ସଲମାନ୍‌ଙ୍କ ବ୍ୟତୀତ ଅନ୍ୟ ୨ ମୁସଲମାନ ଯୁବକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଘଟଣାକୁ ନେଇ ସଲମାନ୍‌ଙ୍କ ପରିବାରର ଅଭିଯୋଗ ଆଧାରରେ ଆନନ୍ଦ ଗ୍ରାମୀଣ ଥାନା ପୋଲିସ ସୋମବାର ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜିଲାର ଉପ ପୋଲିସ ଅଧୀକ୍ଷକ(ଡିଏସ୍‌ପି) ଜେ.କେ. ପଞ୍ଚଲ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ଅଭିଯୁକ୍ତଙ୍କ ତାଲିକାରେ ମୁଖ୍ୟ ଅଭିଯୁକ୍ତ ଶକ୍ତି ସିଂଙ୍କ ନାଁକୁ ହଟାଇବାକୁ ସ୍ଥାନୀୟ କ୍ଷତ୍ରିୟ ସମ୍ପ୍ରଦାୟର କେତେଜଣ ସଦସ୍ୟ ପୋଲିସ ଉପରେ ଚାପ ପକାଉଥିବା ନେଇ ଅଲ୍ ଇଣ୍ଡିଆ ମଜ୍‌ଲିସ୍-ଏ-ଇତ୍ତେହାଦୁଲ ମୁସ୍‌ଲିମିନ (ଏଆଇଏମ୍‌ଆଇଏମ୍) ଏମ୍‌ପି ଅସଦୁଦ୍ଦିନ ଓୱାଇସି ଅଭିଯୋଗ ଆଣିଛନ୍ତି।

# ଫୌଜଦାରି ମାମଲାରେ ଟ୍ରମ୍ପଙ୍କୁ ସୁରକ୍ଷା ଦେଲେନି ସୁପ୍ରିମକୋର୍ଟ

ୱାଶିଂଟନ,୧୭

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସମ୍ପୃକ୍ତ ଥିବା ଆପରାଧିକ ମାମଲାରୁ ସୁରକ୍ଷା ପାଇଁ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍ ହାରିଯିବା ପରେ ଫଳାଫଳ ବଦଳାଇବା



ପାଇଁ କରିଥିବା ଉଦ୍ୟମ ନିମନ୍ତେ ତାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହୋଇଥିଲା। ଜଣେ ପୂର୍ବତନ ରାଷ୍ଟ୍ରପତି ଭାବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ଦର୍ଶାଇ ସେ ତଳକୋର୍ଟ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବେ ପୂର୍ବତନ ରାଷ୍ଟ୍ରପତିଙ୍କ କାର୍ଯ୍ୟ ବିରୋଧରେ ତାଙ୍କୁ ଆଇନଗତ ସୁରକ୍ଷା ଦିଆଯିବ କିନ୍ତୁ ଘରୋଇ ଭାବେ ସେ କରିଥିବା କାର୍ଯ୍ୟ ପାଇଁ ଏହି ସୁବିଧା ମିଳିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି। ଆଗାମୀ ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ଟ୍ରମ୍ପ୍ ରିପବ୍ଲିକାନ ଦଳରୁ ପ୍ରାର୍ଥୀ ହୋଇଛନ୍ତି।

# ବିମାନରେ ଭାରତୀୟ ଯୁବତୀଙ୍କ ମୃତ୍ୟୁ



ମେଲବୋର୍ନ, ୧୭

ଅଷ୍ଟ୍ରେଲିଆର କ୍ୱାଣ୍ଟାସ୍ ଏୟାରଲାଇନ୍ସର ଏକ ବିମାନରେ ସୋମବାର ମେଲବୋର୍ନରୁ ଦିଲ୍ଲୀ ଆସୁଥିବା ଭାରତୀୟ ଯୁବତୀ ମନପ୍ରୀତ କୌର (୨୪)ଙ୍କର ମୃତ୍ୟୁ ଘଟିଛି। ବିମାନ ଉଡ଼ାଣର ଠିକ୍ ପୂର୍ବରୁ ସେ ନିଜ ସିଟ୍ ବେଲ୍ଟ ପିନ୍ଧିବାବେଳେ ଅସୁସ୍ଥ ଅନୁଭବ କରି ତଳେ ପଡ଼ିଯାଇଥିଲେ। ବିମାନର କ୍ୟାବିନ କ୍ରୁ ସଦସ୍ୟ ଓ ଜରୁରୀ ସେବା ଅଧିକାରୀ ମନପ୍ରୀତଙ୍କୁ ଚିକିତ୍ସା ସେବା ଯୋଗାଇଥିଲେ ମଧ୍ୟ ବଞ୍ଚାଇ ପାରି ନ ଥିଲେ। ମନ୍‌ପ୍ରୀତ ଯକ୍ଷ୍ମା ରୋଗରେ ପୀଡ଼ିତ ଥିବାରୁ ତାଙ୍କର ଫୁସ୍‌ଫୁସ୍ ଜନିତ ସମସ୍ୟା ଥିଲା ବୋଲି ବନ୍ଧୁ ଗୁରଦୀପ ଗ୍ରେୱାଲ କହିଛନ୍ତି। ଏୟାରପୋର୍ଟ ପ୍ରଶାସନ ମନପ୍ରୀତଙ୍କ ମୃତଦେହକୁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଛି। ସେ ୨୦୨୦ରେ ଉଚ୍ଚଶିକ୍ଷା ପାଇଁ ଅଷ୍ଟ୍ରେଲିଆ ଯାଇଥିଲେ।


**+3 KASHI BISWANATHA MAHAVIDYALAYA**
PAIKSAHI, ATHAMALLIK, DIST.: ANGUL, ODISHA

**WALK-IN-INTERVIEW**

A Walk-in-Interview will be held for the post of Junior-Clerk-cum-Data Entry Operator (01 Post), Assistant Librarian (01 Post) and P.E.T. (01 Post) at the Office of the Principal on Dt.09.07.2024. So desireous candidates with requisite qualification may attend the Interview at 11 A.M. Essential qualification: Graduation with PGDCA for Clerk, Graduation with B.Lib. for Asst. Librarian and B.Ped for P.E.T. For more details Contact Mob.: **8847815693**.

Sd./- Principal
+3 K.B. Mahavidyalaya, Paiksahi



## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୮ ଏବଂ ଲିଜ୍-କେଜିପି-୨୦୨୪-୦୯
ତାରିଖ: ୦୧।୦୭।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୮ | ୧୫।୦୭।୨୦୨୪ | ୧୦.୦୦ ଘ. | ୧୩.୦୦ ଘ. |
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୯ | ୧୬।୦୭।୨୦୨୪ | ୧୧.୦୦ ଘ. | ୧୧.୫୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-331) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



GOVT. OF ODISHA  No. A-104

**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Vansadhara Nagabali Basin, Paralakhemundi
(email Id: se_sicpkd@yahoo.com)

**e-Procurement Notice No. ACE, VNB-01/2024-25**

| | | |
|---|---|---|
| 1 | Type of Works | Flood Protection Works |
| 2 | Total Number of Packages | 5 (Five) Nos. |
| 3 | Estimated Cost | Rs.194.46 lakhs to Rs.371.73 lakhs |
| 4 | Bid Identification No. | ACE, VNB (GID)-01/2024-25 to ACE, VNB (GID)-05/2024-25 |
| 5 | Period of Completion | 8 (Eight) Calendar Months to 10 (Ten) Calendar Months |
| 6 | Availability & submission of bids online | From 11.00 A.M. of 08.07.2024 to 5.00 P.M. of 23.07.2024 |
| 7 | Date of Opening of Technical Bids | 24.07.2024 at 11.00 A.M. in the, O/o. the Additional Chief Engineer, Vansadhara Nagabali Basin, Paralakhemundi |
| 8 | Procurement Officer | Additional Chief Engineer, Vansadhara Nagabali Basin, Paralakhemundi |
| 9 | Further details can be seen from Govt. website **www.tendersorissa.gov.in** and any addendum/corrigendum/cancellation will be published in the said website. | |

Sd./- Additional Chief Engineer
Vansadhara Nagabali Basin, Paralakhemundi
OIPR-32417/11/0001/2425



## ADMISSION NOTICE
ହସ୍ତଶିଳ୍ପ ନମୁନା ବିକାଶ ପ୍ରଶିକ୍ଷଣରେ ସାର୍ଟିଫିକେଟ୍ ପାଠ୍ୟକ୍ରମ
CERTIFICATE COURSE IN CRAFT DESIGN

ରାଜ୍ୟର ହସ୍ତଶିଳ୍ପ କାରିଗର ମାନଙ୍କୁ ବଜାର ତଥା ରପ୍ତାନୀ ଭିତ୍ତିକ ସାମଗ୍ରୀ ପ୍ରସ୍ତୁତି ପାଇଁ ତାଲିମ ଦେବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ସହାୟତାରେ ଏକ ୧ ବର୍ଷିଆ ସାର୍ଟିଫିକେଟ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯାଉଅଛି । ଏହି ପାଠ୍ୟକ୍ରମ ରାଷ୍ଟ୍ରୀୟ ଡିଜାଇନ ସଂସ୍ଥାନ (NID), ଅହମଦାବାଦଙ୍କ ସହାୟତାରେ ପ୍ରସ୍ତୁତ କରାଯାଇ ଅଛି ଏବଂ NID/NIFT ରେ ଅଭିଜ୍ଞତା ଥିବା ଶିକ୍ଷକ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଅଛି । ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଜାଇନ ର ମୂଳତତ୍ତ୍ୱ, ହସ୍ତଶିଳ୍ପରେ ବଜାର ଚାହିଦା ଅନୁଯାୟୀ ତଥା ରପ୍ତାନୀ ଭିତ୍ୟିକ ନୂତନ ଡିଜାଇନ ର ବିକାଶ, କଂପ୍ୟୁଟର ମାଧ୍ୟମରେ ନମୁନା ପ୍ରସ୍ତୁତି ଇତ୍ୟାଦି ପ୍ରଶିକ୍ଷଣ ଦିଆଯାଉଅଛି । ପାଠ୍ୟକ୍ରମ ଚାଲିଥିବା ସମୟରେ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ **ମାସିକ ଟ. ୨୦୦୦ ଙ୍କା ଭତ୍ତା** ଦେବାର ବ୍ୟବସ୍ଥା ଅଛି । ଆବଶ୍ୟକ ସ୍ଥଳେ କେବଳ ପୁରୁଷ ମାନଙ୍କ ପାଇଁ ସୀମିତ ହଷ୍ଟେଲ ବ୍ୟବସ୍ଥା କରାଯାଇ ପାରେ । **୨୦୨୪ - ୨୫** ଶିକ୍ଷା ବର୍ଷ ପାଇଁ ଏହି ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ନିମ୍ନ ଯୋଗ୍ୟତାଧାରୀ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

**ଆବେଦନ କରିବା ପାଇଁ ଯୋଗ୍ୟତା**
ପ୍ରାର୍ଥୀମାନେ ଅନ୍ୟୁନ ଦଶମ ଶ୍ରେଣୀ ପାସ୍ କରିଥିବେ ଏବଂ ରାଜ୍ୟ ହସ୍ତ ଶିଳ୍ପ ନିର୍ଦ୍ଦେଶାଳୟ । ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ କିମ୍ବା ରାଜ୍ୟର ଯେକୌଣସି ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧୀନରେ ଶିକ୍ଷା ଲାଭ କରିଥିବେ କିମ୍ବା କୌଣସି ହସ୍ତଶିଳ୍ପରେ ୫ ବର୍ଷର ଅଭିଜ୍ଞତା ଥାଇ କାର୍ଯ୍ୟରତ ଥିବେ । ପ୍ରାର୍ଥୀମାନଙ୍କର ବୟସ ତା ୦୧-୦୭-୨୦୨୪ ସୁଦ୍ଧା ୧୭ ବର୍ଷରୁ ୪୦ ବର୍ଷ ମଧ୍ୟରେ ଥିବା ଆବଶ୍ୟକ।

**ସ୍ଥାନ ସଂଖ୍ୟା – ୨୦**
ଚୟନ ପ୍ରକ୍ରିୟା- ଏକ ଯୋଗ୍ୟତା ପରୀକ୍ଷା ଏବଂ ସାକ୍ଷାତକାର ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯିବ । ପରୀକ୍ଷା ତାରିଖ ପରେ ମୋବାଇଲ ମାଧ୍ୟମରେ ଜଣାଇ ଦିଆଯିବ ।

**ଆବେଦନ ପ୍ରଣାଳୀ**
ଆଗ୍ରହୀ ଛାତ୍ର ଛାତ୍ରୀ ମାନେ ତା : ୩୧ -୦୭-୨୦୨୪ ମଧ୍ୟରେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ । ଆବେଦନ ପାଇଁ ଆମ ୱେବ ସାଇଟ **www.sidacodisha.org.in** ପରିଦର୍ଶନ କରି ନିର୍ଦ୍ଦିଷ୍ଟ ସାରଣୀ ରେ ଆବଶ୍ୟକ ଦସ୍ତାବିଜ ର ପ୍ରମାଣ ପତ୍ର ଅପଲୋଡ କରି ଆବେଦନ କରିବେ । ସମସ୍ତ ଯୋଗାଯୋଗ ଫୋନ / ଇମେଲ ମାଧ୍ୟମରେ କରାଯିବ । ତେଣୁ ଆବେଦନ କାରୀମାନେ କାର୍ଯ୍ୟକ୍ଷମ ଥିବା ୨ ଟି ଫୋନ୍ ନମ୍ବର ସହ ଇମେଲ ଠିକଣା ଦେବାପାଇଁ ଅନୁରୋଧ । ଅନୁସନ୍ଧାନ ପାଇଁ ଯୋଗାଯୋଗ ନମ୍ବର - ୮୮୯୫୯୯୨୩୦୫/୮୩୨୮୮୯୦୨୮୪।

-ସ୍ୱା-
ସଦସ୍ୟ ସଚିବ

ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର
ହାଣ୍ଡିକ୍ରାଫ୍ଟ କଂପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ-ଖଣ୍ଡଗିରି, ଭୁବନେଶ୍ୱର-୩୦
ଫୋନ- ୦୬୭୪- ୨୩୫୦୩୧୮, ୯୭୫୮୦୯୧୮୧୪, ୭୦୦୮୮୬୮୫୬୮

No.PP-06  OIPR-31036/11/0003/2425



**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in

**Short Notice**
(For Sale of Seized Material lying at different Mining Circle)

No.CAD-407: The Odisha Mining Corporation Ltd. Intends to sell the different grade of seized material lying at different Mining Circle through National e-auction which will be conducted by MSTC Ltd. The e-auction shall be held from 11.00 AM to 2.00 PM on dt. 05.07.2024.
For details, please visit the website of MSTC i.e www.mstcecommerce.com

OIPR-30005/11/0037/2425  Sd./-General Manager (S&M)



No.N-46
**Directorate of Higher Secondary Education, Odisha**

Revised Timeline for e-Admission into Higher Secondary Schools of the State for the Session 2024-25

Important Dates

| Sl.# | Activities | Datelines |
|---|---|---|
| 1) | Previous Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in) | 06.07.2024 (11.45 PM) |
| 2) | Revised Last date for submission of on-line Common Application Form (CAF) by the applicant at Student Login (www.samsodisha.gov.in) | 12.07.2024 (11.45 PM) |
| 3) | Commencement of Class-XI | 01.08.2024 |

For more details,
a) Regarding publication of merit list along with the admission datelines, please visit www.samsodisha.gov.in
b) Contact Sanjog Helpline (Toll Free) number 155335, 1800-345-6770, e-mail : sams.dhse@gov.in

Changes to the dateline (if occurs) will be notified in the newspapers & website as well

OIPR-11020/11/0001/2425



NO. C-128
WATCO
**OFFICE OF THE GENERAL MANAGER, WATCO DIVISION-II, BHUBANESWAR**
Near Rajiv Bhawan, Unit-V, Bhubaneswar - 751001, Odisha, India
Telefax: +91-674-2390322, E-mail: gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT
**INVITATION FOR BIDS (IFB)**
Dtd.29.06.2024

01. Name of the Work : Improvement of Water supply inside SC, ST & RTI Campus through DI & MS Pipe line & S/D System at CRP Square, Unit-VIII, Bhubaneswar
02. Estimate Cost : Rs.95.42 Lakhs
03. Period of Completion : 2 (Two) Months
04. Class of Contractor : B Class
05. Date & Time of availability of bid document in the portal : From 11.00 A.M. of Dt.03.07.24 to 5.00 P.M. of 18.07.2024
06. Last date/time of receipt of bids in the portal : 5.00 P.M. of 18.07.2024
07. Last date & time of seeking clarification : 5.00 P.M. of 08.07.2024
08. Date & time of opening of bids : At 12.30 P.M. of 19.07.2024
09. Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal **"https://www.tendersorissa.gov.in"**.

Sd./- General Manager
WATCO Division-II, Bhubaneswar
OIPR-13089/11/0005/2425



See Career Appointment on every Wednesday & Saturday



GOVERNMENT OF ODISHA  No. O-74
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404

**e-Procurement Notice for Weir Bridge Works in Odisha**
**Bid Identification No. Bridge Online AGL - 03/2024-25**

No. 1674  Dt.29.06.24

1. Name of the Work : Bridge Works
2. Total No. of Work : 02 Nos.
3. Estimated Cost : Rs.100.824 Lakhs to Rs.135.07 Lakhs
4. Class of Contractor : 'B' & 'A' Class
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online AGL-03/2024-25 | 05.07.24 at 10.00 A.M. | 19.07.24 upto 5.00 P.M. | 18.07.24 upto 1.00 P.M. | 20.07.24 at 11.00 A.M. | Will be intimated Separately |

(1) For detailed Notice inviting tenders, please visit to the website **www.tendersorissa.gov.in**.

OIPR-25180/11/0004/2425  Sd./- Chief Construction Engineer, Rural Works Circle, Angul



OCPL Odisha Coal and Power Limited

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha
Ph No : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-182/2024  Date : 02/07/2024

Sealed bids in prescribed format are invited from Companies / firms / agencies for the following work :

| Sl. No | Name of the work | Cost of Tender Paper | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|
| 1 | Annual Maintenance Contract (AMC) for 03 Nos. STP at R & R Colony (Phase - II), Hemgir, Sundargarh, Odisha | Rs.1,180/- (Rupees One Thousand One Hundred Eighty only) including GST. | 02/07/2024 | 10/07/2024 | 03:00 PM / 03:30 PM on 15/07/2024 |

For futher details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./-Chief Operating Officer

# ଅଭିଯୋଗ ସମାଧାନ କରିପାରୁନି ବିଏମ୍‌ସି

**ବର୍ଷକରେ ୨୬ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ ମିଳିଛି**

ଭୁବନେଶ୍ୱର, ୧।୭ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ବୃଦ୍ଧି ପାଇ ୧୧ଲକ୍ଷ ଟପି ସାରିଲାଣି। ଜନବସତିଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ମନ୍ଦିର, ଦୋକାନ ବଜାର ଆଦି ଗଢ଼ିଉଠିଛି। ଯେଉଁ ଅନୁପାତରେ ସହରର ବିକାଶ ହେଉଛି ସେହି ଅନୁପାତରେ ଏଠାରେ ସମସ୍ୟା ବଢ଼ିଚାଲିଛି। ଲୋକେ ଯେପରି ନିଜ ସମସ୍ୟା ସମ୍ପର୍କରେ ବିଏମ୍‌ସିକୁ ଅବଗତ କରାଇପାରିବେ, ସେ ନେଇ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଉଭୟ ବ୍ୟବସ୍ଥା ରହିଛି। ସୋସିଆଲ ମିଡିଆ, ଇ-ମେଲ୍, ୧୯୨୯ ଟୋଲ୍ ଫ୍ରି ନଂ, ଭୁବନେଶ୍ୱର ଡଟ୍ ମି ଆଦି ସହିତ ବିଏମ୍‌ସି ପକ୍ଷରୁ ଜନ ଅଭିଯୋଗ ଶୁଣାଣି ମଧ୍ୟ କରାଯାଉଛି। ଏହାବାଦ୍ ଅଧିକାରୀମାନେ ସିଧାସଳଖ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ଏନେଇ ପଦକ୍ଷେପ ନେବା ଲକ୍ଷ୍ୟରେ ବିଏମ୍‌ସି ପକ୍ଷରୁ ୨୦୨୨ ଜୁଲାଇ ୪ରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାଦ୍ୱାରା ଅଧିକାରୀ ଏବଂ ଲୋକଙ୍କ ଭିତରେ ଥିବା ଦୂରତା କମିବ ବୋଲି ଆଶା କରାଯାଉଥିଲା। ତେବେ ଯେଉଁ ସଂଖ୍ୟାରେ ବିଏମ୍‌ସିକୁ ଅଭିଯୋଗ ଆସୁଛି ତାହାର ସମାଧାନ ହୋଇ ନ ପାରି ପଡ଼ିରହୁଥିବା ଦେଖାଯାଇଛି।

ସୂଚନା ଅନୁଯାୟୀ, ୨୦୨୨ ଜୁଲାଇରୁ ୨୦୨୩ ଜୁଲାଇ ୧ ମଧ୍ୟରେ କେବଳ ଜନଅଭିଯୋଗ ଶୁଣାଣିରୁ ପ୍ରାୟ ୧୮ଶହ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଅଧିକାଂଶ ଅଭିଯୋଗର ସମାଧାନ ଏପର୍ଯ୍ୟନ୍ତ ହୋଇପାରିନାହିଁ। ସେହିପରି ୨୦୨୨ ଜୁଲାଇ ୨୦ ସୁଦ୍ଧା ବିଭିନ୍ନ ସୂତ୍ରରୁ ମୋଟ୍ ୩୨ ହଜାର ୯୦୭ ଅଭିଯୋଗ ବିଏମ୍‌ସିର ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ କେତୋଟିର ସମାଧାନ ହୋଇଥିବାବେଳେ ଆହୁରି ଶତାଧିକ ଅଭିଯୋଗ ଫାଇଲ୍‌ରେ ବନ୍ଧାହୋଇ ରହିଛି। ଅପରପକ୍ଷେ ୨୦୨୩ ଜୁଲାଇ ୧ରୁ ୨୦୨୪ ଜୁନ୍ ୩୦ ସୁଦ୍ଧା ମୋଟ୍ ୧୭ଶହ ୨୯ଟି ଜନଅଭିଯୋଗ ଶୁଣାଣି ହୋଇଛି। ସେଥିମଧ୍ୟରୁ ସବୁଠାରୁ ଅଧିକ ୩୪୦ଟି ସାମାଜିକ ସୁରକ୍ଷା ସମ୍ପର୍କିତ ଅଭିଯୋଗ ରହିଛି। ତା’ ପଛକୁ ହାଉସିଂ ସମ୍ପର୍କିତ ୨୨୮ଟି, ଡ୍ରେନ୍ ସମ୍ପର୍କିତ ୧୩୯ଟି, ଭେଣ୍ଡିଂଜୋନ ବାବଦରେ ୯୨ଟି, ଷ୍ଟ୍ରିଟ୍ ଲାଇଟ୍ ସଂକ୍ରାନ୍ତ ୮୩ଟି ଏବଂ ଅନ୍ୟାନ୍ୟ ଅଭିଯୋଗକୁ ମିଶାଇ ମୋଟ୍ ୧୭୨୯ଟି ଅଭିଯୋଗ ରହିଛି। ଏଥିମଧ୍ୟରୁ ପ୍ରାୟ ୧୫୫୧ଟିର ସମାଧାନ ହୋଇସାରିଥିବାବେଳେ ଆଉ ମାତ୍ର ୧୭୮ଟି ଅଭିଯୋଗ ବାକି ରହିଥିବା ବିଏମ୍‌ସିର ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏହା କେବଳ ଜନଅଭିଯୋଗ ଶୁଣାଣିର ତଥ୍ୟ ହୋଇଥିବାବେଳେ, ବିଭିନ୍ନ ସୂତ୍ରରୁ ମୋଟ୍ ୨୬ହଜାର ୨୭୯ଟି ଅଭିଯୋଗ ହସ୍ତଗତ ହୋଇଛି। ସେଥିମଧ୍ୟରୁ ସର୍ବାଧିକ ୧୨ହଜାର ୨୯ଟି ଅଭିଯୋଗ ଷ୍ଟ୍ରିଟ୍‌ଲାଇଟ୍‌କୁ ନେଇ ରହିଥିବାବେଳେ, ୬ହଜାର ୭୧୩ଟି ଅଭିଯୋଗ ପରିମଳ, ୧ ହଜାର ୫୬ଟି ଏବିସି (ଆନିମାଲ୍‌ବାର୍ଥ କଣ୍ଟ୍ରୋଲ) ସମ୍ପର୍କିତ ରହିଛି। ସେହିପରି ୧୧୩୨ଟି ଅଭିଯୋଗ ଦକ୍ଷିଣ-ପୂର୍ବ ଜୋନ ଅନ୍ତର୍ଗତ ହୋଇଥିବାବେଳେ, ୧୧୩୮ଟି ଅଭିଯୋଗ ଉତ୍ତର ଜୋନ୍, ୮୩୯ଟି ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ରହିଛି। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ଏଯାବତ୍ ଆହୁରି ୧୧୪୨ଟିର ସମାଧାନ ହୋଇପାରି ନ ଥିବା ସୂଚନା ଦିଆଯାଇଛି। ତେବେ ବିଏମ୍‌ସି ପକ୍ଷରୁ ଦିଆଯାଇଥିବା ଏହି ତଥ୍ୟର ବାସ୍ତବତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିଏମ୍‌ସିର ଅପାରଗତାକୁ ନେଇ ଲୋକେ ସୋସିଆଲ ମିଡିଆରେ ମାଳ ମାଳ ଅଭିଯୋଗ କରୁଥିବା ଦେଖିବାକୁ ମିଳୁଛି। ଏପରିକି ମାସ ମାସ ଧରି ସେମାନଙ୍କ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ମାତ୍ର ବିଏମ୍‌ସି କାଗଜକଲମରେ ସବୁ ସମାଧାନ ହୋଇଯାଉଥିବା ଦର୍ଶାଇ ଚୁପ୍ ବସୁଛି। ବିଭାଗୀୟ ଅଧିକାରୀ କହିଛନ୍ତି, ବିଏମ୍‌ସି ପକ୍ଷରୁ ସମସ୍ତ ଅଭିଯୋଗର ସମାଧାନ ପାଇଁ ଯଥାସମ୍ଭବ ଚେଷ୍ଟା କରାଯାଉଛି। ଡ୍ରେନେଜ, ଷ୍ଟ୍ରିଟ୍‌ଲାଇଟ୍, ରାସ୍ତାଘାଟକୁ ନେଇ ଅଭିଯୋଗ ଆସୁଛି। ଅଫ୍‌ଲାଇନ୍ ହେଉ ଅବା ଅନ୍‌ଲାଇନ୍ ହେଉ, ଅଭିଯୋଗ କରିବା ପରେ ସେମାନଙ୍କ ମୋବାଇଲ୍‌କୁ ଏକ ଲିଙ୍କ୍ ପଠାଯାଉଛି, ଯେଉଁଥିରେ ସେମାନେ ତାଙ୍କ ଅଭିଯୋଗର ଷ୍ଟାଟସ୍ ଦେଖିପାରୁଛନ୍ତି। ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଅଧିକାରୀଙ୍କୁ ଫାଇଲ୍ ହସ୍ତାନ୍ତର କରାଯାଉଥିବା ଅଧିକାରୀ କହିଛନ୍ତି।



ରାଜଭବନରେ ସୋମବାର ରାଜ୍ୟପାଳ ରଘୁବର ଦାସଙ୍କୁ ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ସାକ୍ଷାତ କରୁଛନ୍ତି।

## ସଂକ୍ଷେପରେ

### ଆରମ୍ଭ ହେଲା ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ଠାରୁ ପୁନର୍ବାର ଜନ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି। ଏଥିରେ ମୋଟ୍ ୨୨ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ୫ଟି ଜଳବନ୍ଦୀ ସମ୍ବନ୍ଧୀୟ ଥିବାବେଳେ ୩ଟି ଡ୍ରେନ୍ ନିର୍ମାଣ, ୩ଟି ଜବରଦଖଲ, ସାମାଜିକ ସୁରକ୍ଷା ଓ ଷ୍ଟ୍ରିଟ୍ ଲାଇଟ୍ ସମ୍ପର୍କରେ ୨ଟି ଲେଖାଏ, ଗୋଟିଏ ପ୍ଲାନିଂ ଏବଂ ଅନ୍ୟାନ୍ୟ ବିଷୟରେ ୬ଟି ଅଭିଯୋଗ ଆସିଥିଲା। କର୍ତ୍ତୃପକ୍ଷଙ୍କୁ ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସମାଧାନ ପାଇଁ ଅନୁରୋଧ କରିଥିଲେ। ଅଭିଯୋଗ ଶୁଣିବା ପରେ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ କମିଶନର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ପ୍ରତି ସୋମବାର ଅଭିଯୋଗ ଶୁଣାଣି ହେଉଥିବାବେଳେ ନିର୍ବାଚନ ଆଚରଣବିଧି ପାଇଁ ଏହାକୁ ବନ୍ଦ ରଖାଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ପୁନର୍ବାର ଏହାକୁ ଆରମ୍ଭ କରାଯାଇଛି।

### ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଜାତୀୟ ଡାକ୍ତର ଦିବସ

ବାରଙ୍ଗ, ୧।୭ (ଲିଙ୍ଗରାଜ ରାଉତ)

ଶ୍ରୀଶ୍ରୀ ବିଦ୍ୟାଳୟ ଅଧୀନ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ସୋମବାର ଜାତୀୟ ଡାକ୍ତର ଦିବସ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପ୍ରତାପ ସିଂ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ବଡ଼ ମେଡିକାଲ ଭେଷଜ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଯୋଗଦେଇ ଆଜିର ସମାଜରେ ହୋଲିଷ୍ଟିକ ସ୍ୱାସ୍ଥ୍ୟସେବାର ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଆଭାସୀ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ପ୍ରେସିଡେଣ୍ଟ ପ୍ରଫେସର ରଜିତା କୁଲକର୍ଣ୍ଣୀ, ଶ୍ରୀଶ୍ରୀ ତତ୍ତ୍ୱର ମୁଖ୍ୟ ଡ. ବେଲାରୀ ଏବଂ ନିରାଲୀ ଦେଶାଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ହୃଦୟର ସହିତ ଚିକିତ୍ସା କରିବାକୁ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ବୈଦ୍ୟମାନଙ୍କୁ ଭଗବାନ ନାରାୟଣଙ୍କ ସହ ତୁଳନା କରାଯାଏ ବୋଲି ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ ମତବ୍ୟକ୍ତ କରିଥିଲେ। ଶ୍ରୀଶ୍ରୀ ତତ୍ତ୍ୱ ଏବଂ ଡାବର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ମହାବିଦ୍ୟାଳୟ ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ଦିଲୀପ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ସ୍ୱତନ୍ତ୍ର ଅଧିବେଶନ
### ଶିକ୍ଷା ଓ ଶିକ୍ଷକଙ୍କ ଅଭିବୃଦ୍ଧି ପାଇଁ କାର୍ଯ୍ୟ ଜାରି ରହିବ

ଭୁବନେଶ୍ୱର, ୧।୭ (ଅସମାପିକା ସାହୁ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ପୁନର୍ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ରବିବାର ଏକ ସ୍ୱତନ୍ତ୍ର ଅଧିବେଶନ ବସି ପୁରୁଣା କମିଟିକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ହୋଇଛି। ରମଣୀରଞ୍ଜନ ତ୍ରିପାଠୀ ସ୍ଥାୟୀ ସଭାପତି ଥିବାବେଳେ ନିର୍ବାଚନ ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ଅନ୍ତରୀଣ ମହାସଚିବ ଭାବେ ଜ୍ୟୋତିରଞ୍ଜନ ଦାସ ନିଯୁକ୍ତ ହୋଇଛନ୍ତି। ଆସନ୍ତା ୪୫ଦିନ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସାରି ସମ୍ପୂର୍ଣ୍ଣ କମିଟି ଗଠନ କରାଯିବ ବୋଲି ସଂଘ ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସ୍ୱତନ୍ତ୍ର ଅଧିବେଶନରେ ୧୭ଟି ଜିଲାର ପ୍ରତିନିଧି ଓ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ରହି ନିର୍ବାଚନ କରିବାକୁ ପ୍ରସ୍ତାବ ପାରିତ କରିଛନ୍ତି। ନିର୍ବାଚନ ପାଇଁ ଗୋବିନ୍ଦ ସୁଆର, ଭ୍ରମରବର ରାଉତ ଓ ପଦ୍ମନାଭ ବେହେରାଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଥିବାବେଳେ ନିର୍ବାଚନୀ କାର୍ଯ୍ୟରେ ତାଙ୍କୁ ସହଯୋଗ କରିବା ପାଇଁ ୧୦ଜଣ ମନୋନୀତ ହୋଇଛନ୍ତି। ପ୍ରତି ତିନିମାସରେ ଥରେ କାର୍ଯ୍ୟକାରିଣୀ ବୈଠକ ହେବାର ପ୍ରାବଧାନ ଥିବାବେଳେ ଗତବର୍ଷ ମାତ୍ର ଗୋଟିଏ ବୈଠକ ହୋଇଛି। ମହାସଚିବ ବୈଠକ ଡାକୁ ନ ଥିବା ମଧ୍ୟ ଉପସ୍ଥିତ କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ଶିକ୍ଷକଙ୍କ ପଦୋନ୍ନତି, ଘରଭଡ଼ା ୮ ପ୍ରତିଶତକୁ ବୃଦ୍ଧି, ଗ୍ରେଡ୍-ପେ ତାରତମ୍ୟର ସମାଧାନ ପରି ଶିକ୍ଷା ଓ ଶିକ୍ଷକଙ୍କ ଅଭିବୃଦ୍ଧି ପାଇଁ ସଂଘ ନିରନ୍ତର ଭାବେ କାର୍ଯ୍ୟ କରିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ନନ୍ଦ, ବିମଳ କୁମାର ଆଚାର୍ଯ୍ୟ, ଯୋଗେଶ୍ୱର ମଲ୍ଲିକ, ବଳରାମ ନାଥଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।




ଭୁବନେଶ୍ୱରସ୍ଥିତ ଅଭିନଚନ୍ଦ୍ର ହୋମିଓପ୍ୟାଥିକ କଲେଜର ୫୬ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ସୋମବାର ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ପେନସନ୍ ନ ପାଇ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି ବିଡିଏ କର୍ମଚାରୀ

ଭୁବନେଶ୍ୱର, ୧।୭ (ବନ୍ଦନା ସେଠୀ)

ଚଳିତ ମାସରେ ରାଜ୍ୟ ସରକାରଙ୍କ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ବିଭିନ୍ନ ସଙ୍ଗଠନ, ସଂଘ ଏବଂ ବରିଷ୍ଠ ନାଗରିକଙ୍କ ଠାରୁ ମତାମତ ଓ ପରାମର୍ଶ ଗ୍ରହଣ ପାଇଁ ଆହ୍ୱାନ ଓ ନିବେଦନ କରାଯାଇଥିଲା। ଏହି କ୍ରମରେ ବିଡିଏ କର୍ମଚାରୀ ୟୁନାଇଟେଡ୍ ଫୋରମ୍ (ବିକେୟୁଏଫ୍) ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ମତାମତ ପ୍ରେରଣ କରାଯାଇଛି। ଏଥିରେ ବିଡିଏର ବିକାଶ ଓ ଜନସାଧାରଣଙ୍କ ଆବଶ୍ୟକତା ପାଇଁ ସରକାର ଅର୍ଥନୈତିକ ପାଣ୍ଠି ପ୍ରଣୟନ କରିବାକୁ ଅନୁରୋଧ କରାଯାଇଛି। ଭୁବନେଶର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର କର୍ମଚାରୀମାନେ ଅବସର ପରେ ପେନସନ୍ ନ ପାଇ ଦୁଃଖ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଉଚ୍ଚ ନ୍ୟାୟାଳୟ ୨୦୨୩ ଡିସେମ୍ବର ୪ରେ ଓଡ଼ିଶାର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷର କର୍ମଚାରୀମାନଙ୍କୁ ଅବସର ପରେ ପେନ୍‌ସନ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶନାମା ଦିଆଯାଇଛି। ମାତ୍ର ଏଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ନୂତନ ସରକାରଙ୍କ ତରଫରୁ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି ସମୟରେ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏହାବାଦ୍ ଭିତ୍ତିଭୂମି, ସ୍ଥିତି, କର୍ମଚାରୀ ସଂଖ୍ୟା ଓ ଯୋଜନା ଏବଂ ପରିସଂଖ୍ୟାନକୁ ବିଚାର କରି କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ପାଇଁ ଆର୍ଥିକ ପେନ୍‌ସନ୍ କର୍ପସ ପାଣ୍ଠିର ବଜେଟ୍‌ରେ ବ୍ୟବସ୍ଥା କରିବା, ଭୁବନେଶ୍ୱର, ଖୋର୍ଦ୍ଧା ଓ ଜଟଣୀ, ପିପିଲି ଓ ବାଲିପାଟଣା ସହରକୁ ପ୍ରଦୁଷଣ ମୁକ୍ତ ସହର, ସବୁଜସହର, ପରିଷ୍କାର ସହର କରିବା, ଜଳବାୟୁ ପରିବର୍ତ୍ତନ ଉତ୍ତାପର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ କରିବା, ଅବସର କର୍ମଚାରୀଙ୍କୁ ସରକାରୀ ସ୍ୱାସ୍ଥ୍ୟ ସେବାରେ ସାମିଲ କରିବା ଆଦି ୭ଟି ପ୍ରସ୍ତାବ ତଥା ମତାମତ ପ୍ରଦାନ କରାଯାଇଛି। ଅପରପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସଙ୍ଗଠନ, ସଂଘ ଏବଂ ବରିଷ୍ଠ ନାଗରିକମାନଙ୍କ ଠାରୁ ମତାମତ ଓ ପରାମର୍ଶ ଗ୍ରହଣ ପାଇଁ ଆହ୍ୱାନ କରାଯାଇଥିବାରୁ ଫୋରମ୍ ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

**ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି ନେଇ ମତ ରଖିଲା ବିକେୟୁଏଫ୍**

## ସରସ୍ୱତୀ ଶିକ୍ଷା ମନ୍ଦିରର ପ୍ରତିଷ୍ଠା ଦିବସ

ବାଲିଅନ୍ତା, ୧।୭ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ୨୪ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନ ପରିସରରେ ପୂଜା, ହୋମଯଜ୍ଞ ଓ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାୟକ ଉପେନ୍ଦ୍ର ସ୍ୱାଇଁ ଓ ସଞ୍ଜୟ ଦାସ ସେମାନଙ୍କ ସାଥୀଙ୍କ ସହିତ ସଂକୀର୍ତ୍ତନ ପରିବେଷଣ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆଙ୍କ ସହ ସମସ୍ତ ଗୁରୁମା ଓ ଗୁରୁଜୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଦ୍ୟାଳୟର ଶିଶୁ ଭଉଣୀ ଭାଇଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ବ୍ୟାଙ୍କରେ ମକ୍‌ଡ୍ରିଲ, ହୋଟେଲରେ ଯାଞ୍ଚ

**ଲୁଟେରା ଗ୍ୟାଙ୍ଗକୁ ନେଇ ପୋଲିସର ହାଇଆଲର୍ଟ**

ଭୁବନେଶ୍ୱର, ୧।୭ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ। ଛିନ୍‌ତାଇଠାରୁ ଆରମ୍ଭ କରି ଚୋରି, ଲୁଟ୍ କରି ସହଜରେ ଲୋକଙ୍କ ଟଙ୍କା, ସୁନାଗହଣା ଭଳି ମୂଲ୍ୟବାନ ଜିନିଷ ନେଇଯାଉଛନ୍ତି। ସହରରେ ଏଭଳି ଘଟଣା ପ୍ରତିଦିନ ଘଟୁଥିବା ବେଳେ ପୋଲିସ କିଛି ଗ୍ୟାଙ୍ଗକୁ ଧରି ଜେଲ ପଠାଉଛି। ଏହାସତ୍ତ୍ୱେ ଏକାଧିକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ରହିଛନ୍ତି। କିଛି ଗ୍ୟାଙ୍ଗ ସହରର ବିଭିନ୍ନ ବ୍ୟାଙ୍କ ଓ ଏଟିଏମ୍‌କୁ ଟାର୍ଗେଟ କରିବା ସହ ରେକି କରୁଛନ୍ତି। ସେମାନେ ରାଜଧାନୀର ବିଭିନ୍ନ ହୋଟେଲରେ ରହୁଥିବା ଜଣାପଡ଼ିଛି। ଏଭଳି ଖବର ପହଞ୍ଚିବା ପରେ କମିଶନରେଟ ପୋଲିସର ଚିନ୍ତା ବଢ଼ିଯାଇଛି। ଏହାକୁ ନେଇ ପୋଲିସ ବିଭାଗରେ ଏବେ ହାଇଆଲର୍ଟ ଜାରି କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ସେମାନଙ୍କୁ କିଭଳି ଧରାଯିବ ଓ ଅପରାଧ ଘଟାଇବା ପୂର୍ବରୁ ମୁକାବିଲା କରିହେବ ସେନେଇ ଆଗୁଆ ପ୍ରସ୍ତୁତ କରାଯାଉଥିବା ଅଧିକାରୀ ଜଣକ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଅପରାଧୀଙ୍କୁ ଧରିବା ଓ ମୁକାବିଲା ପାଇଁ ଗତ ୨୮ ତାରିଖରେ ଭୁବନେଶ୍ୱରର ୧୮ଟି ବ୍ୟାଙ୍କରେ ମକ୍‌ଡ୍ରିଲ କରାଯିବା ସହ ବିଭିନ୍ନ ହୋଟେଲରେ ଯାଞ୍ଚପୂର୍ବକ ସତର୍କ କରାଇବା ସହ ସ୍ୱତନ୍ତ୍ର ରଣନୀତି ଆପଣାଯାଇଛି। ଅନ୍ୟପକ୍ଷରେ ଲୁଟେରାମାନଙ୍କୁ ଧରିବା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତି। ଏଟିଏମ୍ ଓ ବ୍ୟାଙ୍କରୁ ଚୋରି ପଛରେ ବିହାର ଓ ରାଜସ୍ଥାନୀ ଅପରାଧୀଙ୍କ ଲିଙ୍କ୍ ରହୁଥିବା ପୋଲିସ ସନ୍ଦେହ କରୁଛି। ସେମାନଙ୍କ ସହ କଟକ, ଭୁବନେଶ୍ୱର ସହରର କେତେଜଣ ଯୁବକ ଏହି ଗ୍ରୁପରେ ସାମିଲ ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଲୁଟେରା ଗ୍ୟାଙ୍ଗ ଯେଉଁସବୁ ସ୍ଥାନରେ ଚୋରି ବା ଉଦ୍ୟମ କରୁଛନ୍ତି, ସେମାନେ କଳା ଡ୍ରେସ୍ ପିନ୍ଧିବା ସହ ମୁହଁରେ ମୁଖା (ମାସ୍କ) ବ୍ୟବହାର କରୁଛନ୍ତି। ଏପରିକି ଅପରାଧରେ ବ୍ୟବହାର କରୁଥିବା ଗାଡ଼ି ନମ୍ବରବିହୀନ ଥିବା ମଧ୍ୟ ସିସି କ୍ୟାମେରାରୁ ଜଣାପଡ଼ିଛି। ନିର୍ଦ୍ଦିଷ୍ଟଭାବେ ଏମାନେ ରାତି ୨ରୁ ୪ଟା ମଧ୍ୟରେ ଲୁଟ୍ ଉଦ୍ୟମ କରୁଛନ୍ତି। ଲୁଟେରାମାନେ ହାତରେ କଟର ମେଶିନ ଧରିଥିବା ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରାରୁ ଜଣାପଡିଛି। ଏଥିପାଇଁ ସତର୍କ ରହିବା ସହ ଖୁବଶୀଘ୍ର ସେମାନଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଥିବା ଅଧିକାରୀ ଜଣଙ୍କ କହିଛନ୍ତି।

## ରାଜ୍ୟସ୍ତରୀୟ ‘ଶ୍ରୀଜଗନ୍ନାଥ’ ଚିତ୍ରଶିଳ୍ପୀ ଶିବିର

ଭୁବନେଶ୍ୱର, ୧।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୮ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ସୋମବାର ଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ‘ଶ୍ରୀଜଗନ୍ନାଥ’ ଶୀର୍ଷକ ଚିତ୍ରଶିଳ୍ପୀ ଶିବିର। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରି ରଙ୍ଗ ଓ ତୁଳୀର କାନ୍‌ଭାସ ଉପରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମ୍ବନ୍ଧୀୟ ଚିତ୍ରକଳା ଅଙ୍କନ କରିବେ। ଶିବିରକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ କଳିଙ୍ଗ ସମ୍ମିଳନୀ କକ୍ଷ ପାନ୍ଥନିବାସଠାରେ ଉଦ୍‌ଘାଟନ କରିଛନ୍ତି। ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଏକାଡେମୀର କାର୍ଯ୍ୟକାରୀ ସମିତି ସଭ୍ୟ ତଥା ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଅକ୍ଷୟ କୁମାର ସାମଲ, ସଭ୍ୟ ଶ୍ୟାମସୁନ୍ଦର ମେହେର, ଏକାଡେମୀର ପୂର୍ବତନ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଡ. ପଞ୍ଚାନନ ସାମଲଙ୍କ ସମେତ ବହୁ ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ଦେବାନନ୍ଦ ବରିହା ଉତ୍ସବ ପରିଚାଳନା କରିଥିଲେ। ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ।



ଶିବିର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଚିତ୍ରଶିଳ୍ପୀ।

## ମୁଖ୍ୟମନ୍ତ୍ରୀଙ୍କୁ ବରିଷ୍ଠ ନାଗରିକ ମହାସଂଘର ଦାବିପତ୍ର

ଭୁବନେଶ୍ୱର, ୧।୭ (ଅନୁରାଧା ମହାରଣା)

ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସଭାପତି ଡ. ପି.କେ. ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଇଂ. ଗିରିଜା ନନ୍ଦନ ମହାନ୍ତି ଓ ଉପସଭାପତି ଇଂ. ଅରୁଣ ପଟ୍ଟନାୟକ ରାଜ୍ୟର ବରିଷ୍ଠ ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ରାଶି ୩୦୦୦ ଟଙ୍କାକୁ ବୃଦ୍ଧି କରିବା, ବରିଷ୍ଠ ନାଗରିକ ଆଇନ ଲାଗୁ କରିବା, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାକୁ ମଧ୍ୟବିତ୍ତ ବରିଷ୍ଠଙ୍କୁ ସୁଯୋଗ ଦେବା, ପ୍ରତ୍ୟେକ ଜିଲା ସଦର ମହକୁମାରେ ବରିଷ୍ଠ ନାଗରିକ ଭବନ ନିର୍ମାଣ, ଟ୍ରିବ୍ୟୁନାଲଗୁଡ଼ିକୁ କର୍ଯ୍ୟକ୍ଷମ କରିବା ଆଦି ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଧିକାରୀଙ୍କୁ ଦାବି ଉପରେ ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି।

## ବିକାଶମୂଳକ କାର୍ଯ୍ୟ ଆଗେଇ ନେବାକୁ ପ୍ରତିଶ୍ରୁତିବଦ୍ଧ: ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଭୁବନେଶ୍ୱର, ୧।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦ ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ନାଉଗାଁ ଗୋଠଦା ମଠର ମହନ୍ତ ମହାରାଜ ଚିନ୍ତାମଣି ପର୍ବତ ଗୋସ୍ୱାମୀ ଯୋଗଦେଇ ଜଗତ୍‌ସିଂହପୁର ଜିଲାର ନବନିର୍ବାଚିତ ଏମ୍‌ପି ଏବଂ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ଭାବେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ଜିଲାର ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଜିଲାବାସୀଙ୍କ ସହଯୋଗ ରହିଲେ ଜଗତ୍‌ସିଂହପୁର ଆଗାମୀ ଦିନରେ ରାଜ୍ୟର ଏକ ନମ୍ବର ଜିଲା ଭାବେ ପରିଗଣିତ ହେବ। ଏହି ଅବସରରେ ଜଗତସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ସମେତ ୧୭ଟି ଜନହିତକର ପ୍ରସ୍ତାବ ସମ୍ବଳିତ ପତ୍ର ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ଏବଂ ଏମ୍‌ପିଙ୍କୁ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ଅବସରରେ ନବନିର୍ବାଚିତ ଏମ୍‌ପି ବିଭୁପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ଶାରଦା ପ୍ରସନ୍ନ ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ଡ. କମଳା ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ସୌଭାଗ୍ୟ ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଷଦ ମୁଖ୍ୟ ସଂଯୋଜକ ସୂର୍ଯ୍ୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଉପଦେଷ୍ଟା ମୀନକେତନ ଦାସ ଉପସ୍ଥିତ ଥିଲେ। ଶେଷରେ ସୂର୍ଯ୍ୟ ମହାନ୍ତି ଧନ୍ୟବାଦ ଦେଇଥିଲେ।




ନିଟ୍ ପରୀକ୍ଷା ଦୁର୍ନୀତିର ଏସ୍‌ଆଇଟି ତଦନ୍ତ ଦାବିରେ ସିପିଆଇଏମ୍ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ରାଜ୍ୟ ଭାଜପା କାର୍ଯ୍ୟାଳୟରେ ସଭାପତି ମନମୋହନଙ୍କ ସାମଲଙ୍କ ଉପସ୍ଥିତିରେ କିନ୍ନରମାନେ ଭାଜପାରେ ଯୋଗଦାନ କରୁଛନ୍ତି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ 'ଶ୍ରୀଜଗନ୍ନାଥ' ଚିତ୍ରଶିଳ୍ପୀ ଶିବିର

ଭୁବନେଶ୍ୱର,୧ ।୭(ଶର୍ମିଷ୍ଠା ପାଣିଗ୍ରାହୀ): ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୮ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ସୋମବାରଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ 'ଶ୍ରୀଜଗନ୍ନାଥ' ଶୀର୍ଷକ ଚିତ୍ରଶିଳ୍ପୀ ଶିବିର। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରି ରଙ୍ଗ ଓ ତୁଳୀର କାନ୍‌ଭାସ ଉପରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମ୍ବନ୍ଧୀୟ ଚିତ୍ରକଳା ଅଙ୍କନ କରିବେ। ଶିବିରକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ କଳିଙ୍ଗ ସମ୍ମିଳନୀ କକ୍ଷ ପାନ୍ଥନିବାସଠାରେ ଉଦ୍‌ଘାଟନ କରିଛନ୍ତି। ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଏକାଡେମୀର କାର୍ଯ୍ୟକାରୀ ସମିତି ସଭ୍ୟ ତଥା ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଅକ୍ଷୟ କୁମାର ସାମଲ, ସଭ୍ୟ ଶ୍ୟାମସୁନ୍ଦର ମେହେର, ଏକାଡେମୀର ପୂର୍ବତନ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଡ. ପଞ୍ଚାନନ ସାମଲଙ୍କ ସମେତ ବହୁ ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ଦେବାନନ୍ଦ ବରିହା ଉତ୍ସବ ପରିଚାଳନା କରିଥିଲେ। ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ।

### ରାଜଧାନୀରେ ନାବାଳିକାଙ୍କୁ ବଳାତ୍କାର

ଭୁବନେଶ୍ୱର,୧ ।୭ (ସୂର୍ଯ୍ୟକାନ୍ତ ବେହେରା): ରାଜଧାନୀ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୩ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ସନ୍ତୋଷ ନାମକ ଯୁବକଙ୍କ ଘର ପାଖରେ ପରିବା ସହ ରହୁଥିଲେ। ନାବାଳିକାଙ୍କ ସହ ସନ୍ତୋଷ ମିଳାମିଶା କରୁଥିଲେ। ରବିବାର ଘରେ କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ସନ୍ତୋଷ ବଳାତ୍କାର କରିଥିଲେ। ଘଟଣା ପରେ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ସନ୍ତୋଷ ଫେରାର ହୋଇଯାଇଥିଲେ। ସୋମବାର ପୋଲିସ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ନୂତନ ଆପରାଧିକ ଆଇନ୍‌ରେ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ମିଳିବ

ସାଲେପୁର,୧।୭ (ଅରବିନ୍ଦ ଭୂୟାଁ)

ଭାରତରେ ବ୍ରିଟିଶ ଅମଳର ଆଇନ ବଦଳିଛି। ସାରାଦେଶରେ ୩ଟି ନୂତନ ଆପରାଧିକ ଆଇନ ସୋମବାରଠାରୁ ଲାଗୁ ହୋଇଛି। ସେଗୁଡ଼ି ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ। ଏନେଇ ସାଲେପୁର ଥାନା ପରିସରରେ ନୂତନ ଆପରାଧିକ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ଆଦର୍ଶ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା କରିଥିଲେ। ସାଲେପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ବରିଷ୍ଠ ଆଇନ୍‌ଜୀବୀ ବିଜୟ କେତନ ନାୟକ, ବାର ଆସୋସିଏଶନ୍ ସଭାପତି ବିକ୍ରମ କେଶରୀ ବଳଙ୍କ ସମେତ ଆମ ପୋଲିସ ସମିତିର ବହୁ କର୍ମକର୍ତ୍ତା ଯୋଗଦେଇ ନୂତନ ଆଇନ୍ ସମ୍ପର୍କରେ କହିଥିଲେ। ନୂତନ ଆଇନ୍‌ରେ ପୀଡିତାଙ୍କୁ ନ୍ୟାୟ, ମହିଳା ଏବଂ ଶିଶୁ ସୁରକ୍ଷାକୁ ପ୍ରାଧାନ୍ୟ, ତ୍ୱରିତ ନ୍ୟାୟ ପାଇଁ ଠିକ୍ ସମୟରେ



ସାଲେପୁରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

ମାମଲା ବିଚାର, ଅନ୍‌ଲାଇନ୍‌ରେ ଏଫ୍‌ଆଇଆରର ସୁବିଧା, ଡିଜିଟାଲ ପ୍ରମାଣପତ୍ରର ବ୍ୟବସ୍ଥା ଆଦିର ସୁବିଧା ଥିବାନେଇ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ଥାନା ଅଫିସର ନୀଳମାଧବ ପଣ୍ଡା, ଶରତ କୁମାର ବେହେରା, ସାଲେପୁର ଆମ ପୋଲିସ ସମିତିର ସଦସ୍ୟ ଜଗନ୍ନାଥ ବସ୍ତିଆ, ନବକିଶୋର କର, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଦାସ, ରାମଚନ୍ଦ୍ର ଜେନା, ବେଣୁଧର ସାହୁ ପ୍ରମୁଖ ଯୋଗଦେଇଥିଲେ।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ମହାପାତ୍ର ଏହି ସଚେତନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ନୂତନ ଆଇନରେ ଥିବା ବିଭିନ୍ନ ପ୍ରାବଧାନ ସମ୍ପର୍କରେ ବିସ୍ତୃତଭାବେ ବୁଝାଇଥିଲେ। ବାଙ୍କୀ ଥାନା ଅଧିକାରୀ ଶିବଚରଣ ବେହେରା ସ୍ୱାଗତ ଭାଷଣ ଦେଇ ବାଙ୍କୀରେ ଏହି ଆଇନ୍‌ର କାର୍ଯ୍ୟକାରିତା ନେଇ ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏଥିରେ ସରକାରୀ ଓକିଲ ସନ୍ତୋଷ କୁମାର ରଣା, ସନ୍ତୋଷ କୁମାର ମିଶ୍ର, ଆଇନଜୀବୀ ବିଶ୍ୱପ୍ରସାଦ ରଥ , ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଆଇନଜୀବୀ ଆଲୋକ ରଶ୍ମି ସାମନ୍ତରାୟ, ଭାଗ୍ୟଧର ନାୟକ ଏବଂ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

**ନିଶ୍ଚିନ୍ତକୋଇଲି, (ଅଶୋକ କୁମାର ମହାପାତ୍ର):** ନୁଆ ଆଇନ ସମ୍ପର୍କରେ ସଚେତନତା ପାଇଁ ନିଶ୍ଚିନ୍ତକୋଇଲି ଥାନାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଯୁଗଳ କିଶୋର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ସାଲେପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଯୋଗଦେଇ ନୂତନ ଅପରାଧିକ ଆଇନ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା,ସରପଞ୍ଚ ଜୟଦେବ ରାଉତ, ହିମାଂଶୁ ମଲ୍ଲ ସମେତ ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ସହରରେ ଲାଗିବ ୫ ଲକ୍ଷ ଚାରା


ଚାରାରୋପଣ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।

କଟକ,୧।୭ (କାର୍ତ୍ତିକ ସାହୁ):

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଏକ ମାସ ବ୍ୟାପୀ ବନ ମହୋତ୍ସବ ପାଳନ କରାଯିବ। ବାଲିଯାତ୍ରା ତଳପଡ଼ିଆର କଟକ ଇନ୍ କଟକ ପରିସରରେ ବିଚାରପତି ବିମଳ ପ୍ରସାଦ ଦାସ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ସିଏମ୍‌ସି, ଜିଲା ବନ ବିଭାଗ ଓ ହର୍ଟିକଲଚରର ମିଳିତ ଉଦ୍ୟମରେ ଏହି ଉତ୍ସବ ଆୟୋଜିତ ହୋଇଛି। ସିଏମ୍‌ସିର ୫୯ ୱାର୍ଡରେ ପ୍ରାୟ ୫ ଲକ୍ଷ ଚାରାରୋପଣ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଥିବା ମେୟର କହିଛନ୍ତି। ସିଏମ୍‌ସି ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ସରକାରୀ ଦପ୍ତରରେ ଚାରାରୋପଣ କରାଯାଇ ପ୍ରତି ୩ ମାସରେ ସମୀକ୍ଷା ହେବ।

### କଟକ ଇନ୍ କଟକ ପରିସରରେ ବନ ମହୋତ୍ସବ

ସମ୍ପୃକ୍ତ ଅନୁଷ୍ଠାନର କର୍ମକର୍ତ୍ତା ଏହାର ଦାୟିତ୍ୱରେ ରହିବେ। ଏହା ବ୍ୟତୀତ ୫୯ ଗୋଟି ୱାର୍ଡର ଘରେ ଘରେ ଚାରା ବଣ୍ଟନ କରାଯିବ। ସେହିପରି ମହାନଦୀ ପଠା, ହାଡ଼ିଆ ପଠା, ଭୂଆସୁଣୀ ମନ୍ଦିର ଅଞ୍ଚଳରେ ସ୍ୱତନ୍ତ୍ର ଭାବେ ଚାରାରୋପଣ ପାଇଁ ବ୍ୟବସ୍ଥା କରାଯାଇଛି। ସିଏମ୍‌ସି କମିଶନର ବିଜୟ କୁମାର ଦାସ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ , ଡେପୁଟି କମିଶନର ଶୁଭଶ୍ରୀ ତ୍ରିପାଠୀଙ୍କ ସମେତ ସମସ୍ତ କର୍ପୋରେଟର ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଚରିତ୍ର ଗଠନ ଉପରେ ଗୁରୁତ୍ୱ



ଧର୍ମସଭାରେ ଯୋଗଦେଇଥିବା ଅତିଥିମାନେ ।

ତିଗିରିଆ,୧ ।୭(ଜାଫର ଖାଁ )

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଜାମାମସ୍‌ଜିଦଠାରେ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଜିଲା ଜମାତ୍ ଅହମ୍ମଦିୟାର ସଭାପତି ଅବ୍‌ଦୁଲ ମାଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେଜମାତ୍ ଅହମ୍ମଦିୟା ଭାରତର ଶିକ୍ଷା ଓ ସଂସ୍କାର ବିଭାଗର ଉପସଚିବ ମୌଲାନା ୱକିଲ ନିୟାଜ

### ଜମାତ୍ ଅହମ୍ମଦିୟା ପଙ୍କାଳ ତରଫରୁ ଧର୍ମସଭା

ଯୋଗ ଦେଇ ବିଶ୍ୱରେ ଭାତୃଭାବ ସୁଦୃଢ଼ ହେବା ପାଇଁ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ପବିତ୍ର କୋରାନ ଶ୍ଳୋକ ଆବୃତ୍ତି କରାଯାଇଥିଲା। ଅମଜାଦ୍ ଖାଁ ଉର୍ଦ୍ଦୁ କବିତା, ମଜିଦ ଖାଁ ଓଡ଼ିଆ କବିତା ଆବୃତ୍ତି କରିଥିଲେ। ସମ୍ମାନିତ ଅତିଥିଭାବେ ମୌଲାନା ସେକ ଇସିହାକ ଯୋଗ ଦେଇଥିଲେ। ଶେଷରେ ଜମାତ ଅହମ୍ମଦିୟା ପଙ୍କାଳର ସଭାପତି ଅଧ୍ୟାପକ ଅବଦୁଲ ଇସ୍‌ମାଇଲ ଖାଁ ସାଧାରଣ ଜ୍ଞାନ ପ୍ରତିଯୋଗିତା ପରିଚାଳନା କରି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

# ଚାରାରୋପଣ କାର୍ଯ୍ୟକ୍ରମ

ବାଙ୍କୀ,୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନଏସି ଅନ୍ତର୍ଗତ ଚକାପଦା ଗ୍ରାମର ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ବନମହୋତ୍ସବ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଲୋଚନା ଚକ୍ର ଓ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏନେଇ ଚକାପଦା–ଅଖଣ୍ଡେଶ୍ୱର ରାସ୍ତାର ୨ ପାର୍ଶ୍ୱରେ ବଉଳ, ଅଁଳା, ଲିମ୍ବ ଆଦି ଚାରାରୋପଣ କରାଯାଇଛି। ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ପ୍ରକୃତି ବନ୍ଧୁ ପ୍ରାଧାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରି ଚାରାରୋପଣ ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପରେ ବହୁ ଧନଜୀବନ ନଷ୍ଟ ହୋଇଛି। ତେଣୁ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଛି ବୋଲି ପ୍ରାଧାପକ ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, କବି ଲଲାଟେନ୍ଦୁ ପଣ୍ଡା, ପ୍ରସନ୍ନ ପ୍ରଧାନ, ଯାଜ୍ଞସିନୀ ରଣା ପ୍ରମୁଖ ଯୋଗଦେଇ ଥିଲେ ।

# ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଜାତୀୟ ଡାକ୍ତର ଦିବସ

ବାରଙ୍ଗ,୧ ।୭(ଲିଙ୍ଗରାଜ ରାଉତ)

ଶ୍ରୀଶ୍ରୀ ବିଦ୍ୟାଳୟ ଅଧୀନ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ସୋମବାର ଜାତୀୟ ଡାକ୍ତର ଦିବସ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପ୍ରତାପ ସିଂ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ବଡ଼ ମେଡିକାଲ ଭେଷଜ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଯୋଗଦେଇ ଆଜିର ସମାଜରେ ହୋଲିଷ୍ଟିକ ସ୍ୱାସ୍ଥ୍ୟସେବାର ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଆଭାସୀ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ପ୍ରେସିଡେଣ୍ଟ ପ୍ରଫେସର ରଜିତା କୁଲକର୍ଣ୍ଣୀ, ଶ୍ରୀଶ୍ରୀ ତତ୍ତ୍ୱର ମୁଖ୍ୟ ଡ. ବେଲାରୀ ଏବଂ ନିରାଲୀ ଦେଶାଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ହୃଦୟର ସହିତ ଚିକିତ୍ସା କରିବାକୁ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ବୈଦ୍ୟମାନଙ୍କୁ ଭଗବାନ ନାରାୟଣଙ୍କ ସହ ତୁଳନା କରାଯାଏ ବୋଲି ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ ମତବ୍ୟକ୍ତ କରିଥିଲେ। ଶ୍ରୀଶ୍ରୀ ତତ୍ତ୍ୱ ଏବଂ ଡାବର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ମହାବିଦ୍ୟାଳୟ ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ଦିଲୀପ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା

ବାଙ୍କୀ, ୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

### ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା କରାଯାଇଥିବା ନେଇ ବାଙ୍କୀ ବ୍ଲକ ବାଉଁଶପୁଟ ପଞ୍ଚାୟତର ୱାର୍ଡ ସଭ୍ୟ ପ୍ରତିମା ମନ୍ତ୍ରୀ ଓ ମିନତୀ ଦଳେଇ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍‌ଦିଆଯାଇ ୮୦ ଭାଗ ଅଯୋଗ୍ୟ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଇଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ବାଉଁଶପୁଟ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ମଧ୍ୟ ଘର ଯୋଗାଇ ଦିଆଯାଇଛି। ସରପଞ୍ଚ ମାସିକ ବୈଠକ ଠିକ ସମୟରେ ଡାକୁନାହାନ୍ତି। ଏନେଇ ଜିଲାପାଳଙ୍କ ଶିବିରରେ ଅଭିଯୋଗ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏସବୁ ଅଭିଯୋଗର ତଦନ୍ତ ପାଇଁ ପ୍ରତିମା ଓ ମିନତୀ ମୁଖମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁରୋଧ କରିଛନ୍ତି।

# ଟି–୨୦ ବିଶ୍ୱକପ୍ ମ୍ୟାଚ୍‌ର ଲାଇଭ୍ କଭରେଜ୍ କରିଛନ୍ତି ପ୍ରସନ୍ନ

### ଶୁଭେଚ୍ଛା ଜଣାଇଲା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ

କଟକ,୧।୭(ଶିଳ୍ପା ପ୍ରିୟଦର୍ଶିନୀ):

୧୭ ବର୍ଷ ପରେ ଭାରତ ଟି–୨୦ ବିଶ୍ୱକପ୍ ହାତେଇଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ବିଶ୍ୱବିଜୟୀ ହୋଇଛି। ବାର୍ବାଡୋସର କେନସିଂଟନ୍ ଓଭାଲରେ ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଦର୍ଶକ ରୋମାଞ୍ଚକର ମୁକାବିଲା ଦେଖିଥିଲେ। ତେବେ ଏହି ମ୍ୟାଚ୍ ଦେଖିବାର ସୁଯୋଗ ପାଇବା ସହ ଷ୍ଟାର୍ ସ୍ପୋର୍ଟ୍ସ ଲାଇଭ୍‌ରେ ଦର୍ଶକମାନଙ୍କୁ ମ୍ୟାଚ୍ କଭରେଜ କରି ଦେଖାଉଥିଲେ କଟକ ଜିଲା ଟାଙ୍ଗୀ–ଚୌଦ୍ୱାର ବ୍ଲକ ଶଙ୍କରପୁର ଅଞ୍ଚଳର ପ୍ରଫୁଲ୍ଲ ପ୍ରଧାନ ଓ ଅଞ୍ଜନା ପ୍ରଧାନଙ୍କ ପୁଅ ପ୍ରସନ୍ନ କୁମାର ପ୍ରଧାନ। ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ର ୨୦୦୪ ମସିହାର ଛାତ୍ର ଥିଲେ ପ୍ରସନ୍ନ। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ସୋସିଆଲ ମିଡିଆରେ ପ୍ରସନ୍ନଙ୍କ ଫଟୋ ନେଇ




ଏକ ପୋଷ୍ଟ କରାଯାଇ ଟିମ୍ ଇଣ୍ଡିଆର ବିଜୟୀ ମୁହୂର୍ତ୍ତକୁ କ୍ୟାମେରାରେ ସୁନ୍ଦର କଭରେଜ କରିଥିବା ନେଇ ଶୁଭେଚ୍ଛା ଜଣାଯାଇଛି। ଏନେଇ ପ୍ରସନ୍ନ କହିଛନ୍ତି, ଏପର୍ଯ୍ୟନ୍ତ ୯ଟି ବିଶ୍ୱକପ୍ ମ୍ୟାଚ୍‌ର କଭରେଜ କରିଛି। କିନ୍ତୁ ଟିମ୍ ଇଣ୍ଡିଆର ଟି–୨୦ ବିଶ୍ୱକପ ମ୍ୟାଚ୍ କଭରେଜ୍ ପ୍ରଥମ ଥର କରିଛି। ଉକ୍ତ ମ୍ୟାଚ୍‌ରେ ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ ଥିଲା। ମ୍ୟାଚ୍ ମଝିରେ କିଛି ସମୟ ପାଇଁ ନିରାଶ ହୋଇଥିଲୁ ସତ କିନ୍ତୁ ମନରେ ବିଶ୍ୱାସ ଥିଲା ଇଣ୍ଡିଆ ଟିମ୍ ବିଜୟୀ ହେବ, ଯାହାକି ଶେଷ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଚକିତ କରାଇଥିଲା। ମ୍ୟାଚ୍ ଶେଷ ସମୟରେ ସମ୍ପୂର୍ଣ୍ଣ ପଡ଼ିଆ ଇଣ୍ଡିଆ–ଇଣ୍ଡିଆ ନାରାରେ ପ୍ରକମ୍ପିତ ହୋଇଥିଲା। ଟିମ୍ ଇଣ୍ଡିଆ ବିଜୟୀ ସମୟରେ ଆଖିରୁ ଲୁହ ଝରି ଆସିଥିଲା। ପ୍ରତିଟି ମୁହୂର୍ତ୍ତକୁ କ୍ୟାମେରାରେ କଭରେଜ କରିଛି। ଏଥିପାଇଁ ଗର୍ବ ଅନୁଭବ କରୁଛି ବୋଲି ସେ କହିଛନ୍ତି।

# ଜିଲାପାଳଙ୍କ ଜନଶୁଣାଣିରେ ୨୯୩ ଅଭିଯୋଗ

ତିଗିରିଆ,୧।୭(ଜାଫର ଖାଁ ):

ତିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର କଟକ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଦୀର୍ଘ ୯ ମାସ ପରେ ଏହି ଶିବିର ଅନୁଷ୍ଠିତ ହୋଇଥିବାରୁ ଏନେଇ ଅଞ୍ଚଳ ବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

ଏହି ଶିବିରରେ ମୋଟ ୨୯୩ ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିରୁ ୨୫୧ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ଜିଲାପାଳ ଅରିନ୍ଦମ ଡାକୁଆ ପଦକ୍ଷେପ ନେଇଥିଲେ

ଶିବିରରେ ଅଧିକାଂଶ ବ୍ୟକ୍ତିଗତ ଅଭିଯୋଗ ବ୍ୟକ୍ତିଗତ ଥିଲା। ସେଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ନୂତନ ରାଶନ କାର୍ଡ , ନୂତନ ଭତ୍ତା କିମ୍ବା ସରକାରୀସ୍ତରରେ ଆର୍ଥିକ ସହାୟତା ପ୍ରଦାନ ଆଦି ଅନ୍ତର୍ଭୁକ୍ତ। ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ବିପଦ ସଙ୍କୁଳ ଅବସ୍ଥା ଥିବା ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ, ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ରହିଥିଲା। ଜୁଲାଇ ୫ ତାରିଖ ମଧ୍ୟରେ ଏସବୁ ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଥିଲା। ସେହିପରି ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ଅଭିଯୋଗରେ ଦର୍ଶାଯାଇଥିଲା।

ସେହିପରି ବିନ୍ଧାଣିମା ଗ୍ରାମର ସାମାଜିକ କର୍ମୀ ଗଣେଶ୍ୱର ରାଉତ ତିଗିରିଆ ତହସିଲ କାର୍ଯ୍ୟାଳୟ ଅଧୀନରେ ବହୁତ ବେଆଇନ ଖଣି ଓ କ୍ରସର ଚାଲିଥିବା ବେଳେ ସ୍ଥାନୀୟ


ତିଗିରିଆରେ ଅନୁଷ୍ଠିତ ଜନଶୁଣାଣିରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ।

ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ କରିଛନ୍ତି।ଏଥିଯୋଗୁଁ ସରକାରଙ୍କ ଏକାଧିକକୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ପୁରୁଣା ତିଗିରିଆ ପଞ୍ଚାୟତସ୍ଥିତ ପଢ଼ା ଗ୍ରାମ ଅମୁଣିଆ ସାହିକୁ ରାଜସ୍ୱ ଗ୍ରାମର ଅନୁମୋଦନ ମିଳିଥିଲେ ମଧ୍ୟ ଏହାର ଅନ୍ୟାନ୍ୟ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଘଟୁଥିବା ନେଇ ଗ୍ରାମ୍ୟ କମିଟିର ସଭାପତି ଡ.ମନୋରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିନ୍ଧାଣିମା ଗ୍ରାମର ଆରାଧ୍ୟ ଠାକୁରାଣୀ ମା'ବୁଢ଼ୀ ମଙ୍ଗଳା ମନ୍ଦିର ପରିସରରେ ଥିବା ସରକାରୀ ଜମିକୁ ମନ୍ଦିର ନାମରେ ପଞ୍ଜୀକରଣ କରିବାକୁ ନିବେଦନ କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ,ଗ୍ରାମାଞ୍ଚଳ ଏସ୍ପି ଏଲ ଦିବ୍ୟା, ଡିଏଫଓ ଡ.ଯଜ୍ଞଦତ୍ତ ପତି, ଅତିରିକ୍ତ ଜିଲା ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡି, ଜିଲା ଶିକ୍ଷାଧିକାରୀ ଏସକେ ରାଉତ,ଏଡିଏମଓ ଲୋକନାଥ ପାତ୍ର, ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ,ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ,ବିଡିଓ ପ୍ରଣବ କୁମାର ବେହେରା, ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଏସ୍‌ଏସ୍‌ଓ ଗଙ୍ଗାଧର ବେହେରା ସଂଯୋଜନା କରିଥିଲେ।

### ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି



ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ୨ଟି ରାଜସ୍ୱ ଓ ୨ଟି ସମବାୟ ସମ୍ବନ୍ଧୀୟ ଅଭିଯୋଗ ଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ସହ ସହକାରୀ ଜିଲାପାଳ ଧନଞ୍ଜୟ କିଷାନ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଅପରାଧ ରୋକିବାରେ ସହାୟକ ହେବ ନୂତନ ଆଇନ

**ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଏବଂ ଅନ୍ୟମାନେ।

ସୋମବାରଠାରୁ ଦେଶରେ ଲାଗୁ ହୋଇଛି ନୂତନ ଆପରାଧିକ ଆଇନ। ଏଣିକି ଦଣ୍ଡ ନୁହଁ ଜନତାଙ୍କୁ ନ୍ୟାୟ ଦେବା ଉପରେ କାର୍ଯ୍ୟ କରିବ ନ୍ୟାୟ ବ୍ୟବସ୍ଥା। ଇଣ୍ଡିଆନ ପେନାଲ କୋଡ୍ ୧୮୬୦ ବଦଳରେ ଲାଗୁ ହୋଇଛି ଭାରତୀୟ ନ୍ୟାୟ ସଂହିତା-୨୦୨୩, କ୍ରିମିନାଲ ପ୍ରୋସିଜିଓର କୋଡ୍ ୧୯୭୩ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ୧୮୭୨ ବଦଳରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ଦେଶରେ ଏହି ୩ ଆଇନ ଲାଗୁ କରାଯାଇଛି। ଏନେଇ ସୋମବାର ଟାଉନ ହଲ୍‌ଠାରେ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ଆଇଆଇସି ସୁଚିତ୍ରା ଜେନା, ଖୋର୍ଦ୍ଧା ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ ପ୍ରଭଞ୍ଜନ ଜେନା, ବରିଷ୍ଠ ଓକିଲ ସୁଶାନ୍ତ ରାୟ, ରାମଶିଷ ପଟ୍ଟନାୟକ, ଲଲାଟ କେଶରୀ ପ୍ରଧାନ, ଦାମନ ପାତ୍ର ଓ ଅକ୍ଷୟ ପଟ୍ଟନାୟକ ପ୍ରମୁଖ ଏହି ନୂତନ ଆଇନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିବା ସହ ଜନତାଙ୍କ ପ୍ରଶ୍ନର ଉତ୍ତରରେ ନୂତନ ଆଇନରେ ରହିଥିବା ବିଭିନ୍ନ ଦିଗ ଉପରେ କହିଥିଲେ। ଏହି ଅବସରରେ ସଭାପତି ମିଶ୍ର କହିଥିଲେ, ପ୍ରତ୍ୟେକ ପୀଡିତାଙ୍କୁ ସୁନିଶ୍ଚିତ ନ୍ୟାୟ, ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟତା, ତ୍ୱରିତ ନ୍ୟାୟ ପାଇଁ ଠିକ୍ ସମୟରେ ମାମଲାର ବିଚାର, ଅନଲାଇନରେ ଅଭିଯୋଗ ସୁବିଧା, ଡିଜିଟାଲ ପ୍ରମାଣ ବ୍ୟବହାର, ସଙ୍ଗଠିତ ଅପରାଧରେ ଆପରାଧିକ ଆଇନରେ ଅନ୍ତର୍ଭୁକ୍ତ, ଯାଞ୍ଚରେ ସ୍ୱଚ୍ଛତା ପାଇଁ ଅଡିଓ, ଭିଡିଓ ରେକର୍ଡିଂ କରାଯିବା ବ୍ୟବସ୍ଥା ରହିଛି। ସେହିପରି ଓକିଲ ରାମଶିଷ କହିଥିଲେ, ନୂଆ ବ୍ୟବସ୍ଥା ଅନୁସାରେ ଶୁଣାଣି ଶେଷ ହେବାର ୪୫ ଦିନ ଭିତରେ ରାୟ ପ୍ରକାଶ ପାଇବ। ପ୍ରଥମ ଶୁଣାଣିର ୩୦ଦିନ ଭିତରେ ତଦନ୍ତ, ବିଚାର ରାୟ ପ୍ରକାଶ ପାଇବ।

ପୀଡ଼ିତାଙ୍କ ବୟାନ ଅଭିଭାବକଙ୍କ ଉପସ୍ଥିତିରେ ମହିଳା ପୋଲିସ ନେବେ। ସପ୍ତାହ ଭିତରେ ମେଡିକାଲ ରିପୋର୍ଟ ପ୍ରଦାନ କରିବେ। ସଙ୍ଗଠିତ ଅପରାଧ ଓ ଆତଙ୍କବାଦୀ କାର୍ଯ୍ୟର ସଂଜ୍ଞା ନିରୂପଣ କରାଯାଇଛି। ରାଜଦ୍ରୋହ ଶବ୍ଦକୁ ହଟାଯାଇ ଦେଶଦ୍ରୋହ ଶବ୍ଦ ବ୍ୟବହାର କରାଯାଇଛି। ସମସ୍ତ ତଲାସୀ ଓ ଜବତ କ୍ଷେତ୍ରରେ ଭିଡିଓଗ୍ରାଫି ବାଧ୍ୟତାମୂଳକ। ଗିରଫ ହେବା ପରେ ଜଣେ ବ୍ୟକ୍ତି ପରିବାର ଓ ସମ୍ପର୍କୀୟଙ୍କୁ ସ୍ଥିତି ସମ୍ପର୍କରେ ଜଣାଇପାରିବେ। ଫଳରେ ଗିରଫ ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ମିଳିପାରିବ। ଗିରଫ ସମ୍ପର୍କିତ ବିବରଣୀ ଥାନା ଏବଂ ଜିଲା ମୁଖ୍ୟାଳୟ ଗୁଡିକରେ ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ। ଫଳରେ ତାଙ୍କ ପରିବାର, ସମ୍ପର୍କୀୟ ଗିରଫ ବ୍ୟକ୍ତିଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ସହଜରେ ପାଇପାରିବେ। ବରିଷ୍ଠ ଆଇନଜୀବୀ ସୁଶାନ୍ତ ରାୟ କହିଥିଲେ, ବ୍ୟକ୍ତିଗତ ଭାବେ ହାଜର ନ ହୋଇ ଇଲେକ୍ଟ୍ରୋନିକ ମାଧ୍ୟମରେ ଅଭିଯୋଗ କରିପାରିବେ। ଇଲେକ୍ଟ୍ରୋନିକ ମୋଡରେ ସମନ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ସହ କାଗଜପତ୍ର କାମ ହ୍ରାସ ପାଇବ। ନୂଆ ଆଇନ ଏକ ଆଧୁନିକ ନ୍ୟାୟିକ ବ୍ୟବସ୍ଥା ଆଣିବ, ଯେଉଁଠି ଜିରୋ ଏଫଆଇଆର୍ ଅର୍ଥାତ ଯେ କୌଣସି ଥାନାରେ ଏତଲା ଦାଏର କରାଯାଇପାରିବ। ଜିରୋ ଏଫ୍ଆଇଆର୍ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ ସହ ଅପରାଧର ତୁରନ୍ତ ରିପୋର୍ଟିଂ ହୋଇପାରିବ। ନୂତନ ଆଇନରେ ମହିଳା ଓ ଶିଶୁଙ୍କ ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ନାବାଳିକା ଗଣବଳାତ୍କାର ମାମଲାରେ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ମିଥ୍ୟା ବିବାହ ପ୍ରତିଶ୍ରୁତି, ଭିଡହିଂସା, ଛିନତାଇ ଆଦିର ବିଚାର ଲାଗି ଆଇପିସିରେ କୌଣସି ବ୍ୟବସ୍ଥା ନ ଥିଲା, ଯାହା ନୂଆ ଆଇନରେ ରହିଛି। ପୁରୁଣାରେ ଆଇପିସିରେ ୫୧୧ ଧାରା ରହିଥିବା ବେଳେ ନୂଆ ଆଇନରେ କେତେକ ଧାରାକୁ ଏକତ୍ର ଏବଂ ସରଳ କରାଯାଇ ମୋଟ ଧାରା ସଂଖ୍ୟା ୩୫୮ରେ ସୀମିତ କରାଯାଇଛି। ଏହି କର୍ମଶାଳାରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ମହିଳା, ପୁରୁଷ, ରାଜନେତା ପ୍ରମୁଖ ଉପସ୍ଥିତ ଥିଲେ।

# ପୁଷ୍ପ, ପତ୍ର ପ୍ରଦର୍ଶନୀରେ ଶିକ୍ଷାଦାନ



**ବେଗୁନିଆ,୧୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଶିଶୁ ମନ୍ଦିରର ଶିଶୁ ବାଟିକା ଛାତ୍ରୀଛାତ୍ରମାନଙ୍କର ପୁଷ୍ପ ଓ ପତ୍ର ପ୍ରଦର୍ଶନୀରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ଆବାହକତ୍ୱରେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର, ଖୋର୍ଦ୍ଧା ଜିଲା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା, ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ପ୍ରମୁଖ ଯୋଗଦେଇ ପୁଷ୍ପ ଓ ଚିତ୍ର ପ୍ରଦର୍ଶନୀ ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଅଭ୍ୟାସରେ ପରିଣତ ହେବା ସହ ବୌଦ୍ଧିକ ବିକାଶ ଘଟିଥାଏ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ମମତାରାଣୀ ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିବା ବେଳେ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ପରିଚାଳନା କରିଥିଲେ।

# ତୃତୀୟାଦେବଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ

**ବୋଲଗଡ଼,୧୭(ଦେବବ୍ରତ ହୋତା)**

ବୋଲଗଡ଼ରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ (ତୃତୀୟାଦେବ)ଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ବୈଠକରେ ରଥଯାତ୍ରା କମିଟି ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ଶ୍ରୀଗୁଣ୍ଡିଚା ଓ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ଆଲୋଚନା ହୋଇଥିଲା। ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବାହ୍ନ ୧୧ଟାରେ ପହଣ୍ଡି ଏବଂ ଅପରାହ୍ନ ୧ଟାରେ ଛେରାପହରା ନୀତି ପାଇଁ ପ୍ରସ୍ତାବ ଦିଆଯାଇଛି। ରଣପୁର ମଠ ମହନ୍ତ ପର୍ଶୁରାମ ଦାସ ମହାରାଜ ଛେରାପହରା କରିବେ ଏବଂ ପ୍ରବଚକ ଶିତୁପ୍ରକାଶ ରଥଯାତ୍ରାର ଧାରା ବିବରଣୀ ଦେବେ ବୋଲି ନିଷ୍ପତ୍ତି ହୋଇଛି। ସେବାୟତ ସୂର୍ଯ୍ୟମଣି ପରମଗୁରୁ, ଟୁଲିଆ ପରମଗୁରୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, କୈଳାସ ମହାପାତ୍ର ପ୍ରମୁଖ ଠାକୁରଙ୍କ ପୂଜାନୀତି ସମ୍ପାଦନ କରିବାକୁ ଆଲୋଚନା ହୋଇଥିଲା। ଗୁଣ୍ଡିଚାରୁ ବାହୁଡା ମଧ୍ୟରେ ଜଗନ୍ନାଥ ମଣ୍ଡପଠାରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାକୁ ଥିବା ବେଳେ ନନ୍ଦିଘୋଷ ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଯାତ୍ରାରେ ସମସ୍ତେ ସହଯୋଗ କରିବାକୁ କମିଟି କୋଷାଧ୍ୟକ୍ଷ ହରିବନ୍ଧୁ ସାହୁ, ଲଲାଟେନ୍ଦୁ କେଶରୀ ସିଂ, ରଘୁନାଥ ଦଳବେହେରା, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଅନୁରୋଧ କରିଛନ୍ତି। ଏହି ଅବସରରେ ବିଭିନ୍ନ ବିଭାଗର ପଦାଧିକାରୀ ରଥଯାତ୍ରାରେ ସହଯୋଗ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ପୂର୍ବତନ ଜିଲାପରିଷଦ ସଦସ୍ୟଙ୍କ ମାତୃ ବିୟୋଗ

**ନିରାକାରପୁର,୧୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତ ନନପଡ଼ା ଗ୍ରାମର ପୂର୍ବତନ ଜିଲପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟଙ୍କ ମା' ପାନ ରାଉତରାୟଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୩ବର୍ଷ ବୟସ ହୋଇଥିଲା। ସେ ମିଷ୍ଟଭାଷୀ ଓ ମେଳାପୀ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ରବୀନ୍ଦ୍ର ମୁଖାଗ୍ନି ଦେଇଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଭାଜପା ନେତା ଦିଲ୍ଲୀପ କୁମାର ହୋତା, ପୂର୍ବତନ ମଣ୍ଡଳ ସଭାପତି ସାଗର ବାରିକ, ପୂର୍ବତନ ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ୩୦ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ

**ବୋଲଗଡ଼,୧୭(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ରାସୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟ, ରାସୋଳ ମା'କୁଣ୍ଡାଖାଇ ଉ.ପ୍ରା. ବିଦ୍ୟାଳୟ, ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜସୁନାଖଳା ମହାବିଦ୍ୟାଳୟର ୩୦ ଜଣ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜସୁନାଖଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧ୍ୟାପକ ଜିତେନ୍ଦ୍ର କୁମାର ବସ୍ତିଙ୍କ ବିବାହ ବାର୍ଷିକୀ ଉପଲକ୍ଷେ ରବିବାର ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି। ଏହି ଅବସରରେ ବସ୍ତିର ବହୁ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ ବଣ୍ଟନକରି ଆଶୀର୍ବାଦ ଲୋଡ଼ିଥିଲେ।




ଟି-୨୦ ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ ଖେଳାଳିଙ୍କୁ ସୋମବାର ଖୋର୍ଦ୍ଧା ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଶୁଭେଚ୍ଛା ଜଣାଉଛନ୍ତି।

# 'ଶ୍ରୀଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଉ'

**ପୁରୁଣା ଭୁବନେଶ୍ୱର,୧୭(ସୁବାସ ଚନ୍ଦ୍ର ପ୍ରଧାନ)**

ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣି ସମାଧାନର ବାଟ ଖୋଲିଛନ୍ତି। ଏହି ପରିପ୍ରେକ୍ଷୀରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତି, ନୀତି ଏବଂ ପରମ୍ପରାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ପାଇଁ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହାକୁ ଉପସ୍ଥାପନ କରିଥିଲେ। ପ୍ରକାଶ ଯେ, ୨୦୨୦ ମସିହାରେ ଏହି ଆଇନ ଆଣିବା ନେଇ ରାଜ୍ୟ ସରକାର ଅଧ୍ୟାଦେଶ ଆଣିଥିଲେ। ଏହି ଅଧ୍ୟାଦେଶ ଉପରେ କେନ୍ଦ୍ର ସରକାର ଦୁଇ ତିନି ଥର ସ୍ପଷ୍ଟୀକରଣ ମାଗିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଜବାବ ମଧ୍ୟ ରଖାଯାଇଥିଲା। ଇତି ମଧ୍ୟରେ ତିନିବର୍ଷ ବିତିଯାଇଥିଲେ ମଧ୍ୟ ଶ୍ରୀଲିଙ୍ଗରାଜ ମନ୍ଦିରରେ ସ୍ୱତନ୍ତ୍ର ଆଇନ ଲାଗୁ ହେବା ନେଇ ଆଶଙ୍କା ଦେଖାଦେଇଛି।




# ସ୍ମୃତିଚାରଣ ସଭା

**ବେଗୁନିଆ,୧୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ସିକୋ ଗ୍ରାମର ପ୍ରତାପ କୁମାର ଭୁଜବଳ(୪୭)ଙ୍କ ଦଶାହ ଅବସରରେ ରବିବାର କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ୍ୱର ଛୋଟରାୟଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ କୁମାର ବାହୁବଳେନ୍ଦ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ସୁରେଶ କୁମାର ସାହୁ, ପୂର୍ବତନ ସମିତିସଭ୍ୟ ପ୍ରମୋଦ କୁମାର ମହାପାତ୍ର, ମାନସ ରଞ୍ଜନ ବାହୁବଳେନ୍ଦ୍ର, ସାଧୁଚରଣ ଚମ୍ପତି, ପ୍ରତାପ କୁମାର ସିଂ, ବିଜୟ କୁମାର ସାମନ୍ତସିଂହାର, ରବି ନାରାୟଣ ଚମ୍ପତିଙ୍କ ସମେତ ଅନ୍ୟମାନେ ଯୋଗଦେଇ ସ୍ୱର୍ଗତ ଭୁଜବଳ ଜଣେ ସମାଜସେବୀ, ପରୋପକାରୀ, ମିଷ୍ଟଭାଷୀ ଏବଂ ଜଣେ ଭଲ କଳାକାର ଥିଲେ ବୋଲି ମତବ୍ୟକ୍ତ କରିଥିଲେ।

# ଅନ୍ଧାରକୁ ଦୂରକରି ଆଲୋକ ଦେଖାଇଥାନ୍ତି ଶିକ୍ଷକ

**ବେଗୁନିଆ,୧୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଗଡ଼ମାଣିତୀରର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଙ୍ଗିନୀ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦାଶରଥି ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ କରୁଣାକର ଦଳସିଂହରାୟ, ସମିତିସଭ୍ୟ ସଦାଶିବ ସୁନ୍ଦରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରତିହାରୀ, କୈଳାସ ଚନ୍ଦ୍ର ତ୍ରିପାଠୀ, କୈଳାସ ଚନ୍ଦ୍ର ମାଣ୍ଡୋଇ, ସୁଶାନ୍ତ କୁମାର ସିଂ, ଗଣେଶ୍ୱର ମିଶ୍ର, ରତିକାନ୍ତ କହଳସିଂହ,ଏବିଇଓ ଲକ୍ଷ୍ମୀ ଦେଇ ପ୍ରମୁଖ ଯୋଗଦେଇ ଜୀବନରୁ ଅନ୍ଧାରକୁ ଦୂରକରି ଶିକ୍ଷକ ଆଲୋକ ଦେଖାଇଥାନ୍ତି ବୋଲି କହିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ, ପୁରାତନ ଛାତ୍ରୀଛାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ସହ ତାଙ୍କ ଶିକ୍ଷାଦାନ ଉଚ୍ଚକୋଟୀର ବୋଲି କହିଥିଲେ। ଶେଷରେ ଦାଶରଥି ରାଉତରାୟ ଧନ୍ୟବାଦ ଦେଇଥିଲେ।

# ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ



**ଟାଙ୍ଗୀ,୧୭(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ବଡ଼ପାରୀ କ୍ଲଷ୍ଟର ଅନ୍ତର୍ଗତ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କୁ ବନ ମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଯିବା ସହ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଫରେଷ୍ଟର ପ୍ରଶାନ୍ତ କୁମାର ଦାସ, ଫରେଷ୍ଟଗାର୍ଡ ଅର୍ଚ୍ଚନା ପ୍ରଧାନ, ଫରେଷ୍ଟ ସ୍କ୍ୱାଡ୍ ଦେବରାଜ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ କୋକିଳ ଦେଇ, ଶିକ୍ଷକ ସନ୍ତୋଷ କୁମାର ବେହେରା, ସିଆର୍‌ସିସି ଦୁଃଶାସନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବନବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ଅନିଶ୍ଚିତତାରେ ଜରି ପୋଖରୀ ବୋଟିଂ ପ୍ରକଳ୍ପ

**ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରରେ ଏକାଧିକ ନିର୍ମାଣ ପ୍ରକଳ୍ପ ଅଧପନ୍ତରିଆ ରହିଥିବା ବେଳେ ବିକାଶ, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଠପ୍ ହୋଇଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ନିକଟରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଖୋର୍ଦ୍ଧା ପୌରାଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାମ ସାରିବାକୁ ତାଗିଦ୍ କରିଥିଲେ।

ସୂଚନା ମୁତାବକ, ସାମନ୍ତରାପୁର ସ୍ଥିତ ଜରି ପୋଖରୀ ବୋଟିଂ ପ୍ରକଳ୍ପ ସମାପ୍ତି ନେଇ ଅନିଶ୍ଚିତତା ଦେଖାଦେଇଛି। ୨୦୨୧ ଅଗଷ୍ଟରେ ତତ୍କାଳୀନ ଜିଲାପାଳ ସନତ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏଠାରେ ବୋଟିଂ ଲାଗି ଶିଳାନ୍ୟାସ କରିଥିଲେ। ୨୦୨୨ ସୁଦ୍ଧା କାର୍ଯ୍ୟ ସାରିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ୨୦୨୪ ଡିସେମ୍ବର ସୁଦ୍ଧା କାମ ସରିବ କି ନାହିଁ ତାହାକୁ ନେଇ ଅନିଶ୍ଚିତତା ରହିଥିବା କୁହାଯାଉଛି। ପ୍ରାୟ ୧କୋଟି ବ୍ୟୟ ଅଟକଳରେ ହେଉଥିବା ଏହି ପ୍ରକଳ୍ପ ଅଧପନ୍ତରିଆ ଭାବେ ପଡିରହିଛି। ଶିଳାନ୍ୟାସ ଫଳକକୁ କେହି ତାଡ଼ି ଦେଇଛି। ପ୍ରକଳ୍ପ କାମ ମନ୍ଥରତା ଯୋଗୁ ଏହାର ପରିସରରେ ଅନାବନା ଗଛଲତା ମାଡ଼ିଗଲାଣି।

## କାମରେ ଆସୁନି ଆଦର୍ଶ ଶ୍ମଶାନ

ଟିଏଲ୍‌ସି ରୋଡ୍‌ଠାରେ ଆଦର୍ଶ ଶ୍ମଶାନ ନିର୍ମାଣ କରାଯାଇଛି। ତେବେ ଉଦ୍‌ଘାଟନ ପରଠାରୁ ଏଠାରେ ଗୋଟିଏ ବି ମୃତଦେହ ଅନ୍ତିମ ସଂସ୍କାର କରାଯାଇ ନ ଥିବା ବେଳେ ଏହା ପୌର ପରିଷଦର ପାର୍କିଂସ୍ଥଳ ପାଲଟିଛି। ଅତ୍ୟାଧୁନିକ ଶୈଳୀରେ ଏହି ଶ୍ମଶାନ ନିର୍ମାଣ କରାଯାଇଛି। ତେବେ ଏହା ମଧ୍ୟ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ।

## ଉଦ୍‌ଘାଟନ ପରଠାରୁ ତାଲା ଝୁଲୁଛି

ନୂଆ ବସଷ୍ଟାଣ୍ଡ ଏବଂ ପୁରୁଣା ମେଡିକାଲ ରୋଡରେ ଥିବା ଦୁଇଟି ଶୌଚାଳୟ ଅନେକ ସମୟରେ ବନ୍ଦ ରହୁଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ସେହିପରି ୨୦୨୧ ଓ ୨୦୨୨ରେ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ସହର ବିଭିନ୍ନ ଛକରେ ଲୋକଙ୍କ ସୁବିଧା ଦୃଷ୍ଟିରୁ ଲୁ(ଶୌଚାଳୟ) ନିର୍ମାଣ ହୋଇଥିଲା। ତେବେ ସମସ୍ତ ଶୌଚାଳୟ ଉଦ୍‌ଘାଟନ ପର ଠାରୁ ତାଲା ଝୁଲୁଛି। ପାଣିର ସୁବିଧା ନ ଥିବାରୁ ଏହା କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି।

## ପ୍ରହସନ ପାଲଟିଛି ଭେଣ୍ଡିଂ ଜୋନ

ଖୋର୍ଦ୍ଧା ସହରର ସୌନ୍ଦର୍ଯ୍ୟକରଣ ପାଇଁ ଫୁଟପାଥ ବ୍ୟବସାୟୀ, କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଉଦ୍ଦେଶ୍ୟରେ ଟିଏଲସି ରୋଡ ଏବଂ ଭାଲିଆବାଡିରେ ଭେଣ୍ଡିଂ ଜୋନ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି।

୧୨ ନମ୍ବର ୱାର୍ଡରେ ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଭେଣ୍ଡିଂ ଜୋନ କାମ ଆରମ୍ଭ ହୋଇଥିଲା। ବିବାଦ ପରେ ଏହାକୁ ବନ୍ଦ କରି ଦିଆଗଲା। ପୂର୍ବରୁ ଏହାର ଏଥିରେ ୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ଏହି ପ୍ରକଳ୍ପକୁ ପୁନଃ ଆରମ୍ଭ କରିବା ପରିବର୍ତ୍ତେ ଏହାର ପାର୍ଶ୍ୱରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଆଉ ଏକ ଭେଣ୍ଡିଂ ଜୋନ ଚାଲିଥିବା ବେଳେ ଅନୁରୂପ ଭାବେ ନିକଟରେ ବ୍ୟବହାର ହେଉଥିବା ଶ୍ମଶାନ ଏବଂ ଭାଲିଆବାଡି ରାସ୍ତା ପାର୍ଶ୍ୱରେ ନୂତନ ଭେଣ୍ଡିଂ ଜୋନ ନିର୍ମାଣ ଚାଲିଛି। ପୂର୍ବରୁ ଭାଲିଆବାଡିରେ ଏକ ଭେଣ୍ଡିଂ ଜୋନ କାମ ସରିଥିବା ବେଳେ ସେଥିରୁ ୫ଟି ଦୋକାନ ଗୃହ ଖୋଲିଥିବା ବେଳେ ଅନ୍ୟ ଗୃହଗୁଡିକରେ ତାଲା ଝୁଲୁଛି।

## ପଡୁନି ମଶାତେଲ, ବଢୁଛି ଅସନ୍ତୋଷ

ଖୋର୍ଦ୍ଧା ପୌର ପରିଷଦରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଳିଆ, ଆବର୍ଜନା ଠିକ୍ ସମୟରେ ଉଠାଯାଉ ନାହିଁ। ସହରର ଡ୍ରେନ ସଫା ନ ହୋଇ ପୋତି ହୋଇପଡିଲାଣି। ଏପରିକି ବହୁ ଡ୍ରେନ୍ ଭାଙ୍ଗିରୁଜୁ ଗଲାଣି। ଡ୍ରେନରେ ଆବର୍ଜନା ଜମି ରହି ଗନ୍ଧ ହେବା ସହ ମଶାଙ୍କ ପାଦୁର୍ଭାବ ବଢୁଛି। ମଶା ମରା ଧୂଆଁ କିମ୍ବା ମଶା ତେଲ ପଡୁନାହିଁ। ବିଡିଏ କଲୋନୀରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ନେଇ ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନି ବୋଲି ସାମାଜିକ କର୍ମୀ ଶୋଭନ ଘୋଷ କହିଛନ୍ତି। ସହରରେ ଚାଲିଥିବା ଏକାଧିକ ଯୋଜନାରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ସତ୍ତ୍ୱେ ପୌର ଏବଂ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି ଖୋର୍ଦ୍ଧା ଜନ ଜାଗରଣ ମଞ୍ଚ ଆବାହକ ରଣଜିତ ମହାପାତ୍ର କହିଛନ୍ତି। ସେହିପରି ଯୁବ କଂଗ୍ରେସ ନେତା ପ୍ଲାବନ ପଟ୍ଟନାୟକ କହିଛନ୍ତି, ବରୁଣେଇ ପୀଠର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଗଡ଼ଖୋର୍ଦ୍ଧା ଛକରୁ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଗଲା। ହେଲେ ସୌନ୍ଦର୍ଯ୍ୟକରଣ କରାଯାଉନାହିଁ। ବୁଦ୍ଧିଜୀବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ କହିଛନ୍ତି, ଖୋର୍ଦ୍ଧାର ବିକାଶ ପ୍ରତି ସେଭଳି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି, ପୌରାଞ୍ଚଳର ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରତି ଗୁରୁତ୍ୱ ଦିଆଯାଉଛି। ଭେଣ୍ଡିଂ ଜୋନ ଏବଂ ଅନ୍ୟାନ୍ୟ ପ୍ରକଳ୍ପ କାମ ତ୍ୱରାନ୍ୱିତ କରାଯିବ।

## ସଂକ୍ଷେପରେ

### ପୁରୀ ସହର ସମସ୍ୟା ସମାଧାନ ପାଇଁ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୧।୭(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ସହରର ବିଭିନ୍ନ ସମସ୍ୟାକୁ ନେଇ ପୁରୀ ଟାଉନ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ୭ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି। ଆସନ୍ତା ରଥଯାତ୍ରାରେ ପୁରୀରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଜନ ସମାଗମର ଆଶା କରାଯାଉଛି। ତେଣୁ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ଜନସାଧାରଣଙ୍କ ସମସ୍ୟାର ସମସ୍ୟାର ସମାଧାନ ତୁରନ୍ତ କରାଯାଉ। ପୁରୀସହର ପ୍ରବେଶ ପଥ ବାଲିଘାଟଠାରୁ ମାଟିଆପଡ଼ା ପର୍ଯ୍ୟନ୍ତ ଜାତୀୟ ରାଜପଥ ସାଧାରଣ ଭାବେ ଯିବା ଆସିବା କଷ୍ଟକର ହୋଇପଡ଼ିଛି। ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ବର୍ଷା ପାଣି ଜମି ହୋଇରହିଛି। ରୋଡ୍ ଓଭରବ୍ରିଜ ନିର୍ମାଣ ପାଇଁ ରାସ୍ତା ସମ୍ପୂର୍ଣ୍ଣ ଅସଜଡ଼ା ହୋଇ ରହିଛି, ଯାହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବି କରାଯାଇଛି। ସହରର ଅନ୍ୟତମ ପ୍ରବେଶ ପଥ ମଙ୍ଗଳାଘାଟଠାରୁ ଜଟିଆ ବାବାଜୀ ମଠ ଜାତୀୟ ରାଜପଥ ମଧ୍ୟରେ ଅନେକ ଖାଲଖମା ସୃଷ୍ଟି ହୋଇଛି। ତେଣୁ ତାହାର ତୁରନ୍ତ ମରାମତି କରାଯାଉ। ସହରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ହୋଇପାରୁ ନାହିଁ। ତେଣୁ ଏହାର ସମାଧାନ ଜରୁରୀ ହୋଇପଡ଼ିଛି ବୋଲି ନଗର କଂଗ୍ରେସ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ରହିଛି। ନଗର କଂଗ୍ରେସ କମିଟି ସଭାପତି ଅମରେନ୍ଦ୍ର ପାଇକରାୟ, କାଳୀ ପ୍ରସାଦ ନାୟକ ,ପୁଷ୍କର ମହାପାତ୍ର, ବିଭୁଦତ୍ତ ମିଶ୍ରଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### କରତକଳରେ ଶ୍ରମିକଙ୍କ ଗୋଡ଼ କଟିଲା

ବଳଙ୍ଗା,୧।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ରୂପଦେଇପୁର ପଞ୍ଚାୟତ ଅଲାରପୁର ଗ୍ରାମରେ ଥିବା ଏକ କରତକଳରେ କାମ କରିବା ସମୟରେ ଜଣେ ଶ୍ରମିକଙ୍କ ଗୋଡ଼ କଟିଯାଇଛି। ତାଙ୍କୁ ତୁରନ୍ତ କରତକଳ ମାଲିକ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ପଠାଇଥିବା ଜଣାପଡ଼ିଛି। ରବିବାର ସନ୍ଧ୍ୟା ସମୟରେ କରତକଳରେ ପଟା ଚିରାଯାଉଥିବା ବେଲ୍ଟଟି ଖସି ଯାଇଥିଲା। ଶ୍ରମିକ ସୁରେନ୍ଦ୍ର ନାଥ ବାରିକ (୪୮) ବେଲ୍ଟ ଲଗାଉଥିବାବେଳେ ହଠାତ୍ ତାଙ୍କ ବାମ ଗୋଡ଼ କରତ ଭିତରେ ପଶି ଯାଇଥିଲା। ଫଳରେ ନଳି ଗୋଡ଼ କଟି ୨ ଖଣ୍ଡ ହୋଇଯାଇଥିଲା। ତେବେ ବଳଙ୍ଗା ଅଞ୍ଚଳରେ ବେଆଇନ କରତକଳ ଛତୁ ଫୁଟିଲା ଭଳି ହୋଇଥିବାବେଳେ ଅଞ୍ଚଳର କାଠ ମାଫିଆମାନେ ବନ୍ୟ ଜଙ୍ଗଲକୁ କାଟି ସଫା କରୁଛନ୍ତି। ଏନେଇ ଅଞ୍ଚଳର ଜନସାଧାରଣ ବାରମ୍ବାର ବନ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା

**ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ଅସ୍ତରଙ୍ଗ,୧।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ଅଧୀନ ଆଳଙ୍ଗପୁର ପଞ୍ଚାୟତ ଅଠତିରା ଗ୍ରାମ ଓ ଆଳସାହି ପଞ୍ଚାୟତ ଅସନ ଗ୍ରାମରେ ଏକ ନିର୍ଦ୍ଦିଷ୍ଟ ଜାଗା ସମସ୍ୟାକୁ ନେଇ ପୂର୍ବରୁ ବିବାଦ ରହିଥିବାବେଳେ ପୁନର୍ବାର ସମସ୍ୟା ଉପୁଜିଛି, ଯାହାକୁ ନେଇ ଅଠତିରା ଗ୍ରାମର ଶତାଧିକ ଲୋକ ତହସିଲ କାର୍ଯ୍ୟାଳୟ ସାମ୍ନାରେ ସୋମବାର ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିଲେ। ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଘଟଣାସ୍ଥଳରେ ପହଞ୍ଚି ଅଠତିରା ଗ୍ରାମ୍ୟ କମିଟି ସମ୍ପାଦକ ଅଶୋକ ସ୍ୱାଇଁଙ୍କଠାରୁ ଲିଖିତ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏଥିସହ ଉପସ୍ଥିତ ଲୋକଙ୍କ ସହ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଜାଗା ସମସ୍ୟା ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣାର ଅଭିଯୋଗପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଉଛି ।

ସୂଚନା ଅନୁଯାୟୀ, ଅଠତିରା ଗ୍ରାମର ଅଧିବାସୀଙ୍କ ଲିଖିତ ଆବେଦନ ଅନୁସାରେ ୬୯୯ ଖାତାର ପ୍ଲଟ ନଂ. ୬୩୧ ଓ ୬୩୬କୁ ନେଇ ବେଆଇନ ଭାବେ ପୋଖରୀ ଖୋଳି ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ମାଟି ପୋତିବା ଅନ୍ୟ ଏକ ଗ୍ରାମର ଅଧିବାସୀଙ୍କ କେତେଦୂର ଯଥାର୍ଥ ତାହା ବିଚାର କରାଯାଉ। ଏନେଇ ଅଠତିରା ମା' ବୁଢ଼ୀ ସାହାରେଇ ଗ୍ରାମ୍ୟ କମିଟିର ଶତାଧିକ ମହିଳା ଓ ପୁରୁଷ ଶାନ୍ତିପୂର୍ଣ୍ଣ ଗଣଧାରଣାରେ ବସିଥିଲେ। ଅନ୍ୟପଟେ ଅସନ ଗ୍ରାମବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ହୋଇଛି। ଏ ସମସ୍ୟା ଅବଗତି ନିମନ୍ତେ ଅଠତିରା ଗ୍ରାମ୍ୟ କମିଟି ପକ୍ଷରୁ ରାଜସ୍ୱ ବିଭାଗୀୟ ମନ୍ତ୍ରୀ, ଜିଲାପାଳ ପୁରୀ, ବିଧାୟକ କାକଟପୁର ଓ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଏକ ଲିଖିତ ଦରଖାସ୍ତ ଆକାରରେ ଅବଗତ କରାଯାଇଛି।

# ବଦଳିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ

ପୁରୀ,୧।୭(ଅଜିତ୍ କୁମାର ମହାନ୍ତି)

ବହୁ ବାଦବିବାଦ ଦାବି ପରେ ଶେଷରେ ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ବଦଳି ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍ଓ) ଡା. ସୁଜାତା ମିଶ୍ରଙ୍କ ସୋମବାର ବଦଳି ହୋଇଥିବାବେଳେ ତାଙ୍କ ବଦଳରେ କ୍ୟାପିଟାଲ ହସ୍ପିଟାଲରେ ଥିବା ଡା. ରୂପଭାନୁ ମିଶ୍ରଙ୍କୁ ପୁରୀ ସିଡିଏମ୍ଓ ଭାବେ ନିୟୋଜିତ କରାଯାଇଛି। ପୁରୀରୁ ବଦଳି ହୋଇଥିବା ଡା. ସୁଜାତା ମିଶ୍ରଙ୍କୁ ଡା. ରୂପଭାନୁଙ୍କ ସ୍ଥାନରେ କ୍ୟାପିଟାଲ ହସ୍ପିଟାଲରେ ନିୟୋଜିତ କରାଯାଇଛି।

ସୂଚନାଯୋଗ୍ୟ ମିଶ୍ର ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ୪ ବର୍ଷରୁ ଅଧିକ ସମୟ ହେବ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭାବରେ କାର୍ଯ୍ୟରତ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ମେଡିକାଲରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ପୁରୀବାସୀ ବିଭିନ୍ନ ସମୟରେ ଅସନ୍ତୋଷ ବ୍ୟକ୍ତ କରି ଆସୁଥିଲେ। ଗତ ମେ ୨୯ ତାରିଖରେ ନରେନ୍ଦ୍ର ବାଣ ବିସ୍ଫୋରଣ ଘଟଣା ପରେ ଜିଲାରେ ସ୍ୱାସ୍ଥ୍ୟ ସେବାର ବାସ୍ତବଚିତ୍ର ସମସ୍ତଙ୍କ ନଜରକୁ ଆସିଥିଲା। ଏହା ପରଠାରୁ ସିଡିଏମ୍ଓଙ୍କ ବଦଳି ନେଇ ଦାବି ଜୋର ଧରିଥିଲା। ଏପରିକି ଏସ୍ଆର୍ସିଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସରେ ନରେନ୍ଦ୍ର ବିସ୍ଫୋରଣକୁ ନେଇ ହୋଇଥିବା ଶୁଣାଣିବେଳେ ସିଡିଏମ୍ଓଙ୍କ ବିରୋଧରେ ଅଭିଯୋଗପତ୍ର ପହଞ୍ଚିଥିଲା। ରଥଯାତ୍ରା ସମନ୍ୱୟ ବୈଠକରେ ବିରୋଧ ମଧ୍ୟ ହୋଇଥିଲା। ଦ୍ୱିତୀୟ ସମନ୍ୱୟ ବୈଠକରେ ସିଡିଏମ୍ଓ ଅନୁପସ୍ଥିତିତ ରହିଥିଲେ, ଯାହାକୁ ନେଇ ବୈଠକରେ ପ୍ରବଳ ହଟ୍ଟଗୋଳ ହେବା ସହ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ସମସ୍ୟାର ସମାଧାନ କରାଯିବ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଥିଲେ। ତେବେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ରଥଯାତ୍ରାର ଶେଷ ସମନ୍ୱୟ ବୈଠକରେ ସିଡିଏମ୍ଓଙ୍କୁ ନେଇ ହଟଗୋଳ ହେବାର ସମ୍ଭାବନା ଦୃଷ୍ଟିରେ ରଖି ବୈଠକ ପୂର୍ବରୁ ସୋମବାର ସିଡିଏମଓଙ୍କୁ ବଦଳି କରାଯାଇଥିବା ନେଇ ଚର୍ଚ୍ଚା ହେଉଛି ।

# 'ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ଖୁବ୍ଶୀଘ୍ର ସାକାର ହେବ'

ନିମାପଡ଼ା,୧।୭
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା କଲେଜ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ଖୁବ୍ଶୀଘ୍ର ସାକାର ହେବ। ଛାତ୍ରୀଛାତ୍ରଙ୍କ ସମସ୍ୟା ସମେତ ଅନେକ ସମସ୍ୟାର ପ୍ରତିକାର କରାଯିବ। କଲେଜ ବିକାଶରେ ଅନ୍ତରାୟ ସୃଷ୍ଟି କରୁଥିବା ଘଟଣା ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା କଲେଜଠାରେ ଆୟୋଜିତ ଏକ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହରେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ପରିଡ଼ା କଲେଜ ଛାତ୍ରୀଛାତ୍ର, ଶିକ୍ଷକଙ୍କ ସହ ଭାବର ଆଦାନପ୍ରଦାନ ସହ ସମସ୍ୟା ବୁଝିଥିଲେ। ଏଥିସହ କଲେଜ ପରିଦର୍ଶନ କରିବା ଅବସରରେ କଲେଜ ପରିସରରେ ଚାରାରୋପଣ କରିବା ପରେ କଲେଜ ପରିସରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଲେଜର ୫ଟି ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଥିବା ୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଡ. ପ୍ରଭାତ ପାଢୀଙ୍କ ଲିଖିତ ଗବେଷଣାତ୍ମକ ପୁସ୍ତକକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ, ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, ପ୍ରଶାସନିକ ଅଧିକାରୀ





ନିମାପଡା କଲେଜରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଜଣେ ଛାତ୍ରଙ୍କୁ ମାନପତ୍ର ଟ୍ରଫି ପ୍ରଦାନ କରୁଛନ୍ତି ।

ଡ. ରବୀନ୍ଦ୍ରନାଥ ପାଢୀ, ପ୍ରଦୀପ ଦାଶ, ପରୀକ୍ଷା ନିୟନ୍ତ୍ରକ ଦେବେନ୍ଦ୍ର ଦାଶ, ବରିଷ୍ଠ ଆଧ୍ୟାପିକ ମାନସ ରଞ୍ଜନ ସ୍ୱାଇଁ, ସୁବ୍ରତ ମହାନ୍ତିଙ୍କ ସମେତ ବହୁ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ।

ନିମାପଡ଼ା ସମ୍ବର୍ଦ୍ଧନା କମିଟି ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ନାଗରିକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ଦୁର୍ଗା ପୂଜା କମିଟି, ଶହୀଦ ସ୍ମୃତି ସଂସଦ, ସିଭିଲ ସୋସାଇଟି, ନିମାପଡ଼ା ବାର୍ ଆସୋସିଏଶନ, ଜୁଡିସିଆଲ ବାର୍ ଆସୋସିଏଶନ, ବ୍ଲକ, ତହସିଲ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ନିମାପଡ଼ା ପ୍ରେସ କ୍ଲବ, ବିଭିନ୍ନ ସ୍କୁଲ, କଲେଜ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ମହିଳା ଅନୁଷ୍ଠାନ ଆଦି ମୋଟ ୯୨ ଅନୁଷ୍ଠାନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଦୋଳବେଦୀ ଛକଠାରୁ ଏକ ଶୋଭାଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ସହର ପରିକ୍ରମା କରାଯାଇଥିଲା। ସମ୍ବର୍ଦ୍ଧନା କମିଟିର ଜୟଦେବ ମିଶ୍ର, ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ଶିକ୍ଷାବିତ୍ ନିରଞ୍ଜନ ରଥ, ପୂର୍ବତନ ବିଧାୟକ ବେଣୁଧର ସେଠୀ, ଆଇନଜୀବୀ ସୁଧିର ମହାନ୍ତି ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ।

### ଦିବଂଗତ ସେକ୍ଟର ଅଫିସରଙ୍କୁ ମିଳିବ ଆର୍ଥିକ ସହାୟତା

ଡେଲାଙ୍ଗ,୧।୭(ରଶ୍ମିରଞ୍ଜନ ପ୍ରଧାନ):

ସାଧାରଣ ନିର୍ବାଚନରେ ଦେହାନ୍ତ ଘଟିଥିବା ସେକ୍ଟର ଅଫିସର ଦିବଂଗତ ଅମରେନ୍ଦ୍ର ପ୍ରଧାନଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିବ। ତୃତୀୟ ପର୍ଯ୍ୟାୟ ନିର୍ବାଚନ ସମୟରେ ପିପିଲି ନିର୍ବାଚନମଣ୍ଡଳୀ ଡେଲାଙ୍ଗ ବ୍ଲକ ଧାନକେରା ପଞ୍ଚାୟତର ସେକ୍ଟର ଅଫିସର ଭାବେ ଅମରେନ୍ଦ୍ର ଡ୍ୟୁଟି କରୁଥିଲେ। ଅପରାହ୍ନରେ ବିଭିନ୍ନ ବୁଥ୍ ପରିଦର୍ଶନ କରୁଥିବାବେଳେ ହୃଦ୍ଘାତରେ ତାଙ୍କର ଦେହାନ୍ତ ହୋଇଥିଲା। ଏନେଇ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ପରିବାର ସଦସ୍ୟଙ୍କୁ ସହାୟତା ପ୍ରଦାନ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏନେଇ ଗତ ୨୯ ତାରିଖରେ ଚିଠି ନମ୍ବର ୪୩୫୫ ଜରିଆରେ ତାଙ୍କ ପରିବାରର ମୁଖ୍ୟଙ୍କୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପାଇଁ ପୁରୀ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଅତିରିକ୍ତ ମୁଖ୍ୟନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

# ବିଦ୍ୟୁତ୍ ଆଘାତରେ କର୍ମଚାରୀ ମୃତ

ଡେଲାଙ୍ଗ,୧।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକରେ ବିଦ୍ୟୁତ୍ ଆଘାତରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦୋଳ ଗ୍ରାମର ଲାଇନ୍ମ୍ୟାନ ବିଷ୍ଣୁପ୍ରସାଦ ରଣା (୩୧)।

ସୂଚନା ଅନୁଯାୟୀ, ବିଷ୍ଣୁପ୍ରସାଦ ମୁନିନ୍ଦା ଗ୍ରାମରେ ସର୍ଭିସ୍ ତାର ଟାଣୁଥିବାବେଳେ ଅସାବଧାନତାବଶତଃ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିବାରୁ ସେ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଚିକିତ୍ସାଧୀନ ସମୟରେ ବିଏସ୍କେୱାଇ କାର୍ଡକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିବା ପରିବାର

**ଚିକିତ୍ସାବେଳେ କାମରେ ଆସିଲାନି ବିଏସ୍କେୱାଇ କାର୍ଡ**

ଲୋକେ ଅଭିଯୋଗ କରିଛନ୍ତି। ତେଣୁ ସଂଘ କର୍ମକର୍ତ୍ତା ଓ ପରିବାର ଲୋକେ ଧାରକରଜ କରି ବିଷ୍ଣୁପ୍ରସାଦଙ୍କ ଚିକିତ୍ସା କରାଇଥିଲେ। ତାଙ୍କ ମୃତ୍ୟୁ ପରେ କାମ କରୁଥିବା କମ୍ପାନୀ ପକ୍ଷରୁ ୩ ଲକ୍ଷ ଟଙ୍କା ଜମା କରିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତଦେହ ପରିବାରକୁ ହସ୍ତାନ୍ତର କରିଥିବା ମୃତକଙ୍କ ଭାଇ ଶିବପ୍ରସାଦ ରଣା କହିଛନ୍ତି। ସେହିପରି ପରିବାରକୁ ଆର୍ଥିକ ସହାୟତା ଓ ଜଣଙ୍କୁ ନିଯୁକ୍ତି ଦେବାକୁ କର୍ମଚାରୀ ସଂଘ ପକ୍ଷରୁ ଦାବି କରାଯାଇଛି। ତେବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଇନ୍ସ୍ୟୁରାନ୍ସ ଅର୍ଥ ସମେତ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମହିଳାଙ୍କ ଦୌରାତ୍ମ୍ୟ, ଘଣ୍ଟାଏ ଅଟକିଲା ମୋ ବସ୍

ଗୋପ,୧।୭
(ଭାରତୀ ଭୂଷଣ ଉପାଧ୍ୟାୟ)

ଜଣେ ମହିଳାଙ୍କ ଦୌରାତ୍ମ୍ୟ ପାଇଁ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଯାଉଥିବା ମୋ ବସ୍ ସୋମବାର ଗୋପ ଥାନା ନିକଟରେ ଘଣ୍ଟାଏ ଅଟକି ରହିଥିଲା। ମୋ ବସ୍ କଣ୍ଡକ୍ଟର ଏହି ମହିଳାଙ୍କ ବିରୋଧରେ ଥାନାରେ ଏକ ଏତଲା ଦେଇଥିବା ଜଣାପଡ଼ିଛି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଗୋପ ଅଞ୍ଚଳରେ ଭଡ଼ାରେ ରହୁଥିବା ଜଣେ ମହିଳା କିଛି ଦିନ ଧରି ଏକ ନିର୍ଦ୍ଦିଷ୍ଟ ମୋ ବସ୍ ନମ୍ବର ଓଡ଼ି ୦୨ ବିଜେ ୯୪୦୨ରେ କୋଣାର୍କ ଯା ଆସ କରୁଛନ୍ତି। କିନ୍ତୁ ସେ ଷ୍ଟପେଜ ନ ଥିବା ସ୍ଥାନରେ ଓହ୍ଲାଇବାକୁ କହୁଥିବାରୁ ଏବଂ ଗାଡ଼ି ନ ରହୁଥିବାରୁ ସେ କର୍ମଚାରୀଙ୍କୁ ଗାଳିଗୁଲଜ କରୁଥିବା ଜଣାପଡ଼ିଛି। କିଛି ଦିନ ଧରି ଏପରି ଏହି ମହିଳା ଜଣଙ୍କ ବସ୍ ଭିତରେ ମୋ ବସ୍ କର୍ମଚାରୀଙ୍କୁ ଗାଳିଗୁଲଜ କରୁଥିବା ଭଳି ଅଭିଯୋଗ ପତ୍ରରେ ମୋ ବସ୍ ଡ୍ରାଇଭର ସୁରେଶ ସାହୁ ଅଭିଯୋଗ କରିଛନ୍ତି। ସୋମବାର କୋଣାର୍କରେ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିବାବେଳେ ବସ୍ ମଧ୍ୟରେ ଓହ୍ଲାଇବାବେଳେ ମଧ୍ୟ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ମହିଳାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

### ଅସରାଏ ବର୍ଷାରେ କାକଟପୁର ମୁଖ୍ୟ ବଜାର ଜଳମଗ୍ନ

ଅସ୍ତରଙ୍ଗ,୧।୭(ମମତା ଜେନା)

କାକଟପୁର ପୁରୁଣା ବସ୍ଷ୍ଟାଣ୍ଡ ତଥା ମୁଖ୍ୟବଜାରଠାରେ ଅସରାଏ ବର୍ଷାରେ ରାସ୍ତାରେ ଲହଡ଼ି ମାରୁଛି ବର୍ଷାପାଣି। ଦିନକୁ ହଜାର ହଜାର ଗାଡ଼ିମଟର ଯିବାଆସିବା କରୁଥିବାବେଳେ ପଥଚାରୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଖାଲଖମା ରାସ୍ତା ବର୍ଷାଜଳରେ ବୁଡ଼ି ରହୁଥିବାରୁ ଲୋକେ ଆକସ୍ମିକ ଦୁର୍ଘଟଣାରେ ଶିକାର ହେଉଛନ୍ତି। ରାସ୍ତାର ୨ ପାର୍ଶ୍ୱରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ରାସ୍ତା ଉପରେ ଜମି ରହୁଛି। ଜଳ ନିଷ୍କାସନ ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ନା ପୂର୍ତ୍ତ ବିଭାଗ ନା ଡ୍ରେନେଜ ବିଭାଗ ପକ୍ଷରୁ କୌଣସି ସୁବ୍ୟବସ୍ଥା କରାଯାଉନାହିଁ। ଫଳରେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀ ଜିଲାପାଳ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କଲେ

ଅସ୍ତରଙ୍ଗ,୧।୭(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)





ଜଣେ ଅସହାୟ ମାନସିକ ବିକୃତାଙ୍କୁ ଅସ୍ତରଙ୍ଗ ଅଞ୍ଚଳର ଜଣେ ଖବରଦାତା କେତେ ଜଣ ସାମାଜିକ କର୍ମୀଙ୍କ ସାହାଯ୍ୟରେ ଉଦ୍ଧାର କରି ବୃଦ୍ଧାଶ୍ରମରେ ଛାଡ଼ିଥିବା ଜଣାପଡ଼ିଛି। ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳ ରାସ୍ତାକଡ଼ରେ ଜଣେ ଅସହାୟ ବୃଦ୍ଧା ଦୀର୍ଘ ଦିନ ହେବ ଅତି ଦୟନୀୟ ଅବସ୍ଥାରେ ଖରା ବର୍ଷାରେ ପଡ଼ିରହୁଥିଲେ। ବୃଦ୍ଧା ଜଣଙ୍କ ପାଟି ଫିଟୁ ନ ଥିବାରୁ ସେ କେଉଁଠାରୁ ଆସିଛନ୍ତି, ତାହା କହିପାରୁ ନ ଥିଲେ। ଏପରି ଅବସ୍ଥାରେ ଖବରଦାତା ବିଜୟ ବେହେରା ଦେଖିବା ପରେ ବୃଦ୍ଧାଙ୍କୁ ଏକ ସୁରକ୍ଷିତ ସ୍ଥାନରେ କିଛି ଦିନ ହେବ ରଖି ବସ୍ତ୍ର ଓ ପ୍ରତ୍ୟେକ ଦିନ ଖାଦ୍ୟ ଦେଉଥିଲେ। ସୋମବାର ମାନସିକ ବିକାରଗ୍ରସ୍ତ ମହିଳା ଲକ୍ଷ୍ମୀଙ୍କୁ ବିଜୟ ଅନ୍ୟ ଜଣେ ବ୍ୟକ୍ତି ଆଶିଷ ବାରିକଙ୍କ ସହାୟତାରେ ସାମାଜିକ କର୍ମୀ ସତ୍ୟବ୍ରତ ଲେଙ୍କା ଓ ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ସହ ମିଶି ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାରରେ ଛାଡ଼ିଛନ୍ତି। ଯାହାକୁ ନେଇ ମାନସିକ ବିକାରଗ୍ରସ୍ତ ମହିଳା ଜଣଙ୍କ ଖୁସି ପ୍ରକାଶ କରିବା ସହ ସାମାଜିକ କର୍ମୀଙ୍କ ଅଭିନବ ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ୩୧୪ ଅଭିଯୋଗର ସମାଧାନ ନିମନ୍ତେ ବିଧାୟକଙ୍କ ନିର୍ଦ୍ଦେଶ

ସାକ୍ଷୀଗୋପାଳ,୧।୭(ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ସଦ୍ଭାବନା ଗୃହରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୧୪ ଅଭିଯୋଗର ଶୁଣାଣି ହୋଇଥିଲା। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଶିବିରରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ, ସତ୍ୟବାଦୀ ବିଡିଓ ଲିପ୍ସା ରାୟ ଓ ଅତିରିକ୍ତ ବିଡିଓ ସଲିଳ ଦାଶ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରେଶନ କାର୍ଡ, ନୂତନ ବିଦ୍ୟୁତ୍ ସଂଯୋଗ ଆଦି କ୍ଷେତ୍ରରେ ଅଧିକାଂଶ ହିତାଧିକାରୀ ଆବେଦନ କରିଥିଲେ। ବିଧାୟକ ମିଶ୍ର ପ୍ରତ୍ୟେକ ହିତାଧିକାରୀଙ୍କ ଆବେଦନ ପତ୍ରଗୁଡ଼ିକ ଅନୁଧ୍ୟାନ କରି ଆବେଦନକାରୀଙ୍କ ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ସତ୍ୟବାଦୀ ବ୍ଲକ ଅଧୀନ ସାରଙ୍ଗଯୋଡ଼ି

**ଦିବ୍ୟାଙ୍ଗ ବାଳକଙ୍କୁ ୩ ଚକିଆ ସାଇକେଲ ପ୍ରଦାନ**

ପଞ୍ଚାୟତର ରାୟଚକ୍ରଧରପୁର ହାଟ ସାହି ଗ୍ରାମର ଦିବ୍ୟାଙ୍ଗ ବାଳକ ଅଭିଜିତ ପ୍ରଧାନ(୭)ଙ୍କୁ ଏକ ୩ ଚକିଆ ସାଇକେଲ ପ୍ରଦାନ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଅଭିଯୋଗକାରୀ ପଞ୍ଜୀକରଣ କରାଇଥିଲେ। ମଧ୍ୟାହ୍ନ ୧୨ଟାରୁ ଅଭିଯୋଗ ଶୁଣାଣି ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା।



ଅଭିଯୋଗ ଶୁଣାଣି ବୈଠକରେ ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ର ଓ ଅନ୍ୟ ଅଧିକାରୀମାନେ ।

# ନିୟୋଜିତ ହେବ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ

ପୁରୀ ୧।୭(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଦୀର୍ଘ ୫୩ ବର୍ଷପରେ ଚଳିତ ବର୍ଷ ଗୋଟିଏ ଦିନରେ ନେତ୍ରଉତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ପଡୁଛି। ତେଣୁ ଦୁର୍ଲଭ ରଥଯାତ୍ରାରେ ଭକ୍ତଙ୍କ ସମାଗମ ଅଧିକ ରହିବ ବୋଲି ଆଶଙ୍କା କରାଯାଉଛି। ସେହିପରି ମହାପ୍ରଭୁଙ୍କ ଘୋଷଯାତ୍ରାରେ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶୃଙ୍ଖଳିତ କରିବା ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ନିମନ୍ତେ ଏକ ଚ୍ୟାଲେଞ୍ଜ ରହିଛି। ତେବେ ସମସ୍ତ ବିଭାଗର ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥଯାତ୍ରା ନେଇ ପୋଲିସ ପ୍ରଶାସନ ପକ୍ଷରୁ ସୋମବାର ସନ୍ଧ୍ୟାରେ ଏସ୍ପିଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ





କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ସମାପନ କରିବା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍, ରଥ ଟଣା, ପାର୍କିଂ, ଯାତାୟତ ସହ ବିଭିନ୍ନ ଦିଗଉପରେ ଆଲୋଚନା କରାଯାଇଥିଲା। ବୈଠକପରେ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ସୂଚନା ଦେଇ କହିଥିଲେ, ରଥଯାତ୍ରାକୁ ଆଖି ଆଗରେ ରଖି ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ରଥଯାତ୍ରା ନେଇ ପ୍ରଥମ ବା ପ୍ରାରମ୍ଭିକ ବୈଠକ ହୋଇଛି। ବୈଠକରେ ଫୋର୍ସ ନିୟୋଜନ, ପୋଲିସ ବ୍ୟବସ୍ଥା ଉପରେ ବିଶେଷ ଭାବରେ ଆଲୋଚନା କରାଯାଇଛି। ଚଳିତ ରଥଯାତ୍ରାରେ ମୁତୟନ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବ। ସେହିପରି ଦାୟିତ୍ୱରେ ଅତିରିକ୍ତ ଡିଜି ପାହ୍ୟା ୪ ଅଧିକାରୀ, ୬ଜଣ ଆଇଜି ଏବଂ ଡିଆଇଜି ପାହ୍ୟା ଅଧିକାରୀ , କମାଣ୍ଡାଣ୍ଟ ବା ଏସ୍ପି ପାହ୍ୟାର ୧୯ ଜଣ ଅଧିକାରୀ, ଅତିରିକ୍ତ

**ରଥ ଯାତ୍ରା ପାଇଁ ପୋଲିସ ଡିଜିଙ୍କ ସମୀକ୍ଷା**

ଏସପି ବା ଡେପୁଟି କମାଣ୍ଡାଣ୍ଟ ପାହ୍ୟାର ୩୩ଜଣ ଅଧିକାରୀ, ଆସିଷ୍ଟାଣ୍ଟ କମାଣ୍ଡର ବା ଡିଏସ୍ପି ପାହ୍ୟାର ୭୫ ଜଣ, ଇନ୍ସପେକ୍ଟର ୧୩୦ଜଣ, ୬୭୫ ଜଣ ଏଏସ୍ଆଇ ଓ ଏସ୍ଆଇ ପାହ୍ୟାର ଅଧିକାରୀ ସୁରକ୍ଷା ଦାୟିତ୍ୱରେ ମୁତୟନ ରହିବେ। କୋଷ୍ଟଗାର୍ଡ ନିୟୋଜିତ ପାଇଁ ଲେଖାଯାଇଛି। ସେହିପରି ଡ୍ରୋନ ସାହାଯ୍ୟରେ ପାର୍କିଂ ସ୍ଥାନର ଅନୁଧ୍ୟାନ କରାଯିବ। ସୋସିଆଲ ମିଡିଆ ହ୍ୟାଣ୍ଡଲରେ ଲୋକଙ୍କୁ ପାର୍କିଂ ଅଞ୍ଚଳର ସ୍ଥିତି ବିଷୟରେ ଲାଇଭ୍ ସୂଚନା ଦିଆଯିବ। ଆବଶ୍ୟକ ପଡିଲେ ଅଧିକ ପୋଲିସ ଫୋର୍ସ ନିୟୋଜିତ କରାଯିବ ବୋଲି ପୋଲିସ ମହାନିର୍ଦ୍ଦେଶକ ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଏସ୍ପିଙ୍କ ସମେତ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାଜଧାନୀରେ ନାବାଳିକାଙ୍କୁ ବଳାତ୍କାର

ଭୁବନେଶ୍ୱର,୧୭(ସୂର୍ଯ୍ୟକାନ୍ତ ବେହେରା): ରାଜଧାନୀ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୩ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଏୟାରଫିଲ୍ଡଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ସନ୍ତୋଷ ନାମକ ଯୁବକଙ୍କ ଘର ପାଖରେ ପରିବାର ସହ ରହୁଥିଲେ। ନାବାଳିକାଙ୍କ ସହ ସନ୍ତୋଷ ମିଳାମିଶା କରୁଥିଲେ। ରବିବାର ଘରେ କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ସନ୍ତୋଷ ବଳାତ୍କାର କରିଥିଲେ। ଘଟଣା ପରେ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ସନ୍ତୋଷ ଫେରାର ହୋଇଯାଇଥିଲେ। ସୋମବାର ପୋଲିସ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

### ନୂଆ ଆଇନ ସମ୍ପର୍କରେ ଜାଣିଲେ ଝାରପଡ଼ା ଜେଲ ଅନ୍ତେବାସୀ

ଭୁବନେଶ୍ୱର,୧୭ (ସୂର୍ଯ୍ୟକାନ୍ତ ବେହେରା): ସାରା ଦେଶରେ ନୂଆ ଆପରାଧିକ ଆଇନ ଲାଗୁ ହେବା ପରେ ଭୁବନେଶ୍ୱର ଝାରପଡ଼ାର ସ୍ୱତନ୍ତ୍ର କାରାଗାରରେ ଅନ୍ତେବାସୀଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ବିଷୟରେ ଅନ୍ତେବାସୀଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ କାରାଗାରର ବରିଷ୍ଠ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରୀ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ କାରାଗାର ଅଧୀକ୍ଷକ ଦାଶରଥି ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ବରିସର, ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣର ତଥା ସାମାଜିକ କାର୍ଯ୍ୟକର୍ତ୍ତା ଜୟଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କାରାଗାରର ଉଭୟ ପୁରୁଷ ଓ ମହିଳା ଅନ୍ତେବାସୀ ଉପସ୍ଥିତ ରହି ଏହି ଆଇନ ବିଷୟରେ ଜ୍ଞାନ ଆହରଣ କରିଥିଲେ । ଶେଷରେ ଉପଖଣ୍ଡ ପରିବୀକ୍ଷଣ ଅଧିକାରୀ ସଂଗ୍ରାମ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ କାରାଗାରର କାରପାଳ ପ୍ରସନ୍ନ କୁମାର ସାହୁ, କାରା ମଙ୍ଗଳ ଅଧିକାରୀ ସତ୍ୟଜିତ ଦାସ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

### ବନ ମହୋତ୍ସବ ପାଳିତ

ବାଲକାଟୀ,୧୭(ମନୋଜ ମଣ୍ଡଳ) ଗ୍ରୀନ ଜୟଦେବ ଫାଉଣ୍ଡେଶନ ଟ୍ରଷ୍ଟ ଓ କାଞ୍ଚନ ଫାଉଣ୍ଡେଶନର ମିଳିତ ସହଯୋଗରେ ସୋମବାର ୭୫ତମ ବନ ମହୋତ୍ସବ ବାଲିଅନ୍ତା ବ୍ଲକ ଯଶୁଆପୁର ଗ୍ରାମ ବାଲିପୋଖରୀ ରାସ୍ତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପିଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲ୍ଲିକ ଯୋଗଦେଇ ବନ ମହୋତ୍ସବର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ପ୍ରମୋଦ ପାଢ଼ୀ, ବାଲକାଟୀ ମଣ୍ଡଳ ଭାଜପା ସଭାପତି ବିଜୟ ମହାରଣା, ଦୁର୍ଯ୍ୟୋଧନ ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ସେମାନେ ବିଭିନ୍ନ ପ୍ରକାର ବୃକ୍ଷର ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ଦୀନବନ୍ଧୁ ଭୋଇ ସଭାପତିତ୍ୱ କରିଥିଲେ। ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବାରଙ୍ଗ,୧୭(ଲିଙ୍ଗରାଜ ରାଉତ) କୁଞ୍ଜବିହାରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରତାପ କୁମାର ସ୍ୱାଇଁ, ବାଣିଜ୍ୟ ବିଭାଗ ମୁଖ୍ୟ ଡ. ସୂର୍ଯ୍ୟକାନ୍ତ ପଣ୍ଡା, ଇତିହାସ ବିଭାଗ ମୁଖ୍ୟ ସୁଧାଞ୍ଜଳି ଦାସ ଓ ବରିଷ୍ଠ କ୍ଲର୍କ ଭାଗ୍ୟୋୟ ରାଉତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ସଦସ୍ୟମାନେ ସେମାନଙ୍କର ଅନୁଭୂତି ଆଲୋଚନା କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରାଧାପିକା ଡ. ଲିପିପୁଷ୍ପା ନାୟକ ସରକାରଙ୍କ ପତ୍ର ଅନୁଯାୟୀ ନୂତନ ଅଧକ୍ଷା ଭାବେ ବିଦାୟୀ ଅଧକ୍ଷଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଡ. ସୁଜାତା ହୋତା, ଦୀପ୍ତିମୟୀ ସାମଲ, ଅନିଲ କୁମାର ପାଢ଼ୀ, ଡ. ରେବତୀ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ କାମରେ ଲାଗିପାରୁନି କେନାଲ

ବାରଙ୍ଗ,୧୭(ଲିଙ୍ଗରାଜ ରାଉତ)

- ■ବିଭିନ୍ନ ଦଳ ଓ ପଙ୍କରେ ଭର୍ତ୍ତି
- ■କବାଟ ଭାଙ୍ଗିଯାଇଥିବାରୁ ପାଣି ରହୁନି
- ■ଚାଷକାର୍ଯ୍ୟ ବ୍ୟାହତ ଯୋଗୁ ଚିନ୍ତା ବଢ଼ୁଛି


ବାରଙ୍ଗ କେନାଲ

ବର୍ଷାଋତୁ ଆସିଗଲାଣି। ଅନାବନା ଦଳ ଓ ପଙ୍କରେ କେନାଲ ଭର୍ତ୍ତି ହୋଇପଡ଼ିଥିବାବେଳେ ସଫା କରାଯାଉନାହିଁ। ସେହିପରି କେନାଲରେ କବାଟ ଲାଗିନାହିଁ। ଫଳରେ ଜଳ ନିଷ୍କାସନ ହେବା ଓ ଚାଷଜମିରେ ପାଣି ପହଞ୍ଚିବା ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ମେଣ୍ଢାଶାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଏଭଳି ସ୍ଥିତି ନେଇ ଚାଷୀମାନେ ଅଭିଯୋଗ ଆଣିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଚାଷୀମାନଙ୍କ କହିବା କଥା ହେଲା, ବର୍ଷାଦିନ ପୂର୍ବରୁ କେନାଲର ମରାମତି କରାଯିବା କଥା, କିନ୍ତୁ ଏହା କରାଯାଇ ନ ଥିବାରୁ ଚାଷକାର୍ଯ୍ୟରେ ବାଧକ ସାଜିବାକୁ ଯାଉଛି। ଏହି ଜଳସେଚନ ପ୍ରକଳ୍ପ ଏବେ ଅନାବନା ଦଳରେ ପରିପୂର୍ଣ୍ଣ ହୋଇଯାଇଛି। ଏଥିସହ ତଳେ ଏକଫୁଟ ମୋଟେଇର ପଙ୍କ ଭର୍ତ୍ତି ହୋଇଛି। ଜଳ ନିଷ୍କାସନ ପାଇଁ ଥିବା କବାଟଟି ଭାଙ୍ଗି ନଷ୍ଟ ହୋଇଯାଇଛି। ଫଳରେ ମେଣ୍ଢାଶାଳ ଗ୍ରାମର ଚାଷୀଙ୍କ ମଧ୍ୟରେ ଚାଷକାର୍ଯ୍ୟ ନେଇ ଭାଳେଣି ପଡ଼ିଛି। ୧୯୬୮ ମସିହାରେ ଡେରାସ ବନ୍ଧର ନାଳ ଯୋଗେ ବୋହିଆସୁଥିବା ଉଦ୍‌ବୃତ୍ତ ପାଣିକୁ ମେଣ୍ଢାଶାଳଠାରେ ବନ୍ଧ ପକାଯାଇ ଗ୍ରାମର ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇଥିଲା। ଜଳସେଚନ ବିଭାଗ ପକ୍ଷରୁ ଏହି ବ୍ୟବସ୍ଥା ହେବା ସହ ବନ୍ଧ ନିର୍ମାଣ ପରେ ଗାଁର ଚାଷଜମିକୁ ଜଳସେଚନ ପାଇଁ ୧୬୫୦ ମିଟର ଲମ୍ବର କେନାଲ ମଧ୍ୟ ନିର୍ମାଣ କରାଯାଇଥିଲା। ଏହି କେନାଲ ଦ୍ୱାରା ୨୭୪ ହେକ୍ଟର ଚାଷଜମି ଜଳସେଚିତ ହୋଇଆସୁଥିଲା। ସେହିପରି ରବିଋତୁରେ ୪୦ ହେକ୍ଟର ଜମିରେ ଜଳସେଚନ ଯୋଗୁ ଚାଷୀମାନେ ୨ଟି ଧାନଫସଲ ଚାଷ କରିପାରୁଥିଲେ। ପରବର୍ତ୍ତୀ ସମୟରେ କେନାଲ ତଳମୁଣ୍ଡରୁ ଢଳେଇ କାମ କରାଯାଇଥିବାବେଳେ ବନ୍ଧର ମେନ୍ ସୁଇସ ପାଖରୁ ୫୦୦ ମିଟର ପର୍ଯ୍ୟନ୍ତ ଢଳେଇ କାମ ହୋଇ ନ ଥିଲା। ବନ୍ଧମୂଳରୁ ୫୦୦ ମିଟର କେନାଲରେ ଦଳ ଭର୍ତ୍ତି ହୋଇରହିଥିବାରୁ ଏବେ ପାଣି ସୁଚାରୁ ରୂପେ ତଳମୁଣ୍ଡ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ। ଫଳରେ ଚାଷୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି କେନାଲର କବାଟ ଭାଙ୍ଗିଯାଇଛି। ତେଣୁ ବନ୍ଧରେ ଘଳିଆ ପଡ଼ି କେନାଲରେ ପାଣି ରହୁନାହିଁ। ଫଳରେ ଚାଷକାର୍ଯ୍ୟ ବ୍ୟାହତ ହେଉଛି। ଚାଷୀଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରୁ ରଖି ଏହାର ମରାମତି ପାଇଁ ଗୁରୁତ୍ୱ ଦିଆଯାଇନାହିଁ ବୋଲି ଅଭିଯୋଗ ହେଉଛି। ଚଳିତବର୍ଷ ଚାଷୀମାନେ ଖରିଫ ଧାନଚାଷ କିପରି କରିବେ ଏହାକୁ ନେଇ ଏବେଠାରୁ ଚିନ୍ତା ପ୍ରକାଶ କଲେଣି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ଶ୍ରୀଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେଉ




ପୁରୁଣା ଭୁବନେଶ୍ୱର,୧୭(ସୁବାସ ଚନ୍ଦ୍ର ପ୍ରଧାନ)

**ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କଲା ଏକାମ୍ର ଜନଜାଗରଣ ମଞ୍ଚ**

ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଅଭିଯୋଗ ଶୁଣି ସମାଧାନର ବାଟ ଖୋଲିଛନ୍ତି। ଏହି ପରିପ୍ରେକ୍ଷୀରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତି, ନୀତି ଏବଂ ପରମ୍ପରାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ପାଇଁ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହାକୁ ଉପସ୍ଥାପନ କରିଥିଲେ। ପ୍ରକାଶ ଯେ, ୨୦୨୦ ମସିହାରେ ଏହି ଆଇନ ଆଣିବା ନେଇ ରାଜ୍ୟ ସରକାର ଅଧ୍ୟାଦେଶ ଆଣିଥିଲେ। ଏହି ଅଧ୍ୟାଦେଶ ଉପରେ କେନ୍ଦ୍ର ସରକାର ଦୁଇ ତିନି ଥର ସ୍ପଷ୍ଟୀକରଣ ମାଗିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଜବାବ ମଧ୍ୟ ରଖାଯାଇଥିଲା। ଇତି ମଧ୍ୟରେ ତିନିବର୍ଷ ବିତିଯାଇଥିଲେ ମଧ୍ୟ ଶ୍ରୀଲିଙ୍ଗରାଜ ମନ୍ଦିର ସ୍ୱତନ୍ତ୍ର ଆଇନ ଲାଗୁ ହେବା ନେଇ ଆଶଙ୍କା ଦେଖାଦେଇଛି।

# 'ଜଗନ୍ନାଥ ମହାପାତ୍ରଙ୍କ କାର୍ଯ୍ୟ ତାଙ୍କୁ ଅମର ରଖିବ'

## ଶ୍ୟାମଳୀ ଗୀତାଞ୍ଜଳିଙ୍କୁ ପ୍ରଥମ ଡା. ଜଗନ୍ନାଥ ମହାପାତ୍ର ସ୍ମୃତି ପୁରସ୍କାର


କାର୍ଯ୍ୟକ୍ରମରେ ଅତିଥିମାନେ 'ଜନପ୍ରିୟ ଜଗନ୍ନାଥ' ଶୀର୍ଷକ ସ୍ମୃତିଗ୍ରନ୍ଥକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୭(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ ଚିକିତ୍ସାବିତ୍, ଭୁବନେଶ୍ୱରର ପୂର୍ବତନ ମେୟର ତଥା ସମାଜସେବୀ ଡା. ଜଗନ୍ନାଥ ମହାପାତ୍ରଙ୍କର ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଉତ୍ସବ ସୋମବାର ଶହୀଦନଗର ଦୁର୍ଗାପୂଜା ମଣ୍ଡପ ପଛପଟେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଯୋଗଦେଇ କହିଥିଲେ, ଜଗନ୍ନାଥ ଥିଲେ ସ୍ୱାଭିମାନୀ ଓ ନିର୍ଲୋଭୀ ବ୍ୟକ୍ତିତ୍ୱ। ସେଭଳି ମଣିଷ ଆଉ ମିଳିବେ ନାହିଁ। ଚିକିତ୍ସା, ସାହିତ୍ୟ, ସମାଜସେବା ସବୁ କ୍ଷେତ୍ରରେ ସେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ଅତିଥି ଭାବେ ଚିକିତ୍ସକ ଡା. ଶୈଳେଶ୍ୱର ନନ୍ଦ ଯୋଗଦେଇ କହିଥିଲେ, ମହାପାତ୍ର ଅଛନ୍ତି ଓ ସବୁଦିନ ରହିବେ। ସେ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ସେଥିପାଇଁ ସେ ସଦା ମନେରହିବେ। ଜୀବନ ହେଉଛି କର୍ମ। ତାଙ୍କୁ ତାଙ୍କ କର୍ମ ହିଁ ସବୁବେଳେ ଅମର ରଖିବ। ସେହିପରି ଅତିଥି ତଥା ବରିଷ୍ଠ ସାମ୍ବାଦିକ ରବି ଦାସ କହିଥିଲେ, ଭୁବନେଶ୍ୱରରେ ସେ ଥିଲେ ମୋର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ଜଣେ ଡାକ୍ତର କିଭଳି ହେବା ଦରକାର ତାଙ୍କୁ ଦେଖିଲେ ହିଁ ଜଣାପଡ଼େ। ରାତିଅଧରେ ଡାକିଲେ ବି ଆସିଯିବେ। କୌଣସି ବ୍ୟକ୍ତିଙ୍କ ଅନିଷ୍ଟ ଚିନ୍ତା କରିବା ମୁଁ କେବେ ଦେଖିନାହିଁ। ଦାରିଦ୍ର୍ୟ କେବେ ତାଙ୍କୁ ପେଷିଦେଇନି। ସେ ଦାରିଦ୍ର୍ୟ ମଧ୍ୟରୁ ଆଗକୁ ଆସିଛନ୍ତି ବୋଲି ଦାସ ପ୍ରକାଶ କରିଥିଲେ। ଏହି ଅବସରରେ କ୍ୟାପିଟାଲ ହାଇସ୍କୁଲରେ ଦଶମ ଶ୍ରେଣୀରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ ଶ୍ୟାମଳୀ ଗୀତାଞ୍ଜଳି ସରକାରଙ୍କୁ ପ୍ରଥମ ଡା. ଜଗନ୍ନାଥ ମହାପାତ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା 'ଜନପ୍ରିୟ ଜଗନ୍ନାଥ' ଶୀର୍ଷକ ସ୍ମୃତିଗ୍ରନ୍ଥ ଉନ୍ମୋଚିତ ହୋଇଥିଲା। ମହାପାତ୍ରଙ୍କ କନ୍ୟା ଅପରାଜିତା ମହାପାତ୍ର ସ୍ୱାଗତ ଭାଷଣ ଏବଂ ପୁତ୍ର ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତିସଭାକୁ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓ କଂଗ୍ରେସ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପରିଚାଳନା କରିଥିଲେ। ସାହିତ୍ୟିକ ଶତ୍ରୁଜିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ମହାପାତ୍ରଙ୍କ ସହଧର୍ମିଣୀ ସଂଘମିତ୍ରା ମିଶ୍ର, ପୁତ୍ରବଧୂ ରଚନା ରଥ, ଜ୍ୱାଇଁ ବିଭୁଦତ୍ତ ଦାଶ, ନାତି କୈବଲ୍ୟ ମହାପାତ୍ର ଓ କୌସ୍ତୁଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ବାର୍, ପବ୍‌କୁ ଚେତାବନୀ ଦେଲେ ଅବକାରୀ କମିଶନର**

# ନିୟମ ଭାଙ୍ଗୁଥିବା ବାର୍ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ଥିବା ବାର୍ ଓ ପବ୍‌ଗୁଡ଼ିକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲାରଖି ଅବକାରୀ ନିୟମ ଭାଙ୍ଗୁଛନ୍ତି। ଏନେଇ ଭିଡିଓ ଭାଇରାଲ ହେବା ସହ ସତ ସାମ୍ନାକୁ ଆସିବା ପରେ ଅବକାରୀ ବିଭାଗ ତତ୍ପର ହୋଇଛି। ନିୟମ ଭାଙ୍ଗୁଥିବା ବାର୍ ଓ ପବ୍‌ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅବକାରୀ କମିଶମର ନରସିଂହ ଭୋଳ ସୋମବାର ଚେତାବନୀ ଦେଇଛନ୍ତି। ଏନେଇ କମିଶନର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନର କହିଛନ୍ତି, ରାତିସାରା ଖୋଲାରଖୁଥିବା ବାର୍, ପବ୍ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବାର୍ ଓ ପବ୍ ବନ୍ଦ ନ ହେଲେ ପ୍ରଥମେ ତଡ଼ାଉରେ ଜରିମାନା ନିଆଯିବ। ବାରମ୍ବାର ନିୟମ ଉଲ୍ଲଙ୍ଘନ କଲେ ପବ୍, ବାର୍ ଲାଇସେନ୍ସ ବାତିଲ କରାଯିବ। ଅବକାରୀ ଅଫିସର ଠିକ କାର୍ଯ୍ୟ ନ କଲେ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିଶନର କହିଛନ୍ତି। ରାଜଧାନୀରେ ଥିବା ବାର୍‌ଗୁଡ଼ିକ ରାତି ୧୨ଟା ଯାଏ ଖୋଲିବାକୁ ଅନୁମତି ରହିଛି। ଏପରିକି କିଛି ବାର୍ ଅନୁମତି ନେଇ ରାତି ୧ଟାଏ ୩୦ ପର୍ଯ୍ୟନ୍ତ ମଧ୍ୟ ଖୋଲିପାରିବେ। ହେଲେ ଏହି ନିୟମକୁ କେତେଜଣ ବାର୍‌ମାଲିକ ପାଳନ କରୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି।

# ନୂତନ ଫୌଜଦାରି ଆଇନ ସ୍ଥଗିତ ରଖିବାକୁ ଦାବି




ଭୁବନେଶ୍ୱର,୧୭(ଅନୁରାଧା ମହାରଣା)

ଭାରତ ସରକାର ସାରା ଦେଶରେ ନୂତନ ଆପରାଧିକ ଆଇନ ଲାଗୁ କରିବା ପାଇଁ ଘୋଷଣା କରିବା ପରେ ଅନେକ ଏହାକୁ ସ୍ୱାଗତ କରୁଥିବାବେଳେ ବିଭିନ୍ନ ମହଲରେ ବିରୋଧର ସ୍ୱର ଉଠୁଛି। ଏହି ନୂଆ ଆଇନକୁ ମାନବିକ ଅଧିକାର ଉଲ୍ଲଙ୍ଘନ ପାଇଁ ସରକାରଙ୍କ ହାତରେ ଏକ ଅସ୍ତ୍ର ବୋଲି ଅଭିଯୋଗ କରି ବିଭିନ୍ନ ବର୍ଗର ନାଗରିକ ସୋମବାର ମାଷ୍ଟରକ୍ୟାଣ୍ଟିନଠାରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଯଦିଓ ଔପନିବେଶିକ ଆଇନର ପରିବର୍ତ୍ତନ କରାଯାଇ ଆଇନର ଭାରତୀୟକରଣ କଥା କୁହାଯାଇଛି, ମାତ୍ର ବାସ୍ତବରେ କେବଳ ଆଇନର ଧାରାଗୁଡ଼ିକର ସଂଖ୍ୟାକୁ ଏପଟସେପଟ କରି ପରିବର୍ତ୍ତନ କରାଯାଇଛି। ଏପରିକି ଅନେକ ଔପନିବେଶିକ ଆଇନର ନାମ ପରିବର୍ତ୍ତନ କରାଯାଇ ଏହାକୁ ଆହୁରି ଅମାନବୀୟ ଭାବେ ପ୍ରୟୋଗ କରିବା ପାଇଁ ଏହି ଆଇନରେ ପୋଲିସକୁ ଅମାପ କ୍ଷମତା ଦିଆଯାଇଛି। ଯାହା ଦେଶରେ ମାନବିକ ଅଧିକାର ଏବଂ ନାଗରିକ ସ୍ୱାଧୀନତା ଦୃଷ୍ଟିରୁ ଅତ୍ୟନ୍ତ କ୍ଷତିକାରକ ବୋଲି ଆୟୋଜିତ ନାଗରିକ ପ୍ରତିବାଦ କାର୍ଯ୍ୟକ୍ରମରେ ଅଭିଯୋଗ କରାଯାଇଛି। ବିଭିନ୍ନ ମାନବାଧିକାର ଓ ଗଣ ସଂଗଠନ ସମୂହ ପକ୍ଷରୁ ନୂତନ ଆପରାଧିକ ଆଇନ କାର୍ଯ୍ୟକାରୀକୁ ସ୍ଥଗିତ ରଖିବା, ଆଇନ ସମ୍ପର୍କରେ ସଂସଦ ସମେତ ଦେଶବ୍ୟାପୀ ବିତର୍କ, ଆଇନ କାର୍ଯ୍ୟକାରୀ କରିବା ପୂର୍ବରୁ ପୋଲିସ ଓ ନ୍ୟାୟପାଳିକା ବ୍ୟବସ୍ଥାର ଆବଶ୍ୟକ ସଂସ୍କାର ଦାବି କରାଯାଇଛି। ଏହି ପ୍ରତିବାଦରେ ବିଭିନ୍ନ ମାନବାଧିକାର ତଥା ରାଜନୈତିକ ଗଣ ସଙ୍ଗଠନ ପକ୍ଷରୁ ବିଶ୍ୱପ୍ରିୟ କାନୁନଗୋ, ନରେନ୍ଦ୍ର ମହାନ୍ତି, ଜ୍ୟୋତି ରଞ୍ଜନ ମହାପାତ୍ର, ମହେନ୍ଦ୍ର ପରିଡ଼ା, ସୁରେଶ ପାଣିଗ୍ରାହୀଙ୍କ ସମେତ ଅନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ପାଖରୁ ପାଇ ଗୁହାରି ଜଣାଇବା ବଡ଼କଥା

ଭୁବନେଶ୍ୱର,୧୭(ଅନିଲ ଦାସ)

## ଅଭିଯୋଗ ପ୍ରକୋଷ୍ଠରେ ପ୍ରବଳ ଭିଡ଼



ଦୀର୍ଘବର୍ଷ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣିବା ଖବର ପ୍ରସାରିତ ହେବା ପରେ ସାରା ରାଜ୍ୟରୁ ନିଜର ସମସ୍ୟା ନେଇ ବହୁ ଲୋକ ରାଜଧାନୀକୁ ଛୁଟି ଆସିଥିଲେ । ସୋମବାର ସକାଳ ୯ଟାରୁ ୧୨ଟା ମଧ୍ୟରେ ପଞ୍ଜୀକରଣ ସମୟ ଧାର୍ଯ୍ୟ ହୋଇଥିବାରୁ ଏହା ପୂର୍ବରୁ ଲୋକଙ୍କ ଆଗମନ ଆରମ୍ଭ ହୋଇଯାଇଥିଲା। ପୂର୍ବାହ୍ନ ୧୦ଟା ସୁଦ୍ଧା ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ନିକଟରେ ଭିଡ଼ ବଢ଼ିଚାଲିଲା। ୧୧ଟା ୩୦ ବେଳକୁ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ମନରେ ଅସୁମାରି ଭରସା। ମୁଖ୍ୟମନ୍ତ୍ରୀ ସେମାନଙ୍କ ସମସ୍ୟା ଦୂର କରିବେ। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ଅନେକ ବ୍ୟକ୍ତି ଖୁସିବ୍ୟକ୍ତ କରିଛନ୍ତି। ସେମାନେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିଧାସଳଖ ଦୁଃଖ ଜଣାଇବା ହେଉଛି ସବୁଠୁ ବଡ଼ କଥା। ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଲେ ସମସ୍ୟା ସମାଧାନ ହେବ ବୋଲି ଲୋକମାନେ ଆଶା କରିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟ ମନ୍ତ୍ରୀମାନେ ପୂର୍ବାହ୍ନ ୧୧ଟାରେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଶୁଣାଣି ଆରମ୍ଭ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଲୋକଙ୍କ ସମସ୍ୟା ଶୁଣିବା ସହ ଏହାର ସମାଧାନ ପାଇଁ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀ ସମସ୍ତ କଥାକୁ ଭଲ ଭାବେ ଶୁଣୁଛନ୍ତି



ବଲାଙ୍ଗୀର ଜିଲାର ପ୍ରସନ୍ନ ପଟ୍ଟନାୟକ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷକ। ସେ ୨୦୧୩ରୁ ବଲାଙ୍ଗୀର ବାଳିକା ଉଚ୍ଚ ବିଦ୍ୟାଳୟରୁ ଚାକିରିରୁ ଅବସର ନେଇଛନ୍ତି। ୧୯୮୨ ମସିହାରୁ ଚାକିରି କରିଥିଲେ ମଧ୍ୟ ତାଙ୍କର ପେନ୍‌ସନ ୧୯୯୬ରୁ ହିସାବ କରାଯାଇଥିଲା। ବଳକା ୧୪ ବର୍ଷର ହିସାବକୁ ବିଭାଗ ନେଉ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ ତାଙ୍କର ଦୁଃଖ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ଏହାର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ମଧ୍ୟ ଦେଇଥିବା ସେ କହିଛନ୍ତି। ଅନ୍ୟ ପକ୍ଷରେ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ନିଜର ସମସ୍ୟା ଜଣାଇବା ହେଉଛି ବଡ଼ କଥା। ମୁଖ୍ୟମନ୍ତ୍ରୀ ସମସ୍ତ କଥାକୁ ଭଲଭାବେ ଶୁଣି ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଦୀର୍ଘବର୍ଷର ଏହି ସମସ୍ୟା ସମାଧାନ ହୋଇଯିବ ବୋଲି ଆଶା କରୁଛି।

**-ପ୍ରସନ୍ନ ପଟ୍ଟନାୟକ ଶିକ୍ଷକ, ବଲାଙ୍ଗୀର**

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲି, ଦୁଃଖ ଦୂର ହେବ



ସ୍ୱାମୀ ଚାଲିଗଲା ପରେ ୩ ଝିଅ ଓ ପୁଅକୁ ନେଇ ରହୁଛି। ନିଜର ମଧ୍ୟ ସ୍ୱାସ୍ଥ୍ୟ ଭଲ ନାହିଁ। ପରିବାର ଚଳାଇବା କଷ୍ଟକର ହେଉଛି। ପକ୍କାଘର ଖଣ୍ଡେ ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ନିଜର ଗୁହାରି ଜଣାଇବା ସହ କିଛି ସହାୟତା ପାଇବା ଆଶାରେ ଏତେଦୂରରୁ ଆସିଛି। ଆମ କଥା କେହି ତ' ଶୁଣୁ ନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଦୁଃଖ ଦୂର ହେବ ବୋଲି ଆଶା ରହିଛି।

**– ସୀତା ପାତ୍ର, ତେଲକୋଇ, କେନ୍ଦୁଝର**

### ପୁଅ ଚାକିରି ସ୍ଥାୟୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ କହିଲି



ପୁଅର ଚାକିରି ସ୍ଥାୟୀ କରିବା ପାଇଁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରୁ ଧାଇଁଆସିଥିଲେ ସଚିବାଳା ପ୍ରଧାନ। ସାଧାରଣ ପ୍ରଶାସନ ବିଭାଗରେ ତାଙ୍କ ପୁଅ ଡାଟା ଏଣ୍ଟ୍ରି ଅପରେଟର ଭାବେ ଦୀର୍ଘ ବର୍ଷ କାମ କରିବା ପରେ ନିୟମିତ ହୋଇନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁଅର ଚାକିରି ପାଇଁ ଗୁହାରି କରିଛି। ଏକଥା ବୁଝିବାକୁ ମୁଖ୍ୟମନ୍ତ୍ରୀ ଅଫିସରମାନଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଏତେ ପାଖରୁ ପାଇ ଖୁସି ଲାଗୁଛି। ବଡ଼ ଦୁଃଖ କଷ୍ଟରେ ଚଳୁଛୁ। ଭଗବାନ୍‌ଙ୍କୁ ଡାକୁଛି ପୁଅର ଚାକିରି କେମିତି ସ୍ଥାୟୀ ହୋଇଯାଉ।

**– ସଚିବାଳା ପ୍ରଧାନ, ପଟ୍ଟାମୁଣ୍ଡାଇ**

### ଭିଡ଼ଥିଲା ଆର ସୋମବାରକୁ ଆସିବି



ଢେଙ୍କାନାଳର ଏକ ଭିନ୍ନକ୍ଷମ ସ୍କୁଲରେ ଶିକ୍ଷକତା କରୁଥିବା ଦିବ୍ୟାଙ୍ଗ ଦିବାକର ସାହୁ ନିଜର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସିଥିଲେ। ତେବେ ଭିଡ଼ ବହୁତ ଥିବାରୁ ସେ ନିଜର ସମସ୍ୟା ଜଣାଇ ନ ପାରି ଫେରି ଯାଇଛନ୍ତି। ସେ କହିଛନ୍ତି, ମୋର ଆସିବା ବିଳମ୍ବ ହେବାରୁ ନାମ ପଞ୍ଜୀକରଣ କରିପାରିଲି ନାହିଁ। ଆସନ୍ତା ସପ୍ତାହରେ ଆସିବି। ଦୀର୍ଘ ବର୍ଷ ହେବ ଶିକ୍ଷକତା କରୁଥିଲେ ମଧ୍ୟ ଚାକିରି ସ୍ଥାୟୀ ହୋଇ ପାରି ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ଜଣାଇବି ବୋଲି ସେ କହିଛନ୍ତି।

**–ଦିବାକର ସାହୁ, ଭିନ୍ନକ୍ଷମ ସ୍କୁଲ ଶିକ୍ଷକ, ଢେଙ୍କାନାଳ**

## ସଂକ୍ଷେପରେ

### ପ୍ରତାପ କିଶୋର ଛୋଟରାୟ ନୂତନ ଅଧ୍ୟକ୍ଷ



ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ନୂତନ ଅଧ୍ୟକ୍ଷ ଭାବେ ପ୍ରତାପ କିଶୋର ଛୋଟରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ଅଧ୍ୟକ୍ଷ ତରୁଣକାନ୍ତି ରାୟଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଆ ବିଭାଗର ଅଧ୍ୟାପକ ପ୍ରତାପ ଏହି କଲେଜରେ ଉପାଧ୍ୟକ୍ଷ ଦାୟିତ୍ୱରେ ଥିଲେ। ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ, ପିଲାଙ୍କ ଦକ୍ଷତା, ଶୈକ୍ଷିକ ବାତାବରଣ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ପ୍ରତାପ କହିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅନିତା ପଣ୍ଡା, ସବିତା ବେହେରା, ଅଧ୍ୟାପକ ମଧୁସୂଦନ ପାଇକରାୟ, ଜନ୍ମେଜୟ ଚୌଧୁରୀ, ମାନସ କୁମାର ଜୟସିଂହ, ଭୁବନେଶ୍ୱର ନାୟକଙ୍କ ସମେତ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଚେତନତା ବୈଠକ

ଟାଙ୍ଗୀ,୧୭(ରଘୁନାଥ ସାହୁ)

ନାରୁଣୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବଡ଼ପଦର ଜଗତି ପାହାଡ଼ ସ୍ଥିତ ମନ୍ଦିର କମ୍ପ୍ଲେକ୍ସ ପରିସରରେ ସୋମବାରଠାରୁ ଦେଶରେ ଲାଗୁ ହେଉଥିବା ନୂତନ ତିନି ଆପରାଧିକ ଆଇନ ଉପରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଶ୍ୱିନୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଘ ସମ୍ପାଦକ ଦେବେନ୍ଦ୍ର ନାଥ ମହାରଥୀ, ସହ ସମ୍ପାଦକ ହରିବନ୍ଧୁ ମିଶ୍ର, କୋଷାଧ୍ୟକ୍ଷ ରାମଚନ୍ଦ୍ର ମାର୍ଥା, ସଭ୍ୟ ଉମେଶ ଚନ୍ଦ୍ର ହରିଚନ୍ଦନ, ପଦ୍ମ ଚରଣ ନନ୍ଦ, ହାଲୁ କିଶୋର ସାହୁ, ଦିଲ୍ଲୀପ କୁମାର ଦାଶ, ମକରଧ୍ୱଜ ପଲାଇ, ମଙ୍ଗୁଳି ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ବରିଷ୍ଠ ନାଗରିକମାନଙ୍କ ପାଇଁ ନୂତନ ଆଇନରେ ଥିବା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଶେଷରେ ସଭ୍ୟ ଦିଲ୍ଲୀପ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

### ଶିକ୍ଷକଙ୍କୁ ପୂର୍ଣ୍ଣକାଳୀନ ପେନ୍‌ସନ ପ୍ରଦାନ

ବେଗୁନିଆ,୧୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଲିଙ୍ଗରାଜ ମଧ୍ୟ ଇଂରାଜୀ ବିଦ୍ୟାଳୟ ଡଙ୍ଗରପଡ଼ାର ସହକାରୀ ଶିକ୍ଷକ ବିଜୟ କୁମାର ସାହୁ ଏବଂ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସୁବୁଦ୍ଧିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ସୋମବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପୂର୍ଣ୍ଣ ପେନ୍‌ସନ ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟାଳୟର ମୁଖ୍ୟ କିରାଣି ଶରତ କୁମାର ପଟ୍ଟନାୟକ, ଆକାଉଣ୍ଟାଣ୍ଟ ବିରଞ୍ଚି ନାରାୟଣ ମହାପାତ୍ର, କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ସିଆର୍‌ସିସିମାନଙ୍କ ଉପସ୍ଥିତିରେ ବିଦାୟୀ ଶିକ୍ଷକଙ୍କୁ ଉପାୟନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଆରମ୍ଭ

ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

- ଅଗଷ୍ଟ ୩୧ ଯାଏ ଚାଲିବ
- ଘର ଘର ବୁଲି ସର୍ଭେ କରିବେ ସ୍ୱାସ୍ଥ୍ୟକର୍ମୀ
- ସଚେତନ ହେଲେ ମ୍ୟାଲେରିଆ, ଡେଙ୍ଗୁ ହଟିବ

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ(ସିଡିଓ ଏବଂ ପିଏଚ) ପ୍ରଶିକ୍ଷଣ କେନ୍ଦ୍ରରେ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ (ଆଇଏଚ୍‌ଏସକେ)-୨୦୨୪ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି ଅଭିଯାନ ସୋମବାରଠାରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, କ୍ଷୟରୋଗ, କୁଷ୍ଠ ଓ ସମ୍ପୂର୍ଣ୍ଣ ଟିକାକରଣ ହୋଇନଥିବା ଶିଶୁ ଓ ହେପାଟାଇଟିସ-ବି ପରୀକ୍ଷା କରାଇ ନ ଥିବା ଗର୍ଭବତୀଙ୍କୁ ଚିହ୍ନଟ ପାଇଁ ସମନ୍ୱିତ ସର୍ବେକ୍ଷଣ କରିବେ। ଆବଶ୍ୟକସ୍ଥଳେ ଟିକାକରଣ ଓ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇବେ ବୋଲି ସିଡିଓ ଏବଂ ପିଏଚ ଡା.ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅଭିଯାନକୁ ଶୁଭାରମ୍ଭ କରି ପଟ୍ଟନାୟକ କହିଥିଲେ, ଶିଶୁଙ୍କୁ ୧୪ଦିନ ପର୍ଯ୍ୟନ୍ତ ଆବଶ୍ୟକ ପରିମାଣରେ ଓଆରଏସ୍‌, ଜିଙ୍କ ବଟିକା ସେବନ କରାଇଲେ ଡାଇରିଆଜନିତ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ଖାଇବା ପୂର୍ବରୁ ଏବଂ ଶୌଚ ହେବା ପରେ ସାବୁନରେ ହାତକୁ ଭଲଭାବେ ଧୁଅନ୍ତୁ। ଫୁଟାପାଣି କିମ୍ବା ହାଲୋଜିନ ବଟିକା ପଡିଥିବା ପାଣି ପିଅନ୍ତୁ, ଶୌଚ ପାଇଁ ପାଇଖାନା ବ୍ୟବହାର କରନ୍ତୁ। ଘର ବାହାରେ ସନ୍ତସନ୍ତିଆ ରହିବାକୁ ଦିଅନ୍ତୁ ନାହିଁ। ପାଣି ଜମିଥିଲେ ନିଷ୍କାସନ ସହ ଖାଲୁଆ ଅଂଶକୁ ପୋତନ୍ତୁ। ମ୍ୟାଲେରିଆରୁ ମୁକ୍ତ ପାଇଁ ମଶାରୀ ବ୍ୟବହାର ଓ ଜ୍ୱର ହେଲେ ରକ୍ତ ପରୀକ୍ଷା କରି ଔଷଧ ଖାଇଲେ ମ୍ୟାଲେରିଆ ଓ ଡେଙ୍ଗୁ ରୋକାଯାଇପାରିବ। ଦୁଇ ସପ୍ତାହରୁ ଅଧିକ ଦିନ କାଶ ଟିବିର ଲକ୍ଷଣ ଓ ବଧିରା ଛଉ କୁଷ୍ଠ ରୋଗର ଲକ୍ଷଣ। ଏହି ରୋଗର ଚିକିତ୍ସା ସହଜ ଏବଂ ମାଗଣାରେ ଉପଲବ୍ଧ ବୋଲି କହିଥିଲେ।

ସେହିପରି ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡା.ରଘୁନାଥ ନାୟକ କହିଥିଲେ, ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀମାନେ ଦୈନିକ ୨୦ରୁ ୩୦ ଘର ବୁଲି ଏ ଦିଗରେ ସଚେତନ କରିବା ସହ ରିପୋର୍ଟ ସଂଗ୍ରହ କରିବେ। ଘରେ ପରିବାର ସଦସ୍ୟ ହାତକୁ କିପରି ଧୋଇବେ, ତାହାର ଡେମୋନଷ୍ଟ୍ରେଶନ ଦେଖାଇବେ। ଏଥିସହିତ ବିଦ୍ୟାଳୟରେ ହାତଧୁଆ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲାର ୧୦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି), ୪୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ଏବଂ ୨୦୨ ଉପକେନ୍ଦ୍ରରେ ଏହି ଅଭିଯାନକୁ ବ୍ୟାପକ କରାଯିବ। ଏଥିସହିତ ଡିଏଚ୍‌ଏଚ୍‌, ସିଏଚ୍‌ସି ଏବଂ ପିଏଚ୍‌ସିରେ ଓଆରଏସ କର୍ନର ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍‌ଓ(ରୋଗ ସର୍ବେକ୍ଷଣ) ଡା. ନନ୍ଦିତା ଗୁପ୍ତା, ଡିପିଏମ ପ୍ରକାଶ ବାନାର୍ଜୀ, ଡିପିଏଚଓ ପ୍ରସନ୍ନ କୁମାର ମହାପାତ୍ର, ଏଡିପିଏଚସିଓ ରବୀନ୍ଦ୍ର କୁମାର ପରମାଣିକଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ବିପିଏମ୍‌, ଆୟୁଷ ଡାକ୍ତର, ଏଏନ୍‌ଏମ୍‌, ଆଶା କର୍ମୀମାନେ ଉପସ୍ଥିତ ଥିଲେ।

# ୨୧ଟନ୍ ଗୋ'ମାଂସ ଜବତ

ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)

## କଣ୍ଟେନର ଜବତ, ଡ୍ରାଇଭର ଗିରଫ




ଗୋଚାଲାଣ ପରେ ଗୋମାଂସ ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଏବଂ ଖୋର୍ଦ୍ଧା-ନୟାଗଡ ୫୭ ନମ୍ବର ଜାତୀୟ ରାଜପଥ ଗଳାବାଟ ଦେଇ ଦୈନିକ ଶହ ଶହ କଣ୍ଟେନରରେ ଗୋ'ମାଂସ ଚାଲାଣ ହେଉଛି। ସୋମବାର ଖୋର୍ଦ୍ଧା ସଦର ଥାନା ପୋଲିସ ଏକ କଣ୍ଟେନରରୁ ୨୧ଟନ ଗୋ'ମାଂସ ଜବତ କରିଛି। ପୋଲିସ ଉକ୍ତ କଣ୍ଟେନରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶର ମହମ୍ମଦ ରଫିକ(୪୦)। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୭/୨୪)ରୁଜୁ ହୋଇଛି। ସୂଚନା ମୁତାବକ, ଭୁବନେଶ୍ୱର ପଟୁ ଏକ କଣ୍ଟେନର(ଏପି ୦୩ଟିସି ୫୫୫୫)ରେ ଗୋମାଂସକୁ ପ୍ୟାକେଟରେ ସିଲ୍ କରାଯାଇ ଚାଲାଣ ହେଉଥିବା ଖବରପାଇ କେତେଜଣ ଗୋପ୍ରେମୀ ରାଜପଥର ବିଭିନ୍ନ ସ୍ଥାନରେ ଛକି ରହିଥିଲେ। ଉକ୍ତ ଗାଡିର ପିଛା କରି ପଣ୍ଡିତ ଡାବା ନିକଟରେ ଅଟକାଇ ପୋଲିସ ଜିମା ଦେଇଥିବା ବେଳେ ଏହାକୁ ଏସକର୍ଟ ଦେଉଥିବା ଏକ ସ୍କର୍ପିଓ ସେଠାରୁ ଖସିଯାଇଥିବା ଗୋପ୍ରେମୀମାନେ କହିଛନ୍ତି। ପୋଲିସ ପହଞ୍ଚି କଣ୍ଟେନରକୁ ଜବତ କରି ଥାନାକୁ ଆଣିଥିଲା। ଗାଡି ଯାଞ୍ଚ ସମୟରେ ଥର୍ମକୁଲ ପେଟି ପ୍ୟାକିଂ କରାଯାଇ ବରଫ ଦିଆଯାଇ ଗୋମାଂସ ରଖାଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ଜବତ ପ୍ୟାକେଟରୁ କିଛି ଗୋମାଂସ ସାମ୍ପୁଲ ପରୀକ୍ଷଣ ପାଇଁ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟ ଜରିଆରେ ରାଜ୍ୟ ବିଜ୍ଞାନ ଅନୁସନ୍ଧାନଗାର (ଏସଏଫଏସଏଲ)କୁ ପଠାଇଛି।

# ୮୯ ଅଭିଯୋଗ ଶୁଣିଲେ ଜିଲାପାଳ




ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)

ସାଧାରଣ ନିର୍ବାଚନ ୨୦୨୪ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଗତ ଏପ୍ରିଲରୁ ଜିଲାପାଳଙ୍କ ଜନଶୁଣାଣି ଶିବିର ବନ୍ଦ ରହିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ସୋମବାରଠାରୁ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲାର ପ୍ରଥମ ଜନଶୁଣାଣି ଶିବିର ଖୋର୍ଦ୍ଧା ବ୍ଲକରେ ହୋଇଥିଲା। ମୋଟ୍ ୮୯ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିରୁ ୭୬ଟି ବ୍ୟକ୍ତିଗତ ଏବଂ ୮ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ଉକ୍ତ ଅଭିଯୋଗ ମଧ୍ୟରୁ ୩ଟିର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଏବଂ ଅନ୍ୟ ଜଣଙ୍କୁ ସିଏମଆରଏଫ ପାଣ୍ଠିରୁ ୧୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଜନଶୁଣାଣ ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଆରକ୍ଷୀ ଅଧୀକ୍ଷକ(ଡିଆଇଜି) ଅବିନାଶ କୁମାର, ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଡା.ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆପଡ଼ା ରେଞ୍ଜ ପକ୍ଷରୁ ବନମହୋତ୍ସବ

କୃଷ୍ଣପ୍ରସାଦ,୧୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଜହ୍ନିକୁଦା ପରଳା ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୋହନ ଗୋସ୍ୱାମୀ ଉ.ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ଜେନା, ସିଆର୍‌ସିସି ସୁନୀଲ କୁମାର ଜେନା, ବରିଷ୍ଠ କିରାଣୀ ଗଣେଶ ତରେଇ, ଜହ୍ନିକୁଦା ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ପଲେଇ, ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେଲେ ବ୍ୟାପକ ଚାରାରୋପଣ କରି ତାହାର ଯତ୍ନ ନେବା ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ବନପାଳ ବିଶ୍ୱନାଥ ଟୁଡୁ, ରଶ୍ମିରଞ୍ଜନ ନାୟକ, ଅର୍ଜ୍ଜୁନ ପ୍ରଧାନ, ବନରକ୍ଷୀ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ




ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ୫ଜଣ ଶିକ୍ଷୟିତ୍ରୀଙ୍କୁ ଅବସର ଦିବସରେ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିକ୍ଷୟିତ୍ରୀ ଅଞ୍ଜଳି ଦେଇ, ସରୋଜିନୀ ସାହୁ, ଅର୍ଚ୍ଚନା ରାଉତରାୟ, ହରକ୍ଷମଣି ଦେଇ, ଶାନ୍ତି ଛୋଟରାୟ ପ୍ରମୁଖଙ୍କୁ ପେନ୍‌ସନ ପ୍ରଦାନ କରାଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀମାନଙ୍କୁ ଅବସର ପେନ୍‌ସନ ପ୍ରଦାନ ସହ ଶୁଭେଚ୍ଛା ଜଣାଇଥିଲେ। କନିଷ୍ଠ ସହାୟକ ପ୍ରଦୀପ ସାହୁ, ସିଆର୍‌ସିସି ଯୁଧିଷ୍ଠିର ସାହୁ, ବିଭୁଦତ୍ତ ପଟ୍ଟନାୟକ, ନୀଳାମ୍ବର ନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଜେବି ହାଇସ୍କୁଲର ୧୨୫ତମ ଜୟନ୍ତୀ ପାଳନ ବୈଠକ

ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)

## ଅକ୍ଟୋବର ୨୬ରୁ ୩ଦିନ ବ୍ୟାପୀ ହେବ

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ଇଂରାଜୀ ବିଦ୍ୟାଳୟର ୧୨୫ତମ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୁମ୍ନି ଆସୋସିଏଶନ ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଭାପତିତ୍ୱ କରିଥିଲେ। ୧୨୫ତମ ଉତ୍ସବ ପାଳନ ନେଇ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ଆସନ୍ତା ଅକ୍ଟୋବର ୨୬, ୨୭ ଓ ୨୮ ତାରିଖ ୩ଦିନ ବ୍ୟାପୀ ଉତ୍ସବ ପାଳନ ନେଇ ସ୍ଥିର କରାଯାଇଛି। ଉପଦେଷ୍ଟା ଅରବିନ୍ଦ ନାଥ ମିତ୍ର, ଡ.ବିଜୟ କେତନ ପଟ୍ଟନାୟକ, ଡ.ରାଜକିଶୋର ପରମଗୁରୁ ପ୍ରମୁଖ ସ୍ଥାନୀୟ ବୁଦ୍ଧିଜୀବୀ, ପୂର୍ବତନ ଆଲୁମ୍ନିଙ୍କୁ ନିମନ୍ତ୍ରଣ ପ୍ରସ୍ତାବ ଦେଇଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ଗୋପାଳ କୃଷ୍ଣ ଦାସ, ପ୍ରଚାର ପ୍ରମୁଖ ଉମା ଶଙ୍କର ପ୍ରସାଦ, ଲକ୍ଷ୍ମୀ ନାରାୟଣ ଭଞ୍ଜ ଓ ସତ୍ୟବ୍ରତ ଦାସ, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ଜବାହରଲାଲ ସୁବୁଦ୍ଧି, ଦିଲ୍ଲୀପ ପଟ୍ଟନାୟକ, ବିଧାନ ଚନ୍ଦ୍ର ମହାନ୍ତି, ଉମେଶ ଚନ୍ଦ୍ର ଖଟାଇ, ପ୍ରମୋଦ ମେକପ୍‌, ନବ କିଶୋର ମିଶ୍ର, ବୈକୁଣ୍ଠନାଥ ରାଜଗୁରୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ସନ୍ତୋଷ ମହାନ୍ତି ପ୍ରମୁଖ ମତାମତ ରଖିଥିଲେ। ଏହି ଅବସରରେ ବିଜୟ କେତନ ପଟ୍ଟନାୟକଙ୍କ ଦ୍ୱାରା ରଚିତ ପୁସ୍ତକ 'ପଛକୁ ଫେରି ଚାହିଁଲେ' ଉନ୍ମୋଚନ ହୋଇଥିଲା। ଦେବପ୍ରସାଦ ମଜୁମଦାର ସଂଯୋଜନା କରିଥିବା ବେଳେ ସରୋଜ ସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ, ୩୦ରୁ ଊର୍ଦ୍ଧ୍ୱ ପ୍ରସ୍ତୁତି ବୈଠକ ସରିଥିବା ବେଳେ ଉତ୍ସବ ପାଳନ ନେଇ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଏପରିକି ୨୦୨୩ ସେପ୍ଟେମ୍ବରରେ ଉତ୍ସବ ପାଳନ ନେଇ ନିମନ୍ତ୍ରଣ ପତ୍ର ଛପା ସରିବା ସହ ବ୍ୟାନର, ପୋଷ୍ଟର ଲାଗିଯାଇଥିଲା। ପରେ କୌଣସି କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା।

# ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଚକା ବିଜେ ନୀତି ସମ୍ପନ୍ନ

ଖୋର୍ଦ୍ଧା,୧୭(ପ୍ରଭାତ ପାଣିଗ୍ରାହୀ)

ସୋମବାର ଅଣସର ଦଶମୀରେ ଚକାବିଜେ କଲେ ଚତୁର୍ଦ୍ଧାବିଗ୍ରହ। ସମ୍ପୂର୍ଣ୍ଣ ସୁସ୍ଥତା ପାଇଁ ଦଶମୀରେ ଦଶମୂଳ ସେବନ କରିଛନ୍ତି ଶ୍ରୀଜୀଉ। ମନ୍ଦିରରେ ମଧ୍ୟାହ୍ନ ଧୂପ ଓ ବିଜେ ପ୍ରତିମାଙ୍କ ନିକଟରେ ଭୋଗ ନୀତି ପରେ ସେବକମାନେ ପୂର୍ଣ୍ଣବିଗ୍ରହଙ୍କୁ ଦଶମୂଳ ଲାଗି ପରେ ଚକା ବିଜେ କରିଥିଲେ। ଦଶମୂଳ ସେବନ ପରେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ। ଜେଷ୍ଠ କୃଷ୍ଣପକ୍ଷ ଏକାଦଶୀ ତଥା ଖଳିଲାଗି ଏକାଦଶୀ ଅବସରରେ ଶ୍ରୀବିଗ୍ରହମାନଙ୍କ ଖଳିଲାଗି ନୀତି ସମ୍ପନ୍ନ ହେବ। ଆସନ୍ତା ୬ତାରିଖରେ ମହାପ୍ରଭୁ ନେତ୍ର ଉତ୍ସବ, ନବଯୌବନ ବେଶରେ ଦର୍ଶନ ଦେବେ। ୭ତାରିଖରେ ଚତୁର୍ଦ୍ଧାବିଗ୍ରହ ରଥାରୂଢ ହୋଇ ଗୁଣ୍ଡିଚା ଯାତ୍ରା କରିବେ।

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନପରେ ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଜ୍ୱରରେ ପୀଡିତ ହୋଇଥିଲେ। ଅଣସର ଗୃହରେ ଶ୍ରୀଜୀଉମାନଙ୍କ ଗୁପ୍ତ ନୀତି ଆରମ୍ଭ ହୋଇଥିଲା। ଅଣସରର ତୃତୀୟ ଦିନରେ ଶ୍ରୀଜୀଉଙ୍କ ଓଦାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଥିଲା। ପଞ୍ଚମ ଦିନରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି ପରେ ଦଶମୀରେ ଚକାବିଜେ ନୀତି ସମ୍ପନ୍ନ ହୋଇଛି। କମଳଲୋଚନ ମହାରାଜ କହିଛନ୍ତି, ଏଠାରେ ପଟିଦିଅଁ ପୂଜା ପରମ୍ପରା ନାହିଁ। ବିଧି ରକ୍ଷା ଲାଗି ଅଣସର ଆଗରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶାଳଗ୍ରାମ ବିଜେ କରନ୍ତି। ଅଣସର ୧୫ଦିନ ରୀତିନୀତି ପ୍ରକାରେ ମଦନମୋହନଙ୍କ ନିକଟରେ ସମସ୍ତ ନୀତି ସମ୍ପନ୍ନ କରାଯାଏ। ଦ୍ୱାରଫିଟା ଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି କରାଯାଏ। ଏହି ମନ୍ଦିରରେ ସ୍ୱତନ୍ତ୍ର ଭାବେ କୌଣସି ସେବାୟତ କିମ୍ବା ପୂଜକ ନାହାନ୍ତି। ଏଠାରେ ରହୁଥିବା ବାବାଜୀମାନେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି କରିଥାନ୍ତି।

# ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ




ବୋଲଗଡ଼,୧୭(ଦେବବ୍ରତ ହୋତା)

ବୋଲଗଡ଼ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରିପଦାର କରସ୍ପନ ଫ୍ରି ଓଡ଼ିଶା ଓ ପରିବେଶ ପତ୍ରିକା ନବ ସବୁଜିମା, ଖୋର୍ଦ୍ଧା ଫରେଷ୍ଟ ଡିଭିଜନ ଏବଂ ବୋଲଗଡ଼ ସରସ୍ୱତୀ ଶିଶୁ ମନ୍ଦିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ପ୍ରିନ୍ସିପାଲ ଚିଫ କଞ୍ଜରଭେଟର ଅଫ ଫରେଷ୍ଟ ତଥା ପୂର୍ବତନ ଲୋକାୟୁକ୍ତ ଡ.ଦେବବ୍ରତ ସ୍ୱାଇଁ ମୁଖ୍ୟ ଅତିଥି, ଖୋର୍ଦ୍ଧା ଡିଏଫଓ ପୂର୍ଣ୍ଣିମା ପି, ସାମାଜିକକର୍ମୀ ରବୀନ୍ଦ୍ର ପରିଡ଼ା, ଶିକ୍ଷାବିତ୍ ଲଛମନ ପରିଡ଼ା, ସେବତୀ ପରିଡ଼ା, ପରିବେଶକର୍ମୀ ସାନନ୍ଦ କୁମାର ସାହୁ, ସାମାଜିକ କର୍ମୀ ଅକ୍ଷୟ ପଟ୍ଟନାୟକ, ଶିକ୍ଷାବିତ୍ ବୈକୁଣ୍ଠ ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ପରିବେଶର ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ତେଣୁ ଚାରାରୋପଣ ଓ ପରିବେଶ ସୁରକ୍ଷା ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ନବ ସବୁଜିମାର ସମ୍ପାଦକ ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ କଲେଜ ବାରିପଦାର ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚାରାରୋପଣ ଓ ପରିବେଶ ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀ ପି.ଶୁଭ୍ରା ସିଗ୍‌ମା, ଦେବାଂଶୀ ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ଦାସ, ସାଇଜ୍ୟୋତି ସାହୁ, ଅନନ୍ୟା ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁଜୀ ଦେବପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

# ନୂତନ ଆଇନ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ

ବାଲୁଗାଁ/ଟାଙ୍ଗୀ/ବେଗୁନିଆ,୧୭ (ସଂଗ୍ରାମ ପାଇକରାୟ/ ରଘୁନାଥ ସାହୁ/ ସନ୍ଧ୍ୟାରାଣୀ ମିଶ୍ର)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଦେଶରେ ସୋମବାର ଠାରୁ ୩ ନୂଆ ଆପରାଧିକ ଆଇନ କାର୍ଯ୍ୟକାରୀ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଥାନା ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଆଇଆଇସି ଜୟ ପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ଥାନା ପରିସରରେ ପରିବର୍ତ୍ତନଶୀଳ ଏହି ନୂତନ ଆଇନର କାର୍ଯ୍ୟକାରିତା ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏସ୍‌ଆଇ ସୁନିତା ବେହେରା, ଏଏସ୍‌ଆଇ ଶ୍ରୀନିବାସ ସାମନ୍ତଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ନାରୁଣୀ ଥାନା ପୋଲିସ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାର ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ର ଶେଖର ଜେନା ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ପ୍ରଧାନ, ସମାଜସେବୀ ଅରୁଣ କୁମାର ଦାଶ ଯୋଗଦେଇ ନୂତନ ଆଇନର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଚିଲିକା ମତ୍ସ୍ୟଜୀବୀ ମହାସଂଘର ପୂର୍ବତନ ସଭାପତି ଜୟକୃଷ୍ଣ ବେହେରା, ସମାଜସେବୀ ରାମଚନ୍ଦ୍ର ପ୍ରଧାନ, ବିଶ୍ୱ ଭୂଷଣ ରାଉତରାୟ, ପ୍ରଦ୍ୟୁମ୍ନ ରଞ୍ଜନ ସୁଆର, ପୂର୍ଣଚନ୍ଦ୍ର ପଲେଇ, ମୋରାମୋରି ସରପଞ୍ଚ ବସନ୍ତ କୁମାର ମାଳି, ଗମ୍ଭାରୀମୁଣ୍ଡା ସରପଞ୍ଚ ପପୁ ପ୍ରଧାନ, ଅଜୟ ଖୁଣ୍ଟିଆ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ସବ ଇନ୍‌ସ୍ପେକ୍ଟର ମନୋଜ ଦାସ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଦେଇଥିଲେ। ସେହିପରି ବେଗୁନିଆ ଥାନା ପରିସରରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରୀ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଦୀପ ମଙ୍ଗରାଜ, ନିରଞ୍ଜନ ରଥ, ମନିରା ବେଗମ, ସରପଞ୍ଚ ଅସିତ ତ୍ରିପାଠୀ, ସୁନନ୍ଦା ବରାଳ, ବୈକୁଣ୍ଠ ସାହୁ, ପ୍ରଦୀପ ବାରିକ, କରୁଣାକର ଦଳସିଂହାର ରାୟ, ସମିତି ସଭ୍ୟ ଦିଲୀପ ମହାପାତ୍ର, ଜାଗେଶ୍ୱର ମାଝୀ, ପ୍ରଶାନ୍ତ ବେହେରା, ନବ କିଶୋର ବିଧାର, ପ୍ରମୋଦ ପ୍ରତାପ ସିଂହ, ନାରାୟଣ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୭।୨୦୨୪

| | |
|---|---|
| ୮୧,୭୫୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଚକାବିଜେ ହେଲେ ମହାପ୍ରଭୁ

ପୁରୀ, ୧।୭ (ଅଜିତ୍ କୁମାର ମହାନ୍ତି)

ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଅର୍ଥାତ୍ ସୋମବାର ଅଣସର ଗୃହରେ ମହାପ୍ରଭୁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି। ପବିତ୍ର ଜ୍ୟୋଷ୍ଠ ପୂର୍ଣ୍ଣିମା ବା ସ୍ନାନପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନବେଦୀରେ ୧୦୮ ଗରା ସୁବାଷିତ ଜଳରେ ସ୍ନାନ କରିବାପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ରହି ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ଚିକିତ୍ସା ହେବା ସହ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତି ଓ ପତି ମହାପାତ୍ର ଗୁପ୍ତ ସେବା କରୁଛନ୍ତି। ପରମ୍ପରା ଅନୁଯାୟୀ ପଞ୍ଚମୀରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି ହୋଇଥିଲା। ଷଷ୍ଠୀରୁ ନବମୀ ଯାଏ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ସୋମବାର ଦଶମୀ ତିଥିରେ ଅସୁସ୍ଥ ଥିବା ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରିଥିବାରୁ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ନିୟମ ଅନୁଯାୟୀ ଶ୍ରୀମନ୍ଦିରରେ ପଟିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଅଣସର ଗୃହ ଦ୍ୱାରା ଖୋଲିଥିଲା। ପରେ ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟବିଜୟ ଦ୍ୱାର ଫିଟିଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ ନୀତି ବଢ଼ିଥିଲା। ପଟିଦିଅଁଙ୍କ ବଡ଼ସିଂହାର ଭୋଗପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ସେହିପରି ଖଳିଲାଗି ଏକାଦଶୀରେ ଅଣସର ଗୃହରେ ଶ୍ରୀବିଗ୍ରହ ପ୍ରଥମ ତୁଳସୀ ଲାଗି ହେବେ। ଅଣସର ଗୃହରେ ଅସୁସ୍ଥ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗିନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳା ବସ୍ତ୍ର ଓ ଧଳା ପୁଷ୍ପ ଲାଗି ହେଉଛି। ତେବେ ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

## ରଥଖଳାରୁ...

### ୩ରଥ ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ



ପୁରୀ, ୧।୭ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଯେତିକି ଯେତିକି ପାଖେଇ ଆସୁଛି ଶ୍ରୀନଅରସ୍ଥିତ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସୋମବାର ମୁଖ୍ୟ ରୂପକାର ସେବକମାନେ ଅନୁକୂଳ ପୂଜା ପୂର୍ବକ ନଡ଼ିଆ ବାଡେଇ ତିନି ରଥ ପ୍ରଭାରେ ରୂପ ଖୋଦେଇ ଚିତ୍ର ଅଙ୍କନ ପୂର୍ବକ ସହଯୋଗୀ ରୂପକାର ସେବକମାନେ ମିଶି ପ୍ରଭାରେ ରୂପ ଖୋଦେଇ ଆରମ୍ଭ କରିଛନ୍ତି। ତିନିରଥ ପ୍ରଭା ଉପରେ ରାହୁ ବା କୀର୍ତ୍ତିମୁଖ ଦୁଇହାତରେ ଦୁଇଟି ଛୁରି ଧରିଥିବା ଚିତ୍ର, ବାଙ୍କରେ ଡାଳି ଲତା ଏବଂ ତଳ ଭାଗ ଦୁଇପାର୍ଶ୍ୱରେ ମଗର ମୁଖ ଇତ୍ୟାଦିର ରୂପ ଖୋଦେଇ କାର୍ଯ୍ୟ ହୋଇଛି। ସେହିପରି ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନି ରଥର ଭୋଇ ସେବକମାନେ ମିଶି ୩ରଥର ଚାରୋଟି ଲେଖାଏଁ ଦୁଆର ବେଢ଼ାକୁ ବାଉଁଶ ତେଣ୍ଟିଆ ସହାୟତାରେ ଉଠାଇ ନାଟ ଗୋଡ଼ ସହ ସଂଯୋଗ ପୂର୍ବକ ରଥରେ ଦଉଡ଼ି ଦ୍ୱାରା ବାନ୍ଧେଣି କରିଛନ୍ତି। ମଙ୍ଗଳବାର ରଥରେ ଦୁଆର ବେଢ଼ାକୁ ମଜଭୁତ କରି ରଖିବା ପାଇଁ ଦୁଆର ବେଢ଼ା ଉପରିଭାଗ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ କରାଯାଇ ମଝି ଭୂଇଁ ଶେଣିରେ କଣ୍ଟା ବସି ଫିଟିଙ୍ଗ କରାଯିବ। ୩ରଥର ଘୋଡ଼ା ଇଶ ନିର୍ମାଣ ଶେଷ ହୋଇଛି। ମହାରଣା ସେବକମାନେ ୩ରଥର ଦୁଇଟି ଲେଖାଏ ୨୦ ଫୁଟିଆ ଆଠଅଁସି ଘୋଡ଼ା ଇଶ ନିର୍ମାଣ ସହ ସେଥିରେ ଦୁଇଟି ଲେଖାଏ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। ଏଥିସହ ତିନି ରଥ ମହାରଣା ସେବକମାନେ ରଥର ପ୍ରଭା ଫିଟିଙ୍ଗ ପାଇଁ ବେଦି ପଛଭାଗ ଚଉଦ ନାହାକାରେ ଦୁଇଟି ଲେଖାଏ ଧୂଳି ଦଣ୍ଡା ଫିଟିଙ୍ଗ କରିଛନ୍ତି। ଚିତ୍ରକାର ସେବକମାନେ ତିନିରଥକୁ ଦୁଆର ବେଢ଼ା ଉଠିବା ପାଇଁ ୨୪ ଟି ନାଟ ଗୋଡ଼ର ଖୋଦେଇ ରୂପରେ ରଙ୍ଗ ଚିତ୍ର ଶେଷ କରି ଯୋଗାଇବା ସହ ତିନି ରଥ କଳସରେ ପଦ୍ମ ପାଖୁଡ଼ା ରଙ୍ଗ ଚିତ୍ର ଶେଷ କରିଛନ୍ତି। ଏଥିସହ ତିନି ରଥର ଘୋଡ଼ା, ସାରଥି, ରଥର ବାହ୍ୟ ଅଂଶ ସହ ହଂସ ପଟା, ପାର୍ଶ୍ୱ ଦେବଦେବୀ ଇତ୍ୟାଦିର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଦରଜି ସେବକମାନେ ତିନି ରଥର ଘେର କନା ପ୍ରସ୍ତୁତ ଶେଷ କରି ପୋଟଳ କନା କଟିଙ୍ଗ ଶେଷ କରି ସେଥିରେ ଚିକଣ ଜରି ଲେସ୍ ଫିଟିଙ୍ଗ ଜାରି ରଖିଛନ୍ତି। ଅପରପକ୍ଷରେ ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନି ରଥର ଦୁଆର ବେଢ଼ା ପାଇଁ ଧ୍ୱଜା ବତା କଣ୍ଟା, ଘୋଡ଼ା ସାରଥିଙ୍କ ପାଇଁ ବାଗୁଆ କଣ୍ଟା ଶେଷ କରିବା ସହ ପୋଟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ, ୧।୭ (ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୩୩ ଗୋଟି ଅଭିଯୋଗ ମିଳିଥିଲା। ସେଥିମଧ୍ୟରୁ ୨୭ ଗୋଟି ବ୍ୟକ୍ତିଗତ, ୩ଗୋଟି ଗ୍ରାମ ସମସ୍ୟା ସମ୍ପର୍କିତ, ୩ଗୋଟି ରେଡକ୍ରସ, ସହାୟତା ସମ୍ପର୍କିତ ଅଭିଯୋଗ ରହିଥିଲା। ତତ୍କ୍ଷଣାତ ୩ଗୋଟି ଅଭିଯୋଗର ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ସିଡିଏମ୍ଓ ସୁଜାତା ମିଶ୍ର, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣିରେ ଉପସ୍ଥିତ ଥିଲେ।



ମହାପ୍ରଭୁଙ୍କ ଜ୍ୱରର ଉପଶମ ପାଇଁ ବୈଦ୍ୟରାଜଙ୍କ ଗୃହରେ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଉଛି ।

## ‘ନବପ୍ରତିଭା’ ଅନୁଷ୍ଠାନର ସମ୍ମାନ ପ୍ରଦାନ ସମାରୋହ ଉଦ୍‌ଯାପିତ

ପୁରୀ, ୧।୭ (ଅଜିତ୍ କୁମାର ମହାନ୍ତି)

ସାଂସ୍କୃତିକ ‘ନବପ୍ରତିଭା’ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ୨୪ତମ ବାର୍ଷିକ ଉତ୍ସବ ଏବଂ ସମ୍ମାନ ପ୍ରଦାନ ସମାରୋହ ସ୍ଥାନୀୟ ସଦାଶିବ ପରିସର ଜୟଦେବ ସମ୍ମିଳନୀ କକ୍ଷରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିଦିବସୀୟ ଉତ୍ସବର ଉଦ୍‌ଯାପନୀ ଦିବସରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସେବାୟତ ସୁଦର୍ଶନ ପୂଜାପଣ୍ଡା ସାମନ୍ତ, ପ୍ରଫେସର ରମାକାନ୍ତ ମିଶ୍ର, ସମାଜସେବୀ ଶାଶ୍ୱତ ମହାପାତ୍ର, ବର୍ଷିୟାନ୍ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ଓଡ଼ିଶୀ ନୃତ୍ୟଗୁରୁ ବୈକୁଣ୍ଠ ନନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ବିଭୁ ପ୍ରସାଦ ତ୍ରିପାଠୀ, ଫଟୋ ସାମ୍ବାଦିକ ରାଜେନ୍ଦ୍ର ମହାପାତ୍ର ଏବଂ ଯଜ୍ଞେଶ୍ୱର ମହାନ୍ତିଙ୍କୁ ଉତ୍କଳଶ୍ରୀ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ଗଙ୍ଗାଧର ବାରିକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଗୁରୁ ଅଶୋକ କୁମାର ଓ ବବିତା ଦାସଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଶିଳ୍ପୀମାନେ ଏକକ ଓ ସମବେତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥି ସହିତ ନୃତ୍ୟ ରୂପକ ‘ପୁତନା’ ଏବଂ ଲୋକନୃତ୍ୟ ଆମ ସଂସ୍କୃତିରେ ‘ବାରମାସି’ ପରିବେଷଣ କରାଯାଇଥିଲା।




ନବପ୍ରତିଭା ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଶ୍ରୀମନ୍ଦିରକୁ ଗଲା ଦଶମୂଳ ମୋଦକ

ପୁରୀ, ୧।୭ (ଅଜିତ୍ କୁମାର ମହାନ୍ତି)

ଶ୍ରୀବିଗ୍ରହମାନେ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନବେଦୀରେ ୧୦୮ ଗରା ସୁବାଷିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡିତ ହୋଇ ଅଣସର ପିଣ୍ଡୀରେ ଅବସ୍ଥାନ କରିଛନ୍ତି। ମହାପ୍ରଭୁଙ୍କ ସେବକ ଦଇତାପତି ଏବଂ ପତି ମହାପାତ୍ର ଅଣସର ଘରେ ମହାପ୍ରଭୁଙ୍କ ଗୁପ୍ତସେବା ସମ୍ପାଦନ କରୁଛନ୍ତି। ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ସୁସ୍ଥ କରିବା ପାଇଁ ଶୁକ୍ଳ ବସ୍ତ୍ର ପରିଧାନ କରି ସେବା କରୁଛନ୍ତି। ମହାପ୍ରଭୁଙ୍କ ଅଣସରର କ୍ରମ ଅନୁସାରେ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଲାଗି ହେବାପରେ ଷଷ୍ଠୀ ତିଥିଠାରୁ ଓଷ ଲାଗି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦଶମୀ ତିଥି ଅବସରରେ ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିରକୁ ନିଆଯାଇଛି। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ଲାଗି ହେଲାପରେ ସମ୍ପୂର୍ଣ୍ଣ ସୁସ୍ଥ ହେବେ। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ପ୍ରସ୍ତୁତି କରି ଶ୍ରୀମନ୍ଦିକୁ ପ୍ରଦାନ କରିଛନ୍ତି। ଦଶମୂଳ ପ୍ରସ୍ତୁତ ପାଇଁ ଏକରୁ ଦେଢ ମାସ ପୂର୍ବରୁ ସାମଗ୍ରୀଗୁଡ଼ିକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପନି, କୃଷ୍ଣପନ୍ନ, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ଅନ୍ୟଦ୍ରବ୍ୟଗୁଡ଼ିକୁ ଶୁଖାଯାଇଥାଏ। ଏହାକୁ ହେମଦସ୍ତାରେ କୁଟାହୋଇ ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଇ ନୂତନ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସକରା, ସର, ମହୁ ଘିଅ ଆଦି ଦ୍ରବ୍ୟକୁ ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଦଳୀ ପତ୍ରରେ ରଖାଯାଇ ଥଣ୍ଡାକରି ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ପରେ କୁଣ୍ଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କପୂର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଦାଖଲ କରାଯାଏ। ପରେ ପତିମାହାପାତ୍ର ଉକ୍ତ ମୋଦକୁ ମହାପ୍ରଭୁଙ୍କ ନିକଟରେ ଲାଗି କରିଥାନ୍ତି। ଦଶମୂଳ ମୋଦକ ଲାଗି ପରେ ଶ୍ରୀବିଗ୍ରହମାନେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥାନ୍ତି। ତେବେ ବୈଦ ସେବା ଏବଂ ଦଶମୂଳ ମୋଦକ ସମ୍ପର୍କରେ ସୂଚନା ଦେଇ ବୈଦ୍ୟ ଶୁଧାଂଶୁ ପ୍ରସାଦ ମିଶ୍ର ବ୍ରହ୍ମା କହିଛନ୍ତି, ମହାପ୍ରଭୁ ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାଷିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡିତ ହୋଇଥାନ୍ତି। ମହାପ୍ରଭୁଙ୍କ ସୁସ୍ଥ ପାଇଁ ବୈଦ୍ୟମାନଙ୍କ ପକ୍ଷରୁ ଦଶମୀ ତିଥିରେ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇ ମହାପ୍ରଭୁଙ୍କ ଲାଗି କରାଯାଇଥାଏ। ଯାହାପରେ ଶ୍ରୀବିଗ୍ରହମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥାନ୍ତି। ତେବେ ମୋଦକ ପ୍ରସ୍ତୁତ ପାଇଁ ବିଭିନ୍ନ ଗଛର ଚେର ସଂଗ୍ରହ କରାଯାଇଥାଏ ବୋଲି ବ୍ରହ୍ମା କହିଛନ୍ତି। ଶ୍ରୀମନ୍ଦିରରେ ଦ୍ୱିପହର ବା ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ମୋଦକଗୁଡ଼ିକୁ ବୈଦ୍ୟ ସେବକମାନେ ଶ୍ରୀମନ୍ଦିରକୁ ନେଇ ଘାରଦ ଘରେ ଜିମା ଦେଇଥିଲେ।

## ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶେଷ ରଥଯାତ୍ରା ସମନ୍ୱୟ ବୈଠକ

ପୁରୀ ୧।୭ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ନିମନ୍ତେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଦୁଇଟି ପ୍ରସ୍ତୁତି ବୈଠକ ଶେଷ ହୋଇଥିବାବେଳେ ପ୍ରଥମ ଓ ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇସାରିଛି। ତେବେ ରଥଯାତ୍ରାକୁ ଆଉ ୫ ଦିନ ବାକି ଥିବାବେଳେ ସମସ୍ତ ବିଭାଗ ପକ୍ଷରୁ ଠିକ୍ ଭାବେ ପ୍ରସ୍ତୁତି ଚାଲିଛି କି ନାହିଁ ସେନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ତୃତୀୟ ତଥା ଶେଷ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଟାଉନ ହଲ ତଥା ପୌର ସଦନଠାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଦିନ ୧୧ଟା ୧୫ ସମୟରେ ମୁଖ୍ୟମନ୍ତ୍ରୀ ବୈଠକରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ଯୋଗାଣ, ଗମନାଗମନ, ରାସ୍ତାଘାଟ ନିର୍ମାଣ, ବିଦ୍ୟୁତ୍ ଯୋଗାଣ ଓ ସୁରକ୍ଷା ବ୍ୟବସ୍ଥା ଆଦି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ। ଚଳିତ ରଥଯାତ୍ରାରେ ଶ୍ରୀଗୁଣ୍ଡିଚା, ନବଯୌବନ ଓ ନେତ୍ରୋତ୍ସବ ଗୋଟିଏ ଦିନରେ ରହୁଥିବାରୁ ବିଭିନ୍ନ ଦୃଷ୍ଟିକୋଣରୁ ସମସ୍ତ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଉଛି।

## ରାଜ୍ୟସ୍ତରୀୟ ‘ଶ୍ରୀଜଗନ୍ନାଥ’ ଚିତ୍ରଶିଳ୍ପୀ ଶିବିର

ଭୁବନେଶ୍ୱର, ୧।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୨୮ ଜଣ ଚିତ୍ରଶିଳ୍ପୀଙ୍କୁ ନେଇ ସୋମବାର ଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ‘ଶ୍ରୀଜଗନ୍ନାଥ’ ଶୀର୍ଷକ ଚିତ୍ରଶିଳ୍ପୀ ଶିବିର। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରି ରଙ୍ଗ ଓ ତୁଳୀର କାନ୍‌ଭାସ ଉପରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମ୍ବନ୍ଧୀୟ ଚିତ୍ରକଳା ଅଙ୍କନ କରିବେ। ଶିବିରକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ କଳିଙ୍ଗ ସମ୍ମିଳନୀ କକ୍ଷ ପାନ୍ଥନିବାସଠାରେ ଉଦ୍‌ଘାଟନ କରିଛନ୍ତି। ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଏକାଡେମୀର କାର୍ଯ୍ୟକାରୀ ସମିତି ସଭ୍ୟ ତଥା ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଅକ୍ଷୟ କୁମାର ସାମଲ, ସଭ୍ୟ ଶ୍ୟାମସୁନ୍ଦର ମେହେର, ଏକାଡେମୀର ପୂର୍ବତନ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଡ. ପଞ୍ଚାନନ ସାମଲଙ୍କ ସମେତ ବହୁ ଚିତ୍ରଶିଳ୍ପୀ ଯୋଗଦେଇଥିଲେ। ଦେବାନନ୍ଦ ବରିହା ଉତ୍ସବ ପରିଚାଳନା କରିଥିଲେ। ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ।




ଆୟୋଜିତ ଶିବିରରେ ଉପସ୍ଥିତ ଅତିଥିମାନେ ।

## ଏ-୧ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପୁରୀ, ୧।୭ (ଅଜିତ୍ କୁମାର ମହାନ୍ତି)

ଦେଶ ଓ ଜାତିକୁ ଶ୍ରେଷ୍ଠ ଭାବେ ଗଢ଼ି ତୋଳିବାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ଅବର୍ଣ୍ଣନୀୟ। ସେମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରାଯିବା ସହ ଶିକ୍ଷାନୁଷ୍ଠାନରେ ଥିବା ସମସ୍ୟାଗୁଡ଼ିକର ଉପଯୁକ୍ତ ଭାବରେ ସମାଧାନ କରାଗଲେ ନିଶ୍ଚିତ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ସମ୍ଭବ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପୁରୀ ଟାଉନହଲ୍‌ଠାରେ ଜିଲାର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଏକଦିବସୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଜିଲାର ସମୁଦାୟ ୧୧୬ ଏ-୧ ପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷା କୌଣସି ଜାତି ବା ରାଷ୍ଟ୍ରକୁ ଶ୍ରେଷ୍ଠ କରିବାର ମୁଖ୍ୟ ଆଧାର। ଯିଏ ଯେଉଁ ପଦବୀରେ ଥିଲେ ମଧ୍ୟ ତାହାର ଉତ୍ସ ଶିକ୍ଷା। ତେଣୁ ରାଜନୈତିକ ବିଚାରଧାରାରୁ ଊର୍ଦ୍ଧ୍ୱରେ ରହି ଶିକ୍ଷାର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ସଦର ବିଧାୟକ ସୁନୀଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଏ-୧ ପାଇଥିବା ୧୧୬ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷଣ ପ୍ରଦାନ କରି ସେମାନଙ୍କୁ ଶୀର୍ଷତମ ଶିଖରରେ ଉପନୀତ କରାଇ ପାରିଥିବା ୭ଜଣ ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।

ପ୍ରତ୍ୟେକ ବିଦ୍ୟାଳୟର ଦଶମ ଶ୍ରେଣୀରେ ଏନ୍‌ରୋଲମେଣ୍ଟ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦% କିପରି ଏ-୧ ପାଇବେ ଓ ପ୍ରତ୍ୟେକ ବିଦ୍ୟାଳୟ ପାସ୍ ହାର ୧୦୦% ହେବ ସେ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ତାଲିମ ଦେଇ ଉତ୍ସାହିତ କରିବା ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଭିନ୍ନ ବିଷୟରେ ଦକ୍ଷ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ଭିନ୍ନ ଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏତଦ୍‌ବ୍ୟତୀତ ଗତ ମାଟ୍ରିକ ପରୀକ୍ଷାରେ ପାସ୍ ହାର ୧୦୦% ରଖିଥିବା ସମୁଦାୟ ୧୫୩ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଷୟରେ ବିଷୟ ଭିତ୍ତିକ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକମାନଙ୍କୁ ବିଭିନ୍ନ ସମୟରେ ଓରିଏଣ୍ଟେସନ୍ ପ୍ରୋଗ୍ରାମ ଜିଲା ଓ ବ୍ଲକସ୍ତରରେ ଆୟୋଜନ କରାଯିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବାକୁ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଓଡ଼ିଶା ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ଘୋଷ୍ , ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରାଧ୍ୟାପକ ସନ୍ତୋଷ କୁମାର ପରିଡ଼ା ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପରିକଳ୍ପନା ଓ ପରିଚାଳନା ଜିଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ କରିଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ପ୍ରତାପ କୁମାର ରାଉତ, ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ବିଦ୍ୟାଧର ମିଶ୍ର ବେଦପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକୁ ସଭାର ସଭାପତି ତଥା ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପୁରୀ ପୌରସଦନ ପରିସରରେ ଅନୁଷ୍ଠିତ ଶିକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ସଂକ୍ଷେପରେ

### ଆଇନଜ୍ଞ ପୀତାମ୍ବର ଆଚାର୍ଯ୍ୟ ପାଇବେ ଚେଲିତୋଳ ପୁରସ୍କାର

କଟକ,୧୭ (କାର୍ତ୍ତିକ ସାହୁ)



ବରିଷ୍ଠ ଆଇନଜ୍ଞ ପୀତାମ୍ବର ଆଚାର୍ଯ୍ୟଙ୍କୁ ଚଳିତବର୍ଷର ଚେଲିତୋଳ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୩ ତାରିଖ ସନ୍ଧ୍ୟାରେ କଟକ ସାରଳା ଭବନଠାରେ ହେବାକୁ ଥିବା ଚେଲିତୋଳ କଲ୍‌ଚରାଲ୍ ଏକାଡେମୀର ୩୩ତମ ବାର୍ଷିକ ଉତ୍ସବରେ ଏକାଡେମୀ ପକ୍ଷରୁ ଆଚାର୍ଯ୍ୟଙ୍କୁ ପୁରସ୍କୃତ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଧରଙ୍କୁ ମଧ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଆଚାର୍ଯ୍ୟ ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟର ବରିଷ୍ଠ ତଥା ଦକ୍ଷ ଓକିଲ ଭାବରେ ପ୍ରସିଦ୍ଧିଲାଭ କରିଛନ୍ତି। ତାଙ୍କ ଜନ୍ମ ଜଗତ୍‌ସିଂହପୁର ଜିଲାର ଗଜରାଜପୁର ଗ୍ରାମରେ ହୋଇଥିବାବେଳେ ସେ କଟକରେ ଅବସ୍ଥାନ କରୁଛନ୍ତି।

### ରାସ୍ତା ମରାମତି ପାଇଁ ଦାବି

କଟକ ସଦର,୧୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ମୁଖ୍ୟ ରାସ୍ତାର ଝିଙ୍କିରିଆ-ଚାନ୍ଦୁଲି ମଧ୍ୟରେ ୧୩ କିମି ଅଂଶ ଖାଲଖମା ହୋଇଛି। ଫଳରେ ବର୍ଷାପାଣି ଖାଲରେ ଜମା ହେବା ଯୋଗୁ ଦୁର୍ଘଟଣା ଘଟୁଛି। ଏଥିସହିତ ଅନେକ ସ୍ଥାନରେ ରାସ୍ତା ଉପରେ ବିଜୁଳି ଖୁଣ୍ଟ ଓ ନଳକୂପ ଆଦି ରହିବା ଦ୍ୱାରା ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ତୁରନ୍ତ ରାସ୍ତା ମରାମତି ପାଇଁ ପଦକ୍ଷେପ ନେବାକୁ ପ୍ରତିଭା ବିକାଶ ପ୍ରତିଷ୍ଠାନର ସଭାପତି ଇଂ. ଅଶୋକ ବିଶ୍ୱାଳ, ରୁଦ୍ର ନାରାୟଣ ଦାସ, ପ୍ରଭାତ ଖଟୁଆ, ଅଭୟ ଦାସ, ଭାଜପାର ବରିଷ୍ଠ ସଦସ୍ୟ ସମୀର ପଣ୍ଡା, ସୁବାସ ଗୋଚ୍ଛାୟତ, ରୋହିତ ସ୍ୱାଇଁ, ଗାନ୍ଧୀ ଗୁରୁ ଦାସ, ସୁଧାଂଶୁ ପତି, ଅଭିରାମ ଦଳାଇ ପ୍ରମୁଖ ପୂର୍ତ୍ତ ବିଭାଗ ନିକଟରେ ଦାବି କରିଛନ୍ତି।

### ଚୋରି ଲୁନା ବିକ୍ରି ଅଭିଯୋଗରେ ୩ ଗିରଫ

ବାଲିଅନ୍ତା,୧୭(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ବଳଭଦ୍ରପୁର ଗ୍ରାମରୁ ଏକ ଲୁନା ଗାଡ଼ି ଚୋରି କରି ତାକୁ କାଟି ବିକ୍ରି କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଧୀନ ବେଣ୍ଟପୁର ଅଞ୍ଚଳର ରଜତ ସେଠୀ(୨୬), ଭିଙ୍ଗାରପୁର ପଞ୍ଚାୟତ ଅଞ୍ଚଳର ପବିତ୍ର ବେହେରା (୩୩) ଓ କବାଡ଼ିଆ ଦୋକାନୀ ପଶ୍ଚିମବଙ୍ଗର ଆଦିତ୍ୟ ମଣ୍ଡଳ (୨୬)। ଏମାନଙ୍କ ନିକଟରୁ ପୋଲିସ ଚୋରା ଲୁନାର କଟା ଖଣ୍ଡକୁ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୩୦୩/୨୪) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜୁନ୍ ୨୦ ବିଳମ୍ବିତ ରାତିରେ ଗ୍ରାମର ଅଜିତ ସାମନ୍ତଙ୍କ ଘର ବାରଣ୍ଡାରେ ଥିବା ଲୁନାକୁ ରଜତ ଓ ପବିତ୍ର ଚୋରି କରି ନେଇଥିଲେ। ପରେ ୨ ଜଣ ମିଶି ବେଣ୍ଟପୁର ଅଞ୍ଚଳର ଏକ କବାଡ଼ିଆ ଆଦିତ୍ୟ ସହିତ ଯୋଗାଯୋଗ କରି ଗାଡ଼ିକୁ ନେଇ ଦୋକାନରେ ପହଞ୍ଚିଥିଲେ। ପୋଲିସ ଏହି ଖବର ପାଇ ୩ ଜଣଙ୍କୁ କାବୁ କରିଥିଲା।

# ବେଆଇନ ହସ୍ପିଟାଲ ବନ୍ଦ ପାଇଁ ନିର୍ଦ୍ଦେଶ

କଟକ,୧୭ (କାର୍ତ୍ତିକ ସାହୁ)

**ରୋଗୀ ମୃତ୍ୟୁକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା**

କଟକରେ ବିନା ରେଜିଷ୍ଟ୍ରେଶନରେ ଚାଲିଥିବା ଏକ ନିର୍ଦ୍ଦିଷ୍ଟ ହସ୍ପିଟାଲ ସମେତ ଅନ୍ୟ କେତେକ ହସ୍ପିଟାଲକୁ ତୁରନ୍ତ ବନ୍ଦ କରିବାକୁ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ହସ୍ପିଟାଲକୁ ବନ୍ଦ କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ କେବଳ ଚିଠି ଲେଖି ବସିପଡ଼ିଥିବାରୁ କମିଶନ କ୍ଷୋଭ ପ୍ରକାଶ କରିଛନ୍ତି। ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ଏହି ମାମଲା ରୁଜୁ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ବାବଲପୁରର କିଶୋର ଚନ୍ଦ୍ର ଦାଶ(୪୭) ସାମାନ୍ୟ ଦୁର୍ଘଟଣାର ଶିକାର ହୋଇ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦୨୧ ଜୁଲାଇ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ଚାଲିଥିଲା। ପ୍ରଥମ ଟେଷ୍ଟରେ ରୋଗୀଙ୍କର କୋଭିଡ୍ ନ ଥିବା ଜଣାପଡ଼ିଥିଲା। ମାତ୍ର ଦୁଇଦିନ ପରେ ତାଙ୍କୁ କୋଭିଡ୍ ହୋଇଛି ବୋଲି କହି ଡାକ୍ତରମାନେ ଛୁଇଁ ନ ଥିଲେ। ଫଳରେ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏହି ହସ୍ପିଟାଲ ବିନା ରେଜିଷ୍ଟ୍ରେଶନରେ ଚାଲୁଥିବା ଜଣାପଡ଼ିଥିଲା। ଏହାର ରେଜିଷ୍ଟ୍ରେଶନର ଅବଧି ୨୦୧୫ରୁ ଶେଷ ହୋଇଯାଇଥିଲା। ଏହି ମାମଲାକୁ ନେଇ ହାଇକୋର୍ଟ ଆଇନଜୀବୀ ନିଶିକାନ୍ତ ମିଶ୍ର ଓ ଶ୍ରୀ ଅଖଣ୍ଡ ମିଳିତ ଭାବେ ଏନ୍‌ଏଚ୍‌ଆର୍‌ସିରେ ମାମଲା ଦାଏର କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଏକ କମିଟି ଗଠନ କରି ଏହାର ଅନୁସନ୍ଧାନ କରିଥିଲା। ତେବେ ଏହି କମିଟି କିଶୋରଙ୍କ ଚିକିତ୍ସାରେ ଅବହେଳା ହୋଇ ନ ଥିବା ରିପୋର୍ଟ ଦେଇଥିଲା। ମାତ୍ର ଉକ୍ତ ହସ୍ପିଟାଲର ରେଜିଷ୍ଟ୍ରେଶନ ଅବଧି ୨୦୧୫ରୁ ଶେଷ ହୋଇଯାଇଥିବା ଓ ଏହାର ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନ ଥିବା ରିପୋର୍ଟରେ ଦର୍ଶାଯାଇଥିଲା। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଉକ୍ତ ହସ୍ପିଟାଲ ସମେତ ଅନ୍ୟ ୧୧ଟି ହସ୍ପିଟାଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ହେଉନାହିଁ ବୋଲି ଦର୍ଶାଇଥିଲେ। କିନ୍ତୁ ଆବେଦନକାରୀ କମିଶନଙ୍କୁ ଅବଗତ କରାଇଥିଲେ, ହାଇକୋର୍ଟରେ ଏ ସଂକ୍ରାନ୍ତୀୟ ମାମଲା ବନ୍ଦ ହୋଇସାରିଛି। ଏହାପରେ କମିଶନ ଏହି ହସ୍ପିଟାଲ ସମେତ ଅନ୍ୟ ହସ୍ପିଟାଲକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉକ୍ତ ହସ୍ପିଟାଲରେ କୌଣସି ରୋଗୀଙ୍କୁ ଆଡ୍‌ମିଶନ ନ କରିବା, ଯଦି କୌଣସି ରୋଗୀ ଏଠାରେ ଥାନ୍ତି ସେମାନଙ୍କୁ ଅନ୍ୟ କୌଣସି ହସ୍ପିଟାଲକୁ ସ୍ଥାନାନ୍ତର କରି ଉକ୍ତ ହସ୍ପିଟାଲକୁ ତୁରନ୍ତ ବନ୍ଦ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ଯେପରି କୌଣସି ରୋଗୀ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ‘ଡାକ୍ତର ଦ୍ୱିତୀୟ ଈଶ୍ୱର’



କାର୍ଯ୍ୟକ୍ରମରେ ଡା. ରବିରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୧୭ (କାର୍ତ୍ତିକ ସାହୁ)

**ଜାତୀୟ ଡାକ୍ତର ଦିବସ**

ଲେଡିଜ୍ ୱାକର୍ସ କ୍ଲବ ପକ୍ଷରୁ ଜାତୀୟ ଡାକ୍ତର ଦିବସ କଟକ ଚାନ୍ଦିନୀଚୌକଠାରେ ସୋମବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ଧ୍ୟାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ରବିରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ସାହୁ ଏକାଧାରରେ ଜଣେ ସାମାଜିକ କର୍ମୀ, ସୁ-ସଙ୍ଗଠକ, ଚିକିତ୍ସକ ହୋଇଥିବାବେଳେ ବହୁ ଅନୁଷ୍ଠାନ ସହ ଜଡ଼ିତ ବୋଲି ସଭାପତି ମହାପାତ୍ର କହିଥିଲେ। ଏଥିରେ ବିଦ୍ୟୁତ୍ କୁମାରୀ ଲାଲା ଯୋଗଦେଇ କହିଛନ୍ତି, ଡାକ୍ତରମାନେ ହେଉଛନ୍ତି ଦ୍ୱିତୀୟ ଈଶ୍ୱର। ବିଜୟଲକ୍ଷ୍ମୀ କର ସମାଜରେ ଡାକ୍ତରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ନୁର୍‌ଜାହାନ ବେଗମ୍ କାର୍ଯ୍ୟକ୍ରମ ପରିଚାଳନା ଓ ମଞ୍ଜୁଲତା ଜେନା ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ କୁଡ଼ୋ ପ୍ରତିଯୋଗିତା: କଟକ ଜିଲା ଚାମ୍ପିୟନ


କୁଡ଼ୋ ପ୍ରତିଯୋଗିତାରେ ବିଜୟୀ ହୋଇଥିବା କୃତୀ ପ୍ରତିଯୋଗୀଙ୍କ ସହ ଅନ୍ୟମାନେ।

କଟକ,୧୭ (କାର୍ତ୍ତିକ ସାହୁ)

କଟକ ଦୋଳମୁଣ୍ଡାଇସ୍ଥିତ ବାବା ସାଗର ଦାସ ବିଦ୍ୟାପୀଠରେ ଦୁଇଦିନ ଧରି ଚାଲିଥିବା ୫ମ ରାଜ୍ୟସ୍ତରୀୟ କୁଡ଼ୋ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲାରୁ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଟକ ଜିଲା ସର୍ବାଧିକ ୪୫ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୦ ତାମ୍ର ପଦକ ହାସଲ କରି ଚାମ୍ପିୟନ ହୋଇଛି। ସେହିପରି ଖୋର୍ଦ୍ଧା ଜିଲା ରନର ଅପ୍ ଟ୍ରଫି ହାସଲ କରିଛି। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜାତୀୟସ୍ତରୀୟ କୁଡ଼ୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ କୁଡ଼ୋ ଆସୋସିଏଶନ୍ ଅଫ୍ ଓଡ଼ିଶାର ସଭାପତି ଶିବାଶିଷ କର, ସମ୍ପାଦକ ନିତାଇ ଶଙ୍କର ଗୁଇଁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରିଥିଲେ।

### ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ

#### ରିଟେଲର ସଂଘର ଦାବି

କଟକ ସଦର, ୧୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ସାଧାରଣ ବଣ୍ଟନ ରିଟେଲର ସଂଘର ସାଧାରଣ ବୈଠକ ସୋମବାର କନ୍ଦରପୁର ପଞ୍ଚାୟତ ଅଧୀନ ଅଥଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ପ୍ରଦୀପ ଦାସ ପୌରୋହିତ୍ୟ କରିଥିଲେ। କିଲୋ ପିଛା ୧ ଟଙ୍କା ହିସାବରେ ବକେୟା ପ୍ରାପ୍ୟ ପ୍ରଦାନ, ୨ ମାସର ବକେୟା ଗହମ ପ୍ରଦାନ, ଅଖା ଓ ମେଶିନ ପାଉଣା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି କରାଯିବ। ଏହାଛଡ଼ା ମାସିକ କୋଟା ରିଟେଲର ପଏଣ୍ଟରେ ପହଞ୍ଚାଇବା ସମୟରେ ବସ୍ତା ପିଛା ଶ୍ରମିକ ମଜୁରି ଆଦାୟକୁ ଶୀଘ୍ର ବନ୍ଦ ପାଇଁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଅବଗତ କରାଯିବା ସହିତ ଅନ୍ୟ ଦାବି ଉପରେ ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଭୂୟାଁ, ଉପ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସମ୍ପାଦକ ଅଜୟ କୁମାର ଦାସ, କୋଷାଧ୍ୟକ୍ଷ ରମ୍‌ଜାନ୍ ଅଲ୍ଲୀ ଖାଁ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ସ୍ୱାଇଁ, ସଦସ୍ୟଭାବେ ଗୌତମ ରାଉତ, ସଦାଶିବ ବେହେରା, ହେମନ୍ତ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ରଥ, ବଦ୍ରିନାଥ ପଣ୍ଡା, ନିକୁଞ୍ଜ ରାଉତ, ପ୍ରମୋଦ କୁମାର ହାତୀ, ରତିକାନ୍ତ ଜେନାଙ୍କୁ ମନୋନୀତ କରାଯାଇଥିଲା।

# ‘ନିଃସ୍ୱାର୍ଥପର ସେବା ଡାକ୍ତରୀ ବିଦ୍ୟାର ମୂଳମନ୍ତ୍ର’

କଣ୍ଟାପଡା, ୧୭(ସୁରନାରାୟଣ ସାହୁ)

କଟକ ଜିଲା ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ସଭାଗୃହରେ ଜାତୀୟ ଡାକ୍ତର ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଜନଔଷଧି ପରିଯୋଜନା ଓ ଏସ୍‌ଭି ନିର୍‌ତାରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଉଦ୍‌ଘାଟନ କରି କହିଛନ୍ତି, ନିଃସ୍ୱାର୍ଥପର ସେବା ହିଁ ଡାକ୍ତରୀ ବିଦ୍ୟାର ମୂଳମନ୍ତ୍ର। ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର, ଏସ୍‌ଭି ନିର୍‌ତାର ଫିଜିକାଲ ମେଡିସିନ ରିହାବିଲିଟେଶନ ବିଭାଗ ମୁଖ୍ୟ ଡା. ପବିତ୍ର ସାହୁ, ପିଏମ୍‌ବିଆଇ ସହକାରୀ ପରିଚାଳକ ଦେବେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନିର୍‌ତାରରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍‌ତାର ପରିସରରେ ଥିବା ଜନଔଷଧି କେନ୍ଦ୍ରର ପରିଚାଳକ ଜୟନ୍ତ କୁମାର ପରିଡା ଧନ୍ୟବାଦ ଦେଇଥିଲେ।


ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତାକୁ ନେଇ କଟକ ଡିସିପି ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

# ରଥଯାତ୍ରାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯିବ


ରଥଯାତ୍ରା ପ୍ରସ୍ତୁତି ବୈଠକରେ ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।

କଟକ,୧୭(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀ ଶ୍ରୀ ପତିତପାବନଜୀଉ ମନ୍ଦିର ପରିଚାଳନା କମିଟି ଓ ହରିପୁର-ଦୋଳମୁଣ୍ଡାଇ ପୂଜା କମିଟି ପକ୍ଷରୁ ଆସନ୍ତା ୭ ତାରିଖରେ ଦୋଳମୁଣ୍ଡାଇରେ ରଥଯାତ୍ରା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ କହିଛନ୍ତି, ରଥଯାତ୍ରା ପାଇଁ ସହରରେ ରାସ୍ତାଘାଟ ମରାମତି, ଗଛକଟା ସହ ବିଭିନ୍ନ କାର୍ଯ୍ୟ କରାଯାଇଛି। ବିଶେଷକରି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରା ଭଲ ଭାବେ ପାଳନ କରାଯିବା ପାଇଁ ସିଏମ୍‌ସି ପ୍ରସ୍ତୁତ ରହିଥିବା ମେୟର କହିଛନ୍ତି। ସେହିପରି ଅନ୍ୟ ଅତିଥି ଭାବେ ବ୍ରଜକିଶୋର ପ୍ରଧାନ, ଜୋନ୍-୨ ଏସିପି ସ୍ୱସ୍ତିକ୍ ପଣ୍ଡା, ପୁରୀଘାଟ ଥାନା ଅଧିକାରୀ ଯତୀନ୍ଦ୍ରନାଥ ସେଠୀ, ବାଦାମବାଡି ଥାନା ଅଧିକାରୀ ଅଜୟ କୁମାର ରାଉଳ, ଗ୍ରାମ ଅଧିକାରୀ ହରେକୃଷ୍ଣ ପ୍ରଧାନ, ହରିପୁର ପୂଜାକମିଟି ସଭାପତି ରାମକୃଷ୍ଣ ହାତୀ, ସମ୍ପାଦକ ବିକ୍ରମ ଛାଟୋଇ, ପୂର୍ବତନ ସମ୍ପାଦକ ବାସୁଦେବ ବେହେରା, ମହନ୍ତ ସନାତନ ସ୍ୱାଇଁ, ସେଣ୍ଟ୍ରାଲ ରେଡ୍‌କ୍ରସ ଆୱାରନେସ୍ କମିଟି ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବିଶ୍ୱାଳ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, କଟୁଆଳ ହରେକୃଷ୍ଣ ମୂଳିଆ ଯୋଗଦେଇ ରଥଯାତ୍ରା ସମେତ ବାହୁଡ଼ା, ସୁନାବେଶର ସମସ୍ତ କାର୍ଯ୍ୟ ଶୃଙ୍ଖଳାର ସହିତ ସମ୍ପାଦନ ପାଇଁ ସହଯୋଗ କରିବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ତଥା କର୍ପୋରେଟର ଦୀପ୍ତିମୟୀ ମୂଳିଆ, କର୍ପୋରେଟର ଗଗନ ଓଝା, ଇତିଶ୍ରୀ ଦାସଙ୍କ ସମେତ ଅନ୍ୟ କର୍ପୋରେଟର ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ଉପଦେଷ୍ଟା ଲିଙ୍ଗରାଜ ହାତୀ କାର୍ଯ୍ୟକ୍ରମ ପରିଚାଳନା ଓ ବାଉରୀବନ୍ଧୁ ପରିଡା ଧନ୍ୟବାଦ ଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା, ନୂତନ କର୍ମକର୍ତ୍ତା ଚୟନ

କଟକ, ୧୭ (ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ଫାର୍ମାସୀ ଅଫିସର ସେବା ସଂଘର ଏସ୍‌ସିବି ଶାଖା ପକ୍ଷରୁ ଏସ୍‌ସିବି ମେଡିକାଲ ପରିସରସ୍ଥିତ ଫାର୍ମାସୀ ବିଭାଗ କକ୍ଷରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନଳିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସର ଗ୍ରହଣ କରିଥିବା ଫାର୍ମାସୀ ଅଫିସର ଅଶୋକ କୁମାର ସାହୁ, ସଞ୍ଜୟ କୁମାର ସାମଲ, ସୁରେଶ ଚନ୍ଦ୍ର ରାଉଳ ଓ ସୁକାନ୍ତ କୁମାର ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ରାଜ୍ୟ ସଂଘ ଉପସଭାପତି ସୁଧାଂଶୁ ଶେଖର ପଣ୍ଡା ନୂତନ ସଭାପତି ଭାବେ ରାଧାମାଧବ ଚୌଧୁରୀ, ଉପସଭାପତି ଅନ୍ତୁ ମୁର୍ମୁ, ସମ୍ପାଦକ ସୁଧାଂଶୁ ଶେଖର ବାରିକ, କୋଷାଧ୍ୟକ୍ଷ ଭାବେ ଦେବାଶିଷ ସାହୁଙ୍କ ନାମ ଘୋଷଣା କରିଥିଲେ।

# ନୂତନ ଆପରାଧିକ ଆଇନ ସମ୍ପର୍କରେ ସଚେତନତା

କଣ୍ଟାପଡା/କଟକ ସଦର, ୧୭ (ସୁରନାରାୟଣ ସାହୁ/ସୁଶାନ୍ତ ଜେନା)

ଜୁଲାଇ ୧ରୁ ଦେଶରେ ଲାଗୁ ହୋଇଥିବା ୩ଟି ନୂଆ ଆପରାଧିକ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଲଟପୁର ଓ ଗୋବିନ୍ଦପୁର ଥାନା ପରିସରରେ ସୋମବାର ବୈଠକ ଅନୁଷ୍ଠିତ ହୋଇଥିଲା। ଓଲଟପୁର ଥାନା ପରିସରରେ ଆୟୋଜିତ ବୈଠକରେ କଟକ ସଦର ଉପଖଣ୍ଡ ଅଧିକାରୀ କିରଣ ହେମ୍ବ୍ରମ ଓ ପ୍ରିୟରଞ୍ଜନ ନାୟକ ଯୋଗଦେଇ ନୂଆ ଆଇନର ବିଭିନ୍ନ ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ, ଆମ ପୋଲିସ ସଭ୍ୟ ଉମାକାନ୍ତ କରଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଗୋବିନ୍ଦପୁର ଥାନା ପରିସରରେ ଆୟୋଜିତ ବୈଠକରେ ଆଇଆଇସି ରବିନାରାୟଣ ବେହେରା ଓ ଆଇନଜୀବୀ ଧନଞ୍ଜୟ ନାୟକ ଯୋଗଦେଇ ଭାରତୀୟ ନ୍ୟାୟ ସଂହିତାର ଆପରାଧିକ ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟ, ନକୁଳ ରାଉତ, ପ୍ରଦୀପ୍ତ ପାତ୍ର, ଶରତ ପାଢ଼ୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। କିଶନ ନଗର ଥାନା ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନାଧିକାରୀ ରଶ୍ମିରଞ୍ଜନ ଦାଶ ଯୋଗଦେଇ ଏହି ନୂତନ ଆଇନ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏସ୍‌ଆଇ ସସ୍ମିତା ପରିଡ଼ା, ଏଏସ୍‌ଆଇ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ‘ନୀରୋଗରେ ଅଧିକ ବର୍ଷ ବଞ୍ଚିବା ବିଜ୍ଞାନର ଅବଦାନ’

କଟକ,୧୭ (କାର୍ତ୍ତିକ ସାହୁ)

ବିଜ୍ଞାନ ପ୍ରଚାର ସମିତି ଆନୁକୂଲ୍ୟରେ ଡାକ୍ତର ବାସୁଦେବ କର ସ୍ମାରକୀ ବକ୍ତୃତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ଅତିରିକ୍ତ ସଚିବ ପ୍ରଫେସର ଡା. ବିଜୟ କୁମାର ନନ୍ଦ ଯୋଗଦେଇ କହିଛନ୍ତି, ଡା. ବାସୁଦେବ ଥିଲେ ଜଣେ ଉତ୍ତମ ଲେଖକ ଓ ପାଠକ। ଆଜିର ଯୁଗରେ ନୀରୋଗରେ ମଣିଷ ଅଧିକ ବର୍ଷ ବଞ୍ଚିବା ପାଇଁ ବିଜ୍ଞାନର ଯଥେଷ୍ଟ ଅବଦାନ ରହିଛି। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡା. ହେମଲତା ସ୍ୱାଇଁ ଯୋଗଦେଇଥିଲେ। ସମିତି ସମ୍ପାଦକ ଡା. ଦୀପକ ରାଜ ସ୍ୱାଗତ ଭାଷଣ, ଉପସଭାପତି ଡ. ସୁବାସିନୀ ଲେଙ୍କା ଅତିଥି ପରିଚୟ, ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା ଓ ଯୁଗ୍ମ ସମ୍ପାଦିକା ଡ. କବିତା ପାଢଶାଣୀ ଧନ୍ୟବାଦ ଦେଇଥିଲେ। ଏଥିରେ ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ଡା. ସତ୍ୟନାରାୟଣ ରାଉତରାୟ, ସସ୍ମିତା ସ୍ୱାଇଁ, ଓମ୍ କର, ପଦ୍ମନାଭ ବେହେରା, ପ୍ରତିଭା ନନ୍ଦ, ସୁଜିତାଭ ଶତପଥୀ, ହେମନ୍ତ କୁମାର ପରିଡ଼ା, ଡ. ଜ୍ୟୋତିଷ ଚନ୍ଦ୍ର ମହାନ୍ତି, ଡା. ତପନ ପାତ୍ର ଉପସ୍ଥିତ ଥିଲେ। ଡା. କର ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ବିଜ୍ଞାନ ଏକାଡେମୀର ପୂର୍ବତନ ସଭାପତି ଏବଂ ବିଜ୍ଞାନ ପ୍ରଚାର ସମିତିର ପୂର୍ବତନ ସଭାପତି ଥିଲେ।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# କାମରେ ଲାଗୁନି ପ୍ରାଣୀ ଚିକିତ୍ସାଳୟ ନୂତନ କୋଠା

କଟକ,୧୭(ଶିଳ୍ପା ପ୍ରିୟଦର୍ଶିନୀ)



- ୩ ମାସ ହେବ ନିର୍ମାଣ ସରିଲାଣି
- ଟିଣ ଆଜବେଷ୍ଟସ୍ ତଳେ ଚାଲିଛି ପ୍ରାଣୀ ଚିକିତ୍ସା

କଟକ ବକ୍ସିବଜାରସ୍ଥିତ ସରକାରୀ ପ୍ରାଣୀ ଚିକିତ୍ସା କେନ୍ଦ୍ରର ନୂତନ କୋଠା ୩ ମାସ ହେଲା ନିର୍ମାଣ ସରିଛି। ହେଲେ ଏହା ଉଦ୍‌ଘାଟନ ହୋଇ ନ ଥିବାରୁ ପ୍ରାଣୀଙ୍କ ଚିକିତ୍ସାରେ ଲାଗିପାରୁ ନାହିଁ। ଫଳରେ ଟିଣ ଆଜବେଷ୍ଟସ୍ ତଳେ ପ୍ରାଣୀଙ୍କ ଚିକିତ୍ସା କରାଯାଉଛି। ଏବେ ବର୍ଷାଋତୁ ଆସିଥିବାରୁ ବର୍ଷା ହେଲେ ଉକ୍ତ ଆଜବେଷ୍ଟସରୁ ପାଣି ଗଳୁଛି। ଫଳରେ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହେଉଛି। ତୁରନ୍ତ ଉକ୍ତ ନୂତନ କୋଠାରେ ପ୍ରାଣୀ ଚିକିତ୍ସା କରାଯିବା ପାଇଁ ଲୋକମାନେ ଦାବି କରିଛନ୍ତି।

ସରକାରୀ ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ ମିଳିଥିବା ସୂଚନା ମୁତାବକ, ଏହି ଚିକିତ୍ସାକେନ୍ଦ୍ର ପରିସରରେ ୩ କୋଟି ୫୫ ଲକ୍ଷ ୧୩ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ କୋଠା ନିର୍ମାଣ ପାଇଁ ଭୁବନେଶ୍ୱରର ଏନ୍‌ପିସିସି ଲିମିଟେଡ୍ ନାମକ ଏକ ସଂସ୍ଥାକୁ ସରକାରଙ୍କ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୨୧ରେ ଉକ୍ତ କୋଠା ନିର୍ମାଣ ଆରମ୍ଭ ହୋଇ ୨୦୨୪ ମାର୍ଚ୍ଚରେ ଶେଷ ହୋଇଥିଲା। ପରେ ଏହି ସଂସ୍ଥା ଉକ୍ତ କୋଠାକୁ ବକ୍ସିବଜାର ପ୍ରାଣୀ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲା। ଉକ୍ତ କୋଠାରେ ଆଉଟ୍‌ଡୋର୍ ଗୃହ, ଓଟି ଗୃହ, ଲାବରେଟୋରୀ, ପ୍ରତୀକ୍ଷା ଗୃହ, ସୁରକ୍ଷା କର୍ମୀ ଗୃହ ଓ ନୂତନ ଫାଟକ ରହିଛି। ଏଥିସହ ନୂତନ କରି ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଆସିଛି ଡିଜିଟାଲ ଏକ୍ସ-ରେ ମେଶିନ। ଯାହାକି ପ୍ରାଣୀଙ୍କ ଚିକିତ୍ସା ସମ୍ପର୍କିତ ପରୀକ୍ଷଣରେ ସହାୟକ ହେବ। ଏନେଇ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଇନ୍‌ଚାର୍ଜ ବିକାଶ ଚନ୍ଦ୍ର ବେହେରା କହିଛନ୍ତି, ୩ ମାସ ହେବ ନୂତନ କୋଠା ହସ୍ତାନ୍ତର କରାଯାଇଛି। ହେଲେ ଉକ୍ତ କୋଠାରେ ଅସହ୍ୟ ଗରମ ଯୋଗୁ କାର୍ଯ୍ୟ କରିବା ସମ୍ଭବ ହେଉ ନ ଥିଲା। ଖୁବ୍‌ଶୀଘ୍ର ଏହି କୋଠାରେ ପ୍ରାଣୀ ଚିକିତ୍ସା କରାଯିବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ଗୋଠଛଡ଼ା ହାତୀଙ୍କ ଉପରେ ବନ ବିଭାଗ ନଜର

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

ରାଜ୍ୟର ଗୋଠଛଡ଼ା ହାତୀଙ୍କ ଉପରେ ଏବେ ବନ ବିଭାଗ ନଜର ଦେଇଛି। ରାଜ୍ୟରେ ଥିବା ୩୦୦ରୁ ଅଧିକ ଦନ୍ତାହାତୀଙ୍କ ମଧ୍ୟରୁ ଏଭଳି ୧୨ ଗୋଠଛଡ଼ା ହାତୀ ଚିହ୍ନଟ ହୋଇଛନ୍ତି। ରାଉରକେଲା, ବାରିପଦା, ଭୁବନେଶ୍ୱର ଓ ଅନୁଗୋଳ ଭଳି ୪ଟି ସର୍କଲରେ ଏଭଳି ୩ଟି ଲେଖାଏ ଦନ୍ତାହାତୀ ଚିହ୍ନଟ ହୋଇଛନ୍ତି। ଯେଉଁ ହାତୀମାନେ ମଣିଷ ପାଇଁ ବିପଦପୂର୍ଣ୍ଣ ହେଉଛନ୍ତି ତଥା ବାରମ୍ବାର ଜନବସତିମୁହାଁ ହୋଇ ଘର ଭାଙ୍ଗୁଛନ୍ତି, ସେମାନଙ୍କୁ ଟ୍ରାଙ୍କୁଲାଇଜ କରି ରେଡିଓକଲାର ଲଗାଇ ବିଭିନ୍ନ ଅଭୟାରଣ୍ୟରେ ଛଡ଼ାଯିବାର ନିଷ୍ପତ୍ତି ହୋଇଛି। ଏନେଇ ସୋମବାର ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସେହିପରି ଧରାଯାଇଥିବା ହାତୀଙ୍କ ବ୍ୟବହାରରେ ସୁଧାର ନ ଆସିଲେ ସେମାନଙ୍କୁ ସୁଧାର କେନ୍ଦ୍ରକୁ ନିଆଯିବ। ଏତଦ୍‌ବ୍ୟତୀତ ଚନ୍ଦକାର ୨ଟି ଓ ଖୋର୍ଦ୍ଧା ଚନ୍ଦକାରେ ବୁଲୁଥିବା ମାଖନା ହାତୀକୁ ଟ୍ରାଙ୍କୁଲାଇଜ କରିବାକୁ ଅନୁମତି ଦିଆସରିଛି। ଏମାନଙ୍କୁ ଖୁବ୍‌ଶୀଘ୍ର ଚନ୍ଦକାର ହାତୀ ସୁଧାର କେନ୍ଦ୍ରକୁ ନିଆଯିବ ବୋଲି ପିସିସିଏଫ ନନ୍ଦ କହିଛନ୍ତି।

## ପ୍ରତି ଜିଲାରେ ଆଇପିଏଚ୍‌ଏଲ୍ ଖୋଲିବାକୁ ଯୋଜନା

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

ରାଜ୍ୟର ପ୍ରତ୍ୟେକ ଜିଲାରେ ଇଣ୍ଟିଗ୍ରେଟେଡ ପବ୍ଲିକ ହେଲ୍‌ଥ ଲାବୋରାଟୋରି (ଆଇପିଏଚ୍‌ଏଲ୍) ବା ସମନ୍ୱିତ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ଖୋଲାଯିବ। ଏହାଛଡ଼ା ପ୍ରତି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ ପବ୍ଲିକ ହେଲ୍‌ଥ ଲାବୋରାଟୋରି ଖୋଲିବାକୁ ସ୍ୱାସ୍ଥ୍ୟ ବିଭାଗ ଯୋଜନା କରିଛି। ଏସବୁ ଲାବୋରାଟୋରିରେ ରୋଗୀମାନେ ଗୋଟିଏ ସ୍ଥାନରେ ସବୁ ପ୍ରକାର ରୋଗର ପରୀକ୍ଷା ସୁବିଧା ସହ ରିପୋର୍ଟ ପାଇପାରିବେ। ଏପରିକି ଏହି ଲାବୋରାଟୋରି କାର୍ଯ୍ୟକ୍ଷମ ହେଲେ ଲୋକେ ସେମାନଙ୍କର ପରୀକ୍ଷା ରିପୋର୍ଟ ଡିଜିଟାଲ ମାଧ୍ୟମରେ ପାଇପାରିବେ। ପ୍ରାରମ୍ଭିକ ଭାବେ ପ୍ରତ୍ୟେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ ମହଲା ବିଶିଷ୍ଟ ଜିଲାସ୍ତରୀୟ ଇଣ୍ଟିଗ୍ରେଟେଡ ପବ୍ଲିକ ହେଲ୍‌ଥ ଲାବୋରାଟୋରି ସ୍ଥାପନ କରାଯିବ। ଆଗାମୀ କିଛି ବର୍ଷ ମଧ୍ୟରେ ଏସବୁ ଲାବୋରାଟୋରି କାର୍ଯ୍ୟକ୍ଷମ ହେବ। ଉଲ୍ଲେଖଯୋଗ୍ୟ, ଏହି ଲାବୋରାଟୋରିରେ ବିଶେଷ କରି ହେମାଟୋଲୋଜି ଟେଷ୍ଟରେ ରହିଛି ରକ୍ତ ନମୁନା ପରୀକ୍ଷା, ସିକିଲ ସେଲ୍ ଆନିମିଆ, ମ୍ୟାଲେରିଆ ଏବଂ ଫାଇଲେରିଆ। ସେହିପରି କ୍ଲିନିକାଲ ପାଥୋଲୋଜିରେ ପ୍ରେଗ୍‌ନେନ୍ସି ଟେଷ୍ଟ, ରାପିଡ୍ ଟେଷ୍ଟ, ସିମେନ ଆନାଲିସିସ୍ ରହିଛି। ଏଥିସହ ଡେଙ୍ଗୁ, ଚିକେନଗୁନିଆ, ମ୍ୟାଲେରିଆ, ହେପାଟାଇଟିସ ବି ଏବଂ ସି, ଏଚ୍‌ଆଇଭି ଏବଂ ଟିବି ଭଳି ଅନେକ ପରୀକ୍ଷା କରାଯିବ।

# ଭୁବନେଶ୍ୱରରେ ପ୍ରଥମ ଦିନରେ ୮ ମାମଲା

ଭୁବନେଶ୍ୱର, ୧।୭(ସତ୍ୟଜିତ୍ ରାଉତ)

**କାର୍ଯ୍ୟକାରୀ ହେଲା ନୂଆ ଆଇନ**

ଜୁଲାଇ ୧ରୁ ଦେଶରେ ୩ ନୂଆ ଫୌଜଦାରି ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ) ଆଇନ କାର୍ଯ୍ୟକାରୀ ହୋଇଛି। ନୂଆ ଆଇନବଳରେ ସୋମବାର ପ୍ରଥମ ଦିନରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରୁଜୁ କରାଯାଇଛି। ଏହିକ୍ରମରେ କମିଶନରେଟ୍ ପୋଲିସ ଅନ୍ତର୍ଗତ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ୮ଟି ମାମଲା ରୁଜୁ ହୋଇଛି। ପ୍ରଥମ ମାମଲା ଲକ୍ଷ୍ମୀସାଗର ଥାନାରେ ରୁଜୁ ହୋଇଥିବାବେଳେ ଖଣ୍ଡଗିରି ଥାନା, ଖାରବେଳଗନ ଥାନା ଓ ନୟାପଲ୍ଲୀ ଥାନାରେ ଗୋଟିଏ ଲେଖାଏ, ତମାଣ୍ଡୋ ଓ ମଞ୍ଚେଶ୍ୱର ଥାନାରେ ୨ଟି ଲେଖାଏ ମାମଲା ରୁଜୁ ହୋଇଛି। ଲକ୍ଷ୍ମୀସାଗର ଥାନାରେ ରୁଦ୍ରପ୍ରତାପ ଦାସଙ୍କ ଏତଲା ଆଧାରରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅନ୍ତର୍ଗତ ଦଫା ୧୨୬(୨)(ବେଆଇନ ଅଟକ), ୧୧୫(୨)(କୌଣସି ବ୍ୟକ୍ତିଙ୍କୁ ଆହତ କରିବା), ୧୦୯(ହତ୍ୟା ଉଦ୍ୟମ), ୧୧୮(୧)(ମାରଣାସ୍ତ୍ରରେ ଆକ୍ରମଣ), ୩(୫)(ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି) ଅଭିଯୋଗରେ (ନଂ.୩୦୭/୨୦୨୪) ଏକ ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଚିନ୍ତାମଣିଶ୍ୱର ମନ୍ଦିର ଲେନ୍‌ରେ ଗତ ଜୁନ ୨୯ରେ ରୁଦ୍ରଙ୍କ ବାପା ଗୌରାଙ୍ଗ ଚରଣ ଦାସଙ୍କୁ ୩ଜଣ ବ୍ୟକ୍ତି ଆକ୍ରମଣ କରିଥିବାନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ନୟାପଲ୍ଲୀ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ରବିବାର ବିଳମ୍ବିତ ରାତିରେ ନୟାପଲ୍ଲୀ ରାସ୍ତାରେ ଏକ କାର୍‌କୁ କୁନ ସେଠୀଙ୍କ ବାଇକ୍ ଧକ୍କା ଦେଇଥିଲା। ଏହି ଘଟଣାକୁ ନେଇ ଜୟଦେବ ବିହାରର ନିରଞ୍ଜନ ଚୌଧୁରୀଙ୍କ ଏତଲାକ୍ରମେ ଥାନା ପକ୍ଷରୁ ବିଏନ୍‌ଏସ୍ ଦଫା ୨୮୧(ରାସ୍ତାରେ ବେନିୟମଭାବେ ଗାଡ଼ି ଚଳାଇ କ୍ଷତି ପହଞ୍ଚାଇବା) ଅଭିଯୋଗରେ ମାମଲା (ନଂ.୩୯୧/୨୦୨୪) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଏହି ମାମଲାରେ ପୋଲିସ ବାଇକ୍ ଚାଳକ କୁନଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେହିପରି ଖଣ୍ଡଗିରି ଥାନାରେ ଏକ ଚୋରି ମାମଲା ରୁଜୁ ହୋଇଛି। ଅଭିଯୋଗକାରୀଙ୍କ ଏତଲା ଆଧାରରେ ବିଏନ୍‌ଏସ୍ ଦଫା ୩୦୩(୨)(ଚୋରି) ଅଭିଯୋଗରେ (ନଂ.୪୪୯/୨୦୨୪) ମାମଲା ରୁଜୁ ହୋଇଛି। ତମାଣ୍ଡୋରେ ବିଏନ୍‌ଏସ୍ ଦଫା ୩୧୮(୦କେଇ)ରେ ମାମଲା (ନଂ.୨୬୩/୨୦୨୪) ଓ ବିଏନ୍‌ଏସ ଦଫା ୨୮୧ (ବେନିୟମଭାବେ ଗାଡ଼ି ଚଳାଇ କ୍ଷତି ପହଞ୍ଚାଇବା) ରେ ମାମଲା (ନଂ.୨୬୪/୨୦୨୪) ରୁଜୁ ହୋଇଛି। ସେହିପରି ମଞ୍ଚେଶ୍ୱର ଥାନାରେ କାବେରୀ ଦାସଙ୍କ ଏତଲା କ୍ରମେ ବିଏନ୍‌ଏସ୍ ଦଫା ୧୨୬(୨) (ବେଆଇନ ଅଟକ), ୧୧୫(୨) (କୌଣସି ବ୍ୟକ୍ତିଙ୍କୁ ଆହତ କରିବା), ୨୯୬ (ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ ଭାଷା ପ୍ରୟୋଗ), ୭୪ (ମହିଳାଙ୍କ ସହ ଦୁର୍ବ୍ୟବହାର), ୩୫୧(୨) (ମହିଳାଙ୍କ ସମ୍ମାନହାନୀ), ୩୦୩(୨) (ଚୋରି), ୩(୫) (ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି) ଅଭିଯୋଗରେ ଏକ ମାମଲା (ନଂ.୩୩୯/୨୦୨୪) ଓ ଅଶ୍ୱିନୀ କୁମାର ଦାସଙ୍କ ଏତଲା ଆଧାରରେ ବିଏନ୍‌ଏସ ଦଫା ୧୨୬(୨) (ବେଆଇନ ଅଟକ), ୨୯୬ (ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ ଭାଷା ପ୍ରୟୋଗ), ୧୧୫(୨) (କୌଣସି ବ୍ୟକ୍ତିଙ୍କୁ ଆହତ କରିବା), ୩୫୧(୩) (ସମ୍ପତ୍ତି ନଷ୍ଟ), ୧୧୭(୨) (ସଙ୍ଗବଦ୍ଧ ଆକ୍ରମଣ), ୩୦୩(୨) (ଚୋରି), ୩(୫) (ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି)ରେ ଏକ ମାମଲା (ନଂ.୩୪୦/୨୦୨୪) ରୁଜୁ ହୋଇଛି। ସେହିପରି ଖାରବେଳନଗର ଥାନା ଅନ୍ତର୍ଗତ ମହିଳା କମିଶନଙ୍କ ନିକଟକୁ ଆସିଥିବା ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳକୁ କେନ୍ଦ୍ର କରି ଥାନାରେ ମାମଲା ବିଏନ୍‌ଏସ ଦଫା ୨୯୬ (ସର୍ବସାଧାରଣ ସ୍ଥାନରେ ଅଶ୍ଳୀଳ ଭାଷା ପ୍ରୟୋଗ), ୧୧୫ (କୌଣସି ବ୍ୟକ୍ତିଙ୍କୁ ଆହତ କରିବା) ଅଭିଯୋଗରେ ମାମଲା (ନଂ.୨୯୮/୨୦୨୪) ରୁଜୁ ହୋଇଛି। ଏଥିରେ ପିପିଲି ଅଞ୍ଚଳର ସ୍ୱାମୀ ଜନ୍ମେଶ୍ୱର ବିଶ୍ୱାଳଙ୍କୁ ପୋଲିସ ଅଭିଯୁକ୍ତ ଦର୍ଶାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କମ୍ରେସ



@ ସଞ୍ଜୀବ



@ ସ୍ୱାଧୀନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁରୀର ସେବାୟତମାନେ ସାକ୍ଷାତ କରୁଛନ୍ତି।

## ୧୧ ଜିଲାକୁ ଝଡ଼ବର୍ଷା ନେଇ ସତର୍କ ସୂଚନା

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

ଲଘୁଚାପ ଯୋଗୁ ରାଜ୍ୟରେ ଗତ ୩ଦିନ ହେବ ବର୍ଷା ଲାଗି ରହିଥିଲା। ସୋମବାର ବର୍ଷା କମିଛି। ମଙ୍ଗଳବାର କାଳବୈଶାଖୀ ନେଇ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଆଦି ୧୧ ଜିଲାକୁ ଝଡ଼ବର୍ଷା ସହିତ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ଜଗତ୍‌ସିଂହପୁରରେ ସର୍ବାଧିକ ୨୦.୧ ମିମି ବର୍ଷା ହୋଇଥିବା ବେଳେ ଭୁବନେଶ୍ୱରରେ ୧୧.୨, ସମ୍ବଲପୁରରେ ୧୧.୨, ପାରାଦୀପ ୮.୮, ସୁନ୍ଦରଗଡ଼ ୪.୬, ରାୟଗଡ଼ା ୫.୨, ରାଉରକେଲାରେ ୪.୩, ଖୋର୍ଦ୍ଧାରେ ୪ମିମି ବର୍ଷା ହୋଇଛି।

# ଏମ୍ସ ଭୁବନେଶ୍ୱର ଶିଶୁ ବିଭାଗକୁ ଆରୋଗ୍ୟ ଭୂଷଣ ସମ୍ମାନ

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

ଏମ୍ସ ଭୁବନେଶ୍ୱରର ଶିଶୁ ବିଭାଗ (ଶିଶୁରୋଗ ପଲ୍‌ମୋନୋଲୋଜି ଏବଂ ଆଇସିୟୁ ଟିମ୍)କୁ ରିଥିଙ୍କ୍ ଇଣ୍ଡିଆ ଦ୍ୱାରା ଖ୍ୟାତିସମ୍ପନ୍ନ ଡକ୍ଟର କେଶବ ବଳିରାମ ହେଡ୍‌ଗେୱାର ଆରୋଗ୍ୟ ଭୂଷଣ ସମ୍ମାନ ପ୍ରଦାନ କରାଯାଇଛି। ଉଚ୍ଚ ଗୁଣବତ୍ତାପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ ତଥା ନୂତନ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ ସ୍ୱରୂପ ଏମ୍ସର ଶିଶୁରୋଗ ବିଭାଗକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଇଣ୍ଡିଆ ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଭାଗ ତରଫରୁ ପ୍ରଫେସର ଡା. ରଶ୍ମିରଞ୍ଜନ ଦାସ ଏବଂ ଅତିରିକ୍ତ ପ୍ରଫେସର ଡା. କୃଷ୍ଣ ମୋହନ ଗୁଲା ଏହି ପୁରସ୍କାର ଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏହି ପୁରସ୍କାରକୁ ନେଇ ଖୁସି ବ୍ୟକ୍ତ କରିବା ସହିତ ଶିଶୁରୋଗ ବିଭାଗ ଏବଂ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭବିଷ୍ୟତରେ ଏହିପରି ଅଭିନବ ପ୍ରକ୍ରିୟା ଜାରି ରଖିବାକୁ ଡା. ବିଶ୍ୱାସ ଉତ୍ସାହିତ କରିଛନ୍ତି।

ସୂଚନାଯୋଗ୍ୟ, ଏମ୍ସ ଭୁବନେଶ୍ୱର ଶିଶୁ ବିଭାଗର ଶିଶୁରୋଗ ପଲ୍‌ମୋନୋଲୋଜି ଏବଂ ଆଇସିୟୁ ଟିମ୍ ନିକଟରେ ଅଭିନବ ବ୍ରୋଙ୍କୋସ୍କୋପିକ ପ୍ରକ୍ରିୟା ଦ୍ୱାରା ଜଣେ ୯ ବର୍ଷୀୟ ବାଳକଙ୍କ ଫୁସ୍‌ଫୁସ୍ ବାମପାର୍ଶ୍ୱରୁ ପ୍ରାୟ ୪ସେମି ଲମ୍ବର ଏକ ତୀକ୍ଷ୍ଣ ସିଲେଇ ଛୁଞ୍ଚିକୁ ସଫଳତାର ସହ ବାହାର କରିଥିଲେ। ଏହି ପଦ୍ଧତି ଫଳରେ ଉକ୍ତ ବାଳକଙ୍କୁ ଏକ ଜଟିଳ ଅସ୍ତ୍ରୋପଚାରରୁ ମୁକ୍ତି ମିଳିବା ସହିତ ଡାକ୍ତରୀ ଦଳ ଜୀବନ ବଞ୍ଚାଇପାରିଥିଲେ। ସ୍ୱାସ୍ଥ୍ୟସେବାରେ ଏପରି ଅଭିନବ ଜୀବନରକ୍ଷାକାରୀ ପ୍ରକ୍ରିୟା ପ୍ରୟୋଗ ସ୍ୱରୂପ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ଏମ୍ସ ଭୁବନେଶ୍ୱରକୁ ବହୁ ପ୍ରଶଂସା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏମ୍ସ ଏବଂ ଆଇଆଇଟିର ପୂର୍ବତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିଚାଳିତ ରିଥିଙ୍କ୍ ଇଣ୍ଡିଆ ସଙ୍ଗଠନ ସର୍ବଦା ଜାତୀୟ ଉତ୍କର୍ଷତାକୁ ପ୍ରାଧାନ୍ୟ ଦେଇ ଶ୍ରେଷ୍ଠତାକୁ ସମ୍ମାନ ପ୍ରଦାନ କରିଥାଏ।





ଏମ୍ସ ଭୁବନେଶ୍ୱରର ଶିଶୁ ବିଭାଗକୁ ରିଥିଙ୍କ୍ ଇଣ୍ଡିଆ ପକ୍ଷରୁ ଡକ୍ଟର କେଶବ ବଳିରାମ ହେଡ୍‌ଗେୱାର ଆରୋଗ୍ୟ ଭୂଷଣ ସମ୍ମାନ ପ୍ରଦାନ କରାଯାଉଛି।

## ଉଚ୍ଚଶିକ୍ଷାନୁଷ୍ଠାନରେ ଏନ୍‌ସିସି ହେବ ଇଲେକ୍ଟିଭ ସବ୍‌ଜେକ୍ଟ

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

ବିଶ୍ୱବିଦ୍ୟାଳୟଗୁଡ଼ିକର ନ୍ୟାଶନାଲ କ୍ୟାଡେଟ୍ କର୍‌ପ୍‌ସ (ଏନ୍‌ସିସି)କୁ ଇଲେକ୍ଟିଭ ସବ୍‌ଜେକ୍ଟ ଭାବେ ରଖାଯିବ। ଏ ନେଇ ସୋମବାର ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଉଚ୍ଚଶିକ୍ଷାନୁଷ୍ଠାନରେ ଏନ୍‌ସିସିର ଆବଶ୍ୟକତା ଥିବା ଏନ୍‌ସିସି ଡିଜି କହିଛନ୍ତି। ତେଣୁ ଏହାକୁ ଇଲେକ୍ଟିଭ ସବ୍‌ଜେକ୍ଟ ଭାବେ ରଖିବା ପାଇଁ କୁହାଯାଇଛି। ତେବେ ଯେଉଁମାନେ ପୂର୍ବରୁ ଏନ୍‌ସିସି କ୍ୟାଡେଟ୍ ଥିବେ ସେମାନଙ୍କୁ ଏହା ଇଲେକ୍ଟିଭ ସବ୍‌ଜେକ୍ଟ ଭାବେ ଅଫର ଦିଆଯିବ। ତେଣୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ୟୁଜିସି ଅନୁରୋଧ କରିଛି।

## ବଳାତ୍କାର ପୀଡ଼ିତାଙ୍କ ତୁରନ୍ତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୧।୭(ଅସମାପିକା ସାହୁ)

ଦେଶରେ ଲାଗୁ ହୋଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ୧୮୪ ଧାରା ଅନୁସାରେ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମର ଶିକାର ହୋଇଥିବା ମହିଳାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବଳାତ୍କାର ହୋଇଥିବା କିମ୍ବା ବଳାତ୍କାର ଉଦ୍ୟମ ହୋଇଥିବା କୌଣସି ମହିଳାଙ୍କୁ ପୋଲିସ କୌଣସି ସରକାରୀ କିମ୍ବା ଘରୋଇ ହସ୍ପିଟାଲ ଡାକ୍ତରଙ୍କ ପାଖକୁ ଆଣିଲେ ତୁରନ୍ତ ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ। ଏଥିସହ ଚିକିତ୍ସା ପୂର୍ବରୁ ପୀଡ଼ିତା କିମ୍ବା ତାଙ୍କର ନିକଟ ସମ୍ପର୍କୀୟଙ୍କ ଠାରୁ ଅନୁମତି ଲୋଡ଼ାଯିବାର ଆବଶ୍ୟକତା ରହିଛି। ଯଦି ସ୍ୱାସ୍ଥ୍ୟ ଯାଞ୍ଚରେ ବିଳମ୍ବ ହୁଏ, ତେବେ ତାହାର କାରଣ ରେଜିଷ୍ଟର ଏବଂ ଯାଞ୍ଚ ରିପୋର୍ଟରେ ଉଲ୍ଲେଖ କରିବା ପାଇଁ କୁହାଯାଇଛି। ରିପୋର୍ଟରେ ସ୍ୱାସ୍ଥ୍ୟ ଯାଞ୍ଚର ଠିକ୍ ସମୟ ଲେଖିବା ପାଇଁ ମଧ କୁହାଯାଇଛି। ପୀଡ଼ିତା ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହେବାର ୭ଦିନ ମଧ୍ୟରେ ତଦନ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ଯଦି ପୀଡ଼ିତାଙ୍କ ବୟସ ୧୨ବର୍ଷରୁ କମ୍ ହୋଇଥିବ, ତେବେ ଚିକିତ୍ସା ପାଇଁ ତାଙ୍କ ମାତାପିତା ବା ଅଭିଭାବକଙ୍କ ଅନୁମତି ନେବାର ଆବଶ୍ୟକତା ରହିଛି। ସମସ୍ତ ସରକାରୀ, ବେସରକାରୀ ଡାକ୍ତର ଏବଂ ପଞ୍ଜୀକୃତ ଚିକିତ୍ସାଧିକାରୀମାନେ ଏହାକୁ ପାଳନ କରିବା ପାଇଁ କୁହାଯାଇଛି।

## ମା’ଭଗବତୀଙ୍କୁ ଦର୍ଶନକଲେ ମୁଖ୍ୟ ବିଚାରପତି

ବାଣପୁର, ୧।୭(ଦିଲୀପ ସ୍ୱାଇଁ)

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ସୋମବାର ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ମା’ଭଗବତୀଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଛନ୍ତି। ମଧ୍ୟାହ୍ନରେ ମୁଖ୍ୟ ବିଚାରପତି ମା’ଭଗବତୀଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ପ୍ରଶାସନ, ମନ୍ଦିର ପ୍ରଶାସନ, କୋର୍ଟ ପ୍ରଶାସନ ଏବଂ ବାଣପୁର ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଓକିଲ ସଂଘ ସଭାପତି ବୃନ୍ଦାବନ ପ୍ରଧାନ ଓ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତା ମୁଖ୍ୟ ବିଚାରପତିଙ୍କୁ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ। ମୁଖ୍ୟ ବିଚାରପତି ପରିବାର ସହ ମା’ଙ୍କ ପୂଜାର୍ଚ୍ଚନା କରି କିଛି ସମୟ ମନ୍ଦିର ବେଢ଼ାରେ ଅତିବାହିତ କରିଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି ମନ୍ଦିରର ଐତିହ୍ୟ ବିଷୟରେ ଓକିଲମାନଙ୍କଠାରୁ ପଚାରି ବୁଝିଥିଲେ। ମା’ଙ୍କ ଦର୍ଶନ କରି ଖୁସି ଅନୁଭବ କରିବା ସହ ଜଗତର ମଙ୍ଗଳ କାମନା କରିଥିଲେ। ବାଣପୁର ଓକିଲ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କୁ ବାଣପୁରଠାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।

# କେନ୍ଦ୍ର ସରକାରଙ୍କ ଅବହେଳା ପ୍ରସଙ୍ଗ ଉଠାଇଲେ ଶୁଭାଶିଷ

**ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦାବି କଲେ**

ଭୁବନେଶ୍ୱର, ୧।୭(ଅନିଲ ଦାସ)

ବିଜେଡି ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ରାଜ୍ୟ ସଭାରେ ଓଡ଼ିଶା ପ୍ରତି କେନ୍ଦ୍ର ଅବହେଳା ପ୍ରସଙ୍ଗ ଉଠାଇଛନ୍ତି। ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ସେ କହିଛନ୍ତି, ସ୍ୱାଧୀନତା ପରଠାରୁ ଓଡ଼ିଶା କେନ୍ଦ୍ର ଉଦାସୀନତାର ଫଳ ଭୋଗୁଛି। ଓଡ଼ିଶା ମାଟି ତଳେ ଯେତିକି ସମ୍ପଦ ଅଛି ମାଟି ଉପରେ ସେତିକି ରହିଛି। ତଥାପି ଓଡ଼ିଶା ଯେଉଁ ଗତିରେ ଆଗେଇ ପାରିବା କଥା ଆଗେଇ ପାରିନାହିଁ। ଓଡ଼ିଶାକୁ ବିଭିନ୍ନ ସମୟରେ ବାତ୍ୟା, ବନ୍ୟାଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି। କେନ୍ଦ୍ର ସରକାର ସହଯୋଗର ହାତ ବଢ଼ାଇବା କଥା। କିନ୍ତୁ ସହଯୋଗର ହାତ ଆସୁ ନାହିଁ। ରାଜ୍ୟ ସମୃଦ୍ଧ ହେଲେ ଦେଶ ସମୃଦ୍ଧ ହେବ।

ରାଷ୍ଟ୍ରପତିଙ୍କ ମୁହଁରେ କେନ୍ଦ୍ର ସରକାର ଯେଉଁ କଥା କୁହାଇଲେ ସେଥିରେ କିଛି ସ୍ପଷ୍ଟତା ନାହିଁ। ମୋତେ ଲାଗୁଛି କେନ୍ଦ୍ର ସରକାର ଅନେକ କଥା ଲୁଚାଇବାକୁ ଚାହୁଁଛନ୍ତି। ଜଣେ ରୋଗୀ ଯଦି ରୋଗ ଲୁଚାଇବ ତେବେ ରୋଗର ଚିକିତ୍ସା ହେବ କେମିତି। ସରକାର ବିଫଳତା ଓ ଦୁର୍ବଳତା ସବୁକିଛି ସ୍ପଷ୍ଟ କରନ୍ତୁ ବୋଲି ସେ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବିଧାନରେ ଅହିଂସାକୁ ସାମିଲ କରିବା ନେଇ ପ୍ରସ୍ତାବ ଦେଇଥିଲେ। ଏ ପର୍ଯ୍ୟନ୍ତ ସେଥି ପ୍ରତି ଦୃଷ୍ଟି ନ ଦେବା ଦୁଃଖ ଓ ପରିତାପର ବିଷୟ ବୋଲି ଶୁଭାଶିଷ କହିଛନ୍ତି। ଓଡ଼ିଶା କେନ୍ଦ୍ରର ଚିର ଅବହେଳାର ଶିକାର ହୋଇଛି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ଦେବାକୁ ସେ ଦାବି କରିଛନ୍ତି। ସେ ନିଜର ଅଭିଭାଷଣ ଜୟ ଜଗନ୍ନାଥରୁ ଆରମ୍ଭ କରିଥିଲେ। ସେ ଗଣତନ୍ତ୍ରର ପବିତ୍ର ମନ୍ଦିରକୁ ପ୍ରଣାମ କରିବା ସହ ପ୍ରଥମ ବକ୍ତବ୍ୟ ଦେବାକୁ ସୁଯୋଗ ଦେଇଥିବାରୁ ସେ ଉପାଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥି ସହିତ ଏମ୍‌ପି ଭାବେ ରାଜ୍ୟ ସଭାକୁ ପଠାଇଥିବାରୁ ସେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ, ପୁରୀ ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ରରୁ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କୁ କୌଣସି ସଙ୍କୀର୍ଣ୍ଣ ବନ୍ଧନରେ ବାନ୍ଧି ହେବନାହିଁ। ସେ ଭାବର ଠାକୁର` ଜଗତର ନାଥ। ଏଭଳି ଭାବାବେଗର ଶ୍ରୀକ୍ଷେତ୍ରର ଉନ୍ନତି ଏକାନ୍ତ କାମ୍ୟ। ବିଜେଡି ସରକାର ଅମଳରେ ଶ୍ରୀକ୍ଷେତ୍ରରେ ଅନେକ ଆଖିଦୃଶିଆ କାମ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ। ଗଜପତି ମହାରାଜାଙ୍କ ଭାଷାରେ ଯାହା ୭୦୦ ବର୍ଷରେ ହୋଇ ପାରି ନ ଥିଲା ତାହା ହୋଇ ପାରିଛି। ଏହାକୁ ଆଗେଇ ନେବାକୁ ସେ କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେ କହିଛନ୍ତି, ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ଆରମ୍ଭ କରି କୋଷ୍ଟାଲ ହାଇୱେ ଓ ପୁରୀ –କୋଣାର୍କ ରେଲ୍‌ୱେ ଏବଂ ସିଦ୍ଧ ମହାବୀର ରେଲ୍‌ୱେ ଓଭର ବ୍ରିଜ୍ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବାର ଆବଶ୍ୟକତା ରହିଛି। ଆସନ୍ତା ୭ ତାରିଖରେ ପୁରୀରେ ରଥଯାତ୍ରା। ରଥଯାତ୍ରାରେ ଯୋଗଦେବାକୁ ସେ ସମସ୍ତ ସଦସ୍ୟଙ୍କୁ ନିମନ୍ତ୍ରଣ କରିଛନ୍ତି।



ରାଜ୍ୟ ସଭାରେ ସୋମବାର ଆଲୋଚନାରେ ଭାଗ ନେଉଛନ୍ତି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ।

# କେଉଁଠି ନଇଁଲେ, କେଉଁଠି ସିଧା

ନୂଆଦିଲ୍ଲୀ,୧୭ (ପି.ଟି.)



ଲୋକ ସଭାରେ ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନା ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଘେରିବା ଦେଖିବାକୁ ମିଳିଛି। ରାହୁଲ ବାଚସ୍ପତିଙ୍କୁ ପ୍ରଶ୍ନ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ହାତ ମିଳାଇଲା ବେଳେ ଆପଣ କାହିଁକି ମୁଣ୍ଡ ନୁଆଁଉଛନ୍ତି। ଗତ ୨୬ ତାରିଖରେ ବାଚସ୍ପତି ଭାବେ ଓମ୍ ବିର୍ଲା ପୁନଃ ନିର୍ବାଚିତ ହେବା ପରେ ଗୃହର ପରମ୍ପରା ଅନୁଯାୟୀ ମୋଦି ଏବଂ ରାହୁଲ ତାଙ୍କୁ ତାଙ୍କ ପୋଡିୟମ୍‌କୁ ପାଛୋଟି ନେଇଥିଲେ। ହେଲେ ଏହି ସମୟରେ ଲକ୍ଷ୍ୟ କରିଥିବା ଗୋଟିଏ କଥା ସମ୍ପର୍କରେ ରାହୁଲ ଗୃହରେ କହିଛନ୍ତି ଯେ, ତାଙ୍କ ସହ ହାତ ମିଳାଇବାବେଳେ ବାଚସ୍ପତି ସିଧା ରହିଥିଲେ, କିନ୍ତୁ ମୋଦିଙ୍କ କ୍ଷେତ୍ରରେ ସେ ନତମସ୍ତକ ହୋଇଯାଇଥିଲେ।

ରାହୁଲଙ୍କ ଏଭଳି ମନ୍ତବ୍ୟ ପରେ ବିରୋଧୀ ଦଳ ସଦସ୍ୟମାନେ ହସି ହସି କରତାଳି ଦେଇଥିବାବେଳେ ଭାଜପା ଏମ୍‌ପିମାନେ ପାଟିତୁଣ୍ଡ କରି ଆପତ୍ତି ଉଠାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ହସ୍ତକ୍ଷେପ କରି କହିଛନ୍ତି, ଏହା ଉକ୍ତ ପଦବୀ ବିରୋଧରେ ଅଭିଯୋଗ। ରାହୁଲଙ୍କ ମନ୍ତବ୍ୟ ସମ୍ପର୍କରେ ବାଚସ୍ପତି କହିଛନ୍ତି ଯେ, 'ମୋଠାରୁ ବୟସ୍କଙ୍କ ଆଗରେ ନତମସ୍ତକ ହେବା ମୋ ସଂସ୍କୃତି। ଦରକାର ପଡ଼ିଲେ ସେମାନଙ୍କ ପାଦ ଛୁଇଁବି। ପ୍ରଧାନମନ୍ତ୍ରୀ ହେଉଛନ୍ତି ଗୃହର ନେତା। ମୋ ସଂସ୍କୃତି ଏବଂ ପରମ୍ପରା ଏହା ଶିକ୍ଷା ଦେଉଛି ଯେ, ବୟସ୍କଙ୍କ ଆଗରେ ନଇଁକି ସମ୍ମାନ ଜଣାଇବା ଏବଂ ସମାସ୍କନ୍ଦ ଓ କମ୍ ବୟସ୍କଙ୍କୁ ସେହି ଅନୁଯାୟୀ ବ୍ୟବହାର କରିବା।' ବାଚସ୍ପତିଙ୍କ ଏହି ଉତ୍ତରରେ ରାହୁଲ ଏକମତ ହୋଇ ନ ପାରି କହିଛନ୍ତି ଯେ, ଆପଣଙ୍କ ମତକୁ ସମ୍ମାନ ଜଣାଉଛି, କିନ୍ତୁ ଗୃହରେ ବାଚସ୍ପତିଙ୍କଠାରୁ କେହି ବଡ଼ ନୁହନ୍ତି। ଏଠାରେ ବୟସ ନୁହେଁ, ପଦବୀ ଗୁରୁତ୍ୱପୂର୍ଣ୍ଣ। ବାଚସ୍ପତିଙ୍କ ଆଗରେ ସମସ୍ତେ ନତମସ୍ତକ ହେବା ଉଚିତ୍, ଓଲଟା ସେ ନିଜେ ହେବା ଅନୁଚିତ। ବାଚସ୍ପତି ହେଉଛନ୍ତି ତତ୍ତ୍ୱାବଧାରକ, ସେ ଗୃହରେ ନିରପେକ୍ଷ ହେବା ଉଚିତ ବୋଲି ରାହୁଲ କହିଛନ୍ତି।

ସୂଚନାଥାଉ କି, ଗତ ୨୬ ତାରିଖରେ ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ଓମ୍ ବିର୍ଲା ପ୍ରଥମ ପଦକ୍ଷେପ ଭାବେ ୧୯୭୫ ମସିହା ଜୁନ୍ ୨୫ ତାରିଖ ମଧ୍ୟରାତ୍ରିରେ ଲାଗୁ ହୋଇଥିବା ଜରୁରିକାଳୀନ ପରିସ୍ଥିତି ସମ୍ପର୍କରେ ନିନ୍ଦା ପ୍ରସ୍ତାବ ଆଣିଥିଲେ। ଏହାକୁ ରାହୁଲ ରାଜନୈତିକ ପଦକ୍ଷେପ ବୋଲି କହିବା ସହ ବାଚସ୍ପତିଙ୍କୁ ତାଙ୍କ ଚ୍ୟାମ୍ବରରେ ଭେଟି ଆପତ୍ତି ଉଠାଇଥିଲେ। ଏହାପରେ ରାହୁଲ ସୋମବାର ଗୃହରେ ବାଚସ୍ପତିଙ୍କୁ ନତମସ୍ତକ ପ୍ରସଙ୍ଗରେ ଘେରିଛନ୍ତି।

# ରାହୁଲ ବିରୋଧୀ ଦଳ ନେତା ପଦକୁ ଅପମାନିତ କରିଛନ୍ତି: ରିଜିଜୁ

ନୂଆଦିଲ୍ଲୀ, ୧୭ (ପି.ଟି.)

ରାହୁଲ ଗାନ୍ଧୀ ସୋମବାର ଲୋକ ସଭାରେ ଅତ୍ୟନ୍ତ ଦାୟିତ୍ୱହୀନ ଭାଷଣ ଦେବା ସହ ବିରୋଧୀ ଦଳ ନେତା ଭଳି ମର୍ଯ୍ୟାଦାପୂର୍ଣ୍ଣ ପଦକୁ ଅପମାନିତ କରିଥିବା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଅଗ୍ନିପଥ ଯୋଜନା, ଅଯୋଧ୍ୟାରେ ସ୍ଥାନୀୟ ଲୋକଙ୍କୁ କ୍ଷତିପୂରଣ ଆଦି ଅନେକ ପ୍ରସଙ୍ଗରେ ରାହୁଲ ଲୋକ ସଭାରେ ମିଥ୍ୟା ତଥ୍ୟ ରଖିଛନ୍ତି। ସେହିପରି ରାହୁଲ ବିଭିନ୍ନ ହିଂସା ସହ ହିନ୍ଦୁମାନଙ୍କୁ ଯୋଡ଼ି ସେମାନଙ୍କର ଘୋର ଅପମାନ କରିଛନ୍ତି। ଲୋକ ସଭାରେ ରାହୁଲଙ୍କ ଅଭିଭାଷଣରେ ରହିଥିବା ଅନେକ ବିଷୟକୁ ଭାଜପା ଚ୍ୟାଲେଞ୍ଜ କରିଛି ଓ ଏଥିପାଇଁ ବାଚସ୍ପତିଙ୍କଠାରୁ କାର୍ଯ୍ୟାନୁଷ୍ଠାନ ମଧ୍ୟ ଦାବି କରିଛି। ଗୃହରେ ବିଭ୍ରାନ୍ତିକର ତଥ୍ୟ ରଖିଥିବାରୁ ରାହୁଲଙ୍କୁ ଆଗାମୀ ଦିନରେ କ୍ଷମା ମାଗିବାକୁ ପଡ଼ିବ ବୋଲି ରିଜିଜୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅଯୋଧ୍ୟାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ସ୍ଥାନୀୟ ବ୍ୟବସାୟୀମାନଙ୍କୁ କ୍ଷତିପୂରଣ ମିଳି ନ ଥିବା ନେଇ ରାହୁଲ କରିଥିବା ଅଭିଯୋଗକୁ ରିଜିଜୁ ଖଣ୍ଡନ କରିଛନ୍ତି। ସେଠାକାର ସ୍ଥାନୀୟ ବ୍ୟବସାୟୀଙ୍କୁ ୧୨୫୩ କୋଟିରୁ ଅଧିକ କ୍ଷତିପୂରଣ ପ୍ରଦାନ କରାଯାଇଥିବା ସହ ସେମାନଙ୍କୁ ସ୍ଥାନାନ୍ତର କରିବାରେ ସହାୟତା ଯୋଗାଇଦିଆଯାଇଛି ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି।

# ଭାଜପା ପ୍ରତିଶ୍ରୁତି ପାଳନ କରୁ: ବିଜେଡି

ଭୁବନେଶ୍ୱର,୧୭(ଅନିଲ ଦାସ)

**୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରସଙ୍ଗ**

ରାଜ୍ୟରେ କ୍ଷମତାକୁ ଆସିବା ପରେ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣକୁ ପ୍ରାଥମିକତା ଦିଆଯିବ ବୋଲି ଭାଜପା ସରକାର ସ୍ପଷ୍ଟ କରିଛନ୍ତି। ଯାହାକୁ ନେଇ ସୋମବାର ବିଜେଡି ପ୍ରତିକ୍ରିୟା ରଖିଛି। ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ଆଜି ହେଉଛି ଜୁଲାଇ ୧ ତାରିଖ। ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ବିଜେଡି କହିଥିଲା ଜୁଲାଇରୁ ବିଜୁଳି ବିଲ୍ ଦେବାକୁ ପଡିବନି। ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦିଆଯିବ। ତେବେ ନିର୍ବାଚନ ପ୍ରଚାର ସମୟରେ ଭାଜପା ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ବୋଲି ପ୍ରତାପ ଦେବ କହିଛନ୍ତି। ଭାଜପା କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ନିର୍ବାଚନୀ ପ୍ରତିଶ୍ରୁତିକୁ ଆଗ ପାଳନ କରାଯିବ ବୋଲି କହୁଛନ୍ତି। ସେହି ଆଧାରରେ ଗତ ୫ ତାରିଖରୁ ଏପର୍ଯ୍ୟନ୍ତ ମାଗଣା ବିଜୁଳି ନେଇ କେହି ମୁହଁ ଖୋଲିନାହାନ୍ତି। କିନ୍ତୁ ସରକାରଙ୍କୁ ବିଜେଡି ଏ ବାବଦରେ ମନେପକାଇ ଦେଉଛି। ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ଯେପରି ପାଣିର ଗାର ପାଲଟି ନ ଯାଉ ବୋଲି ପ୍ରତାପ କହିଛନ୍ତି। ଏଥିସହ ସେ କହିଛନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶା ରାଜ୍ୟ ସରକାରଙ୍କ ଅନୁମୋଦିତ ସ୍କିମ୍। ତାକୁ ବନ୍ଦ କରିବାର ଆବଶ୍ୟକତା ନାହିଁ। ଏହା ଲୋକାଭିମୁଖୀ ଯୋଜନା। ନୂଆ ସରକାର ଏ ବାବଦରେ ଟିପ୍ପଣୀ ଦେଇନାହାନ୍ତି। ଭବିଷ୍ୟତରେ କ'ଣ ହେବ ତାହା ସରକାରଙ୍କ ନିଷ୍ପତ୍ତି ବୋଲି ପ୍ରତାପ ଦେବ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବିଜେଡି ନେତାଙ୍କ ମନ୍ତବ୍ୟର ପ୍ରତିକ୍ରିୟା ପ୍ରକାଶକରି କହିଛନ୍ତି, ଭାଜପାର ସଙ୍କଳ୍ପପତ୍ରକୁ ବିଜେଡି ନେତା ଠିକ୍ ଢଙ୍ଗରେ ପଢ଼ିନାହାନ୍ତି। ମୋଦି ଯାହା କହନ୍ତି, ତାହା କରନ୍ତି।

# ସିଲ୍ ହେବ ବଲେ ବଲେ ଢାବା




ଧର୍ମଶାଳା,୧୭ (ବଟକୃଷ୍ଣ ପରିଡା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁରସ୍ଥିତ ବଲେ ବଲେ ଢାବା ସିଲ୍ ହେବ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୋମବାର ସୂଚନା ଦେଇଛନ୍ତି। ନେଉଳପୁରସ୍ଥିତ ଧର୍ମଶାଳା ଭବନ ପରିସରରେ ଥିବା ଏହି ଢାବା ବେଆଇନ ଭାବେ ଚାଲିଥିବା ଦର୍ଶାଇ ଏହାର ତଦନ୍ତ କରିବାକୁ ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁ ସମୀକ୍ଷା ବୈଠକରେ ବିଡିଓଙ୍କୁ କହିଥିଲେ। ବିଡିଓ ଏହାର ତଦନ୍ତ କରି ଢାବାକୁ ଖାଲି କରିବାକୁ ନୋଟିସ ଜାରି କରିଥିଲେ। ଗତ ୨୮ ତାରିଖରେ ବ୍ଲକର କର୍ମଚାରୀ ନୋଟିସ ଧରି ସେଠାରେ ପହଞ୍ଚିବା ବେଳେ ଢାବାଟି ବନ୍ଦ ଥିବା ଦେଖି ଲଟକା ଜାରି କରିଥିଲେ। ୩ ଦିନ ମଧ୍ୟରେ ଢାବାକୁ ଖାଲି କରିବାକୁ ନୋଟିସରେ ଉଲ୍ଲେଖ କରାଯାଇଥିଲା। ଗତ ୨୮ରୁ ୩୦ ତାରିଖ ମଧ୍ୟରେ ଢାବାରେ ଥିବା ସମସ୍ତ ସାମଗ୍ରୀ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଆମ ଗାଁ ଆମ ବିକାଶ ଓ ଏମଜିଏନ୍‌ଆର୍‌ଇଜିଏସ୍ ପାଣ୍ଠିରେ ଢାବା ନିର୍ମାଣ ହୋଇଥିବାବେଳେ ଏଥିରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି। ତେବେ ଏହା କାହାକୁ ଲିଜ୍ ଦିଆଯାଇଛି ସେ ସମ୍ପର୍କରେ ବ୍ଲକରେ କୌଣସି ତଥ୍ୟ ରହି ନ ଥିବାବେଳେ ଏକ କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି। ଏହାସହ ଟେଣ୍ଡର ମାଧ୍ୟମରେ ଏହାକୁ ଲିଜ୍ ସୂତ୍ରରେ ଦିଆଯିବ ବୋଲି ସେ କହିଛନ୍ତି। ତେବେ ଏତେଦିନ ହେଲା ବ୍ଲକ ପ୍ରଶାସନର ଅଗୋଚରରେ କିଭଳି ଜଣେ ଢାବାକୁ ନିଜ ଅକ୍ତିଆରରେ ରଖି ଚଳାଉଥିଲେ ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

# ଖୁଣ୍ଟୁଣୀରେ ଭାଜପା-ବିଜେଡି କର୍ମୀ ମାର୍‌ପିଟ୍

ଖୁଣ୍ଟୁଣୀ,୧୭(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ ବ୍ଲକ ଅଧୀନ ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାର ନୂତନ ଗୃହ ନିର୍ମାଣ ପାଇଁ ସୋମବାର ଭୂମିପୂଜାବେଳେ ଭାଜପା ନେତା ଅଭୟ ବାରିକଙ୍କ ଉପସ୍ଥିତିକୁ ନେଇ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ ହୋଇଥିଲେ। ଏପରି କି ବିଜେଡି କର୍ମୀଙ୍କୁ ଭାଜପା କର୍ମୀ ମାଡ ମାରିଥିବା ଅଭିଯୋଗ ହୋଇଛି। ମାଡ଼ ମାରିଥିବା ଭାଜପା କର୍ମୀଙ୍କୁ ଗିରଫ କରିବା ଦାବିରେ ବିଜେଡି ସମର୍ଥିତ ଖୁଣ୍ଟୁଣୀ ପଞ୍ଚାୟତର ସମିତିସଭ୍ୟ ଗଗନ ବିହାରୀ ପରିଡା ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଓ ମାଜିଷ୍ଟ୍ରେଟ ଅଶୋକ କୁମାର ସ୍ୱାଇଁ ପହଞ୍ଚି ପରିଡାଙ୍କୁ ବୁଝାଶୁଝା କରିବା ସହ ରାସ୍ତା ଅବରୋଧରୁ ଉଠାଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଖୁଣ୍ଟୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ସୋମବାର ପୂର୍ବାହ୍ନ ୧୦ଟାରେ ଭୂମିପୂଜା କରାଯାଇଥିଲା। ସେଠାରେ ସମିତିସଭ୍ୟ ପରିଡା ଓ ସରପଞ୍ଚ କୈଳାସ ଚନ୍ଦ୍ର ଦାସ ତାଙ୍କର କେତେଜଣ ସମର୍ଥକଙ୍କ ସହିତ ଉପସ୍ଥିତ ଥିଲେ। ଅପରପକ୍ଷେ ଠିକାଦାରଙ୍କଠାରୁ ସୂଚନା ପାଇ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଆଠଗଡ଼ର ଭାଜପା ନେତା ଅଭୟ ବାରିକ ତାଙ୍କ ସମର୍ଥକଙ୍କ ସହିତ ଡାକ୍ତରଖାନାଠାରେ ପହଞ୍ଚିଥିଲେ। ଅଭୟଙ୍କ ଉପସ୍ଥିତି ଦେଖି ବିଜେଡି କର୍ମୀମାନେ ଅସନ୍ତୋଷ ପ୍ରକାଶ କରି ହୋହଲ୍ଲା କରିଥିଲେ। ଏହାକୁ ନେଇ ବିଜେଡି ଓ ଭାଜପା କର୍ମୀ ଠେଲାପେଲା ହେବା ସହ ମାରପିଟ୍ ହୋଇଥିଲେ। ଏଥିରେ ସମିତିସଭ୍ୟ ପରିଡ଼ା ଆହତ ହୋଇଥିଲେ। ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଓ ମାଜିଷ୍ଟ୍ରେଟ ଅଶୋକ ସ୍ୱାଇଁ ପହଞ୍ଚି ଉଭୟ ପକ୍ଷର କର୍ମୀଙ୍କୁ ବୁଝାଶୁଝା କରିଥିଲେ। ପରେ ଗ୍ରାମ୍ୟ କମିଟି ସଦସ୍ୟ ଓ ପୋଲିସ ଉପସ୍ଥିତିରେ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟିର ଆବାହକ ଗୌରହରି ମହାନ୍ତିଙ୍କୁ ଭୂମିପୂଜା ପାଇଁ ଅଭୟ ନଡ଼ିଆ ଦେଇଥିଲେ। ଏହାପରେ ସେ ନଡ଼ିଆ ବାଡେଇ ଭୂମିପୂଜା କରିଥିଲେ। ଅଭୟ ଖୁଣ୍ଟୁଣୀ ଡାକ୍ତରଖାନାକୁ ସିଏଚ୍‌ସି ଓ ଟ୍ରମା କେୟାର ସେଣ୍ଟର ପାଇଁ ସରକାର ଅନୁମତି ଦେଇଥିବା କହି ସେଠାରୁ କର୍ମୀଙ୍କୁ ନେଇ ପଳାଇଥିଲେ। ଅପରପକ୍ଷରେ ବିଜେଡି କର୍ମୀଙ୍କୁ ଭାଜପା କର୍ମୀ ମାଡ ମାରିଥିବା ନେଇ ସମିତି ସଭ୍ୟ ପରିଡା ଥାନାରେ ଏତଲା ଦେଇଥିଲେ। ତୁରନ୍ତ ଭାଜପା କର୍ମୀଙ୍କୁ ଗିରଫ କରିବା ଦାବିରେ ପରିଡା ରାସ୍ତା ଅବରୋଧ କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଅପରପକ୍ଷରେ ଭାଜପା କର୍ମୀଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଠିକାଦାରଙ୍କଠାରୁ ସୂଚନା ପାଇଁ ଆମେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲୁ। ହେଲେ ସେଠାରେ ବିଜେଡି କର୍ମୀମାନେ ଅଯଥାରେ ଆମକୁ ଆକ୍ରମଣ କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ଥାନାରେ ୨ଟି ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ଖୁଣ୍ଟିଆ କହିଛନ୍ତି।



ଖୁଣ୍ଟୁଣୀ ଡାକ୍ତରଖାନା ପରିସରରେ ଭାଜପା-ବିଜେଡି କର୍ମୀ ମୁହାଁମୁହିଁ।

# ଲକ୍ଷ୍ମୀ ବସ୍‌ରେ ନୂଆ ରଙ୍ଗ



ଲକ୍ଷ୍ମୀ ବସରେ ନୂଆ ରଙ୍ଗ ଦିଆଯାଉଛି।

ଢେଙ୍କାନାଳ,୧୭(ରତନ ନାୟାର)

ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଲକ୍ଷ୍ମୀ ବସ୍‌ଗୁଡିକର ରଙ୍ଗ ବଦଳାଯାଉଛି। ପୂର୍ବ ବିଜେଡି ସରକାରଙ୍କ ସମୟରେ ଗତ ଜାନୁଆରୀ ୩୧ ତାରିଖରେ ଢେଙ୍କାନାଳ ଜିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ ହୋଇଥିଲା। ବ୍ଲକ ମହକୁମାରୁ ପଞ୍ଚାୟତ ମହକୁମାକୁ ବସ୍‌ଗୁଡିକ ଯାତାୟାତ କରୁଥିବା ବେଳେ ମହିଳାମାନଙ୍କ ପାଇଁ ୫ଟଙ୍କା ଟିକେଟ୍ ବ୍ୟବସ୍ଥା ଥିଲା। ବସ୍‌ର ରଙ୍ଗ ସବୁଜ ରହିଥିଲା। ହେଲେ ସରକାର ବଦଳିବା ପରେ ଗତ ଜୁନ ୬ ତାରିଖରେ ପ୍ରଥମେ ଲକ୍ଷ୍ମୀ ବସ୍‌ରୁ ଷ୍ଟିକରିଂ ହଟାଯାଇଥିଲା। ଏହାପରେ ବସ୍‌ଗୁଡିକୁ ଗେରୁଆ ରଙ୍ଗ କରାଯାଉଥିବା ଦେଖାଯାଇଛି। ରଥଯାତ୍ରା ଉପଲକ୍ଷେ ଜିଲା ମହକୁମାରୁ ଏହି ବସ୍‌ଗୁଡିକ ପୁରୀ ଅଭିମୁଖେ ଯାତ୍ରା କରିବ ବୋଲି ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର କହିଛନ୍ତି, ରଙ୍ଗ ବଦଳିବା ନେଇ ସରକାରୀ ସ୍ତରରେ କୌଣସି ପତ୍ର ବା ନିର୍ଦ୍ଦେଶନାମା ଆସିନାହିଁ। ଏହା କେବଳ ସାଧାରଣରୁ ଶୁଣିବାକୁ ପାଇଛି। ଜିଲା ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷ ମଧ୍ୟ ଏ ବିଷୟରେ କିଛି ଜଣାଇନାହାନ୍ତି।

# ରାଜନୈତିକ ଶତ୍ରୁତାରୁ ବେଲଅଣ୍ଟା ଗ୍ରାମରେ ୧୦ ବୋମାମାଡ଼

ଟିଗିରିଆ,୧୭(ଜାଫର ଖାଁ)

**ହୋଲିଠାରୁ ଗଣ୍ଡଗୋଳ ଲାଗିରହିଛି**

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ବେଲଅଣ୍ଟା ଗ୍ରାମ ଅଶାନ୍ତ ହୋଇଯାଇଛି। ସୋମବାର ରାତିରେ ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଛି। ଖବରପାଇ ଆଠଗଡ ଏସ୍‌ଡିପିଓ ପୋଲିସ ଫୋର୍ସ ସହ ସେଠାରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଏହି ବୋମାବାଡ଼ ହୋଇଥିବା ଚର୍ଚ୍ଚା ହେଉଛି।

ଖବର ଅନୁଯାୟୀ, ଭୋଗଡା ପଞ୍ଚାୟତ ସରପଞ୍ଚ ଶର୍ମିଳା ନାୟକ ଓ ତାଙ୍କ ସ୍ୱାମୀ ଅରୁଣ ନାୟକଙ୍କୁ ବେଲଅଣ୍ଟା ଗ୍ରାମର କେତେଜଣ ଯୁବକ ବିରୋଧ କରିଆସୁଥିଲେ। ଏନେଇ ଚଳିତବର୍ଷ ହୋଲିଠାରୁ ପଞ୍ଚାୟତରେ ଗଣ୍ଡଗୋଳ, ହଣାକଟା ଓ ବୋମାମାଡ ଲାଗିରହିଛି। ଏସବୁ ଘଟଣାରେ ପୋଲିସ ପୂର୍ବରୁ କେତେଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପରିସ୍ଥିତି ଟିକେ ଶାନ୍ତଥିଲା ବେଳେ ସୋମବାର ରାତିରେ ବେଲଅଣ୍ଟା ଗ୍ରାମରେ ବାରମ୍ବାର ବୋମା ଫୁଟିଛି। ଫଳରେ ଏହି ଗ୍ରାମ ସହ ବାସୁଦେବପୁର, ନୂଆପାଟଣା, ଭୋଗଡାର ଲୋକେ ଭୟଭୀତ ହୋଇଯାଇଛନ୍ତି। ଖବରପାଇ ଆଠଗଡ ଡିଏସ୍‌ପି ରବୀନ୍ଦ୍ର କୁମାର ମଲ୍ଲିକ, ଟିଗିରିଆ ଆଇଆସି ସୁମନ୍ତ କିଶାନ ବେଲଅଣ୍ଟା ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରିଛନ୍ତି। ଏ ନେଇ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ବୋଲି ଆଠଗଡ ଡିଏସ୍‌ପି ରବୀନ୍ଦ୍ର କୁମାର ମଲ୍ଲିକ କହିଛନ୍ତି। ତେବେ କେଉଁ କାରଣରୁ ବୋମାମାଡ଼ ହୋଇଛି ସେନେଇ ତଦନ୍ତ ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି।




ନୂତନ ଆପରାଧିକ ଆଇନ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ସ୍ଥଗିତ ରଖିବା ଓ ପାର୍ଲାମେଣ୍ଟ ସମେତ ଦେଶବ୍ୟାପୀ ବିତର୍କ ଦାବିରେ ସିପିଆଇ (ଏମ୍-ଏଲ) ଲିବରେଶନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ।

# ଖଣି ଅଞ୍ଚଳରୁ ହଟୁଛି ଘଡ଼େଇ ପରିବାରର ପତିଆରା

କାଳିଆପାଣି,୧୭(ଅସିତ୍ ମହନ୍ତ)

- ଶ୍ରମିକ ସଂଘର ବନ୍ଦ ଡାକରାକୁ ମିଳିଲାନି ସମର୍ଥନ
- ଲଗାମ କଷିଲା ପ୍ରଶାସନ

ଶ୍ରମିକ ସଂଘ (ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ବା ଏସ୍‌ଆର୍‌ସିକେଏମ୍‌ଏସ୍) ପକ୍ଷରୁ କାଳିଆପାଣି ଖଣି ଅଞ୍ଚଳରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବାବେଳେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇ ତାହା ଉପରେ ଲଗାମ ଲଗାଯାଇଛି। ନିର୍ବାଚନ ପରେ ସୁକିନ୍ଦା ଖଣି ଅଞ୍ଚଳର କେତେକ ସ୍ଥାନରେ ଗଣ୍ଡଗୋଳ ହୋଇଥିବାବେଳେ ଶ୍ରମିକ ସଂଘ ସଦସ୍ୟ ଭରତ ମହାନ୍ତଙ୍କ ସହ କେତେଜଣ ଯୁବକଙ୍କ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ଖଣି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଶ୍ରମିକ ସଂଘ ପକ୍ଷରୁ ଜୁଲାଇ ୧ରେ ଖଣି ଅଞ୍ଚଳ ବନ୍ଦ ଡାକରା ଦିଆଯାଇଥିଲା। ହେଲେ ଶ୍ରମିକମାନେ କାର୍ଯ୍ୟ କରିବାକୁ ଖଣିକୁ ଆସିଥିବାବେଳେ ସେମାନେ ଆନ୍ଦୋଳନରେ ସାମିଲ ହୋଇ ନ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ମଧ୍ୟ ସମର୍ଥନ ମିଳି ନ ଥିଲା। ଏଥିରୁ ଖଣି ଅଞ୍ଚଳରୁ ଘଡ଼େଇ ପରିବାରର ପତିଆରା କ୍ରମଶଃ ହଟୁଥିବା ଆଲୋଚନା ହେଉଛି।

ଏକଦା ଶ୍ରମିକ ସଂଘ କଥାରେ କାଳିଆପାଣି ଖଣି ଅଞ୍ଚଳ ଚାଲିଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଏବଂ ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡେଇଙ୍କ ଗଡ଼ ଭାବେ କାଳିଆପାଣି ଖଣି ଅଞ୍ଚଳ ପରିଚିତ ଥିଲା। ଏବେ ଏଠାରେ ପିତାପୁତ୍ରଙ୍କୁ ପ୍ରତ୍ୟାଖ୍ୟାନ କରାଯାଉଥିବା ଅନୁଭବ ହେଉଛି। ଉପରୋକ୍ତ ଆନ୍ଦୋଳନକୁ ସମର୍ଥନ ନ ମିଳିବା ଏହାର ଏକ ଉଦାହରଣ ବୋଲି କୁହାଯାଉଛି। ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ସଭାପତି ଥିବା ଶ୍ରମିକ ସଂଘର ବନ୍ଦ ଡାକରାକୁ ଶ୍ରମିକ ଓ ସ୍ଥାନୀୟ ଲୋକେ ପ୍ରତ୍ୟାଖ୍ୟାନ କରିବା ଫଳରେ ଖଣି କାର୍ଯ୍ୟ, ଦୋକାନ ବଜାର, ଖଣିରୁ ପରିବହନ ସ୍ୱାଭାବିକ ଭାବେ ଚାଲୁ ରହିଥିଲା।

ଘଟଣାରୁ ପ୍ରକାଶ ଯେ, ୧୯୯୦ରୁ ୨୦୨୪ ଯାଏ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ଘଡେଇ ବାପ, ପୁଅ ପ୍ରତିନିଧିତ୍ୱ କରି ବିଭିନ୍ନ ବିଭାଗର ମନ୍ତ୍ରୀ ହୋଇ ଆସୁଥିଲେ। ସେମାନେ ଏହି ଖଣି ଅଞ୍ଚଳର ଏକତରଫା ଭୋଟରେ ୩୪ ବର୍ଷ ଶାସନ କ୍ଷମତାରେ ରହିଥିଲେ। ହେଲେ ୨୦୨୪ ନିର୍ବାଚନରେ ଏଠାକାର ଭୋଟର ସେମାନଙ୍କଠାରୁ ମୁହଁମୋଡ଼ି ନେବାରୁ ଭାଜପା ନେତା ପ୍ରଦୀପ ବଳସାମନ୍ତ ବିଜୟୀ ହୋଇଥିଲେ। ଏହାପରେ ପ୍ରୀତିରଞ୍ଜନ ଓ ତାଙ୍କ ସମର୍ଥକମାନେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନ ଥିବାରୁ ଅଞ୍ଚଳରେ ଗଣ୍ଡଗୋଳ ସୃଷ୍ଟି ହେଉଥିବା ଭାଜପା ନେତାମାନେ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ଗତ ୬ ତାରିଖରେ ଏସ୍‌ଆର୍‌ସିକେଏମ୍‌ଏସ୍‌ର ସଦସ୍ୟ ଭରତ ମହାନ୍ତଙ୍କୁ କେତେଜଣ ଭାଜପା କର୍ମୀ ଆକ୍ରମଣ କରିଥିବା ନେଇ କାଳିଆପାଣି ଥାନାରେ ଅଭିଯୋଗ ହୋଇଥିଲା। ଆକ୍ରମଣକାରୀ ଦୁଇଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଆଉ ୧୦ଜଣ କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଆସିଛନ୍ତି। ତେବେ ଏତଲାକାରୀଙ୍କ ଲିଖିତ ନାମ ଅନୁଯାୟୀ ସବୁ ଅଭିଯୁକ୍ତ କୋର୍ଟରେ ହାଜର ହୋଇ ଜାମିନରେ ଆସିଥିବାବେଳେ ସେମାନଙ୍କୁ ଗିରଫ କରିବା ପାଇଁ ସୋମବାର ବନ୍ଦ ଡାକରା ଦିଆ ଯାଇଥିଲା। ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଚିନ୍ତା କରି ଖଣି ଅଞ୍ଚଳରେ ୧୪୪ ଧାରା ଲାଗୁ କରିବା ସହ ବ୍ୟାପକ ପୋଲିସ ମୁତୟନ କରି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିୟସ ଟପୋ, କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲିକଙ୍କ ସମେତ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଥିଲେ।



ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟୁଛନ୍ତି ନବ ନିଯୁକ୍ତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥିଭବନଠାରେ ସାକ୍ଷାତ କରୁଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।

# ରତ୍ନଭଣ୍ଡାର ତୁରନ୍ତ ମରାମତି ନେଇ ଆଲୋଚନା

**ଭୁବନେଶ୍ୱର,୧୭(ଶର୍ମିଷ୍ଠା ପାଣିଗ୍ରାହୀ)**

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୁଦର୍ଶନ ପଟ୍ଟନାୟକ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋମବାର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ରାଜ୍ୟ ଅତିଥି ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରତ୍ନଭଣ୍ଡାରର ମରାମତି ଓ ରକ୍ଷଣାବେକ୍ଷଣା ତୁରନ୍ତ କରିବାକୁ ସେ ଆଲୋଚନା କରିବା ସହ ଏ ସଂକ୍ରାନ୍ତ ଏକ ପତ୍ର ପ୍ରଦାନ କରିଛନ୍ତି। ସୁଦର୍ଶନ କହିଛନ୍ତି, ୨୦୧୮ ମସିହାରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା, ସେହି ଆଧାରରେ ତୁରନ୍ତ ରତ୍ନଭଣ୍ଡାର କାମ ଆରମ୍ଭ କରିଦେବା କଥା। ଦୀର୍ଘ ୬ବର୍ଷ ଧରି ଏ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ୨୦୨୩ ରିପୋର୍ଟରେ ମଧ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଥିଲା। ତେଣୁ ବିଳମ୍ବ ନ କରି କିଭଳି ପ୍ରାଥମିକ ସ୍ତରରେ ଏଏସ୍ଆଇ ଏହାର ମରାମତି କାମ ଆରମ୍ଭ କରିବ ସେ ନେଇ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏଥିସହ ବର୍ଷା ହେବା ପୂର୍ବରୁ କାମ ଆରମ୍ଭ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ଶ୍ରଦ୍ଧାଳୁଙ୍କ ଦୀର୍ଘଦିନର ଦାବିକୁ ଲକ୍ଷ୍ୟରେ ରଖି ସରକାର ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସରକାର ରତ୍ନଭଣ୍ଡାର ପ୍ରସଙ୍ଗରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ କାମ ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୁଦର୍ଶନ ସୂଚନା ଦେଇଛନ୍ତି।

# ଝିଅ ବେଶରେ ଖସି ଯାଉଥିବା ଅଭିଯୁକ୍ତ ଗିରଫ

**ମାର୍ଶାଘାଇ,୧୭**
**(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

## ସ୍ତ୍ରୀ, ଭାଇଙ୍କୁ ମରଣାନ୍ତକ ଆକ୍ରମଣ



ବିକ୍ରମ ଦାସ

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ତଥା ପାଟକୁରା ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ସ୍ତ୍ରୀ ଓ ସାନ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀ ଝିଅ ବେଶରେ ଖସି ଯାଉଥିବା ବେଳେ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

ମଧୁସୂଦନପୁର ଗ୍ରାମର ବିକ୍ରମ ଦାସ ରବିବାର ଅପରାହ୍ନରେ କୌଣସି କାରଣକୁ ନେଇ ସ୍ତ୍ରୀ ସୁଭଦ୍ରାଙ୍କୁ ଘରୁ ଟାଣି ଆଣି ରାସ୍ତାରେ ମାଡ଼ ମାରିଥିଲେ। ବିକ୍ରମଙ୍କ ସାନ ଭାଇ ସଂଗ୍ରାମ ଏ ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସନ୍ଧ୍ୟାରେ ସଂଗ୍ରାମ ଘର ବାହାରେ ବସିଥିବା ବେଳେ ବିକ୍ରମ ତାଙ୍କୁ ଆକ୍ରମଣ କରିଥିଲେ। ଗାଁ ଲୋକଙ୍କଠାରୁ ଖବରପାଇ ପୋଲିସ ତାଙ୍କୁ ଧରିବାକୁ ଉଦ୍ୟମ କରୁଥିବା ବେଳେ ସେ ଖସିଯାଇଥିଲେ। ସେ ତାଙ୍କ ସଶୁ ଘର ମାର୍ଶାଘାଇ ଥାନା ଅନ୍ତର୍ଗତ ଗିରଙ୍ଗକୁ ଯାଇଥିବା ଖବରପାଇ ପାଟକୁରା ପୋଲିସ ମାର୍ଶାଘାଇ ଥାନାର ସହଯୋଗ ଲୋଡ଼ିଥିଲା। ମାର୍ଶାଘାଇ ପୋଲିସ ଗିରଙ୍ଗ ଯିବା ଖବରପାଇ ବିକ୍ରମ ଝିଅ ପିଲା ବେଶ ହୋଇ ଲିଫ୍ଟ ମାଗି କେନାଲ ବ୍ରିଜ ଛକ ଓ ପରେ ହଳଦିଆଗଡାରେ ପହଞ୍ଚି ଥିଲେ। ପୂର୍ବରୁ ସେଠାରେ ଥିବା ପାଟକୁରା ପୋଲିସ ତାଙ୍କୁ କାବୁ କରିଥିଲା। ଆକ୍ରମଣରେ ଗୁରୁତର ଆହତ ହୋଇଥିବା ସ୍ତ୍ରୀ ସୁଭଦ୍ରା କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସାନ ଭାଇ ସଂଗ୍ରାମ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ପୋଲିସ ଥାନାରେ ନଂ. ୧୫୮/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ବିକ୍ରମ ୬ ବର୍ଷ ପୂର୍ବେ ଜମିବାଡ଼ି ଘଟଣାକୁ କେନ୍ଦ୍ରକରି ସେହି ଗ୍ରାମର ଧୋଉ ଦାସ, ସ୍ତ୍ରୀ ସୋରିଆ ଓ ଝିଅ ପ୍ରତିମାଙ୍କୁ ପିଟି ପିଟି ହତ୍ୟା କରିଥିଲେ। ମାତ୍ର ସାକ୍ଷ୍ୟ ପ୍ରମାଣ ଅଭାବରୁ ୪ ମାସ ହେଲା ଜେଲରୁ ମୁକୁଳି ଆସିଥିଲେ।

# ଦୁର୍ଘଟଣା ନେଲା ୪ ଜୀବନ

## ପିକ୍ଅପ୍ ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

**ପାପଡ଼ାହାଣ୍ଡି,୧୭**
**(ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ଫାଣ୍ଡି ଖାଡ଼କୁସୁମୀ ଛକ ନିକଟରେ ସୋମବାର ପିକ୍ଅପ୍ ଭ୍ୟାନ ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପାପଡ଼ାହାଣ୍ଡି ବ୍ଲକ ପାତ୍ରଗୁଡାର ପ୍ରସାଦ ଭତରା ଓ ବାଲିଗୁଡ଼ା ଗ୍ରାମର ରେବତୀ ଯାନୀ। ସୂଚନାନୁଯାୟୀ, ମଇଦଲପୁର ପଟରୁ ଏକ ବାଇକ (ଓଡି-୨୪ଜେ -୦୦୮୩) ଯୋଗେ ଉଭୟ ପ୍ରସାଦ ଓ ରେବତୀ ପାପଡ଼ାହାଣ୍ଡି ଆଡକୁ ଆସୁଥିଲେ। ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ସାମ୍ନା ପଟୁ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ପ୍ରସାଦଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରେବତୀଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପାପଡାହାଣ୍ଡି ପୋଲିସ ପିକ୍ଅପ୍ ଡ୍ରାଇଭର ଓ ହେଲ୍ପରଙ୍କୁ ଥାନାରେ ଅଟକ ରଖିଛି। ଗାଡ଼ି ୨ଟିକୁ ଜବତ କରିବା ସହିତ କେସ୍ ନଂ. ୧୪୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## କଲଭର୍ଟର ୨୦ ଫୁଟ୍ ତଳକୁ ଖସିଲା କାର୍: ଜଣେ ମୃତ, ୩ ଗୁରୁତର

**ମୁନିଗୁଡ଼ା,୧୭**
**(ନନ୍ଦ କିଶୋର ପଟ୍ଟନାୟକ)**



ଦୁର୍ଘଟଣାଗ୍ରସ୍ତ କାର୍

ଆନ୍ଧ୍ରପ୍ରଦେଶର କାକିନାଡ଼ା ସହରର ୫ ଜଣ ବ୍ୟକ୍ତି ବରଗଡ଼ ଜିଲାକୁ ବାହାଘର ଭୋଜିରେ ରୋଷେଇ କରିବାକୁ ଯାଇ ଏକ କାର୍ ଯୋଗେ ଫେରୁଥିଲେ। ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଅନ୍ତର୍ଗତ ବନ୍ଧଗୁଡ଼ା ଗ୍ରାମ ନିକଟରେ ସୋମବାର ଭୋର ପ୍ରାୟ ୪ଟା ବେଳେ କାର୍ ଭାରସାମ୍ୟ ହରାଇ ଏକ କଲଭର୍ଟର ୨୦ ଫୁଟ୍ ତଳକୁ ଖସ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କାକିନାଡ଼ାର ଡି.ମାଣିକାଣ୍ଟା। ଗୁରୁତର ଥିବା ବି.ଶୈଳେଶ, ନନ୍ଦ ରାଜୁ ଓ ଏ.ଶ୍ରୀନିବାସଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଏକ କାର୍‌ରେ ୫ଜଣ ବ୍ୟକ୍ତି ବରଗଡ଼ରୁ ଫେରିବା ସମୟରେ ଅମ୍ବାଦଳା ଥାନା ଅନ୍ତର୍ଗତ ବନ୍ଧଗୁଡ଼ା ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ସାଇଡ୍ ଦେବାବେଳେ ବିପରୀତ ଦିଗରୁ ଏକ ଟ୍ରକ୍ ଆସିଯିବାରୁ କାର୍‌ଟି ଭାରସାମ୍ୟ ହରାଇ କଲଭର୍ଟ ନିକଟରେ ଥିବା ଖାଲ ଭିତରକୁ ଖସି ଓଲଟି ପଡ଼ିଥିଲା। ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ଏହା ଦେଖି ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବରପାଇ ଅମ୍ବାଦଳା ପୋଲିସ, ମୁନିଗୁଡ଼ା ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାର୍ ତଳେ ଚାପିହୋଇ ରହିଥିବା ବ୍ୟକ୍ତିଙ୍କୁ ଉଦ୍ଧାରକରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାର୍ ଭିତରେ ଚାପିହୋଇ ରହିଥିବା ଅନ୍ୟ ୩ ଜଣଙ୍କୁ ଉଦ୍ଧାରକରି ପ୍ରଥମେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଗାଡ଼ିରେ ବସିଥିବା ସଞ୍ଜୀବ କୁମାର ନାମକ ବ୍ୟକ୍ତି ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଏ ନେଇ ଅମ୍ବାଦଳା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବାଇକ୍ ପଛରେ ପିଟିଲା କାର୍: ଜଣେ ମୃତ,୪ ଗୁରୁତର

**ବାରିପଦା,୧୭**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଦାନ୍ତିଆମୁହାଁଠାରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟା ୭ଟା ସମୟରେ ବାରିପଦାରୁ ବେତନଟୀ ଅଭିମୁଖେ ଯାଉଥିବା ବାଇକ୍ ପଛ ପଟୁ ଏକ କାର୍ ଧକ୍କା ଦେଇଥିଲା। ଫଳରେ କାର୍ ଓ ବାଇକ୍ ଡିଭାଇଡରରେ ପିଟି ହୋଇଯାଇଥିଲା। ବାଇକ୍‌ରେ ବସିଥିବା ୩ ଜଣଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାର୍ ମଧ୍ୟରେ ଥିବା ୨ ଯାତ୍ରୀ ଗୁରୁତର ହୋଇଥିବା ସୂଚନା ମିଳିଛି।

# ସ୍କୁଲ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ଦେବଗଡ଼,୧୭**
**(ଶଶାଙ୍କଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ଚର୍ଚ୍ଚସାହିର ଜଣେ ସ୍କୁଲ ଛାତ୍ରଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଯାତ୍ରା ସୋନେଲଙ୍କ ପୁଅ ମିକି ସୋନେଲ(୧୩)। ସେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ।

ପ୍ରକାଶ ଯେ, ଯାତ୍ରା ଚେନ୍ନାଇରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଚର୍ଚ୍ଚସାହି ଘରେ ତାଙ୍କ ସ୍ତ୍ରୀ ନିଜର ଦୁଇ ପୁଅ ଝିଅଙ୍କ ସହ ରହୁଥିଲେ। ସକାଳେ ଯାତ୍ରାଙ୍କ ସ୍ତ୍ରୀ ଦେବଗଡ଼ସ୍ଥିତ ଚିନ୍ମୟ ବିଦ୍ୟାଳୟରେ ପଢୁଥିବା ଝିଅକୁ ଛାଡିବାକୁ ସ୍କୁଟର ଯୋଗେ ଯାଇଥିଲେ। ମିକିଙ୍କୁ କହିଥିଲେ, ସ୍କୁଲ ଡ୍ରେସ ପିନ୍ଧି ବାହାରିଥା। ଆସିଲେ ସ୍କୁଲରେ ଛାଡି ଦେଇଆସିବି କହି ବାହାରି ଯାଇଥିଲେ। କିଛି ସମୟ ପରେ ଝିଅକୁ ସ୍କୁଲରେ ଛାଡି ଘରକୁ ଫେରିଥିଲେ। ମାତ୍ର ସ୍କୁଲ ଡ୍ରେସ ପିନ୍ଧିଥିବା ଅବସ୍ଥାରେ ମିକି ଚେତାଶୂନ୍ୟ ହୋଇ ପଡିଥିବା ଦେଖିଥିଲେ। ପଡ଼ୋଶୀଙ୍କ ସହାୟତାରେ ମିକିଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମିକିଙ୍କ ବାପା ଚେନ୍ନାଇରୁ ଫେରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ମିକିଙ୍କର ମୃତ୍ୟୁ ଘଟିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବାବେଳେ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ହାତୀ ଆକ୍ରମଣରେ ୨ ମୃତ

**ରାଉରକେଲା/ଟେନ୍ସା,୧୭**
**(ସଙ୍ଗୀତା ଜେନା/ସମୀର ପାଢ଼ୀ)**

ସୁନ୍ଦରଗଡ଼ ଜିଲାରେ ସୋମବାର ପୃଥକ୍ ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଦକ୍ଷିଣ ରାଉରକେଲା ଟାଙ୍ଗରପାଲୀ ଥାନା ସୋନାପର୍ବତ ଗଞ୍ଜୁଟୋଲା ଅଞ୍ଚଳର ଶୁକ୍ରମଣି ସମାସୀ(୬୯)। ଅନ୍ୟ ଜଣେ ହେଲେ କୋଇଡ଼ା ଫରେଷ୍ଟ ରେଞ୍ଜ କାଲଟା ପଞ୍ଚାୟତ ଝିରିପାଣି ନିକଟ ଦୋଲୋଡିହାର ସାମୁଏଲ ଆଇନ୍ଦି (୫୫)।

ଶୁକ୍ରମଣି ଭୋର ୫ଟାରେ ନିକଟସ୍ଥ ଜଙ୍ଗଲକୁ ମହୁଲ ଫଳ ଗୋଟାଇବା ପାଇଁ ଯାଇଥିଲେ। ସେହି ସମୟରେ ହାତୀ ହାବୁଡ଼ରେ ଶୁକ୍ରମଣି ପଡିଯିବାରୁ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇ ପାଦରେ ଦଳି ଦେଇଥିଲା। ଶୁକ୍ରମଣିଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପୋଲିସ ଓ ବନବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ବିକ୍ଷୋଭ କରିଥିଲେ। ବନବିଭାଗ ପକ୍ଷରୁ କ୍ଷତିପୂରଣ ମିଳିବାର ପ୍ରତିଶ୍ରୁତି ପରେ ଲୋକେ ଶାନ୍ତ ହୋଇଥିଲେ। ସେହିପରି ସାମୁଏଲ ସକାଳ ୬ଟାରେ ନିକଟସ୍ଥ ଜଙ୍ଗଲ ପାଖରେ ଥିବା ନାଳକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଥିବା ଦନ୍ତା ହାତୀ ହାବୁଡ଼ରେ ପଡିଯାଇଥିଲେ। ସାମୁଏଲଙ୍କୁ ହାତୀ ଶୁଣ୍ଢରେ ଟେକି ନେଇ ପାଦରେ ଦଳି ଚକଟି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ କୋଇଡା ବନ କର୍ମଚାରୀ ଓ କୋଇଡା ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡା ପଠାଇଛନ୍ତି। କ୍ଷତିପୂରଣ ବାବଦରେ ପରିବାରକୁ ଆର୍ଥିକ ସହାୟତା ମିଳିବ ବୋଲି କୋଇଡା ରେଞ୍ଜର ଗୌତମ ପ୍ରଧାନ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲାଜୁକ ଷାଠିଆ**
**ପାନ ନାହିଁ ଗୁଆ ନାହିଁ**
**ଖାଲି ବଟୁଆ।**

ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ବଡ଼ଲୋକୀ ପଣିଆ ଶୋଭା ପାଇ ନ ଥାଏ। ନିଃସ୍ୱ ବ୍ୟକ୍ତି ଉପରକୁ ଚାକଚକ୍ୟ ଦେଖାଉଥିବା ଉପଲକ୍ଷେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଗନ ଗଛର ମୁଣ୍ଡି ହଳଦୀ ଲୋ**
**ଝିଙ୍କର ଗଛର ଛାଇ**
**ଆଡ଼ ହୋଇଯାଅ ଟୋକା ଦିଅରଲୋ**
**ମୁଁ ଯିବି ଚାଉଳ ଧୋଇ।**

ନୂଆକରି ଶାଶୁଘରେ ପାଦ ଦେଇଥିବା ବୋହୂ ମନରେ ଲାଜ ଓ ସଂକୋଚ ଭାବ ରହିଥାଏ। ଘରର ପୁରୁଷ ସଦସ୍ୟଙ୍କ ଆଗରେ ସେ ନିଜକୁ ଅସହଜ ମନେକରିଥାଏ। ଏପରିସ୍ଥଳେ ଚାଉଳ ଧୋଇବା ପାଇଁ ଯାଉଥିବା ବୋହୂଟି ବୟସ୍କ ଦିଅରକୁ ଆଡ଼ ହୋଇଯିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟା

**ମାଲକାନଗିରି,୧୭(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ନାରାୟଣପୁର ଜିଲାରେ ପୋଲିସ ସୂଚନାଦାତା ସନ୍ଦେହରେ ଜଣେ ଗ୍ରାମବାସୀଙ୍କୁ ମାଓବାଦୀମାନେ ସୋମବାର ହତ୍ୟା କରିଛନ୍ତି। ସେ ହେଲେ ନାରାୟଣପୁର ଜିଲା ଅନ୍ତର୍ଗତ ଅର୍ଗା ଗ୍ରାମର ସାଣ୍ଟୁ ଉସେଣ୍ଡି। ତାଙ୍କୁ ମାଓବାଦୀ ମାନେ ହତ୍ୟାକରି ରାସ୍ତାରେ ମୃତଦେହକୁ ପକାଇ ଚାଲି ଯାଇଛନ୍ତି। ଏଥିସହ ମୃତଦେହ ନିକଟରେ ଏକ ହାତଲେଖା ଚିଠି ମଧ ଛାଡି ଯାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ଗତ ୧୫ ତାରିଖ ଦିନ ନାରାୟଣପୁର ଜିଲା କଡାମାର୍କା ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୮ ମାଓବାଦୀଙ୍କର ମୃତ୍ୟୁ ହୋଇଥିଲା। ତେବେ ମାଓବାଦୀଙ୍କ କ୍ୟାମ୍ପ ଉକ୍ତ ଜଙ୍ଗଲରେ ହେଉଥିବା ଖବର ସାଣ୍ଟୁ ଉସେଣ୍ଡି ପୋଲିସକୁ ଦେଇଥିବା ବିଶେଷ ସୂତ୍ରରୁ ଜାଣି ତାଙ୍କୁ ହତ୍ୟା କରାଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

# ଲୁଟିନେଲେ ୪ଜଣଙ୍କ ଘରୁ ୨୨ଲକ୍ଷର ସୁନାଗହଣା

## ଗୋଳଗୋଳା ଗାଁରେ ସିରିଜ ଚୋରି

**ନୟାଗଡ଼,୧୭(ଲୋକନାଥ ମିଶ୍ର)**



ନୟାଗଡ଼ ସଦର ଥାନା ଗୋଳଗୋଳା ଗାଁରେ ରବିବାର ରାତିରେ ସିରିଜ୍ ଚୋରି ହୋଇଛି। ଦୁର୍ବୃତ୍ତମାନେ ୪ଜଣଙ୍କ ଘରୁ ବିଳମ୍ବିତ ରାତିରେ ଝରକା ଏବଂ କବାଟ ଭାଡି ୨୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ଲକ୍ଷାଧିକ ଟଙ୍କା ଚୋରାଇ ନେଇଛନ୍ତି। ଗାଁର ସନ୍ତୋଷ ପାଣିଙ୍କ ଘରୁ ଦୁର୍ବୃତ୍ତମାନେ ପାଖାପାଖି ୧୫ଲକ୍ଷ ଟଙ୍କାର ସୁନାଗହଣା ସହ ୪୫ ହଜାର ନଗଦ ଟଙ୍କା ଚୋରାଇ ନେଇଛନ୍ତି। ଦୁର୍ବୃତ୍ତମାନେ ବାଡିପଟ କବାଟ ଭାଡ଼ି ଘରେ ପଶିଥିଲେ। ସନ୍ତୋଷ ଏବଂ ତାଙ୍କ ସ୍ତ୍ରୀ ଘରେ ନ ଥିବାବେଳେ ମା' ଏବଂ ଭଉଣୀଙ୍କୁ ଘରେ ବନ୍ଦ କରି ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ସବୁ ଲୁଟି ନେଇଥିଲେ ମଧ କେହି ଏହାର ସୁରାକ ପାଇ ନ ଥିଲେ। ସେହିପରି ଗାଁର ଚନ୍ଦ୍ରମଣି ଦାସଙ୍କ ଘରୁ ଦୁର୍ବୃତ୍ତ ପାଖାପାଖି ୬ ଲକ୍ଷ ଟଙ୍କାର ସୁନାଗହଣା ସହ ୧୫ ହଜାର ଟଙ୍କା ଲୁଟି ନେଇଛନ୍ତି। ବାଡିପଟ ଝରକା ଗ୍ରୀଲ୍ ଭାଡି ଦୁର୍ବୃତ୍ତ ଘରେ ପଶି ଲୁଟ୍ କରିଛନ୍ତି। ଚନ୍ଦ୍ରମଣିଙ୍କ ପୁଅ ବୋହୂ ବାହାରକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ପୁଅ ରୁମ୍‌ରେ ପଶି ଚୋରି କରିଛନ୍ତି। ଚନ୍ଦ୍ରମଣି ଏବଂ ତାଙ୍କ ସ୍ତ୍ରୀ ଘରେ ଥିଲେ ମଧ ଚୋରି ସମ୍ପର୍କରେ ଜାଣି ପାରି ନ ଥିଲେ। ସେହିପରି ଗାଁର ସୁଦାମ ଦାସଙ୍କ ଘରୁ ୨୦ହଜାର ଟଙ୍କା ସହ କିଛି ରୁପା ଗହଣା ଚୋରି ହୋଇଛି। ଗାଁର ଏକ ରାଶନ ଦୋକାନରୁ ମଧ ଚୋରମାନେ ଲକ୍ଷାଧିକ ଟଙ୍କାର ଜିନିଷ ଏବଂ ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ ଲୋକ ନ ଥିବା ଘରକୁ ଟାର୍ଗେଟ୍ କରି ଚୋରି କରିଛନ୍ତି। ପୋଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚି ପଚରାଉଚରା କରିଥିଲେ ମଧ ଚୋରିନେଇ ସୁରାକ ପାଇ ପାରିନାହିଁ।

# ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ମୁମ୍ବାଇ ପୋଲିସ

**ଭଦ୍ରକ(ସନାତନ ରାଉତ)/ସୋସୋ(ସତ୍ୟବ୍ରତ ଜେନା),୧୭**

## ସାଇବର ଠକେଇ ମାମଲା

ଠକେଇ ମାମଲାରେ ମୁମ୍ବାଇ ସାଇବର ପୋଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ସୋମବାର ରିମାଣ୍ଡରେ ନେଇଛି। ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ହାଜର ପରେ ରବିବାର ଟାଉନ ଥାନା ହାଜତରେ ସମସ୍ତ ଅଭିଯୁକ୍ତଙ୍କୁ ରଖାଯାଇଥିଲା। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ସେମାନଙ୍କୁ ରିମାଣ୍ଡରେ ମୁମ୍ବାଇ ନିଆଯାଇଥିବା ଭଦ୍ରକ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି। ସେମାନେ ହେଲେ ଚରମ୍ପା ଏରେଇଁର ପ୍ରମୋଦ କୁମାର ରବୀନ୍ଦ୍ର ବେହେରା(୨୬), କୁଆଁସର ରାକେଶ କୁମାର ହରିରାମ ଚୌଧୁରୀ(୨୫), ଚରମ୍ପା ବରାଳପୋଖରୀର ଶୁଭେନ୍ଦୁ ନିରାକାର ଦାସ(୩୦), ଭଦ୍ରକ ବ୍ଲକ ମୌଦା ବାସହପୁର ଅଞ୍ଚଳର ଜୟଦୀପ ଅମର କୁମାର ପରିଡ଼ା(୨୪), ମୌଦା ବାଲିପାଟଣାର ମନୋଜ କୁମାର ଅନାଦି ଚରଣ ରାଉତ(୨୯) ଏବଂ କେନ୍ଦୁଝର ଜିଲା ସୋସୋ ଥାନା ଅଞ୍ଚଳର ସତ୍ୟପ୍ରକାଶ ରାଉତ।

ପ୍ରକାଶ ଯେ, ସାଇବର ଠକେଇର ଶିକାର ହୋଇଥିବା ମୁମ୍ବାଇ ଅନ୍ଧେରୀ ଅଞ୍ଚଳର ବୀରଦେଶାଇ ରୋଡ୍‌ସ୍ଥିତ ନିଉ ଚନ୍ଦ୍ରା ହାଉସିଂ ସୋସାଇଟିର ୭୩ ବର୍ଷୀୟ ମୋସେସ୍ ଭିନ୍‌ସେଣ୍ଟ କାର୍ଡୋଜ୍ ମୁମ୍ବାଇସ୍ଥିତ ବିକେସି ସାଇବର ପୋଲିସ ଥାନାରେ ଅଭିଯୋଗ କରିଥିଲେ। ଋଣ କରାଇ ଦେବାକୁ କହି ସମସ୍ତ ବ୍ୟାଙ୍କ କାଗଜପତ୍ର ନେବା ପରେ ତାଙ୍କ ଆକାଉଣ୍ଟ ହ୍ୟାକ୍ କରି ପ୍ରାୟ ୫୬ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ସେ ଦର୍ଶାଇଥିଲେ। ଏନେଇ ମାମଲା (ନଂ.୬/୨୪) ରୁଜୁ କରି ସାଇବର ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମୁମ୍ବାଇ ସାଇବର ପୋଲିସର ୫ ଜଣିଆ ଟିମ୍ ରବିବାର ଭଦ୍ରକରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

**ଜୁଲାଇରେ ୧୨ ଦିନ ବ୍ୟାଙ୍କ ବନ୍ଦ**

ନୂଆଦିଲ୍ଲୀ: ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କ (ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବା ଆର୍‌ବିଆଇ)ର ବ୍ୟାଙ୍କ ଛୁଟି କ୍ୟାଲେଣ୍ଡର ପ୍ରକାଶ ପାଇଛି। ଏହି କ୍ୟାଲେଣ୍ଡରର ସୂଚନା ଅନୁଯାୟୀ ୨୦୨୪ ଜୁଲାଇରେ ମୋଟ ୧୨ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହି ଛୁଟି ସର୍ବଭାରତୀୟସ୍ତରରେ ପଡୁଥିବା ତଥା ବିଭିନ୍ନ ରାଜ୍ୟର ପ୍ରମୁଖ ପର୍ବ ସହିତ ଜୁଲାଇରେ ମୋଟ ୪ଟି ରବିବାର ଏବଂ ୨ଟି ଶନିବାର (୨ୟ ଓ ୪ର୍ଥ ଶନିବାର) ପଡୁଥିବାବେଳେ ଅନ୍ୟ ଦିବସଗୁଡ଼ିକ ପର୍ବପର୍ବାଣି ପାଇଁ ଛୁଟି ରହିବ ବୋଲି ଆର୍‌ବିଆଇ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଜୁନ୍‌ରେ ୧,୬୧,୪୯୭ କୋଟିର ଜିଏସ୍‌ଟି ସଂଗ୍ରହ

## ବାର୍ଷିକ ତୁଳନାରେ ୧୨% ଅଧିକ ଆଦାୟ

ନୂଆଦିଲ୍ଲୀ,୧।୭: (ଅଭୟ ଦାଶ)




ଚଳିତ ଆର୍ଥିକ ବର୍ଷର ୩ୟ ମାସରେ ମଧ୍ୟ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ ହୋଇଛି ବୋଲି ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୩ୟ ମାସ ବା ଜୁନ୍‌ରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୬୧,୪୯୭ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧.୫୭ (୧,୫୭,୦୯୦) ଲକ୍ଷ କୋଟି ଟଙ୍କା ଟିକସ ଆଦାୟ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ମାସରେ ସଂଗୃହୀତ ଟିକସ ପରିମାଣଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଟିକସ ପରିମାଣ ୧୨% ଅଧିକ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ସେହିଭଳି ୨୦୨୪ ଜୁନ୍‌ରେ ସଂଗୃହୀତ ମୋଟ୍ ଜିଏସ୍‌ଟି ରାଜସ୍ୱ ୧,୬୧,୪୯୭ କୋଟି ଟଙ୍କା ସଂଗ୍ରହ ହୋଇଥିଲାବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୩୧,୦୧୩ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୮,୨୯୨ କୋଟି ଟଙ୍କା ସାମିଲ ରହିଛି। ସେହିପରି ଆଇଜିଏସ୍‌ଟି ବାବଦରେ ୮୦,୨୯୨ କୋଟି (ସାମଗ୍ରୀ ଆମଦାନୀ ବାବଦରେ ୩୯,୦୩୫ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୧,୯୦୦ କୋଟି (ସାମଗ୍ରୀ ଆମଦାନୀ ଉପରେ ୧୦୨୮ କୋଟି ଟଙ୍କା ସାମିଲ) ଟଙ୍କାର ରାଜସ୍ୱ ଟିକସ ଆକାରରେ ଆଦାୟ କରାଯାଇଛି। ଅପରପକ୍ଷରେ କେନ୍ଦ୍ର ସରକାର ସିଜିଏସ୍‌ଟି ବାବଦରେ ୩୬,୨୨୪ କୋଟି ଟଙ୍କା ଏବଂ ଆଇଜିଏସ୍‌ଟିରୁ ଏସଜିଏସ୍‌ଟି ବାବଦରେ ୩୦,୨୬୯ କୋଟି ଟଙ୍କା ସରକାର ପରିଶୋଧ କରିଛନ୍ତି। ଏପରିକି ୨୦୨୪ ଜୁନ୍‌ରେ ସରକାର ସିଜିଏସ୍‌ଟି ବାବଦକୁ ୬୭,୨୩୭ ଏବଂ ଏସ୍‌ଜିଏସ୍‌ଟି ବାବଦକୁ ୬୮,୫୬୧ କୋଟି ଟଙ୍କାର ସେଟଲମେଣ୍ଟ କରିଛନ୍ତି।

ଅପରପକ୍ଷରେ ଓଡ଼ିଶାରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ୩ୟ ମାସରେ ୪୯୮୭.୨୭ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୩୧୮ କୋଟି ଟଙ୍କା ଥିଲା, ଯାହା ଚଳିତ ଆର୍ଥକ ବର୍ଷର ୩ୟ ମାସର ଅବଧି ମଧ୍ୟରେ ୧୦% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧।୭: (ଅଭୟ ଦାଶ)

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନସେକ୍ସ ୪୪୩ (୪୪୩.୪୬) ପଏଣ୍ଟ ବଢି ୭୯,୪୭୬ (୭୯,୪୭୬.୧୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୩୧ (୧୩୧.୩୫) ପଏଣ୍ଟ ବୃଦ୍ଧିଘଟି ୨୪,୧୪୨ (୨୪,୧୪୧.୯୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# କମିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୭: (ଅଭୟ ଦାଶ)



କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ୍ (୧୯ କିଗ୍ରା) ଦର ହ୍ରାସ ପାଉଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କିଗ୍ରା) ଦର ଦୀର୍ଘ ମାସ ହେବ ସ୍ଥିର ରହିଛି। ଏପରିକି ୨୦୨୪ ଜୁଲାଇରେ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ (୧୯କିଗ୍ରା) ଦର ପ୍ରାୟ ୩୦ ( ୨୯.୫୦ ଟଙ୍କା) ଟଙ୍କା କମିଥିବାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ୩୦ ଟଙ୍କା ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ସୋମବାର ଚଳିତ ମାସର ଦର ସୂଚୀ (ନୂଆ ଦର) ଲାଗୁ ହୋଇଛି। ଏହି ସୂଚୀ ଅନୁଯାୟୀ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ (୧୯ କିଗ୍ରା) ଦର ୨୯.୫୦ ଟଙ୍କା କମି ୧୭୯୫ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଗତ ମାସ) କମର୍ସିଆଲ ଗ୍ୟାସ (୧୯କିଗ୍ରା) ଦର ୧୮୨୪.୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କିଗ୍ରା) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି। ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କିଗ୍ରା) ଦର ୩୦ ଟଙ୍କା ହ୍ରାସ ଘଟି ୧୬୪୬ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା) ଦର ୮୦୩ ଟଙ୍କାରେ ରହିଛି। କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ କମର୍ସିଆଲ ଗ୍ୟାସ ଦର ଯଥାକ୍ରମେ ୧୭୫୬ଟଙ୍କା, ୧୬୯୮ଟଙ୍କା ଏବଂ ୧୮୦୯ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ସହରଗୁଡ଼ିକରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ଟଙ୍କା ଏବଂ ୮୧୮.୫୦ ଟଙ୍କାରେ କାରବାର ହେଉଛି। ବିମାନ ଇନ୍ଧନ ଦର ୧.୨% ବୃଦ୍ଧି ପ୍ରତି କିଲୋଲିଟର ପିଛା ୧,୧୭୯.୩୭ ଟଙ୍କାରେ କାରବାର ହେଉଛି।

# ଫେରିନି ୭୫୮୧ କୋଟିର ୨୦୦୦ ଟଙ୍କିଆ ନୋଟ୍



ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)

ବର୍ତ୍ତମାନ ସୁଦ୍ଧା ୨୦୦୦ଟଙ୍କିଆ ନୋଟର ମୋଟ ୯୭.୮୭ ପ୍ରତିଶତ ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ଫେରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏକ ବିବୃତି ଜାରି କରି କହିଛି ଯେ, ୨୦୨୩ ମସିହା ମେ ୧୯ରେ ଆରବିଆଇ ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିବାକୁ ଘୋଷଣା କରାଯାଇଥିଲା। ସେହି ସମୟରେ ବଜାରରେ ୩.୫୬ ଲକ୍ଷ କୋଟି ଟଙ୍କାର ମୋଟ ୨୦୦୦ ଟଙ୍କିଆ ନୋଟ୍ ରହିଥିଲା। ୨୦୨୪ ମେ' ମାସ ସୁଦ୍ଧା ୭୫୮୧ କୋଟି ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ବ୍ୟାଙ୍କିଙ୍ଗ ସିଷ୍ଟମରେ ୩.୪୮ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୦୦୦ଟଙ୍କିଆ ନୋଟ ଜମା କରାଯାଇଛି। ଏହାର ଅର୍ଥ ହେଉଛି କେବଳ ୨.୧୩ ପ୍ରତିଶତ ନୋଟ ଫେରସ୍ତ ହୋଇନାହିଁ। ଆରବିଆଇ କହିଛି ଯେ, ୨୦୦୦ଟଙ୍କିଆ ନୋଟ ବିନିମୟର ସୁବିଧା ଏହାର ୧୯ଟି ଅଫିସରେ ୨୦୨୩ ମସିହା ମେ'ରୁ ଆରମ୍ଭ ହୋଇଥିଲା। ୨୦୨୩ ଅକ୍ଟୋବର ୭ ପର୍ଯ୍ୟନ୍ତ ସମସ୍ତ ବ୍ୟାଙ୍କରେ ୨୦୦୦ଟଙ୍କିଆ ନୋଟ ଜମା କିମ୍ବା ବିନିମୟ କରିବାର ସୁବିଧା ଉପଲବ୍ଧ ଥିଲା। ୨୦୨୩ ଅକ୍ଟୋବର ୭ଠାରୁ ଆରବିଆଇ ବ୍ୟକ୍ତି କିମ୍ବା ସଂସ୍ଥାରୁ ୨୦୦୦ଟଙ୍କିଆ ନୋଟ୍ ଗ୍ରହଣ କରୁଛନ୍ତି ଏବଂ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରୁଛନ୍ତି। ଆରବିଆଇ କହିଛି ଯେ ଏହା ବ୍ୟତୀତ ସାଧାରଣ ଲୋକମାନେ ମଧ୍ୟ ଡାକ ମାଧ୍ୟମରେ ୨୦୦୦ ଟଙ୍କିଆ ନୋଟ ପଠାଉଛନ୍ତି ଏବଂ ସେମାନଙ୍କୁ ନିଜ ବ୍ୟାଙ୍କ ଆକାଉଣ୍ଟରେ ଜମା କରୁଛନ୍ତି। ଏହି ସୁବିଧା ପାଇବା ପାଇଁ ଆରବିଆଇ କାର୍ଯ୍ୟାଳୟ ପରିଦର୍ଶନ କରିବାର ଆବଶ୍ୟକତା ନାହିଁ।

# ପତଞ୍ଜଳି ଆୟୁର୍ବେଦକୁ ଅଧିଗ୍ରହଣ କରିବ ପିଏଫ୍‌ଏଲ୍




ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)

ପତଞ୍ଜଳି ଫୁଡ୍ ଲିମିଟେଡ୍(ପିଏଫଏଲ) ବୋର୍ଡ ଏହାର ପ୍ୟାରେଣ୍ଟ କମ୍ପାନୀ ପତଞ୍ଜଳି ଆୟୁର୍ବେଦର 'ହୋମ୍ ଆଣ୍ଡ ପର୍ସନାଲ କେୟାର' ବ୍ୟବସାୟ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହି ବ୍ୟବସାୟ କିଣିବା ପାଇଁ ପତଞ୍ଜଳି ଫୁଡ୍ସ ଲମ୍ପସମ ମୂଲ୍ୟ ନିର୍ଦ୍ଧାରଣ ପାଇଁ ୧,୧୦୦ କୋଟି ଟଙ୍କା ଖର୍ଚ୍ଚ କରିବ। ପତଞ୍ଜଳି ଫୁଡସ୍ ଅଗ୍ରଣୀ ଏଫ୍‌ଏମସିଜି କମ୍ପାନୀ ହେବା ଲକ୍ଷ୍ୟରେ ଏହି ଅଧିଗ୍ରହଣ କରୁଛି। ପତଞ୍ଜଳି ଆୟୁର୍ବେଦ ଲିମିଟେଡ (ପାଲ)ର ହୋମ ଆଣ୍ଡ ପର୍ସନାଲ କେୟାର ବ୍ୟବସାୟରେ ଭାରତର ଏଫ୍‌ଏମସିଜି ସ୍ପେସରେ ଏକ ଦୃଢ଼ ବ୍ରାଣ୍ଡ ଇକ୍ୱିଟି ଅଛି। ଏହା ବ୍ୟତୀତ ସମଗ୍ର ଦେଶରେ ଏହାର ଏକ ବିଶ୍ୱସ୍ତ ଉପଭୋକ୍ତା ଆଧାର ଅଛି। ସୋମବାର କାରବାର ଶେଷ ହେବା ପରେ ପତଞ୍ଜଳି ଫୁଡ୍‌ସ ଲିମିଟେଡର ଶେୟାର ୭.୪୫% ବୃଦ୍ଧି ସହିତ ୧,୭୧୦ ଟଙ୍କା ବନ୍ଦ ହୋଇଯାଇଥିଲା। ଏହା ସହିତ କମ୍ପାନୀର ମାର୍କେଟ କ୍ୟାପ ୫୮.୫୪ ହଜାର କୋଟି ଟଙ୍କା ହୋଇଛି। ଗତ ଏକ ବର୍ଷ ମଧ୍ୟରେ କମ୍ପାନୀର ଶେୟାରଗୁଡିକ ଏହାର ନିବେଶକମାନଙ୍କୁ ୪୩.୪୯% ରିଟର୍ନ ଦେଇଛି। ପତଞ୍ଜଳି ଫୁଡ୍‌ସ୍ କହିଛି ଯେ, କମ୍ପାନୀ ଏବଂ ପତଞ୍ଜଳି ଆୟୁର୍ବେଦ ୩% କାରବାର ଭିତ୍ତିକ ଶୁଳ୍କ ତଥା ଅନ୍ୟାନ୍ୟ ସର୍ତ୍ତାବଳୀ ପାଇଁ ୨୦ ବର୍ଷର ଲାଇସେନ୍ସ ଚୁକ୍ତିରେ ସହମତ ହୋଇଛନ୍ତି। ଏହି ଅଧିଗ୍ରହଣ ପତଞ୍ଜଳି ବ୍ରାଣ୍ଡର ଏଫ୍‌ଏମସିଜି ଉତ୍ପାଦ ପୋର୍ଟଫୋଲିଓର ଏକୀକରଣକୁ ତ୍ୱରାନ୍ୱିତ କରିବ।

# ଉତ୍କଳ ହସ୍ପିଟାଲ ପାଳିଲା ଡାକ୍ତର ଦିବସ



ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)

ନୀଳାଦ୍ରି ବିହାରସ୍ଥିତ ଘରୋଇ ସୁପର ମଲ୍ଟିସ୍ପେଶିଆଲିଟି ଉତ୍କଳ ହସ୍ପିଟାଲରେ ସୋମବାର ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଉତ୍କଳ ହସ୍ପିଟାଲ ଏମ୍.ଡି ଡା. ପ୍ରଜ୍ଞାନ ରଞ୍ଜନ ଘଡେଇ ଏବଂ ଡାଇରେକ୍ଟର (ମେଡିକାଲ ସର୍ଭିସେସ) ଡା. ରଞ୍ଜନ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଏମ୍.ଡି ଡା. ଘଡେଇ କହିଥିଲେ, ଆମର ଡାକ୍ତରମାନେ ଅଭିଜ୍ଞ ଓ ସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ ରଖନ୍ତି। ଡା. ମହାପାତ୍ର କହିଥିଲେ, ଡାକ୍ତରମାନେ କୌଣସି ପୁରସ୍କାର କିମ୍ବା ଆର୍ଥିକ ଲାଳସା ନ ରଖି ରୋଗୀସେବା କରିବା ଉଚିତ୍। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ଥିଲେ।

# ପିଏମ୍‌ବିଆଇ ପକ୍ଷରୁ ଡାକ୍ତର ଦିବସ




ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)

ଫାର୍ମାସ୍ୟୁଟିକାଲ୍‌ସ ଆଣ୍ଡ ମେଡିକାଲ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ(ପିଏମ୍‌ବିଆଇ) ପକ୍ଷରୁ ସୋମବାର ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଲୋକଙ୍କ ଜୀବନ ବଞ୍ଚାଉଥିବା ଡାକ୍ତରଙ୍କ ପ୍ରତି ସମ୍ମାନର୍ଥେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ଅବସରରେ ରୋହିଣୀସ୍ଥିତ ଜେଡି ହସପିଟାଲରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଉପସ୍ଥିତ ଡାକ୍ତର ଓ ବିଶେଷଜ୍ଞମାନେ ଜେନେରିକ ମେଡିସିନ୍ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସମେତ ଜନୌଷଧି କେନ୍ଦ୍ରଗୁଡ଼ିକର ମାଲିକମାନେ ମଧ୍ୟ ଯୋଗ ଦେଇଥିଲେ। ଜନୌଷଧିର ବ୍ୟବହାରର ଉପଯୋଗର ଲାଭ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।

# ବିଓବି କଟକ କ୍ଷେତ୍ର ପକ୍ଷରୁ ରାଜଭାଷା ସଂଗୋଷ୍ଠୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୭: (ଅଭୟ ଦାଶ)



ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗ(ତତ୍ତ୍ୱାବଧାନ)ରେ ପ୍ରସିଦ୍ଧ ହିନ୍ଦୀ କବି ନାଗାର୍ଜୁନଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ରାଜଭାଷା ସଂଗୋଷ୍ଠୀ କାର୍ଯ୍ୟକ୍ରମ ସୋମବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏପିରିକି 'ନାଗାର୍ଜୁନଙ୍କ ରଚନାରେ ଜନ ଜାଗୃତି'ଶୀର୍ଷକ ବିଷୟବସ୍ତୁ (ଏହି ରାଜଭାଷା ସଂଗୋଷ୍ଠୀର ବିଷୟବସ୍ତୁ ଥିଲା) ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଅଞ୍ଜୁମାନ ଆରା ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅପରପକ୍ଷରେ ବିଓବି କଟକ କ୍ଷେତ୍ରର ରାଜଭାଷା ଅଧିକାରୀ ମନୀଷା ଯାଦବ ଉକ୍ତ କାର୍ଯ୍ୟକ୍ରମର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ.ଅଭିଷେକ ଶର୍ମା,ବିଶାଳ ସାହୁ, ଶାମୁକା ପଟ୍ଟନାୟକ, ନୀହାରିକା ଦଳେଇଙ୍କ ସମେତ ବିଶ୍ୱବିଦ୍ୟଳୟର ଶିକ୍ଷାର୍ଥୀମାନେ ନାଗାର୍ଜୁନଙ୍କ ଉପରେ ସାରଗର୍ଭକ ମତାମତ ଦେଇଥିଲେ। ସେହିଭଳି ବିଓବିର ମୁଖ୍ୟ ପ୍ରବନ୍ଧକ ଜି.ସି. ପାଣିଗ୍ରାହୀ ବିଭିନ୍ନ ବ୍ୟାଙ୍କିଙ୍ଗ୍ ଏବଂ ରାଜଭାଷା ସମ୍ବନ୍ଧୀୟ ପଦକ୍ଷେପ ଉପରେ ବିସ୍ତୃତ ଆଲୋକପାତ ସହ ଉପସ୍ଥିତ ସବୁ ବର୍ଗର ବୁଦ୍ଧିଜନଙ୍କୁ ଅବଗତ କରାଇଥିଲେ।

ସେହିପରି ବ୍ୟାଙ୍କର କ୍ଷେତ୍ରୀୟ ଡିଜିଟାଲ ପ୍ରବନ୍ଧକ ସୁକାନ୍ତ ପାଲ ଏବଂ ମାର୍କେଟିଂ ପ୍ରବନ୍ଧକ ସୁଭାଷ ବେହେରା ଫି ସଂଗ୍ରହ ମଡ୍ୟୁଲ (ପେମେଣ୍ଟ ଗେଟ ୱେ) ଏବଂ ବ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ମାର୍କେଟିଂ ପଦକ୍ଷେପ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ଅତିଥି ବକ୍ତା ଇମରାନା ଇସ୍ରାଏଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଓବିର ଅଧିକାରୀ, ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଏବଂ ଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ।

# ଜୁନ୍‌ରେ ଖସିଲା ୟୁପିଆଇ କାରବାର

ଭୁବନେଶ୍ୱର,୧।୭(ଅନୁରାଧା ମହାରଣା)

ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) କାରବାରର ପରିମାଣ ଏବଂ ମୂଲ୍ୟ ମେ' ମାସ ତୁଳନାରେ ଜୁନରେ ସାମାନ୍ୟ ହ୍ରାସ ପାଇଛି। ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ) ପକ୍ଷରୁ ସୋମବାର ମିଳିଥିବା ସରକାରୀ ତଥ୍ୟରେ ଦର୍ଶାଯାଇଛି ଯେ, ୟୁପିଆଇ କାରବାରରେ ମେ' ତୁଳନାରେ ଜୁନ ମାସରେ ପରିମାଣ ୧% ଏବଂ ମୂଲ୍ୟରେ ୨% ହ୍ରାସ ଘଟିଛି। ମେ' ମାସରେ ୟୁପିଆଇ ୧୪.୪୫ ବିଲିୟନ କାରବାର କରିଥିବାବେଳେ ଜୁନରେ କାରବାର ପରିମାଣ ୧୩.୮୯ ବିଲିୟନ ରହିଛି। ଜୁନ୍ ମାସରେ ହୋଇଥିବା କାରବାରର ମୂଲ୍ୟ ୨୦.୦୭ ଟ୍ରିଲିୟନ ରହିଛି। ମାତ୍ର ଏକ ବର୍ଷ ପୂର୍ବେ ସମାନ ମାସ ତୁଳନାରେ ପରିମାଣରେ ୪୯ ପ୍ରତିଶତ ବୃଦ୍ଧି ଏବଂ ମୂଲ୍ୟରେ ୩୬ ପ୍ରତିଶତ ବୃଦ୍ଧି ହୋଇଛି। ତଥ୍ୟରେ ଦର୍ଶାଇଛି ଯେ ତୁରନ୍ତ ପେମେଣ୍ଟ ସେବା (ଆଇଏମ୍‌ପିଏସ୍) କାରବାର ପରିମାଣ ୭ ପ୍ରତିଶତ ହ୍ରାସ ପାଇଛି। ମେ ମାସରେ ଏହା ୫୫୮ ମିଲିୟନରୁ ହ୍ରାସ ପାଇ ଜୁନ୍‌ରେ ୫୧୭ ମିଲିୟନ ରହିଛି। ଜୁନରେ ଫାସଟାଗ୍ କାରବାର ମଧ୍ୟ ୪ ପ୍ରତିଶତ ହ୍ରାସ ପାଇ ୩୩୪ ମିଲିୟନରେ ପହଞ୍ଚିଛି। ଯାହା ଏକ ମାସ ପୂର୍ବରୁ ୩୪୭ ମିଲିୟନ ଥିଲା। ମୂଲ୍ୟ ଦୃଷ୍ଟିରୁ, ମେ ମାସରେ ୫,୯୦୮ କୋଟି ତୁଳନାରେ ଜୁନରେ କାରବାର ୨ ପ୍ରତିଶତ ହ୍ରାସ ପାଇ ୫,୭୮୦ କୋଟି ଟଙ୍କା ହୋଇଛି। ଏହାପୂର୍ବରୁ ଏପ୍ରିଲରେ ଫାସଟାଗ୍ କାରବାର ୩୨୮ ନିୟୁତରେ ପହଞ୍ଚିଥିଲା ଏବଂ ମୂଲ୍ୟ ଅନୁଯାୟୀ ଏହାର ମୂଲ୍ୟ ୫,୫୯୨ କୋଟି ଥିଲା। ଆଧାର ସକ୍ଷମ ପେମେଣ୍ଟ ସିଷ୍ଟମ (ଏଇପିଏସ୍) ପରିମାଣ ଜୁନରେ ୧୧% ବୃଦ୍ଧି ପାଇ ୧୦୦ ମିଲିୟନରେ ପହଞ୍ଚିଛି।

# ୭୬ତମ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍‌ସ ଡେ

ଭୁବନେଶ୍ୱର,୧।୭: (ଅଭୟ ଦାଶ)




ଦେଶର ପ୍ରମୁଖ କେନ୍ଦ୍ରୀୟ ପ୍ରତିଷ୍ଠାନ ତଥା ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍‌ସ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଭୁବନେଶ୍ୱର ଶାଖା ପକ୍ଷରୁ ସୋମବାର ୭୬ତମ 'ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍‌ସ ଡେ' ପାଳିତ ହୋଇଯାଇଛି। ଏପରିକି ଏହାର ଫାଉଣ୍ଡେଶନ୍ ଡେ ସହିତ ସିଏ ବୃତ୍ତିର ନିର୍ଭୀତା,ଅଖଣ୍ଡତା ଏବଂ ସର୍ବଦା ସଜାଗ ମନୋଭାବ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ସେହିଭଳି ଏହାର ୭୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ହିତାଧିକାରୀମାନଙ୍କୁ ମୂଲ୍ୟଯୁକ୍ତ ସେବା ଯୋଗାଇବାରେ ଆକାଉଣ୍ଟାସି ଫଙ୍କସନ୍ ଏକ ରଣନୀତିକ ଭୂମିକା ଗ୍ରହଣ କରିବା ସହ ପ୍ରମୁଖ ନେତୃତ୍ୱ ଗ୍ରହଣ କରିଥାଏ। ଏପରିକି ଆମ ପୂର୍ବପୁରୁଷମାନଙ୍କ ଦ୍ୱାରା ସ୍ଥାପିତ ବୃତ୍ତିର ପରମ୍ପରାର ଏକ ଅଂଶ ଭାବେ ଆମେ ସିଏ ଦିବସ ପାଳନ କରୁଛୁ। ଏହି ପରିପ୍ରେକ୍ଷୀରେ ନୟାପଲ୍ଲୀସ୍ଥିତ ଆଇସିଏଆଇ ଭବନ ଠାରେ ଶାଖା ଅଧକ୍ଷ ସିଏ ଜାହ୍ନବୀ ଦେଓ ପତାକା ଉତ୍ତୋଳନ କରି ଆଇସିଏଆଇ ଭବନରୁ ଷ୍ଟୁଆର୍ଟ ସ୍କୁଲ୍ ପର୍ଯ୍ୟନ୍ତ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲାବେଳେ ବୃକ୍ଷରୋପଣ ଏବଂ ସ୍ୱଚ୍ଛତା ଡ୍ରାଇଭ୍ ମଧ୍ୟ ଆୟୋଜିତ ହୋଇଥିଲା।

ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟପରୀକ୍ଷା, ଚକ୍ଷୁ, ଡେଣ୍ଟାଲ୍ ପରୀକ୍ଷା ଓ ଡାଇବେଟିସ୍ ସ୍କ୍ରିନିଂ କ୍ୟାମ୍ପ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଡା. ମୋହନଙ୍କ ଡାୟାବେଟିଜ୍ ବିଶେଷତା କେନ୍ଦ୍ର, ସେଣ୍ଟର୍ ଫର୍ ସାଇଟ୍ ଏବଂ ଆମ ଓଡ଼ିଶା ସହିତ ମିଳିତ ଭାବେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଏହି ଦିନକୁ ସ୍ମରଣ କରିବା ପାଇଁ ସଦସ୍ୟ ଓ ଛାତ୍ରମାନଙ୍କ ପାଇଁ ୱର୍କ-ଲାଇଫ୍ ବାଲାନ୍ସ ବିଷୟରେ ଏକ ଦିନିକିଆ କର୍ମଶାଳର ମଧ୍ୟ ଆୟୋଜନ କରାଯାଇଥିଲ। ଏହି ଅବସରରେ ଓଡିଶାର ଆଡିଶନାଲ୍ ପୋଲିସ ଡି.ଜି ସିଏ ରାଧା କିଶନ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଶାଖା ଅଧକ୍ଷ ସିଏ ଜାହ୍ନବୀ ଦେଓ, ଶାଖାର ଛାତ୍ର ସଙ୍ଗଠନ ଅଧକ୍ଷ ତଥା ଶାଖା ଉପାଧକ୍ଷ ସିଏ ମହେନ୍ଦ୍ର ସାହୁ ଏବଂ ସଚିବ ସିଏ ଗୌତମ ଲେଙ୍କା ଅଂଶ ଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ଉପରୋକ୍ତ କାର୍ଯ୍ୟକ୍ରମକୁ ସିଏ ଶାଶ୍ୱତ ତ୍ରିପାଠୀ, କୋଷାଧକ୍ଷ ସିଏ ପ୍ରଦୀପ କୁମାର ସାହୁ,ପୂର୍ବତନ ଅଧକ୍ଷ ସିଏ ରଞ୍ଜନ କୁମାର ପୃଷ୍ଟି, ପୂର୍ବତନ ଅଧକ୍ଷ ସିଏ ଗଗନ ବିହାରୀ ଦାସଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ।

# ଫିଟ୍‌ନେସ୍ ଚ୍ୟାଲେଞ୍ଜ ଜରିଆରେ ଡକ୍ଟର୍ସ ଡେ ପାଳିତ

ଭୁବନେଶ୍ୱର,୧।୭: (ଅଭୟ ଦାଶ)




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏଚସିଜି ପଣ୍ଡା କ୍ୟାନସର ହସ୍ପିଟାଲ କଟକ ପକ୍ଷରୁ ଜାତୀୟ ଡାକ୍ତର ଦିବସ (ଡକ୍ଟର୍ସ ଡେ) ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପକ୍ଷରୁ ପାହାଳସ୍ଥିତ ହୋଟେଲ ପାଲ ହାଇଟ୍ସ ମନ୍ତ୍ରାଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଡାକ୍ତରଙ୍କ ସହଯୋଗରେ ଏକ ଫିଟନେସ ଚ୍ୟାଲେଞ୍ଜର ଆୟୋଜନ କରାଯାଇଥିଲା। ଏହି ଆୟୋଜନର ବିଷୟବସ୍ତୁ 'ଉଇଙ୍ଗସ ଓ ସ୍ପେଥସ ସ୍କୋପ: ହିଲରସ ଅଫ ହୋପ ରହିଥିଲା। ପ୍ରତି ବର୍ଷ ଏଚସିଜିର ଏହି କାର୍ଯ୍ୟକ୍ରମଟି ଡାକ୍ତରଙ୍କ ନିଃସ୍ୱାର୍ଥପର କର୍ତ୍ତବ୍ୟକୁ ପ୍ରୋତ୍ସାହିତ କରିଥାଏ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଶେଷଜ୍ଞଙ୍କଠାରୁ ଡାକ୍ତରମାନଙ୍କ ପର୍ଯ୍ୟନ୍ତ ଉତ୍ସାହଜନକ ଯୋଗଦାନ ଦେଖିବାକୁ ମିଳିଥିଲା। ଏପରିକି ସମସ୍ତେ ଫିଟନେସ ଦକ୍ଷତା ପ୍ରଦର୍ଶନ କରିବା ସହ ଉକ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ସାଧାରଣ ଡାକ୍ତରଖାନା ପରିବେଶକୁ ବନ୍ଧୁତ୍ୱ ପୂର୍ଣ୍ଣ ବାତାବରଣ ସୃଷ୍ଟି କରି ରୋଗୀଙ୍କ ମୁହଁରେ ହସ ଫୁଟାଇଥାନ୍ତି। ଏପରିକି ଡାକ୍ତରମାନେ ଫିଟନେସ କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ମଧ୍ୟ ଉପଭୋଗ କରିଥିଲେ। ସେମାନଙ୍କ ଏହି ଯୋଗଦାନ ସ୍ୱାସ୍ଥ୍ୟ ଓ ସୁସ୍ଥତା ପ୍ରତି ପ୍ରତିବଦ୍ଧତାର ପରିଚୟ ଦେଇଥିଲା।

ଏ ସମ୍ପର୍କରେ ଏଚସିଜି ପଣ୍ଡା କ୍ୟାନସର ହସ୍ପିଟାଲ କଟକର ସିଓଓ ଶାନ୍ତନୁ କୁମାର ଦାସ କହିଥିଲେ, ଡାକ୍ତରମାନେ ରୋଗୀ ସେବାର ମୁଖ୍ୟ ଉତ୍ସ ହୋଇଥିଲାବେଳେ ସେମାନଙ୍କର ନିରବଚ୍ଛିନ୍ନ ଓ ଅକ୍ଳାନ୍ତ ଚେଷ୍ଟା ବେଶ ପ୍ରଶଂସାଯୋଗ୍ୟ। ଏପରିକି ଉନ୍ନତ କ୍ୟାନସର ଚକିତ୍ସାକୁ ସୁଗମ କରିବା ଲାଗି ଏଚସିଜିର ପ୍ରୟାସ ସଦାସର୍ବଦା ରହିଆସିଛି। ଏହି ଜାତୀୟ ଡାକ୍ତର ଦିବସରେ ଆମେ ଆମର ସ୍ୱାସ୍ଥ୍ୟସେବା ହିରୋମାନଙ୍କ ଉତ୍ସର୍ଗକୁ ପାଳନ ଓ ସମ୍ମାନିତ କରିଛୁ। ବିଶେଷ କରି ଅଙ୍କୋଲୋଜି ବିଭାଗରେ ଆମର ନେତୃତ୍ୱକୁ ନିଶ୍ଚିତ କରି ଏଚସିଜିର ରୋଗୀମାନଙ୍କ ମୁହଁରେ ହସ ଫୁଟାଇବାକୁ ଆମେ ସର୍ବଦା ତତ୍ପର। ଏଚସିଜି ପଣ୍ଡା କ୍ୟାନସର ହସ୍ପିଟାଲରେ ଏକ ଉତ୍ତମ କାର୍ଯ୍ୟ ପରିବେଶ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ। ଯାହାକି ଏହାର ଡାକ୍ତରଙ୍କ ଶାରୀରିକ ଓ ମାନସିକ ସୁସ୍ଥତାକୁ ପ୍ରାଧାନ୍ୟ ଦେଇଥାଉ। ରୋଗୀମାନଙ୍କ ସେବା ପ୍ରତି ଡାକ୍ତରଙ୍କ ଉତ୍ସର୍ଗୀକୃତ ମନୋଭାବକୁ ଆମେ ସମ୍ମାନ ଜଣାଇବା ସହ ବିଭିନ୍ନସ୍ତରରେ ସେମାନଙ୍କ ଶାରୀରିକ ସୁସ୍ଥତା ଆମେ କାମନା କରୁଛୁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୦ ଉଇକେଟରେ ଜିତିଲା ଭାରତ



ଦକ୍ଷିଣ ଆଫ୍ରିକା ବିପକ୍ଷରେ ମହିଳା ଟେଷ୍ଟ ମ୍ୟାଚ ବିଜୟୀ ଭାରତୀୟ ଦଳ।

**ମହିଳା ଟେଷ୍ଟ**

**ସ୍ନେହ ରାଣା ପ୍ଲେୟର ଅଫ୍ ଦ ମ୍ୟାଚ୍**

ଚେନ୍ନାଇ,୧୭(ପି.ଟି.)

ଶେଫାଳି ବର୍ମାଙ୍କ ଦ୍ୱିଶତକ ଓ ସ୍ନେହ ରାଣାଙ୍କ ୧୦ ଉଇକେଟ ସଫଳତା ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ମହିଳା ଟେଷ୍ଟକୁ ୧୦ ଉଇକେଟରେ ଜିତି ନେଇଛି ଭାରତ। ଅନ୍ତିମ ଦିନରେ ଭାରତକୁ ବିଜୟ ପାଇଁ ୩୭ ରନ୍ ଆବଶ୍ୟକ ଥିବା ବେଳେ ଦଳ ବିନା କ୍ଷତିରେ ହାସଲ କରି ନେଇଥିଲା। ତୃତୀୟ ଦିନର ଅସମାପ୍ତ ସ୍କୋର ୨୩୨/୨ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୩୭୩ ରନ୍‌ରେ ଅଲଆଉଟ ହୋଇଥିଲା। ଲୌରା ଓଲ୍ଭାର୍ଡ୍ଟ ୧୨୨ ରନ୍‌ର ଇନିଂସ ଖେଳିଥିଲେ।

ତୃତୀୟ ଦିନର ଅସମାପ୍ତ ୨୩୨/୨ରୁ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଆଉ ୩୨ ରନ୍ ଯୋଡିବା ପରେ ମାରିଜେନ୍ କାପ୍(୩୧)ଙ୍କ ଉଇକେଟ ହରାଇଥିଲା। ପରବର୍ତ୍ତୀ ବ୍ୟାଟର ଡେଲମି ଟକର ଖାତା ଖୋଲିବା ଆଗରୁ ସ୍ନେହ ରାଣାଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଓପନର ଲୌରା ଓଲ୍ଭାର୍ଡ୍ଟ ୩୧୪ ବଲ୍‌ର ମାରାଥନ୍ ଇନିଂସ ଖେଳି ୧୮ ଚୌକା ମାରିଥିଲେ। ସେ ଆଉଟ ହେବା ପରେ ନାଡିନ୍ ଡି କ୍ଲର୍କ ୬୧ ରନ୍‌ର ଇନିଂସ ଖେଳି ଶେଷ ବ୍ୟାଟର ଭାବରେ ଆଉଟ ହୋଇଥିଲେ। କ୍ଲର୍କ ଆଉଟ ହେବା ଆଗରୁ ୧୮୫ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରିଥିଲେ। ଭାରତ ପକ୍ଷରୁ ରାଜେଶ୍ୱରୀ ଗାଏକ୍ୱାଡ, ଦୀପ୍ତି ଶର୍ମା ଓ ସ୍ନେହ ରାଣା ୨ଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂଜା ବସ୍ତ୍ରକାର, ଶେଫାଳି ବର୍ମା ଓ ହରମନପ୍ରୀତ୍ କୌର୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହା ସହିତ ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ଗୋଟିଏ ଟେଷ୍ଟରେ ୧୦ ଉଇକେଟ ସଫଳତା ନେଇଛନ୍ତି ସ୍ନେହ ରାଣା। ପ୍ରଥମ ଭାରତୀୟ ଭାବେ ଝୁଲଣ ଗୋସ୍ୱାମୀ ଏହି ସଫଳତା ହାସଲ କରିଥିଲେ।

ମାତ୍ର ୩୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ସ୍ମୃତି ମନ୍ଧାନାଙ୍କ ବଦଳରେ ଶୁଭା ସତୀଶ ଭାରତ ପକ୍ଷରୁ ଓପନ କରିଥିଲେ। ଶୁଭା ୧୩ ରନରେ ଅପରାଜିତ ରହିଥିବା ବେଳେ ଶେଫାଳି ୨୪ ରନ୍‌ରେ ଅପରଜିତ ରହି ଭାରତକୁ ବିଜୟୀ କରିଥିଲେ। ଭାରତ ମହିଳା ଟେଷ୍ଟ ଇତିହାସରେ ଦ୍ୱିତୀୟ ଥର ପାଇଁ ୧୦ ଉଇକେଟରେ ବିଜୟ ହାସଲ କରିଛି। ସ୍ନେହ ରାଣାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୧୧୫.୧ ଓଭରରେ ୬୦୩/୬। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୮୪.୩ ଓଭରରେ ୨୬୬/୧୦। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ୧୫୪.୪ ଓଭରରେ ୩୭୩/୧୦ (ଲୌରା ଓଲ୍ଭାର୍ଡ୍ଟ-୧୨୨, ସୁନ୍ ଲୁସ୍-୧୦୯, ନାଡିନ୍ ଡି କ୍ଲର୍କ-୬୧, ଦୀପ୍ତି ଶର୍ମା-୨/୯୫, ରାଜେଶ୍ୱରୀ ଗାଏକ୍ୱାଡ-୨/୫୫, ସ୍ନେହ ରାଣା-୨/୧୧୧)।

## ସର୍ବଭାରତୀୟ ମହିଳା ରଗ୍‌ବୀ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୭ (ତପନ ସ୍ୱାଇଁ)

ସର୍ବଭାରତୀୟ ସିନିୟର ମହିଳା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଚଳିତ ମାସ ୩ ଓ ୪ ତାରିଖରେ ମହାରାଷ୍ଟ୍ରର ପୁଣେସ୍ଥିତ ବେଲେୱାଡ଼ି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଶା ଦଳର ଖେଳାଳି ତାଲିକା ସୋମବାର ଘୋଷଣା କରାଯାଇଛି। ମାନସ କୁମାର ଜେନା ଦଳର କୋଚ୍‌ଭାବେ ପୁଣେ ଯାତ୍ରା କରିବେ। ଓଡ଼ିଶା ଦଳ: ନିର୍ମାଲ୍ୟ ରାଉତ, ସୋନି ମାଣ୍ଡାଙ୍ଗି, ଆରତୀ ମୁର୍ମୁ, ଡୁମୁନି ମାରାଣ୍ଡି, ତରୁଲତା ନାୟକ, ହୁପି ମାଝି, ସନ୍ଧ୍ୟାରାଣୀ ଟୁଡୁ, ସୁନୀତା ହାଁସଦା, କବିତା କସ୍ତୁରୀ ପଡ଼ିହାରୀ, ମାଲିନ ସୟ, ପୁଷ୍ପାଞ୍ଜଳି ଭୋଇ, ତିଳୋତ୍ତମା ସାହୁ। କୋଚ୍: ମାନସ କୁମାର ଜେନା, ମ୍ୟାନେଜର ସଞ୍ଜୁକ୍ତା ମୁଣ୍ଡା, ଫିଜିଓ: ସୌମ୍ୟାଶ୍ରୀ ମିଶ୍ର।

## ଭାରତକୁ ମିଳିଲାନି ଆୟୋଜନ ଅଧିକାର

**ବିଶ୍ୱ ଚେସ୍ ଚାମ୍ପିୟନଶିପ୍**

**ସିଙ୍ଗାପୁରରେ ଖେଳିବେ ଡି.ଗୁକେଶ**

ନୂଆଦିଲ୍ଲୀ, ୧୭ (ପି.ଟି.)

ଗ୍ରାଣ୍ଡମାଷ୍ଟର ଡି. ଗୁକେଶଙ୍କ ପାଇଁ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ପାଇଁ ଭାରତର ଉଦ୍ୟମ ବିଫଳ ହୋଇଛି। ଭାରତ ପକ୍ଷରୁ ଦିଲ୍ଲୀ କିମ୍ବା ଚେନ୍ନାଇରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଦାବିଦାରୀ ଉପସ୍ଥାପିତ ହୋଇଥିଲା। ତାମିଲନାଡୁ ସରକାର ଓ ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ) ପକ୍ଷରୁ ପୃଥକ୍ ବିଡ୍ ଉପସ୍ଥାପନ କରାଯାଇଥିଲା। ମାତ୍ର ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା (ଫିଡେ) ସିଙ୍ଗାପୁରକୁ ଆୟୋଜନ ଅଧିକାର ପ୍ରଦାନ କରିଛି। ଫଳରେ ଆଗାମୀ ପ୍ରିମିୟର ଚେସ୍ ପ୍ରତିଯୋଗିତା ସିଙ୍ଗାପୁରରେ ଅନୁଷ୍ଠିତ ହେବ। ଏଥିରେ ଭାରତର ଗୁକେଶ ଓ ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ଡିଙ୍ଗ ଲିରେନଙ୍କ ମଧ୍ୟରେ ମୁକାବିଲା ହେବ। ଗୁକେଶ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟରଭାବେ ଲିରେନଙ୍କୁ ଚ୍ୟାଲେଞ୍ଜ ଦେବେ। ନଭେମ୍ବର ୨୦ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ୨.୫ ମିଲିୟନ ଆମେରିକୀୟ ଡଲାର (୨୦ କୋଟି, ୮୬ ଲକ୍ଷ, ୧୪,୭୫୦ ଟଙ୍କା)ର ପୁରସ୍କାର ରାଶି ରଖାଯାଇଛି। ''ବିଡ୍ ଗୁଡ଼ିକୁ ଅନୁଧ୍ୟାନ ସହ ସମ୍ଭାବ୍ୟ ଭେନ୍ୟୁ ଗୁଡ଼ିକର ବିଭିନ୍ନ ଦିଗକୁ ବିଚାରକୁ ନିଆଯିବାପରେ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ ସିଙ୍ଗାପୁରକୁ ଆୟୋଜନ ଅଧିକାର ପ୍ରଦାନ କରିଛି'' ବୋଲି ଫିଡେ ପକ୍ଷରୁ ପ୍ରକାଶ କରାଯାଇଛି। ୧୭ ବର୍ଷୀୟ ଗୁକେଶ ଇତିହାସ ରଚି ଗତ ଏପ୍ରିଲରେ ଅନୁଷ୍ଠିତ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟ ଜିତିବା ସହ ବିଶ୍ୱ ଟାଇଟଲ ପାଇଁ ସର୍ବକନିଷ୍ଠ ଚ୍ୟାଲେଞ୍ଜର ହୋଇ ଯାଇଥିଲେ। ଏ କ୍ଷେତ୍ରରେ ସେ କିମ୍ବଦନ୍ତୀ ଚେସ୍ ଖେଳାଳି ଗ୍ୟାରୀ କାସ୍ପୋରୋଭଙ୍କ ୪୦ ବର୍ଷର ରେକର୍ଡ ଭାଙ୍ଗିଥିଲେ। ଫିଡେ ଇତିହାସରେ ପ୍ରଥମଥରପାଇଁ ସିଙ୍ଗାପୁରରେ ବିଶ୍ୱ ଚାମ୍ପିୟନଶିପ୍ ହେବ।

## ଆନନ୍ଦଙ୍କୁ ୧୦ମ ଲିଅନ୍ ମାଷ୍ଟର୍ସ

ଲିଅନ୍ (ସ୍ପେନ୍), ୧୭ (ପି.ଟି.)

୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ୧୦ମ ଥର ଲିଅନ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ଫାଇନାଲରେ ସେ ସ୍ପେନ୍‌ର ଜେମି ସାଣ୍ଟସ ଲାଟାସାଙ୍କୁ ୩-୧ରେ ହରାଇ ଦେଇଥିଲେ। ୫୪ବର୍ଷୀୟ ଆନନ୍ଦ ବହୁ ବର୍ଷ ଧରି ସ୍ପେନ୍‌ରେ ଅବସ୍ଥାନ କରିବା ପରେ ତାଙ୍କ ଜନ୍ମସ୍ଥାନ ଚେନ୍ନାଇକୁ ଫେରିଛନ୍ତି। ଏହା ତାଙ୍କ ଫେଭରାଇଟ୍ ଗ୍ରାଉଣ୍ଡ ବୋଲି ସେ ପୁଣି ପ୍ରମାଣିତ କରିଛନ୍ତି। ୨୮ବର୍ଷ ପୂର୍ବେ ୧୯୯୬ରେ ସେ ପ୍ରଥମଥର ଏଠାରେ ଟାଇଟଲ ଜିତିଥିଲେ। ଟୁର୍ନାମେଣ୍ଟର ଫର୍ମାଟ୍ ଅନୁସାରେ ଏଥିରେ ଭାରତର ଅର୍ଜୁନ ଏରିଗାସିଙ୍କ ସମେତ ୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟରେ ଭାଗନେଇଥିବା ଅନ୍ୟ ଜଣେ ଖେଳାଳି ହେଲେ ବୁଲ୍‌ଗେରିଆର ଭେସ୍‌ଲିନ୍ ଟୋପାଲୋଭ। ପ୍ରତି ରାଉଣ୍ଡରେ ୨୦ ମିନିଟ୍ ବିଶିଷ୍ଟ ୪ଟି ଗେମ୍ ଖେଳାଯାଇଥାଏ। ପ୍ରତିଟି ମୁଭ୍‌ରେ ୧୦ ସେକେଣ୍ଡ ଇନ୍‌କ୍ରିମେଣ୍ଟ ବ୍ୟବସ୍ଥା ରହିଛି। ସାଣ୍ଟସ ଲାଟାସା ବିପକ୍ଷ ଦ୍ୱିତୀୟ ସେମିଫାଇନାଲ ଅର୍ଜୁନ ୧.୫-୨.୫ ସ୍କୋରରେ ହାରିଯାଇଥିଲେ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ୨ କିମ୍ବଦନ୍ତୀ ଖେଳାଳି ଟୋପାଲୋଭ ଓ ଆନନ୍ଦଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଖେଳାଳି ତୃତୀୟ ଗେମ୍‌ରେ ବିଜୟ ଲାଭ କରିଥିଲେ। ଏହା ୪୫ଟି ମୁଭ୍‌ରେ ଶେଷ ହୋଇଥିବାବେଳେ ଅବଶିଷ୍ଟ ତିନୋଟି ଗେମ୍ ଡ୍ର' ରହିଥିଲା।

## ଏସ୍.ଆର୍. ଚେସ୍ ପ୍ରତିଯୋଗିତା


ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୧୭ (ତପନ ସ୍ୱାଇଁ)

ସୋମବାର ଏସ୍. ଆର୍. ଚେସ୍ ସେଣ୍ଟର ଆନୁକୂଲ୍ୟରେ କଟକର ସିଡିଏ-୬ରେ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ରାକେଶ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନ ମୁଖ୍ୟ ସତ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟ କୋଚ୍ ନାରାୟଣ ସ୍ୱାଇଁ, ଦିପ୍ତୀ ରଞ୍ଜନ ନାୟକ, ନିରୁପମା ପୃଷ୍ଟି, କ୍ରୀଡାପ୍ରେମୀ ଅବିଭାବକ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ବହୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ଶେଷରେ ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଗେମ୍ସ ଅଫ୍ ଦ ସେକେଣ୍ଡ ଅଲିମ୍ପିଆଡ୍

ଅଲିମ୍ପିକ୍ସର ଦ୍ୱିତୀୟ ସଂସ୍କରଣ ପ୍ୟାରିସ୍‌ରେ ୧୯୦୦ରେ ଆୟୋଜିତ ହୋଇଥିଲା। ଏହାକୁ ପ୍ୟାରିସ୍ ଅଲିମ୍ପିକ୍ସ ବା ଗେମ୍ସ ଅଫ୍-ସେକେଣ୍ଡ ଅଲିମ୍ପିଆଡ୍ ବୋଲି ମଧ୍ୟ କୁହାଯାଇଥିଲା। ଏହି ଅଲିମ୍ପିକ୍ସରେ ସମୁଦାୟ ୧୯ଟି କ୍ରୀଡ଼ା ଇଭେଣ୍ଟକୁ ସାମିଲ କରାଯାଇଥିଲା। ୨୬ ଦେଶ ଅଂଶଗ୍ରହଣ କରିଥିବା ବେଳେ ସମୁଦାୟ ଅଂଶଗ୍ରହଣକାରୀ ଆଥଲେଟଙ୍କ ସଂଖ୍ୟା ୧୨୨୬ ରହିଥିଲା। ତେବେ ଏହି ଅଲିମ୍ପିକ୍ସରେ ପଦକ ବ୍ୟବସ୍ଥା ରହି ନ ଥିଲା। ଫଳରେ ବିଜେତାମାନଙ୍କୁ କପ୍ ଓ ଟ୍ରଫିରେ ସମ୍ମାନିତ କରାଯାଉଥିଲା। ଏହି ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ଆଙ୍ଗଲିଙ୍ଗ, ମୋଟର ରେସିଂ, ବେଲୁନିଙ୍ଗ, କ୍ରିକେଟ, କ୍ରୋକ୍ୱେଟ, ବାସ୍କ ପେଲୋଟା, ୨୦୦ ମିଟର ସୁଇମିଂ ଅବଷ୍ଟାକଲ୍ ଓ ଅଣ୍ଡରୱାଟର ସୁଇମିଂ ଭଳି ଇଭେଣ୍ଟକୁ ପ୍ରଥମ ଥର ସାମିଲ




କରାଯାଇଥିଲା। ଆଥଲେଟିକ୍ସରେ ମୋଟ ୯୯୭ ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ଫ୍ରାନ୍ସ ପକ୍ଷରୁ କେବଳ ୭୨୦ ଜଣ ଆଥଲେଟ ଭାଗ ନେଇଥିଲେ। ପ୍ରଥମ ଥର ପାଇଁ ପ୍ୟାରିସ୍ ୧୯୦୦ରେ ମହିଳାମାନଙ୍କୁ ଭାଗ ନେବାର ସୁଯୋଗ ମିଳିଥିଲା।

ଆମେରିକାର ଆଲଭିନ୍ କ୍ରେଞ୍ଜଲେନ ଏହି ଅଲିମ୍ପିକ୍ସରେ ଏକାକୀ ୪ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଏହା ବର୍ତ୍ତମାନ ସୁଦ୍ଧା ଏକ ବିଶ୍ୱ ରେକର୍ଡ ହୋଇ ରହିଛି। ଆଲଭିନ୍ ୬୦ ମିଟର, ୧୧୦ ମିଟର ବାଧାଦୌଡ, ୨୦୦ ମିଟର ବାଧାଦୌଡ ଓ ଲଙ୍ଗଜମ୍ପ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୦୦ ଅଲିମ୍ପିକ୍ସ ପରେ ୬୦ ମିଟର ଇଭେଣ୍ଟକୁ ବନ୍ଦ କରାଯାଇଥିବା ବେଳେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ସେ ବିଶ୍ୱର ଦ୍ୱିତୀୟ ଖେଳାଳି ରହିଛନ୍ତି। ଆମେରିକାର ସେଲର ହେଲେନ୍ ଡି ପୋର୍ଟୁଲେସ୍ ସୁଇଜରଲାଣ୍ଡର ପ୍ରତିନିଧିତ୍ୱ କରି ପ୍ରଥମ ମହିଳା ଭାବରେ ୧-୨ଟନ୍ ସେଲିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ବ୍ରିଟେନର ଚାର୍ଲୋଟ୍ କୁପର ପ୍ରଥମ ମହିଳା ଭାବରେ ଅଲିମ୍ପିକ୍ସ ଓ ଗ୍ରାଣ୍ଡସ୍ଲାମ ୱିମ୍ବେଲଡନ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଲିମ୍ପିକ୍ସର ମହିଳା ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୨ ମାସ ପରେ ୱିମ୍ବେଲଡନ୍ ଟାଇଟଲ ବିଜୟୀ ହୋଇଥିଲେ।

ମାରାଥନ୍‌ରେ ଫ୍ରାନ୍ସର ୩ ଜଣ ପ୍ରତିଯୋଗୀ ପ୍ରଥମ ୩ ସ୍ଥାନରେ ରହିଥିବା ବେଳେ ଆମେରିକା ପ୍ରତିଯୋଗୀମାନେ ଏହାକୁ ବିରୋଧ କରିଥିଲେ। ଅନ୍ୟ ପ୍ରତିଯୋଗୀଙ୍କ ଅପକ୍ଷୋ ୩ ଖେଳାଳି ଶର୍ଟକଟ୍ ଆପଣେଇଥିବା ଅଭିଯୋଗ ହେଇଥିଲା।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୨୪ ଦିନ**

## ପ୍ୟାରିସ୍ ଡାଇମଣ୍ଡ ଲିଗ୍‌ରୁ ଓହରିଲେ ନୀରଜ

ନୂଆଦିଲ୍ଲୀ, ୧୭ (ପି.ଟି.)

ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଜାଭେଲିନ ଥ୍ରୋ ଷ୍ଟାର ନୀରଜ ଚୋପ୍ରା ପ୍ୟାରିସ ଡାଇମଣ୍ଡ ଲିଗ୍‌ରୁ ଓହରିଯାଇଛନ୍ତି। ଖବର ଅନୁସାରେ ତାଙ୍କ ଗୋଡ଼ରେ ୨ମାସ ହେଲା ସମସ୍ୟ ଦେଖାଦେଇଛି। ଆଗକୁ ପ୍ୟାରିସ ଅଲିମ୍ପିକ୍ସ ଥିବାରୁ ସେ ବର୍ତ୍ତମାନ ଟ୍ରେନିଂ ଓ ଇଞ୍ଜୁରିରେ ସୁଧାର ଆଣିବା ଦିଗରେ ଧ୍ୟାନ ଦେବେ। ପ୍ୟାରିସ ଅଲିମ୍ପିକ୍ସ ପରେ ସେ ବିଭିନ୍ନ ଡାକ୍ତରଙ୍କ ପରାମର୍ଶ ସହ ସ୍ଥାୟୀ ଉପଚାର କରିବେ। ସୂଚନାଯୋଗ୍ୟ, ଗତ ମାସରେ ଫିନ୍‌ଲାଣ୍ଡର ଟୁର୍କୁଠାରେ ଅନୁଷ୍ଠିତ ପାଭୋ ନୁର୍ମି ଗେମ୍ସରେ ୮୫.୯୭ ମିଟର ଥ୍ରୋ ସହ ଶୀର୍ଷରେ ରହିଥିଲେ।

## କଳିଙ୍ଗ କପ୍‌ରେ ଭାଗନେବେ ୩୨ ଦଳ



ଆୟୋଜକମାନେ ସୋମବାର ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୭ (ତପନ ସ୍ୱାଇଁ)

ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ କଳିଙ୍ଗ କ୍ରିକେଟ ପ୍ରିମିୟର ଲିଗର ୩ୟ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆୟୋଜକଙ୍କ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏ ସମ୍ପର୍କରେ ସୂଚନା ଦିଆ ଯାଇଛି। ପ୍ରତିଯୋଗିତା ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୁବନେଶ୍ୱର ଗୋପବନ୍ଧୁ ପଡିଆରେ ମ୍ୟାଚ ଗୁଡ଼ିକ ଖେଳାଯିବ। ଚଳିତ ବର୍ଷ ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୩୨ଟି ଅଂଶଗ୍ରହଣ କରିବେ। ଦଳଗୁଡ଼ିକ ପାଇଁ କୌଣସି ଏଣ୍ଟ୍ରି ଫି' ରଖା ଯାଇନାହିଁ। ଚାମ୍ପିୟନ ଦଳକୁ ୧ ଲକ୍ଷ, ରନରଅପ୍‌କୁ ୬୦,୦୦୦ ଓ ଶୃଙ୍ଖଳିତ ଦଳକୁ ୧୫ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଟୁର୍ନାମେଣ୍ଟ ଟେନିସ୍ ବଲରେ ଖେଳାଯିବାକୁ ଥିବା ବେଳେ ଲିଗ୍ ପର୍ଯ୍ୟାୟ ମ୍ୟାଚ ଗୁଡ଼ିକ ୧୦ ଓଭର ଏବଂ ସେମିଫାଇନାଲ ଓ ଫାଇନାଲ ୧୫ ଓଭର ବିଶିଷ୍ଟ ହେବ। ସମ୍ମିଳନୀରେ କ୍ଲବର ଏମଡି ମୋସିନ, ସତ୍ୟ ନାରାୟଣ ସେଠି, ସମୀର ଦାସ, ନବଘନ ମିଶ୍ର, ଦେବାଶିଷ ପଟ୍ଟନାୟକ ସୋମନାଥ ଦାସ, ଦେବ ପ୍ରସାଦ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।


# Classified Everyday 0674-2580101, 2549949


REAL ESTATE
SALE

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048. D-632

Gharabadi boundary plot at ପୁରୀ ମାଳତୀ ପାଟପୁର sqft.-1200/-, 40ft. road, near Bus Stand & Rly Station. 7008067338, 9090746445. D-75971

କଟକ- ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970

ଭୁବନେଶ୍ୱର KEC ନିକଟ ଗୁଡ଼ିଆପୋଖରି ଛକରୁ 1.5 K.M. ମଧ୍ୟରେ 1380sqft. ଘରବାରି, Boundary, 30' road, Electricpoll ଥାଇ North facing plot ତୁରନ୍ତ ବିକ୍ରି ହେବ। Direct owner- 9078726651. D-75968

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-268




Monalisa massage Club: All types Body massage with hiprofile smart lady rooms service available. 9708545108. D-621

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Fully relaxed body massage trained therapist. Central SPA. 9556483961. D-75757

Relax refreshment body massage therapy by experience lady therapist. 7008773793. D-76129

Newly open Jyoti SPA positively health benefits (Expert therapist). 8458067955. D-76130

Kerala body Massage best Therapist Bhubaneswar. 9337672475. D-614

PILES Clinic, BBSR, ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

**LOST**

I, Prafulla Kumar Dash, S/o Late Padmalochan Dash, R/o- Plot No.- GL/03, V S S Nagar Housing Society, Bhubaneswar, have lost somewhere my original Lease-Deed of OSHB- No.-3093 of 1999. If anybody find it, then kindly contact Prafulla Kumar Dash, Mobile No- 9568007858. D-634

**AFFIDAVIT**

I, Sahil Kumar Patro, S/o- Sanjeeb Kumar Patro, resident of Alien Royal Plaza, Flat- 303, Plot No.-590 (P), Jaydev Vihar, Bhubaneswar, PIN- 751013, Odisha declare by this affidavit No.-68AA168083, dtd- 27.06.2024 that now onwards my father shall be known as SANJIB KUMAR PATRO for all future purposes. D-635

By virtue of an affidavit sworn before the Executive Magistrate, Sambalpur dated 27.06.2024, I, Seema Kumari Pandit, Address- Kainsir Road, Ainthapali, Sambalpur declare that I have changed my daughter's name from Anu Pandit to DHANVI PANDIT. Henceforth, she shall be known as DHANVI PANDIT for all purposes.
SEEMA KUMARI PANDIT D-630

I, Geet Gourav Ghadei, S/o- Madhaba Nanda Ghadai, resident of Biswal sahi, Khalari, P.O.- Khalari, P.S./Dist.- Angul, PIN- 759132, Odisha declare by this affidavit No.- 2391 dtd.23.06.2024 that now onwards I shall be known as GEET GOURAV GHADAI for all future purposes. D-633

# ଆନିଭର୍ସାରି ଗିଫ୍ଟ




**ବିବାହ ପରେ ପ୍ରଥମ ଆନିଭର୍ସାରିକୁ ମେମୋରେବଲ୍ କରିବାକୁ ଆଜିକାଲି ସବୁ କପଲଙ୍କର ଇଚ୍ଛା ରହିଛି । ତେଣୁ ଏହି ଦିନଟିକୁ କିପରି ସ୍ପେଶାଲ କରିବେ ଭାବିଭାବି ସମୟ ପଳାଏ, ହେଲେ ଡିସାଇଡ୍ କରିପାରନ୍ତିନି ଯେ କ'ଣ କରିବେ,କ'ଣ ସ୍ୱାମୀଙ୍କୁ ଗିଫ୍ଟ ଦେବେ । ଯଦି ଆପଣ ଏପରି କିଛି ପ୍ଲାନିଂ କରୁଥାନ୍ତି ଏବଂ ଲାଇଫ୍ ପାର୍ଟନରଙ୍କୁ ଖୁସି କରିବାକୁ ଚାହୁଁଥାନ୍ତି ତେବେ ଏମିତି କିଛି ଗିଫ୍ଟ ଦିଅନ୍ତୁ ଯାହା ତାଙ୍କୁ ପସନ୍ଦ ଆସିବ । ଜାଣନ୍ତୁ , ଏ ସମ୍ପର୍କରେ କେତୋଟି ଟିପ୍ସ...**

**ଫଟୋ କ୍ୟାଲେଣ୍ଡର:** ନିଜର ପ୍ରଥମ ଆନିଭର୍ସାରିରେ ଆପଣ ଲାଇଫ୍ ପାର୍ଟନରଙ୍କୁ ନିଜ ଜୀବନ ସହ ଜଡ଼ିତ ଫଟୋ କ୍ୟାଲେଣ୍ଡର ଗିଫ୍ଟ କରନ୍ତୁ। ଏହା ଆପଣଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତ ହେବ ଯାହାକୁ ଆପଣ ଏକ ଫ୍ରେମ୍ ଭିତରେ ସାଇତି ରଖିପାରିବେ। ବଜାରରେ ଏଲ୍ଇଡି ଲାଇଟ୍ ଥିବା ଫଟୋଫ୍ରେମ୍ ମିଳୁଛି ଯାହା ଦେଖିବାକୁ ଷ୍ଟାଇଲିଶ୍ ଲାଗିଥାଏ।

**ପରଫ୍ୟୁମ୍ :** ଯଦି ଆପଣ ନିଜ ସ୍ୱାମୀଙ୍କୁ ଆନିଭର୍ସାରିରେ କିଛି ଗିଫ୍ଟ ଦେବାକୁ ଚାହୁଁଛନ୍ତି ତେବେ ତାଙ୍କ ପାଇଁ ପରଫ୍ୟୁମ୍ ଭଲ ଅପ୍ସନ ରହିବ। ଯାହାକୁ ସେ ଅଫିସ୍ ଯିବା ସମୟରେ ପକାଇ ଯାଇପାରିବେ। ଏହାକୁ ସେ ଯେକୌଣସି ସମୟରେ ବି ବ୍ୟବହାର କରିପାରିବେ। କେତେ ଜଣ ଆରମ୍ଭରୁ ତାଙ୍କ ଲିଷ୍ଟରେ ମନରେ ରଖିଥାନ୍ତି ଯେ ଏହାକୁ ଗିଫ୍ଟ ଦେବେ ବୋଲି।

**ୱାଚ୍:** ବେଳେବେଳେ କୌଣସି ବି ଅକେଜନ୍‌ରେ ମହିଳାମାନେ ନିଜ ପାର୍ଟନରଙ୍କୁ ୱାଚ୍ ଗିଫ୍ଟ କରିଥାନ୍ତି। ସେ ଆନିଭର୍ସାରି ହେଉ କି ଜନ୍ମଦିନ। ଯଦି ଆପଣ ବି ୱାଚ୍ ଦେବାକୁ ଚିନ୍ତା କରୁଥାନ୍ତି ତେବେ ମାର୍କେଟ୍‌ରେ ବିଭିନ୍ନ ପ୍ରକାର ବ୍ରାଣ୍ଡ୍‌ର ୱାଚ୍ ମିଳୁଛି ତାହାକୁ ଦେଇପାରିବେ।

# ରୋଷେଇଘରେ କରନ୍ତୁନି ଏପରି ଭୁଲ୍



- ଆଜିକାଲି ସମସ୍ତେ ରୋଷେଇଘରେ ଡଷ୍ଟବିନ୍ ରଖିଥାନ୍ତି। ଯଦି ଆପଣ ଏହାକୁ ରୋଷେଇଘରେ ରଖୁଛନ୍ତି ଆପଣ ଋଣରେ ବୁଡ଼ି ରହିବେ। ଏଥିପାଇଁ ଯେତେ ସମ୍ଭବ ଏହାକୁ କିଚେନ୍ ବାହାରେ ରଖନ୍ତୁ।
- ରୋଷେଇଘର କାନ୍ଥର ରଙ୍ଗ ପ୍ରତି ବିଶେଷ ରୂପେ ଧ୍ୟାନରଖନ୍ତୁ। ରଙ୍ଗ ମଧ୍ୟରେ ନୀଳ,ସବୁଜ ଏବଂ ଧଳା ନ କରିବା ଭଲ। ଏହା ବ୍ୟତୀତ କିଚେନ୍‌ର କାନ୍ଥର ରଙ୍ଗ ହଳଦିଆ, ନାରଙ୍ଗୀ ଏବଂ ଅଫ୍ ହ୍ୱାଇଟ୍ କଲର କରିପାରିବେ।
- ରୋଷେଇଘର ପାଖରେ ବାଥରୁମ୍ କରନ୍ତୁ ନାହିଁ। ଏପରି କରିବା ଦ୍ୱାରା ଏହାର କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ, ଯାହା ଫଳରେ ନିଜେ ଋଣରେ ବୁଡ଼ି ରହିବେ।
- କିଚେନ୍‌ର ପାଣି ନଳ ସବୁବେଳେ ଯେପରି ବନ୍ଦ ରୁହେ ସେଥିପ୍ରତି ନଜର ଦିଅନ୍ତୁ। ସବୁବେଳେ ପାଣି ଝରିଲେ ଘରେ ଆର୍ଥିକ ଅନଟନ ଦେଖାଦିଏ।
- ବହୁ ଜଣଙ୍କ ଘରେ ଦେଖିବାକୁ ମିଳେ, ଖାଇବା ପରେ ଅଇଁଠା ବାସନକୁ ପକାଇ ରଖିବା । ଏପରି ନ କରି ସବୁ ଅଇଁଠା ବାସନକୁ ରାତିରେ ମାଜି ରଖିବା ଆବଶ୍ୟକ।
- ରୋଷେଇଘର ମା' ଲକ୍ଷ୍ମୀଙ୍କର ବାସସ୍ଥାନ । ଏଥିପାଇଁ ନିଜ କିଚେନ୍‌କୁ ସବୁବେଳେ ସଫାସୁତୁରା ରଖନ୍ତୁ।

# ପିଲାଙ୍କୁ ଖୁଆଉଥିଲେ...



**ପିଲାଟିଙ୍କୁ ଜନ୍ମଦେବା ପରେ ତାହାର ଲାଳନପାଳନ ଦାୟିତ୍ୱ ମା'ଙ୍କୁ ହିଁ ନେବାକୁ ପଡ଼ିଥାଏ। କାରଣ ଶିଶୁଟିଙ୍କୁ ଠିକ୍ ସମୟରେ ଖୁଆଇବା ସହ ତାହାର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ଉପରେ ଜନ୍ମଦାତ୍ରୀ ମା'ଙ୍କୁ ତୀକ୍ଷଣ ନଜର ରଖିବାକୁ ପଡ଼ିଥାଏ। ତେବେ ପିଲାଟିର ଖାଦ୍ୟପେୟ ବିଷୟରେ ମା'ମାନେ କେତେକ ବିଷୟ ପ୍ରତି ଧ୍ୟାନଦେବା ନିହାତି ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...**

**ଶି**ଶୁଟିଏ ଜନ୍ମହେବା ପରେ ତାହାର ପ୍ରଥମ ଖାଦ୍ୟ ହେଲା ମା'ର କଷକ୍ଷୀର ବା କୋଲୋଷ୍ଟ୍ରମ। ତା'ପରେ ମା' କ୍ଷୀର ହିଁ ହେଉଛି ତାହାର ମୁଖ୍ୟ ଖାଦ୍ୟ। ବୟସ ବଢ଼ିବା ସହ ପିଲାଟି ତରଳ, ଅର୍ଦ୍ଧତରଳ ଏବଂ ପରେ ସାଧାରଣ ଖାଦ୍ୟ ଖାଇବା ଆରମ୍ଭ କରିଥାଏ। କେତେଜଣ ମା' ପିଲାକୁ ଖୁଆଇବା ସମୟରେ ଭାବନ୍ତି ଯେ, ପିଲାଟି ଯଦି ଏକାଥରେ ପୁଳାଏ ଖାଇଦେବ ତା'ହେଲେ ସେ ହୃଷ୍ଟପୁଷ୍ଟ ହେବ। ହେଲେ ଏଭଳି ଧାରଣା ଠିକ୍ ନୁହେଁ। ଜଣେ ପିଲାକୁ ଆବଶ୍ୟକ ମୁତାବକ ଖାଦ୍ୟ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଖୁଆଇବା ଦରକାର।

**ଖାଦ୍ୟପେୟ :** ମା' କ୍ଷୀର ଖାଇବା ପରେ ପିଲାଟି ଯେତେବେଳେ ସାଧାରଣ ଖାଦ୍ୟ ଖାଇବା ଆରମ୍ଭକରେ, ସେ କ'ଣ କ'ଣ ଖାଇବା ଦରକାର ତାହା ପ୍ରଥମେ ମା' ଭଲ ଭାବରେ ଅବଗତ ହେବା ଦରକାର। ଏହି ସମୟରେ ସେ ଏଭଳି ଖାଦ୍ୟ ଖାଇବା ଦରକାର, ଯାହା ଠିକ୍ ଭାବରେ ହଜମ ହେଉଥିବା ଦରକାର। ଜବରଦସ୍ତି ଯଦି ପିଲାଟିକୁ ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖୁଆଯାଏ, ତେବେ ପିଲାଟି ଖାଇବାକୁ ଅରୁଚିବୋଧ କରିଥାଏ। ବେଳେବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ପିଲାଟି ଝାଡ଼ାବାନ୍ତି ପରି ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏପରି କି ଯଦି ଏହି ସମସ୍ୟା ଜଟିଳ ଆକାର ଧାରଣକରେ ତେବେ ପିଲାଟିକୁ ହସ୍ପିଟାଲରେ ଆଡ୍‌ମିଶନକରି ଚିକିତ୍ସା କରିବାକୁ ପଡ଼ିଥାଏ। ତେଣୁ ପିଲାଟିକୁ ଖୁଆଇବା ବେଳେ ସେ ଥରକେ କେତେ ଖାଦ୍ୟ ଖାଇବ ପ୍ରଥମେ ତାହା ସ୍ଥିର କରନ୍ତୁ। ଶାନ୍ତ ମନରେ ଧୀରସ୍ଥିର ଭାବରେ ପିଲାଟିକୁ ଖୁଆଇଲେ ଖାଦ୍ୟ ପ୍ରତି ତାହାର ଆଗ୍ରହ ବଢ଼ିଥାଏ ଏବଂ ପରବର୍ତ୍ତୀ ସମୟରେ ସେ ଖାଦ୍ୟ ଖାଇବାକୁ ନିଜ ପଟରୁ ଆଗ୍ରହ ପ୍ରକାଶ କରେ।

**କିପରି ପିଲାକୁ ଖୁଆଇବେ :** ଛୋଟ ପିଲାଟିଏ ଯେ ସହଜରେ ଖାଇଦେବ-ଏଭଳି ଧାରଣା ପ୍ରଥମେ ନିଜ ମନରୁ ଦୂରେଇ ଦିଅନ୍ତୁ। କାରଣ ପ୍ରାରମ୍ଭରେ ପିଲାଟି ସାଧାରଣ ଖାଦ୍ୟ ପ୍ରତି ଅଭ୍ୟସ୍ତ ନ ଥାଏ। ତେଣୁ ସେଭଳି ଖାଦ୍ୟ ଦେଖିଲେ ସେ ଖାଇବାକୁ ସମସ୍ୟା ସୃଷ୍ଟି କରିଥାଏ। ଏହି ସମୟରେ ମା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପିଲାଟିକୁ ଗପ କହି, ବୁଲାଇ, ଖେଳାଇ ତାହାର ମନକୁ ପ୍ରଥମେ ଖାଦ୍ୟ ପ୍ରତି ଆକର୍ଷିତ କରନ୍ତୁ।





ପିଲାଟି ଯଦି ଖାଇବାକୁ ଆଗ୍ରହ ପ୍ରକାଶ କରୁନାହିଁ, ତାକୁ କିଛି ଖେଳନା ଦିଅନ୍ତୁ। ସେ ଖେଳିବା ଅବସ୍ଥାରେ ତାକୁ ଖାଦ୍ୟ ଖୁଆନ୍ତୁ। କଦାପି ପିଲାକୁ ବାଧକରି ଖାଦ୍ୟ ଖୁଆନ୍ତୁ ନାହିଁ। କାରଣ ଏହାଦ୍ୱାରା ସେ ନ ଖାଇବାକୁ ଜିଦ୍ ଧରିଥାଏ। ତେଣୁ ପିଲାଟିକୁ ଖୁଆଇବା ପୂର୍ବରୁ ତାକୁ ଏଭଳି ମାହୋଲ ଭିତରେ ରଖନ୍ତୁ, ଯେମିତି ସେ ସହଜରେ ଖାଦ୍ୟ ଖାଇପାରିବ।

**ସମୟ ନିର୍ଘଣ୍ଟ :** ପିଲାଟି କେତେବେଳେ ଖାଇବ ତାହାର ସମୟ ନିର୍ଘଣ୍ଟ ବିଷୟରେ ମା' ଅବଗତ ହେବା ନିହାତି ଦରକାର। ଘଣ୍ଟାଏ ୨ଘଣ୍ଟା ପୂର୍ବରୁ ପିଲାଟି ଖାଇଥିବ, ସେହି ସମୟରେ କେତେଜଣ ମା' ଭାବନ୍ତି ଯେ ଆହା, ପିଲାଟିକୁ ପୁଣି ଭୋକ କରିବଣି। ତେଣୁ ତାକୁ ପୁଣି ଖୁଆଇ ଥାଆନ୍ତି। ପିଲାଟିର ଖାଇବାର ସମୟ ନିର୍ଘଣ୍ଟ ବିଷୟରେ ଶିଶୁରୋଗ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ସବୁଠାରୁ ବଡ଼ କଥା ହେଲା, ପିଲାଟି ଏହି ସମୟରେ କେଉଁ ଖାଦ୍ୟ ଖାଇଲେ ତାହାର ଶାରୀରିକ ସହ ମାନସିକ ବିକାଶ ଘଟିବ ସେ ନେଇ ଜାଣିବା ଦରକାର। ତେଣୁ ଏ ବିଷୟରେ ସମ୍ପୃକ୍ତ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ।

**ବାଧ କରନ୍ତୁ ନାହିଁ :** କେତେଜଣ ମା' ଯେତେବେଳେ ପିଲାଟି ନ ଖାଇବାକୁ ଜିଦ୍ ଧରୁଛି ତାହାକୁ ଜବରଦସ୍ତି ଖୁଆଇଥାଆନ୍ତି। ଏପରିକି ନିଜେ ଅସ୍ଥିର ହୋଇପଡ଼ି ପିଲାଟିକୁ ମାରଧର କରନ୍ତି। କିନ୍ତୁ ପିଲାଙ୍କୁ ଖୁଆଇବାର ଏହା ଉଚିତ ଉପାୟ ନୁହେଁ। ପିଲାମାନେ ଚପଳମତି। ସେମାନଙ୍କୁ ବୁଝାଇଶୁଝାଇ ଖୁଆନ୍ତୁ। ସେମାନଙ୍କ ଉପରେ ବିରକ୍ତ ପ୍ରକାଶକଲେ ପିଲାଟି ଧୀରେ ଧୀରେ ଜିଦିଆ ହୋଇଯିବା ଆଶଙ୍କା ରହିଛି। ତେଣୁ ପ୍ରଥମେ ପିଲାକୁ ଏଭଳି ପରିବେଶ ଭିତରକୁ ଆଣନ୍ତୁ ଯେମିତି ତା'ର ଆଗ୍ରହ ଖାଦ୍ୟ ପ୍ରତି ଆସିବ। ଛୋଟ ପିଲାଟି ଯେ ସାଙ୍ଗେ ସାଙ୍ଗେ ଖାଇଦେବ-ଏ ଧାରଣା ମନରୁ ଦୂରକରନ୍ତୁ। ତାହାକୁ ଖୁଆଇବା ବେଳେ ଯେତେ ସମୟ ଆବଶ୍ୟକ ହେଉଛି ଦିଅନ୍ତୁ। ଦେଖିବେ, ଖାଦ୍ୟ ଖାଇବା ପ୍ରତି ତାହାର ଆଗ୍ରହ ଆସିଗଲେ ସେ ଆଉ ସମସ୍ୟା ସୃଷ୍ଟି କରିବ ନାହିଁ। ତେଣିକି ଆପଣ ଆରାମରେ ପିଲାଟିକୁ ଖୁଆଇପାରିବେ।

**ବୟସ ଅନୁପାତରେ ଖାଦ୍ୟ :** ପିଲାଟି ବୟସ ଅନୁପାତରେ ହିଁ ଖାଦ୍ୟ ଖାଇଥାଏ। କେଉଁ ବୟସରେ ପିଲାଟି କେଉଁ ଖାଦ୍ୟ କେତେ ପରିମାଣରେ ଖାଇବ ତାହା ପ୍ରଥମେ ମା' ଭଲ ଭାବରେ ଜାଣିବା ଦରକାର। ପିଲାଟିର ଶାରୀରିକ ବିକାଶ ପାଇଁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖୁଆନ୍ତୁ। ଯଦି ଫୁଡ୍ ସପ୍ଲିମେଣ୍ଟ ଖୁଆଉଛନ୍ତି ତେବେ ଏ ନେଇ ଶିଶୁରୋଗ ଡାକ୍ତରଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।

**ସ୍ୱାସ୍ଥ୍ୟ ସମସ୍ୟା :** ପିଲାଟି ଖାଦ୍ୟ ଖାଇବା ସହ ତାହାର ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବଗତ ରୁହନ୍ତୁ। ପିଲାଟି ଯେତେବେଳେ ଅସୁସ୍ଥ ଅଛି ସେତେବେଳେ କ'ଣ ଖାଇବ ତାହା ଜାଣିବା ଦରକାର।

**ଛୋଟ ପିଲାଙ୍କୁ ଖୁଆଉଥିଲେ :** ଯେତେବେଳେ ୬ମାସର ଶିଶୁକୁ ଖାଦ୍ୟ ଖୁଆଇବା ଆରମ୍ଭ କରିବେ ସେତେବେଳେ ତାକୁ ଅଳ୍ପ ଅଳ୍ପ କରି ଖୁଆନ୍ତୁ। ଖୁଆଇବା ସମୟରେ ଯଦି ସେ ବାରମ୍ବାର ପାଟିରୁ କାଢ଼ି ଦେଉଛି ତେବେ ବାଧରେ ଖୁଆନ୍ତୁ ନାହିଁ। ଏହି ସମୟରେ ପିଲାର ଶରୀରକୁ କେତେ ଖାଦ୍ୟ ଆବଶ୍ୟକ ସେ ସେହି ଅନୁଯାୟୀ ଖାଇଥାଏ। ଆବଶ୍ୟକତାଠାରୁ ଯଦି ସବୁବେଳେ ତାକୁ ଅଧିକ ଖାଦ୍ୟ ଖୁଆନ୍ତି, ତେବେ ପରବର୍ତ୍ତୀ ସମୟରେ ପିଲାଟି ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

## ପିଲାଙ୍କୁ ଜବରଦସ୍ତ ଖୁଆଇବା ଠିକ୍ ନୁହେଁ

**ସା**ଧାରଣତଃ ଅଧିକାଂଶ ମା'ବାପାଙ୍କର ଅଭିଯୋଗ ସେମାନଙ୍କ ଶିଶୁ ଆଦୌ ଖାଉନାହିଁ। ଯଦି ଶିଶୁର ଓଜନ ଠିକ୍ ଅଛି,ଝାଡ଼ା ପରିସ୍ରା ଠିକ୍ ଭାବରେ ହେଉଛି ,ଶିଶୁ ଖୁସିରେ ଖେଳାଖେଳି,ଡିଆଁ ଡିଇଁ କରୁଛି ତେବେ ଆଦୌ ବିଚଳିତ ହେବା ଉଚିତ ନୁହେଁ। ଶିଶୁକୁ ୩/୪ଘଣ୍ଟା ଅନ୍ତରରେ ଖାଇବାକୁ ଦେବା ଦରକାର। ମଝିରେ ପାଣି ବ୍ୟତୀତ ଅନ୍ୟ କିଛି ଖାଇବାକୁ ଦେବା ଉଚିତ ନୁହେଁ। ଶିଶୁକୁ ଭୋକ ଲାଗିଲେ ସେ ଆପେ ଆପେ ଖାଇବ। ଯଦି ଶିଶୁ ଅସୁସ୍ଥ ଥାଏ ତେବେ ଭୋକ ଟିକେ କମ୍ ହେବ। ଭୋକ ନ ଥିବା ବେଳେ ଜବରଦସ୍ତ ଖୁଆଇବା ଅନୁଚିତ। ଶିଶୁକୁ ଭୁଲାଇ,ପଶୁପକ୍ଷୀ ବା ଖେଳନା ଦେଖାଇ ଖୁଆଇବା ଦରକାର। ଫୋନ୍ ବା ଟିଭି କେବେ ଖୁଆଇବା ବେଳେ ଦେଖାଇବେ ନାହିଁ। ଭୋକ ପାଇଁ କୌଣସି ଔଷଧ ଲେଖିବାକୁ ଡାକ୍ତରଙ୍କୁ ବାଧ କରନ୍ତୁ ନାହିଁ।

*-ଡା. ନୀଳମାଧବ ଜେନା (ଶିଶୁରୋଗ ବିଶେଷଜ୍ଞ, ପୂର୍ବତନ ସଭାପତି, ଭାରତୀୟ ଶିଶୁ ଚିକିତ୍ସକ ସଂଘ)*





ସୌନ୍ଦର୍ଯ୍ୟ

# କର୍ମଜୀବୀ ଓ କେଶ



**ଯଦି ଆପଣ କର୍ମଜୀବୀ ଏବଂ ଠିକ୍ ଭାବରେ କେଶର ଦେଖାଶୁଣା କରିପାରୁନାହାନ୍ତି ,କେତୋଟି ଉପାୟକୁ ଆପଣାଇପାରନ୍ତି। ଏହାଦ୍ୱାରା କମ୍ ସମୟରେ କେଶକୁ ମେଣ୍ଟେନ୍ କରିପାରିବେ ଏବଂ କେଶ ସୁନ୍ଦର ଦେଖାଯିବ। ସେ ସମ୍ପର୍କରେ କେତୋଟି ଟିପ୍ସ...**

- ସମୟ ବଞ୍ଚାଇବାକୁ ହେଲେ କେଶକୁ ଓଦା ହେବାଠାରୁ ଦୂରେଇ ରଖନ୍ତୁ।
- ଅଫିସ୍ ଏବଂ ଘର ଦୁଇଟିକୁ ଚଳାଇବା ସମୟରେ ସେଲ୍‌ଫ କେୟାର ନେବା ପାଇଁ ସମୟ ବାହାର କରନ୍ତୁ। ନିଜର ସ୍ୱାସ୍ଥ୍ୟ ବ୍ୟତୀତ କେଶର ଯତ୍ନ ନିଅନ୍ତୁ। ଠିକ୍ ଦେଖାଶୁଣା ଅଭାବରୁ କେଶ ଝଡ଼ିବାକୁ ଲାଗେ ଏବଂ ଡ୍ରାଏ ହେବାକୁ ଲାଗେ। ଏମିତିରେ ଏହାକୁ ମ୍ୟାନେଜ କରିବା ବହୁ କଷ୍ଟକର ହୋଇଥାଏ।
- ପ୍ରତିଦିନ କେଶ ଧୋଇବାଠୁ ଦୂରେଇ ରୁହନ୍ତୁ
- ଆପଣ କେଶକୁ ସପ୍ତାହରେ ୩ଦିନ ସାମ୍ପୋ କରନ୍ତୁ। ନ ହେଲେ ଏହାକୁ ମ୍ୟାନେଜ୍ କରିବା ଲାଗି ଆପଣଙ୍କୁ କିଛି ସମୟ ଲାଗିପାରେ।
- ଗାଧୋଇବା ପୂର୍ବରୁ କେଶକୁ ଭଲ ଭାବରେ କୁଣ୍ଡାନ୍ତୁ।
- ମୁଣ୍ଡ ଧୋଇବା ପୂର୍ବରୁ କେଶକୁ ଭଲଭାବେ କୁଣ୍ଡାଇ ଦିଅନ୍ତୁ। ନଖ ଉଷୁମ ପାଣିରେ ମୁଣ୍ଡ ଧୁଅନ୍ତୁ।
- ଯଦି ଆପଣ କେଶରେ କେତେକ ପ୍ରକାର ପ୍ରଡକ୍ଟ ବ୍ୟବହାର କରୁଛନ୍ତି ତେବେ ଭଲ ହେବ ଆପଣ ନଖ ଉଷୁମ ପାଣିରେ ଧୁଅନ୍ତୁ। ଏପରି କରିବା ଦ୍ୱାରା କେମିକାଲ ପ୍ରଡକ୍ଟ ଯେମିତିକି ସେରମ୍,ଏସେସିୟଲ ଅୟଲ, କୌଣସି ପ୍ରକାର କେମିକାଲ ପ୍ରଡକ୍ଟ ବହୁତ ସହଜରେ କେଶରୁ ଛାଡ଼ିଯିବ।
- ସାମ୍ପୋ ପୂର୍ବରୁ ସାଧାରଣତଃ ହେୟାର କଣ୍ଡିସନିଂ କରାଯାଇଥାଏ। ଯଦି ଆପଣ ଜଲ୍‌ଦି କେଶକୁ ନରସିଂଙ୍ଗ କରିବାକୁ ଚାହାନ୍ତି ତେବେ ସଙ୍ଗେ ସଙ୍ଗେ କେଶରେ ତେଲ ଲଗାଇ ଦିଅନ୍ତୁ । ଏହାଦ୍ୱାରା ସାମ୍ପୋ କରିବା ପରେ କେଶରେ କଣ୍ଡିସନର ଲଗାଇ ଅପେକ୍ଷା କରିବାକୁ ପଡ଼ିବନି। କେବଳ ଏତିକି ନୁହେଁ, କେଶ ଗ୍ରୀସି ବି ଲାଗିବ ନାହିଁ।



ଖାଦ୍ୟରୁଚି

# ପନୀର ସାଣ୍ଡଉଇଚ୍



**ଆବଶ୍ୟକ ସାମଗ୍ରୀ**

୪ଟି ବ୍ରେଡ୍ ସ୍ଲାଇସ୍, ସ୍ୱାଦ ଅନୁସାରେ ଲୁଣ ୧ଚାମଚ, ୧/୮ଗୋଲମରିଚ ପାଉଡର, ଅଧାକପ୍ ପନୀର କଦୁକସ୍ କରାହୋଇଥିବା, କଟା ହୋଇଥିବା କଞ୍ଚାଲଙ୍କା,ଏକ ବଡ଼ ଚାମଚ କଟା ଧନିଆପତ୍ର,୧ ଚାମଚ ବଟର।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଏକ ପାତ୍ର ନିଅନ୍ତୁ। ସେଥିରେ ପନୀର,ଗୋଲମରିଚ ପାଉଡର,କଞ୍ଚାଲଙ୍କା, ଧନିଆଁ ପତ୍ରକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ବ୍ରେଡ୍ ସ୍ଲାଇସ୍ ରେଡ୍ଡି କରି ରଖନ୍ତୁ। ଏହି ବ୍ରେଡ୍ ସ୍ଲାଇସ୍ ଉପରେ ବଟରର ଏକ ପତଳା ଲେୟାର ଦେଲା ପରେ ଏହା ଉପରେ ଟମାଟୋସସ୍ ନିଅନ୍ତୁ ଏବଂ ପୂରା ବ୍ରେଡ୍ ଉପରେ ପକାଇ ଦିଅନ୍ତୁ। ଏକ ଫ୍ଲେବର ପାଇବାକୁ ହେଲେ ରସୁଣ ପେଷ୍ଟ ଟିକେ ପକାଇ ଘାଣ୍ଟି ଦିଅନ୍ତୁ। ଏହିପରି ଅନ୍ୟ ବ୍ରେଡ୍ ସ୍ଲାଇସ୍ ମଧ୍ୟ ପ୍ରସ୍ତୁତ ରଖନ୍ତୁ। ଟିକେ ରାଗ ଲାଗିବା ପାଇଁ ଉପରେ ଲଙ୍କାଗୁଣ୍ଡ ପାଉଡର ପକାଇପାରିବେ। ଏବେ ଫିଲିଂକୁ ବ୍ରେଡ୍ ସ୍ଲାଇସ୍ ଉପରେ ଦିଅନ୍ତୁ। ଏହାକୁ ଭଲଭାବେ ସେଟ୍‌କରି ଅନ୍ୟ ବ୍ରେଡ୍‌ଟିକୁ ତା'ଉପରେ ଥୋଇଦିଅନ୍ତୁ। ଏବେ ବ୍ରେଡ୍‌କୁ ସେକିବା ଲାଗି ଦୁଇପଟରେ ବଟର ଲଗାଇ ଦିଅନ୍ତୁ। ଏବେ ଏହାକୁ ସେକିବା ଲାଗି ସାଣ୍ଡଉଇଚ୍ ମେକରରେ ଥୋଇ ସେକି ଦିଅନ୍ତୁ। ଏହା ହୋଇଗଲା ପରେ ତାକୁ କାଢ଼ି ଟ୍ରାଇଙ୍ଗଲ ସେପ୍‌ରେ କାଟି ଦିଅନ୍ତୁ। ଏବେ ଏହାକୁ ଟମାଟୋ ସସ୍ କିମ୍ବା ଗ୍ରୀନ୍ ଚଟଣି ସହ ଖାଇପାରିବେ।



ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଆମେରିକାର ମ୍ୟାକକର୍ଟନେ କେସଲେରଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳିବା ଅବସରରେ ଗ୍ରୀସ୍‌ର ମାରିଆ ସାକାରି।

# ସିଡେଡ୍ ଖେଳାଳିଙ୍କ ବିଜୟ ଅଭିଯାନ

**ୱିମ୍ବଲଡନ୍ ଟେନିସ୍**

**ଲଣ୍ଡନ,୧।୭**

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ୍ ଇଭେଣ୍ଟ ୱିମ୍ବଲଡନ୍ ସୋମବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନର ଖେଳରେ ଏକାଧିକ ସିଡେଡ ଖେଳାଳି ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ବର୍ଗରେ ଡିଫେଣ୍ଡିଂ ଚାମ୍ପିୟନ କାର୍ଲୋସ ଅଲକାରାଜ ଗାର୍ଫିଆ, ଡାନିଲ୍ ମେଡଭେଡେଭ, କାସ୍ପର ରୁଡ୍, ଡେନିସ ଶାପୋଭାଲୋଭ ବିଜୟ ହାସଲ କରିଛନ୍ତି। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ସ୍ପେନର କାର୍ଲୋସ ଅଲକାରାଜ ଗାର୍ଫିଆ ୭-୬(୬/୩), ୭-୫ ଓ ୬-୨ ସେଟରେ ଅଣସିଡେଡ ଇସ୍ତୋନିଆର ମାର୍କ ଲଜାଲଙ୍କୁ ପରାସ୍ତ କରିଛନ୍ତି। ୫ ନମ୍ବର ସିଡ ରୁଷିଆର ଡାନିଲ ମେଡଭେଡେଭ ୬-୩, ୬-୪ ଓ ୬-୨ ସେଟ୍‌ରେ ଆମେରିକାର ଆଲେକଜାଣ୍ଡାର କୋଭାସେଭିକଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୮ ନମ୍ବର ସିଡ୍ ନରୱେର କାସ୍ପର ରୁଡ୍ ୭-୬(୭/୨), ୬-୪ ଓ ୬-୪ ସେଟରେ ସ୍ଥାନୀୟ ଖେଳାଳି ଆଲେକ୍ସ ବୋଲ୍ଟଙ୍କୁ ପରାସ୍ତ କରିଛନ୍ତି। ସେହିପରି କାନାଡାର ଡେନିସ ଶାପୋଭାଲୋଭ ୬-୧, ୭-୫ ଓ ୬-୪ ସେଟରେ ଚିଲିର ନିକୋଲାସ ଜାରିଙ୍କୁ ପରାସ୍ତ କରିଛନ୍ତି।

ମହିଳା ଖେଳାଳିଙ୍କ ମଧ୍ୟରେ ଗ୍ରୀସ୍‌ର ମାରିଆ ସାକ୍କାରି, ଫ୍ରେଞ୍ଚ ଓପନ ରନର ଅପ୍ ଜସ୍‌ମିନ ପାଓଲିନି, ଏଲେନ୍ ମର୍ଟେନ୍ସ ଓ ଦାରିଆ କାସାଟକିନା ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୯ ନମ୍ବର ସ୍ଥାନରେ ଥିବା ମାରିଆ ସାକ୍କାରି ୬-୩, ୬-୧ ସେଟରେ ଆମେରିକାର ମ୍ୟାକକର୍ଟନେ କେସଲେର, ୭ ନମ୍ବର ସିଡ୍ ଜସ୍‌ମିନ ପାଓଲିନି ୭-୫, ୬-୩ ସେଟରେ ସ୍ପେନର ସାରା ସୋରିବେସ୍ ଟର୍ମିଙ୍କୁ, ଏଲେନ୍ ମର୍ଟେନ୍ସ ୨-୬, ୬-୨, ୬-୪ ସେଟରେ ଜାପାନର ନାଓ ହିବିନୋଙ୍କୁ ଓ ୧୪ ନମ୍ବର ସିଡ୍ ଦାରିଆ କାସାଟକିନା ୬-୩, ୬-୦ ସେଟରେ ଚାଇନାର ଶୁଆଇ ଝାଙ୍ଗଙ୍କୁ ପରାସ୍ତ କରିଛନ୍ତି।



ବିଜୟରେ ଉଲ୍ଲସିତ କାର୍ଲୋସ ଅଲକାରାଜ ଗାର୍ଫିଆ।

# ଅଟକିରହିଛି ଭାରତୀୟ କ୍ରିକେଟ ଦଳ

## ବାର୍ବାଡୋସରେ ଝଡ଼ ତୋଫାନ

**ବ୍ରିଜଟାଉନ୍, ୧।୭ (ପି.ଟି.)**

ସୋମବାର ପ୍ରତ୍ୟୁଷରେ ବାର୍ବାଡୋସରେ ଝଡ଼ ତୋଫାନ ଯୋଗୁ ଟି୨୦ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ ଦଳ ସେଠାରେ ଅଟକି ରହିଛି। ଫଳତଃ ସେମାନେ ଅତିକମ୍‌ରେ ଆଉ ଏକ ଦିନ ବିଳମ୍ବରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ଶନିବାର ରାତିରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲ ଜିତିବାପରଠାରୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ଏକ ପଞ୍ଚ ତାରକା ହୋଟେଲରେ ଅବସ୍ଥାନ କରୁଛନ୍ତି। ବାର୍ବାଡୋସର ଜନସଂଖ୍ୟା ହେଉଛି ପାଖାପାଖି ୩ ଲକ୍ଷ। ରବିବାର ସନ୍ଧ୍ୟାରୁ ଏକ ପ୍ରକାର ଲକଡାଉନ୍‌ରେ ରହିଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଦେଶର ମୁଖ୍ୟ ବିମାନ ବନ୍ଦର ବନ୍ଦ ରହିଛି। ବିଦ୍ୟୁତ ସେବା ଓ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହି ପରିପ୍ରେକ୍ଷୀରେ ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି, ସ୍ଥାନୀୟ ଲୋକଙ୍କ ଭଳି ଆମେ ଏଠାରେ ଫସିଯାଇଛୁ। ବର୍ତ୍ତମାନ ଆମେ କିପରି ଶୀଘ୍ର ସୁରକ୍ଷିତ ଭାବେ ଏଠାରୁ ମୁକୁଳିବୁ ସେ କଥା ଚିନ୍ତା କରାଯାଉଛି। ଭାରତରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା କଥା ଚିନ୍ତା କରାଯିବ।

## ଆଇସିସି ଟି୨୦ ଟିମ୍‌ରେ ୬ ଭାରତୀୟ

**ଦୁବାଇ, ୧।୭ (ପି.ଟି.)**

ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏହାର 'ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ' ଘୋଷଣା କରିଛି। ଏଥିରେ ୬ ଭାରତୀୟ ସ୍ଥାନ ପାଇଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ବିରାଟ କୋହଲିଙ୍କୁ ଏଥିରେ ନିଆଯାଇ ନାହିଁ। ଆଇସିସି ଏକାଦଶରେ ସ୍ଥାନ ପାଇଥିବା ଭାରତୀୟ ଖେଳାଳିମାନେ ହେଲେ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ ଓ ୨ପେସ୍ ବୋଲର ଯଶ୍‌ପ୍ରୀତ ବୁମ୍‌ରା ଓ ଅର୍ଶଦୀପ ସିଂ। ସେମିଫାଇନାଲ ଫିନିଶ କରିଥିବା ଆଫଗାନିସ୍ତାନର ୩ଜଣ ଖେଳାଳି ଆଇସିସି ଟିମ୍‌ରେ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଫଜଲହକ୍ ଫାରୁକି, ରହମାନୁଲ୍ଲା ଗୁରବାଜ ଓ ରଶିଦ ଖାଁ। ୧୧ଜଣିଆ ଦଳରେ ସ୍ଥାନ ପାଇଥିବା ଅନ୍ୟ ୨ ଖେଳାଳି ହେଲେ ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ ଓ ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ। ରନର ଅପ୍ ଦକ୍ଷିଣ ଆଫ୍ରିକାର ଜଣେ ହେଲେ ଖେଳାଳି ଆଇସିସି ଏକାଦଶରେ ସ୍ଥାନ ପାଇନାହାନ୍ତି। ତେବେ ପେସ୍ ବୋଲର ଏନ୍‌ରିଚ୍ ନର୍ଜେଙ୍କୁ ଦ୍ୱାଦଶ ଖେଳାଳି ଭାବେ ନିଆଯାଇଛି।

**ଆଇସିସି ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ:** ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶ୍‌ପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂ (ସମସ୍ତେ ଭାରତୀୟ); ରହମାନୁଲ୍ଲା ଗୁରବାଜ, ରଶିଦ ଖାନ୍, ଫଜଲହକ୍ ଫାରୁକି (ଆଫଗାନିସ୍ତାନ); ମାର୍କସ ଷ୍ଟୋଇନିସ (ଅଷ୍ଟ୍ରେଲିଆ) ଓ ନିକୋଲାସ ପୁରନ (ୱେଷ୍ଟଇଣ୍ଡିଜ); ଦ୍ୱାଦଶ ଖେଳାଳି: ଏନ୍‌ରିଚ୍ ନର୍ଜେ।

# ପାନ୍ଥର୍ସ, ଟାଇଗର୍ସ, ଲାୟନ୍ସ ବିଜୟୀ

**ଭୁବନେଶ୍ୱର, ୧।୭ (ତପନ ସ୍ୱାଇଁ):** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍) ଟି୨୦ରେ ସୋମବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପାନ୍ଥର୍ସ,ଟାଇଗର୍ସ ଓ ଲାୟନ୍ସ ବିଜୟ ହାସଲ କରିଛି। ସକାଳ ୮ଟା ୩୦ରେ ଅନୁଷ୍ଠିତ ମ୍ୟାଚରେ ପାନ୍ଥର୍ସ ୯ ଉଇକେଟରେ ଜାଗୁଆର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଜାଗୁଆର୍ସ ୧୬.୧ ଓଭରରେ ୬୯ ରନକରି ଅଲ୍‌ଆଉଟ ହୋଇଥିଲା। ଅଧିନାୟକ ଶାନ୍ତନୁ ମିଶ୍ର(୧୮ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ଛୁଇଁପାରି ନ ଥିଲେ। ବିପକ୍ଷ ଦଳର ବିମଲ କୁମାର, ଦେବବ୍ରତ ପ୍ରଧାନ ଓ ଶୁଭମ୍ ଶତ୍ରୁଜିତ ୨ଟି ଲେଖାଏ ଉଇକେଟ ନେଇଥିଲେ। ପାନ୍ଥର୍ସ ୯.୨ ଓଭରରେ ୧ ଉଇକେଟ ହରାଇ ୭୨ ରନ ସଂଗ୍ରହ କରି ନେଇଥିଲା। ଅପରାହ୍ନ ୧ଟାରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଟାଇଗର୍ସ ୨୩ ରନରେ ପୁମାସକୁ ହରାଇ ଦେଇଛି। ଟାଇଗର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୩ ରନ କରିଥିବାବେଳେ ପୁମାସ ଅଧିନାୟକ କାର୍ତ୍ତିକ ବିଶ୍ୱାଳଙ୍କ ୫୯ ରନ ସତ୍ତ୍ୱେ ୧୧୦ ରନକରି ଅଲ୍‌ଆଉଟ ହୋଇଥିଲା। ଅପରାହ୍ନ ୪ଟା ମ୍ୟାଚରେ ଓଡ଼ିଶା ଲାୟନ୍ସ ୫୯ ରନରେ ଚିତାସକୁ ହରାଇ ଦେଇଛି। ସାଇଦୀପ ମହାପାତ୍ରଙ୍କ ୪୭ ଓ ଦିବ୍ୟଶକ୍ତି ଚକ୍ରବର୍ତ୍ତୀଙ୍କ ୩୬ ରନ ବଳରେ ଲାୟନ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୨ ରନ କରିଥିଲା। ବିପକ୍ଷ ଦଳର ସର୍ବେଶ୍ୱର ମହାନ୍ତି ୩ ଉଇକେଟ ନେଇଥିଲେ। ଜବାବରେ ଚିତାସ ୧୭ ଓଭରରେ ୧୧୦ ରନକରି ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳର ପପୁ ରାୟ ୪ଟି ଓ ପ୍ରଦୀପ ପ୍ରଧାନ ୩ଟି ଉଇକେଟ ନେଇଥିଲେ।

# ୟୁରୋ କପ୍: କ୍ୱାର୍ଟରରେ ଇଂଲଣ୍ଡ, ସ୍ପେନ୍

**ଗ୍ଲେସେନକିର୍ଚେନ୍,୧।୭(ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ ୨୦୨୪ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଇଂଲଣ୍ଡ ଓ ସ୍ପେନ। ଇଂଲଣ୍ଡ ଅତିରିକ୍ତ ସମୟରେ ସ୍ଲୋଭାକିଆକୁ ୨-୧ରେ ହରାଇଥିବା ବେଳେ ସ୍ପେନ ୪-୧ରେ ଜର୍ଜିଆକୁ ପରାସ୍ତ କରିଥିଲା।

ବେଲିଙ୍ଗହାମଙ୍କ ଗୋଲରେ ଇଂଲଣ୍ଡ ବିଜୟୀ: ସ୍ଲୋଭାକଆ ବିପକ୍ଷ ୟୁରୋ କପ୍ ରାଉଣ୍ଡ ଅଫ୍ ୧୬ ମୁକାବିଲାକୁ ୨-୧ରେ ଜିତି ନେଇଥିଲା ଇଂଲଣ୍ଡ। ଭେଲ୍ଟିନ୍ସ ଆରେନାରେ ଖେଳା ଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ୬୩ ପ୍ରତିଶତ ସମୟ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲା। ତେବେ ୨୫ ତମ ମିନିଟରେ ସ୍ଲୋଭାକିଆର ଇଭାନ୍ ସ୍ରାଞ୍ଜ ଏକ ଗୋଲ ଦେଇଥିଲେ। ୯୦ ମିନିଟ ପର୍ଯ୍ୟନ୍ତ ଇଂଲଣ୍ଡ ସ୍କୋର କରିବା ପ୍ରୟାସରେ ନିଷ୍ଫଳ ହୋଇଥିଲା। ମ୍ୟାଚ୍ ଶେଷ ହେବାକୁ ୨୦-୩୦ ସେକେଣ୍ଡ ସମୟ ବାକି ରହିଥିବା ବେଳେ ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଏକ ଗୋଲ୍ ଦେଇଥିଲେ। ମ୍ୟାଚ୍ ସମାନ୍ତର ସ୍ଥିତିକୁ ଆସିବା ପରେ ଏହା ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ୨୧ ବର୍ଷୀୟ ଜୁଡ୍ ବେଲିଙ୍ଗହାମ୍ ଏକ ଚମତ୍କାର ଗୋଲ କରି ଦଳକୁ ବିଜୟୀ କରିଥିଲେ। କାଇଲ୍ ୱାକର ଏକ ଲମ୍ବା ପାଶ ଦେଇଥିବା ବେଳେ ବକ୍ସ ମଧ୍ୟରେ ଥିବା ବେଲିଙ୍ଗହାମ୍ ଚମତ୍କାର ଓଭରହେଡ୍ ଶଟ୍ ସହ ଏହାକୁ ଗୋଲରେ ପରିଣତ କରିଥିଲେ। ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ ସୁଇଜରଲାଣ୍ଡକୁ ଭେଟିବ।

ସ୍ପେନ୍୪, ଜର୍ଜିଆ-୧: ଆତ୍ମଘାତୀ ଗୋଲ ବଳରେ ପଛୁଆ ରହିଥିଲେ ମଧ୍ୟ ଏଥିରୁ ପ୍ରତ୍ୟାବର୍ତ୍ତନ କରି ୪-୧ ଗୋଲରେ ବିଜୟୀ ହୋଇଛି ସ୍ପେନ୍। ପ୍ରଥମ ଥର ୟୁରୋ କପ୍ ଖେଳିଥିବା ଜର୍ଜିଆକୁ ଦଳ ୪-୧ରେ ପରାସ୍ତ କରିଥିଲା। ୧୮ ତମ ମିନିଟରେ ରବିନ ଲେ ନର୍ମାଣ୍ଡଙ୍କ ଆତ୍ମଘାତୀ ଗୋଲ କାରଣରୁ ୧-୦ରେ ଆଗୁଆ ହୋଇଥିଲା। ତେବେ ରୋଡ୍ରି ୩୯ ତମ ମିନିଟରେ ଏକ ଗୋଲ ଦେଇ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପ୍ରଥମାର୍ଦ୍ଧ ୧-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଫାବିଆନ୍ ରୁଇଜ(୫୧), ନିକୋ ୱିଲିୟମ୍ସ(୭୫) ଓ ଡାନି ଓଲ୍‌ମୋ(୮୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ସ୍ପେନକୁ ବିଜୟୀ କରିଥିଲେ। ଏହା ସହ ଶୁକ୍ରବାର ଷ୍ଟୁଟଗାର୍ଟରେ ଆୟୋଜକ ଜର୍ମାନୀ ବିପକ୍ଷରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ ସ୍ପେନ୍।



ଅତିରିକ୍ତ ସମୟରେ ଓଭରହେଡ୍ କିକ୍ ମାରି ଗୋଲ ସ୍କୋର କରିବା ଅବସରରେ ଇଂଲଣ୍ଡର ଜୁଡ୍ ବେଲିଙ୍ଗହାମ।

# ମହୀତୋଷଙ୍କୁ ଦ୍ୱିତୀୟ ଆଇଏମ୍ ନର୍ମ

**ଭୁବନେଶ୍ୱର, ୧।୭ (ତପନ ସ୍ୱାଇଁ)**

ରାଜ୍ୟର ଅନ୍ୟତମ ଉଦୀୟମାନ ଚେସ୍ ପ୍ରତିଭା ମହୀତୋଷ ଦେ ନିଜ ଲକ୍ଷ୍ୟ ପଥରେ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ପୋଲାଣ୍ଡର କ୍ରାକୋଠାରେ ଜୁନ୍ ୨୨ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ୧୨ଶ କ୍ରାକୋ ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଦ୍ୱିତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ନର୍ମ ହାସଲ କରିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୬୪ତମ ସ୍ଥାନରୁ ଖେଳିବା ଆରମ୍ଭ କରିଥିବା ଏହି ଚେସ୍ ପ୍ରତିଭା ୩ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ୨୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ୨୨୩୨ ରେଟିଂରେ ଥିବା ମହୀତୋଷ ଚାମ୍ପିୟନଶିପ୍‌ରୁ ୫୧ ଏଲୋ ରେଟିଂ ହାସଲ କରିଥିଲେ। ସେ ଆଗକୁ ଆଇଏମ୍ ଏବଂ ଗ୍ରାଣ୍ଡମାଷ୍ଟର (ଜିଏମ୍) ଟାଇଟଲ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସରକାରୀ କିମ୍ବା ବେସରକାରୀ ପ୍ରୋତ୍ସାହନ ମିଳିଲେ ତାଙ୍କ ପାଇଁ ଏହିସବୁ ଟାଇଟଲ ଜିତିବା ଅଧିକ ସହଜ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଭୁବନେଶ୍ୱରର ମହୀତୋଷଙ୍କ ମାଆ ଅପର୍ଣ୍ଣା ସାମଲ ଓ ବାପା ମଧୁସୂଦନ ଦେ। ରାଜ୍ୟର ପ୍ରତିଷ୍ଠିତ କୋଚ୍ ସତ୍ୟ ରଞ୍ଜନ ପଟ୍ଟନାୟକ ଓ ରବୀନ୍ଦ୍ର କୁମାର ଓଝାଙ୍କଠାରୁ କୋଚିଂ ନେଇ ନିଜ ପ୍ରତିଭାକୁ ବିକଶିତ କରିଥିଲେ ମହୀତୋଷ। ଏବେ ସେ ୟୁକ୍ରେନର ଫାରୁଖ ଆମାନୋଟୋଭଙ୍କଠାରୁ ଅନ୍‌ଲାଇନ୍‌ରେ କୋଚିଂ ନେଉଛନ୍ତି ବୋଲି ତାଙ୍କ ବାପା ମଧୁସୂଦନ ଦେ ପ୍ରକାଶ କରିଛନ୍ତି। ନିଜର ପ୍ରଥମ ଆଇଏମ୍ ନର୍ମ ସେ ୨୦୨୨ରେ ସର୍ବିଆରେ ଅନୁଷ୍ଠିତ ଟୁର୍ନାମେଣ୍ଟରୁ ହାସଲ କରିଥିଲେ।



ଦ୍ୱିତୀୟ ଆଇଏମ୍ ନର୍ମ ପ୍ରମାଣପତ୍ର ସହ ମହୀତୋଷ ଦେ।

# କାର୍ତ୍ତିକ ଆର୍‌ସିବିର ବ୍ୟାଟିଂ କୋଚ୍

**ବେଙ୍ଗାଲୁରୁ, ୧।୭ (ପି.ଟି.):** ଭାରତର ପୂର୍ବତନ ଉଇକେଟକିପର ଦୀନେଶ କାର୍ତ୍ତିକ ସୋମବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ବ୍ୟାଟିଂ କୋଚ୍ ଓ ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। କାର୍ତ୍ତିକ ଗତ ମାସରେ କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ତାଙ୍କର ଇସ୍ତଫା ପ୍ରଦାନ କରିଛନ୍ତି। କାର୍ତ୍ତିକ ନୂଆ ଅବତାରରେ ଦଳକୁ ଫେରିଥିବାରୁ ଆର୍‌ସିବି ତରଫରୁ 'ଏକ୍ସ'ରେ ତାଙ୍କୁ ସ୍ୱାଗତ କରାଯାଇଛି। ଗତ ସିଜନରେ ଆର୍‌ସିବି ତରଫରୁ ତାଙ୍କ ପ୍ରଦର୍ଶନ ଦର୍ଶନୀୟ ରହିଥିଲା। ସେ ଫିନିଶର ଭୂମିକା ନିର୍ବାହକରି ୩୬.୨୨ ଆଭରେଜରେ ୩୨୬ ରନ୍ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୮୭.୩୬ ରହିଥିଲା। ଆର୍‌ସିବି ଏଲିମିନେଟରରେ ରାଜସ୍ଥାନ ରୟାଲ୍ସଠାରୁ ହାରିଯିବା ପରେ ତାଙ୍କୁ ଭାବାବେଗପୂର୍ଣ୍ଣ ବିଦାୟ ଦିଆଯାଇଥିଲା। ସେ ଆଇପିଏଲ୍‌ରେ ୫ଟି ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରିଛନ୍ତି। ସେ କୋଲକାତା ନାଇଟ୍ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ ଡେୟାର ଡେଭିଲ୍ସ, କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ଆର୍‌ସିବି ତରଫରୁ ଖେଳିଛନ୍ତି। ସେ ୨୬.୩୨ ଆଭରେଜରେ ୪,୮୪୨ ରନ ସଂଗ୍ରହ କରିଛନ୍ତି।

# ଆଜି ବିଶ୍ୱ କ୍ରୀଡ଼ା ଖବରଦାତା ଦିବସ

ପ୍ରତ୍ୟେକ ବର୍ଷର ଜୁଲାଇ ୨ ତାରିଖକୁ ବିଶ୍ୱ କ୍ରୀଡା ଖବରଦାତା ଦିବସ ଭାବରେ ପାଳନ କରାଯାଏ। ୧୯୯୪ ମସିହାରେ ପ୍ରଥମ ଥର ପାଇଁ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ପ୍ରେସ୍ ଆସୋସିଏଶନ(ଏଆଇପିଏସ୍) ପକ୍ଷରୁ ଏହି ଦିବସ ପ୍ରଥମ ଥର ପାଇଁ ପାଳନ କରାଯାଇଥିଲା। ୧୮୦୦ ଶତାବ୍ଦୀରୁ କ୍ରୀଡା ସାମ୍ବାଦିକତା ଆରମ୍ଭ ହୋଇଥିଲା। ତେବେ ପ୍ରାରମ୍ଭିକ ଭାବରେ ଏହା କେବଳ ସମ୍ଭ୍ରାନ୍ତ ଶ୍ରେଣୀଙ୍କ ମଧ୍ୟରେ ସୀମିତ ରହିଥିଲା। ୧୯୨୦ ପରଠାରୁ ଏହା ସାଧାରଣ ଲୋକଙ୍କ ମଧ୍ୟରେ ଆଦୃତ ହେବା ପରଠାରୁ ବିଭିନ୍ନ ଖବରକାଗଜରେ ଏହାକୁ ସ୍ଥାନ ଓ ସମୟ ମିଳିବାରେ ଲାଗିଲା। ୧୯୨୪ରେ ଏଆଇପିଏସର ସ୍ଥାପନା ପ୍ୟାରିସ୍‌ର ଫ୍ରାନ୍ସରେ କରାଯାଇଥିଲା। ଏଆଇପିଏସର ୭୦ ବର୍ଷ ପୂର୍ତ୍ତୀ ଅବସରରେ ୧୯୯୪ରେ ବିଶ୍ୱ କ୍ରୀଡା ଖବରଦାତା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଗଲା। ଏଆଇପିଏସର ବର୍ତ୍ତମାନ ମୁଖ୍ୟାଳୟ ସୁଇଜରଲାଣ୍ଡ ସ୍ଥିତ ଲାଉସାନ୍ନେରେ ଅବସ୍ଥିତ। ଏଆଇପିଏସ ଏକ ସ୍ୱାଧୀନ ସଂସ୍ଥା ଯାହାର ୧୬୦ ସହଯୋଗୀ ସଦସ୍ୟ ରହିଛନ୍ତି। ୧୮୮୦ରେ କ୍ରୀଡା ସମ୍ପର୍କିତ ଖବରକୁ ଏକ ଖବରକାଗଜର ମାତ୍ର ୦.୪ ପ୍ରତିଶତ ଦିଆଯାଉଥିଲା। ତେବେ ବିଂଶ ଶତାବ୍ଦୀରେ ଏହି ଧାରାରେ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ କ୍ରୀଡାକୁ ପୂର୍ବାପେକ୍ଷା ୨୦ ପ୍ରତିଶତ ଅଧିକ ସ୍ଥାନ ମିଳୁଥିବା ବେଳେ ରେଡିଓ, ଟିଭି ଓ ଇଣ୍ଟରନେଟରେ ଏହାର ଲୋକପ୍ରିୟତା ବଢ଼ିବାରେ ଲାଗିଛି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ